# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୨୫/୨୦୧୯ (୧୬ ପୃଷ୍ଠା) | Sambalpur, Friday, January 25/ 2019 | ★★

୧୫୩ ଭାଗ ୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**କିଛି ନୂଆ ପ୍ରଦର୍ଶନ କରିବାକୁ ଚାହେଁ: ଅଙ୍କିତା**
'ମଣିକର୍ଣ୍ଣିକା-ଦି କୁଇନ୍ ଅଫ୍ ଝାନ୍ସୀ' କିଛି ନୂଆ ପ୍ରଦର୍ଶନର ସୁଯୋଗ ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଅଙ୍କିତା ଲୋଖାଣ୍ଡେ ପ୍ରକାଶ କରିଛନ୍ତି।
୧୧

୧୫
**ସ୍ମୃତି ମନ୍ଧାନାଙ୍କ ସଫଳତା**
ଇଂଲଣ୍ଡର କ୍ଲାରି ଟେଲରଙ୍କ ପରେ ବିଶ୍ୱର ୨ୟ ମହିଳା କ୍ରିକେଟର ଭାବେ ସ୍ମୃତି ମନ୍ଧାନା ଏସ୍ଇଏନ୍ଏ ଦେଶ ବିପକ୍ଷରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି।



# ଜଳ ନୁହେଁ, ଟଙ୍କା ନିଅ

କୁହାଯାଏ ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟିନାଶ। ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଥାଏ। ବର୍ଷାଋତୁରେ ବଢ଼ି, ବଳକା ସମୟରେ ମରୁଡ଼ି। ଏହି ଦୁଇଟି ଯାକ ବିପର୍ଯ୍ୟୟ ରାଜ୍ୟର ଚାଷୀକୁଳର ଅଣ୍ଟା ଭାଙ୍ଗି ଦେଇଛି। ଏବେକାର ପରିସ୍ଥିତିରେ ରାଜ୍ୟ ସରକାରର ଅପାରଗତା ଯୋଗୁ ବର୍ଷବ୍ୟାପୀ ମହାନଦୀ ଶୁଖିଗଲାଣି। ଉଚିତ ସମୟରେ ଓଡ଼ିଶା ସରକାରର ପ୍ରତିକ୍ରିୟା ପ୍ରକାଶ ନ ପାଇଥିବା ହେତୁ, ଗୋଟିଏ ପରେ ଗୋଟିଏ ବନ୍ଧ ସୃଷ୍ଟି କରିବାରେ ଛତିଶଗଡ ସରକାର ସଫଳ ହୋଇସାରିଛି। ସେହିଭଳି ଅଣଦେଖା କରିଥିବା ହେତୁ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶା କ୍ଷତିଗ୍ରସ୍ତ ହେଉଛି। ଏଭଳି ପ୍ରଚ୍ଛଦପଟରେ ଯେତିକି ଜଳସମ୍ପଦ ରାଜ୍ୟରେ ରହିଛି, ତାହାର ମଧ ଠିକ୍ ପରିଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କର କୌଣସି ତତ୍ପରତା ଦେଖାଯାଇନାହିଁ। ଚାଷୀଙ୍କୁ ସର୍ବନିମ୍ନ ଜଳଯୋଗାଇ ଦେଇ ପାରିଲେ, ସେ ନିଜେ ସବଳ ହୋଇ ଉଠନ୍ତେ। ତାଙ୍କୁ ଭିକାରିଭାବେ ଦେଖି ଅର୍ଥ ପ୍ରଦାନ କରିବା ପାଇଁ ପଡନ୍ତା ନାହିଁ।

ଚିଦାନନ୍ଦ ଜେନା
ଭୁବନେଶ୍ୱର,୨୪।୧

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କୃଷକ ଅସନ୍ତୋଷର ପ୍ରତିଫଳନ ନିର୍ବାଚନ ଫଳାଫଳରେ ଦେଖିବାକୁ ମିଳିଛି। ଉକ୍ତ ଫଳାଫଳ ଅନ୍ୟ କେତେକ ରାଜ୍ୟ ସରକାରଙ୍କ ପାଇଁ ସତର୍କଘଣ୍ଟି ସଦୃଶ। ଏହାକୁ ଦୃଷ୍ଟିରେ ରଖି ଚାଷୀକୁଳକୁ ହାତରେ ରଖିବା ପାଇଁ ସରକାର ନୂଆ ଯୋଜନାମାନ ମଧ ଘୋଷଣା କରି ଚାଲିଛନ୍ତି। ହେଲେ ଓଡ଼ିଶାରେ ଜଳସେଚନ ଯେ ପ୍ରମୁଖ ଆବଶ୍ୟକତା, ଏହାକୁ ଆଜିକାର ସରକାର ଭୁଲି ଯାଉଛନ୍ତି।

୨୦୦୯ ନିର୍ବାଚନରେ ଶାସକ ଦଳ ବିଜେଡି ଦ୍ୱାରା ପ୍ରକାଶ ପାଇଥିବା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଭାବେ କୁହାଯାଇଥିଲା ଯେ, ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫ ପ୍ରତିଶତ ଚାଷଜମିକୁ ଜଳସେଚିତ କରାଯିବ। ମାତ୍ର ତାହା ୨୦୧୪ ସୁଦ୍ଧା ପୂରଣ ହୋଇ ନ ଥିଲା। ତେଣୁ ଏହି ଉକ୍ତିକୁ ଉକ୍ତବର୍ଷ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦିଆଯାଇ ନ ଥିଲା। ପ୍ରତିବ୍ଲକକୁ ୩୫ ପ୍ରତିଶତ ଜଳସେଚନ ପରିବର୍ତ୍ତେ ଅଧିକ ୧୦ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚିତ କରିବାକୁ ଘୋଷଣା କରାଯାଇଥିଲା। ଜଳସେଚନ ଅଭାବ ଥିବା ରାଜ୍ୟର ୧୯୫ଟି ବ୍ଲକ ମଧ୍ୟରୁ ୮୧ଟିରେ ମୌଳିକ ଜଳସେଚନ ସୁବିଧାର ଅଭାବ ରହିଛି। ୨୦୦୫ ଜୁନ୍ ସୁଦ୍ଧା ରାଜ୍ୟର ୧୯୫ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ ସୁବିଧା ଥିବା ଜଣାପଡିଥିଲା। ଏହାର ଠିକ୍ ୪ ବର୍ଷପରେ ପରେ ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ ସୁବିଧା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୮ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଉଥିବା ତଥ୍ୟ ଅନୁଯାୟୀ ୮ଟି ଜିଲାରେ ହାରାହାରି ଜଳସେଚନ ସୁବିଧା ନାହିଁ। ଉକ୍ତ ଜିଲାଗୁଡିକ ହେଉଛି- ପୁରୀ (୧୧.୨୪%), ମାଲକାନଗିରି (୧୯.୧୩%), ଜଗତସିଂହପୁର (୨୬.୭୨%), କନ୍ଧମାଳ (୨୯.୩୩%), କେନ୍ଦୁଝର (୨୯.୯୨%), କୋରାପୁଟ (୩୧.୪୦%), ସୁନ୍ଦରଗଡ (୩୩.୫୩%) ଏବଂ ନବରଙ୍ଗପୁର (୩୪.୮୬%)। ଏହି ସମସ୍ତ ଜିଲାରେ ୩୫ ପ୍ରତିଶତରୁ କମ୍ ଜମି ଜଳସେଚିତ ହୋଇଛି। ରାଜ୍ୟର କେବଳ ୪ଟି ବ୍ଲକରେ ଶତପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି କୁହାଯାଇଛି। ଏଗୁଡିକ ହେଉଛି- ବୌଦ୍ଧର କଣ୍ଟାମାଳ, ଢେଙ୍କାନାଳର କାମାକ୍ଷାନଗର, କେନ୍ଦ୍ରାପଡାର ଆଳି ଏବଂ ମୟୂରଭଞ୍ଜର ବାରିପଦା । ତେବେ ବାସ୍ତବଚିତ୍ର ସରକାରୀ ଦାବିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଉଦାହରଣ ସ୍ୱରୂପ କାମାକ୍ଷାନଗର, ଆଳି ଏବଂ ବାରିପଦା ବ୍ଲକରେ ଏବେ ମଧ ଅନେକ ଶହ ହେକ୍ଟର ଜମି ଜଳସେଚନରୁ ବଞ୍ଚିତ ହୋଇରହିଛି। ଏହିସବୁ ସ୍ଥାନରେ ବର୍ଷାଦିନିଆ ଧାନ ବ୍ୟତୀତ ଅନ୍ୟ କୌଣସି 'କ୍ୟାଶ୍‌କ୍ରପ' ଉତ୍ପାଦନ କରାଯାଇପାରୁନାହିଁ।

ବ୍ଲକୱାରି ଜଳସେଚନକୁ ବାଦ୍ ଦେଲେ ରାଜ୍ୟ ସରକାର କୌଣସି ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପକୁ ଏଯାବତ୍ ପୂର୍ଣ୍ଣାଙ୍ଗ କରିନାହାନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି- ଲୋୟର ଇନ୍ଦ୍ର, ଲୋୟର ସୁକ୍‌ତେଲ, କାନୁପୁର, ରେଙ୍ଗାଲି ଆରବିସି, ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, ରେଙ୍ଗାଲି ଏଲ୍‌ବିସି-୨ ଏବଂ ମହାନଦୀ ଚିତ୍ରୋତ୍ପଳା ଜଳସେଚନ ପ୍ରକଳ୍ପ। ୧୯୯୯-୨୦୦୦ରୁ ୨୦୧୫-୧୬ ମଧ୍ୟରେ ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାଥମିକ ଭାବେ ଏହି ୮ଟି ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ମୋଟ ୪୮୬୫.୯୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ହେଲେ ଓଡ଼ିଶା ☞ପୃଷ୍ଠା-୧୧






• ପ୍ରତ୍ୟେକ ବ୍ଲକରେ ଅନ୍ୟୂନ ୩୫% ଜମିରେ ଜଳସେଚନ ବ୍ୟବସ୍ଥାର ସୁନିଶ୍ଚିତକରଣ

**ଶିଳ୍ପ ଓ ବାଣିଜ୍ୟ**

ଓଡ଼ିଶାକୁ ରତ୍ନଗର୍ଭା କୁହାଯାଇଛି, ମାତ୍ର ଏହାର ଜଙ୍ଗଲ ସମ୍ପଦ, ଜଳସମ୍ପଦ ଓ ସାମୁଦ୍ରିକ ସମ୍ପଦ ମଧ ଅନୁରୂପ ଭାବରେ ପ୍ରଚୁର ଏବଂ ଅଦ୍ୟାବଧି ଅବ୍ୟବହୃତ । ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ଏବଂ ଓଡ଼ିଆମାନଙ୍କର ହାରାହାରି ଆୟ ବୃଦ୍ଧି ମାଧ୍ୟମରେ ଜୀବନ ଧାରଣର ମାନବୃଦ୍ଧି ପାଇଁ ଏହି ସମ୍ପଦର ବିନିଯୋଗ ଏକାନ୍ତ ପ୍ରୟୋଜନ । କେବଳ କୃଷି, ଖାଦ୍ୟ ପଦାର୍ଥରେ ସ୍ୱାବଲମ୍ବନଶୀଳ କରାଇପାରେ ନାହିଁ ... ବିଜୁ ଜନତା ଦଳ ଶିଳ୍ପାୟନ ଉପରେ ଗୁରୁତ୍ୱ ପ୍ରଦାନ କରିଅଛି । ଶିଳ୍ପ ଅର୍ଥାତ୍, ଯନ୍ତ୍ର ଶିଳ୍ପ, କୁଟୀର ଶିଳ୍ପ ଓ ହସ୍ତ ଶିଳ୍ପ, ବୟନ ଶିଳ୍ପ ଓ ଶିଳ୍ପୀଙ୍କର ବିକାଶରେ ବ୍ୟାପକ ଉତ୍ସାହଜନକ କାର୍ଯ୍ୟକ୍ରମ ବିଜୁ ଜନତା ଦଳ ଦ୍ୱାରା ନିଆଯାଇଅଛି ।

**ଆମର ସଫଳତା**

• ଖଣିଜ ସମ୍ପଦର ଉତ୍ତୋଳନ ପରିବହନ ଏବଂ ଖଣିଜ ସମ୍ପଦଭିତ୍ତିକ କାରଖାନା ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ଶିଳ୍ପ ସଂସ୍ଥାମାନଙ୍କ ସହିତ ୪୯ ଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି । ... ଏହି ସମସ୍ତ କାରଖାନା ପ୍ରତିଷ୍ଠା ପାଇଁ ୬ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା କରାଯାଇଅଛି
• ପ୍ରସ୍ତାବିତ ବୃହତ ଶିଳ୍ପରୁ ବାର୍ଷିକ ୭୫.୬୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

୧୧

ବିଜେଡି ଇସ୍ତାହାର-୨୦୦୯ର ଅବିକଳ ନକଲ।

## କେନ୍ଦ୍ରାପଡ଼ାରେ କର୍ଫ୍ୟୁ
### ଏସ୍‌ପି ଅଫିସ୍‌ରେ ବସିଲା ଶାନ୍ତି କମିଟି ବୈଠକ

କେନ୍ଦ୍ରାପଡ଼ା ଅଫିସ୍, ୨୪।୧

ନେତାଜୀ ଓ ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ ପାଳନକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ବୁଧବାର ଆରମ୍ଭ ହୋଇଥିବା ବିବାଦ ଗୁରୁବାର ଉଗ୍ର ରୂପ ନେଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟା ୬ଟାରୁ ସହରରେ ୧୪୪ ଧାରା ଲାଗୁ କରାଯାଇଥିବା ବେଳେ ଗୁରୁବାର ଅପରାହ୍ନରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିଲା। ଅପରପକ୍ଷେ ଉଭୟ ପକ୍ଷଙ୍କ ସହମତିରେ ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଦାଶରଥି ଶତପଥୀଙ୍କ ନେତୃତ୍ୱରେ ଜଜାଙ୍ଗସ୍ଥିତ ଏସ୍‌ପି ଅଫିସ୍‌ଠାରେ ଶାନ୍ତି କମିଟି ବୈଠକ ବସି ଶୁକ୍ରବାର ଭୋର ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସକାଳ ୯ଟାରେ ସମସ୍ତ ଧର୍ମର ବ୍ୟକ୍ତିମାନେ ସହର ସାରା ଏକ ଶାନ୍ତି ପଦଯାତ୍ରା କରିବେ ବୋଲି କମିଟି ସଦସ୍ୟମାନେ ନିଷ୍ପତ୍ତି ନେଇଛନ୍ତି। ଏହି ☞ପୃଷ୍ଠା-୪

# ଜେଲ୍‌ରୁ ଚମ୍ପଟ୍ ମାରିବାକୁ ପୁଞ୍ଜିଲାଲଙ୍କ ଉଦ୍ୟମ



- ୬ କଏଦୀ ବି ସାମିଲ ଥିଲେ
- ସମସ୍ତଙ୍କୁ କାବୁ କଲେ ଜେଲ ସୁରକ୍ଷା କର୍ମୀ
- ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ଅନ୍ତେବାସୀ
- ଅନଶନରେ ବସିଲେ, ମଧ୍ୟାହ୍ନଭୋଜନ ଖାଇଲେ ନାହିଁ

ବଲାଙ୍ଗୀର ଅଫିସ/ପାଟଣାଗଡ଼, ୨୪।୧ (ଡି.ଏନ୍.ଏ.)

ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେର ସ୍ଥାନୀୟ ଉପକାରାଗାରରୁ ଗୁରୁବାର ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ । ତାଙ୍କ ସହିତ ଅନ୍ୟ ୬ କଏଦୀ ବି ଥିଲେ । ହେଲେ ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ଏହି ଯୋଜନା ପଣ୍ଡ ହୋଇଛି । ସମସ୍ତଙ୍କୁ ସୁରକ୍ଷା କର୍ମୀମାନେ କାବୁ କରି ଜେଲରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ଜେଲର କର୍ମଚାରୀମାନେ କୁଆଡ଼େ ଅନ୍ତେବାସୀଙ୍କୁ ଦୁର୍ବ୍ୟବହାର କରିଥିଲେ । ଏପରି ଅଭିଯୋଗ ଆଣି ୬୪ଜଣ କଏଦୀ ମଧ୍ୟାହ୍ନଭୋଜନ ଗ୍ରହଣ କରି ନ ଥିଲେ । ସେମାନେ ଅନଶନରେ ବସିଥିବା ଖବର ମିଳିଛି । ଜେଲରୁ ଫେରାର ଉଦ୍ୟମ ଏବଂ ଅନ୍ତେବାସୀଙ୍କ ଅନଶନ ଘଟଣାର ତଦନ୍ତ ପାଇଁ ସମ୍ବଲପୁର କାରାଗାର ଅଧୀକ୍ଷକ ଅମିୟ ପଟ୍ଟନାୟକ, ବଲାଙ୍ଗୀର ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ, ପାଟଣାଗଡ଼ ଏସ୍‌ଡିପିଓ ଶେଷଦେବ ବରିହା ପାଟଣାଗଡ଼ ☞ପୃଷ୍ଠା-୪

# ଅଭାବୀ ବିକ୍ରି: ମାନୁନି ପ୍ରଶାସନ

ହେମନ୍ତ ନାୟକ
ପୁରୀ ଅଫିସ,୨୪।୧

**ପୁରୀ ଜିଲା**

ଉପକୂଳବର୍ତ୍ତୀ ପୁରୀ ଜିଲାରେ ନା ଅଛି ଶିଳ୍ପ ନା କୌଣସି ବଡ଼ କାରଖାନା। ଏଠାକାର ଚାଷୀଙ୍କ ଜୀବନ ଜୀବିକାର ମୁଖ୍ୟ ଉତ୍ସ ହେଉଛି ଧାନଚାଷ। ପ୍ରତିବର୍ଷ କିଛି ନା କିଛି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତି ଏହି ଜିଲାର ଚାଷୀ। ଯାହାକି ଚାଷୀକୁଳର ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଉଛି। ଧାର, କରଜ କରି ଚାଷ କରିଥିବା ଚାଷୀ କ୍ଷତିପୂରଣ ପାଇଁ ବାରମ୍ବାର ସରକାରୀ ଦପ୍ତର ଦୌଡୁଥିଲେ ମଧ ଅନେକ ସମୟରେ ନିରାଶ ହୋଇ ଫେରୁଛି। ପ୍ରକୃତିର ଦାଉ ସାଙ୍ଗକୁ ପ୍ରଶାସନିକ ଅବ୍ୟବସ୍ଥା ଚାଷୀଙ୍କୁ ହତାଶ କରୁଛି। ଏଠାରେ ବର୍ଷବର୍ଷ ଧରି ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ଠିକ୍ ସମୟରେ ଖୋଲୁ ନ ଥିବାରୁ ମଧ୍ୟସ୍ଥଙ୍କ ମାଧ୍ୟମରେ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ଚାଷୀ ବାଧ ହେଉଛି। ଠିକ୍ ଚାଷ ଆରମ୍ଭରେ ବେପାରୀମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଟଙ୍କା ଦେଇ ଅମଳ ସମୟରେ କମ୍ ମୂଲ୍ୟରେ(କୁଇଣ୍ଟାଲ ୧୦୦୦ରୁ ୧୨୦୦ ମଧ୍ୟରେ) ଧାନ କିଣିବାକୁ ଚୁକ୍ତି କରୁଛନ୍ତି। ଏହାର କାରଣ ହେଉଛି ସରକାରୀ ଅବହେଳା ଓ ଧାନ ମଣ୍ଡି ଖୋଲିବାରେ ବିଳମ୍ବ। ଏସବୁ ସତ୍ତ୍ୱେ ସରକାର କିମ୍ବା ଜିଲା ପ୍ରଶାସନ କାହାର ଏଥିପ୍ରତି ନିଘା ରହୁନାହିଁ।




ଜିଲାରେ ମୋଟ ଚାଷ ଜମି ୧ଲକ୍ଷ ୮୮ ହଜାର ୭୪୫ ହେକ୍ଟର। ଏଥିମଧ୍ୟରୁ ୧ଲକ୍ଷ ୩୯ହଜାର ୧୫୨ହେକ୍ଟର ଜମିରେ ଧାନଚାଷ କରାଯାଏ। ଖରିଫ ଋତୁରେ ୧ଲକ୍ଷ ୧୭,୨୮୫ ହେକ୍ଟର ଏବଂ ରବି ଋତୁରେ ୮୦,୯୧୯ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତ ୪ ବର୍ଷର ଧାନ ସଂଗ୍ରହ ରିପୋର୍ଟକୁ ନଜର ଦେଲେ ସରକାରୀ ଭାବେ ଧାନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଉ ନ ଥିବା ଜଳଜଳ ଦିଶୁଛି। ଏହି ସମୟରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ୪ଲକ୍ଷ ୮ହଜାର ୫୩୭ କୁଇଣ୍ଟାଲ କମ୍ ଧାନ ☞ପୃଷ୍ଠା-୧୧

**ଆଜି ଆସୁଛନ୍ତି ରାହୁଲ** | ପୃଷ୍ଠା ୫

SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com

**ଆଜିର ସମ୍ପାଦକୀୟ**
**ଅମ୍ବାନିଙ୍କୁ ଫାଇଦା**

**ଆଜିର ମନ୍ତବ୍ୟ**
"ବିରୋଧୀ ଦଳଗୁଡ଼ିକର ମହାମେଣ୍ଟ ଲାଗି ସାମୂହିକ ନେତୃତ୍ୱ ହେଉଛି ସମୟର ଆହ୍ୱାନ।
– ଏନ୍. ଚନ୍ଦ୍ରାବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE | 24.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers

**କିଛି ତଥ୍ୟ**
୨୦୧୮ ବର୍ଷର ଜୁନ-ନଭେମ୍ବର ସମୟରେ ଚାଇନାକୁ ଭାରତର ରପ୍ତାନି ୩୨% ଏବଂ ଆମେରିକାକୁ ୧୨% ବୃଦ୍ଧି ଘଟିଛି।
– ଏଫ୍ଆଇଇଓ



ଧରିତ୍ରୀ
DHARITRI
ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



" ଦୁଇରୁ ଅଧିକ ପିଲା ଥିବା ଲୋକଙ୍କଠାରୁ ଭୋଟ ଅଧିକାର, ନିଯୁକ୍ତି ଏବଂ ଅନ୍ୟ ସରକାରୀ ସୁବିଧା ସୁଯୋଗ କାଢ଼ି ନିଆଯାଉ ।

- ରାମଦେବ, ଯୋଗ ଗୁରୁ



## ■ ମୁଡ୍ ଅଫ୍ ଦି ନେଶନ ପୋଲ୍‌ର ପୂର୍ବାନୁମାନ

# ଆଜି ନିର୍ବାଚନ ହେଲେ ଝୁଲା ପାର୍ଲାମେଣ୍ଟ

ନୂଆଦିଲ୍ଲୀ,୨୪।୧(ପି.ଟି.)



ଏବେ ଯଦି ନିର୍ବାଚନ ହୁଏ ତେବେ ଝୁଲା ପାର୍ଲାମେଣ୍ଟ ହେବ। ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ୨୭୨ର ଆବଶ୍ୟକ ଥିବାବେଳେ କୌଣସି ଦଳ କିମ୍ବା ମେଣ୍ଟକୁ ଏହି ସଂଖ୍ୟା ମିଳିବ ନାହିଁ। ଶାସକ ଏନ୍‌ଡିଏକୁ ଏହାଠାରୁ ଯଥେଷ୍ଟ କମ୍ ଆସନ ମିଳିବ ବୋଲି ଏକ ଜନମତ ସର୍ଭେରୁ ଜଣାପଡିଛି। ୨୦୧୪ ନିର୍ବାଚନଠାରୁ ଏଥର ଏନ୍‌ଡିଏ ୯୯ ଆସନ ହରାଇବ ବୋଲି ଇଣ୍ଡିଆ ଟୁଡେ-କାର୍ଭି ଇନ୍‌ସାଇଟ୍ସ ପକ୍ଷରୁ କରାଯାଇଥିବା ମୁଡ୍ ଅଫ୍ ଦି ନେଶନ ପୋଲ୍‌ରେ କୁହାଯାଇଛି। ଏହି ଜନମତ ସର୍ଭେ କଂଗ୍ରେସ ପାଇଁ ଖୁସି ଖବର ଆଣିଥିବାବେଳେ ଭାଜପା ପାଇଁ ଚିନ୍ତାର କାରଣ ହୋଇଛି।

ସର୍ଭେ ରିପୋର୍ଟ ଅନୁଯାୟୀ ଆଜି ଲୋକ ସଭା ନିର୍ବାଚନ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହରାଇବ। ଏହି ମେଣ୍ଟକୁ ୨୩୭ ଆସନ ମିଳିବ। ୨୦୧୪ରେ ଭାଜପା ଏକାକୀ କୁହୁକ ସଂଖ୍ୟା ୨୭୨ ଅତିକ୍ରମ କରିଥିଲା। ଜନମତ ସର୍ଭେ ଅନୁଯାୟୀ କଂଗ୍ରେସ ନେତୃତ୍ୱାଧୀନ ଉପାକୁ ୧୬୬ ଆସନ ମିଳିବ। ଏନ୍‌ଡିଏ ଏବଂ ଉପାରେ ସାମିଲ ନ ଥିବା ଦଳଗୁଡିକ ୧୪୦ ଆସନରେ ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଛି। ୨୦୧୪ ତୁଳନାରେ ଉପାକୁ ଅଧିକ ୧୦୬ଟି ଆସନ ମିଳିବା ସମ୍ଭାବନା ରହିଛି। ଏନ୍‌ଡିଏ ପାଇଁ ଏକମାତ୍ର ସାନ୍ତ୍ୱନା ହେଲା ଏହାର ଭୋଟ ହାର ଉପାଠାରୁ ଅଧିକ ରହିବ। ମୁଡ୍ ଅଫ ଦି ନେଶନ ପୋଲ୍‌ର ପୂର୍ବାନୁମାନ ଅନୁଯାୟୀ ଏନଡିଏକୁ ୩୫ ପ୍ରତିଶତ ଭୋଟ ମିଳିବାକୁ ଥିବାବେଳେ ଉପାକୁ ୩୩ ପ୍ରତିଶତ ଭୋଟ ମିଳିବ। ତେବେ ଏନ୍‌ଡିଏ ଏବଂ ଉପାର ସହଯୋଗୀ ଦଳରେ ପରିବର୍ତ୍ତନ ହେଲେ ଏହି ସଂଖ୍ୟା ମଧ୍ୟ ବଦଳିବ ବୋଲି କୁହାଯାଇଛି।

- ■ ଏନ୍‌ଡିଏ ୯୯ ଆସନ ହରାଇବ
- ■ ଉପା ଭୋଟ ହାର କମ୍ ରହିବ

ଲୋକ ସଭା ନିର୍ବାଚନ ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ଏଭଳି ଜନମତ ସର୍ଭେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ନିଦ ହଜାଇ ଦେଇଛି। ଝୁଲା ପାର୍ଲାମେଣ୍ଟ ହେଲେ ଏନଡିଏ ଅନ୍ୟ ଅଣ-ଉପା ଦଳଗୁଡିକର ସମର୍ଥନ ଯୋଗାଡ ଲାଗି ଯଥାସାଧ୍ୟ ଉଦ୍ୟମ କରିବ। ତାହା ହେଲେ ମୋଦି ଭିନ୍ନ ଅନ୍ୟ କେହି ବି ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ହୋଇପାରନ୍ତି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ମାତ୍ର ୪୪ ଆସନ ଜିତିଥିବା କଂଗ୍ରେସ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କ୍ଷମତାକୁ ଫେରିବା ଲାଗି ଆଶା ରଖିଛି। ଉପା ପୁଣି ଥରେ କ୍ଷମତାକୁ ଆସିବାର ଦୁଇଟି ସମ୍ଭାବନା ଥିବା ଏହି ସର୍ଭେରେ କୁହାଯାଇଛି। ପ୍ରଥମ ସମ୍ଭାବନା ଅନୁଯାୟୀ ଯଦି ଉପା ସହିତ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି ଏବଂ ପିଡିପି ସାମିଲ ହୁଅନ୍ତି ତେବେ ଏହି ମେଣ୍ଟକୁ ଆବଶ୍ୟକ ସଂଖ୍ୟା ୨୭୨ ମିଳିଯିବ। ଅନ୍ୟପକ୍ଷରେ ଏନଡିଏ ସହ ଏଆଇଏଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ସାମିଲ ହେଲେ ଏନଡିଏକୁ ୨୭୧ (୨୩୪+୩୭) ଆସନ ମିଳିବ, ଯାହା ଆବଶ୍ୟକ ସଂଖ୍ୟାଠାରୁ ୧ କମ୍। ଅନ୍ୟ ସମ୍ଭାବନା ଅନୁଯାୟୀ ଯଦି ଏଆଇଏଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ସହ ଟିଆର୍‌ଏସ ଏବଂ ବିଜୁ ଜନତା ଦଳ (ବିଜେଡି) ଏନ୍‌ଡିଏକୁ ସମର୍ଥନ ଦିଅନ୍ତି ତଥାପି ଏହା ସଂଖ୍ୟାଗରିଷ୍ଠତା ହାସଲ କରିବା ସମ୍ଭାବନା କମ୍ ବୋଲି କୁହାଯାଇଛି। ସେହିପରି ଏନ୍‌ଡିଏ ସହ ଯଦି ଅନ୍ୟ କୌଣସି ଦଳ ସାମିଲ ନ ହୁଅନ୍ତି ତେବେ ଏହାର ସଂଖ୍ୟା ୨୧୯ ଏବଂ ଉପାର ୨୬୯ ରହିବ ବୋଲି କୁହାଯାଇଛି। ଅନ୍ୟମାନେ ୫୫ ଆସନ ପାଇବେ। ତେବେ ଏହି ୫୫ ଆସନ ଯଦି ଏନଡିଏରେ ସାମିଲ ହୁଏ ତେବେ ଏହା ସରକାର ଗଢ଼ିବାକୁ ସକ୍ଷମ ହେବ ବୋଲି ରିପୋର୍ଟରେ କୁହାଯାଇଛି।

## କୋଠା ଭୁଶୁଡ଼ି ୬ ମୃତ



ଗୁରୁଗ୍ରାମ,୨୪।୧(ଆଇଏଏନ୍‌ଏସ୍)

ଗୁରୁଗ୍ରାମରେ ଏକ ନିର୍ମାଣାଧୀନ ଚାରି ମହଲା ବିଲ୍ଡିଂ ଭୁଶୁଡ଼ିପଡିବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କ ବୟସ ୩୦ରୁ ୪୦ ବର୍ଷ ମଧ୍ୟରେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଭଗ୍ନାବଶେଷ ତଳେ ଆହୁରି ୪-୫ ଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ଗୁରୁଗ୍ରାମର ସେକ୍ଟର ୬୫ରେ ଥିବା ଉଲ୍ଲାୱାସ୍ ଗ୍ରାମସ୍ଥିତ ଉକ୍ତ ନିର୍ମାଣାଧୀନ ବିଲ୍ଡିଂ ଗୁରୁବାର ଭୋର ସମୟରେ ଭୁଶୁଡ଼ି ପଡିଥିଲା। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗ ସମେତ ଗୁରୁଗ୍ରାମ ମ୍ୟୁନିସିପାଲ କର୍ପୋରେଶନ, ହରିୟାଣା ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏବଂ ସୀମା ସୁରକ୍ଷା ବଳ ନିୟୋଜିତ ରହିଛି। ତେବେ କଂକ୍ରିଟ, ଲୁହା ଗ୍ରିଲ୍ ଏବଂ କୋଠାର ଭଗ୍ନାବଶେଷ ହଟାଇବାରେ ଉଦ୍ଧାରକାରୀ ଟିମ୍‌କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ଶ୍ରମିକମାନେ ଚତୁର୍ଥ ମହଲା ଛାତ ପକାଉଥିବା ବେଳେ ତାହା ଭୁଶୁଡି ପଡିଥିଲା। ପୋଲିସ ବିଲ୍ଡିଂର ମାଲିକଙ୍କୁ ଖୋଜୁଛି।

### ■ ସିବିଆଇ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ମାମଲା ଶୁଣାଣି

## ସିଜେଆଇଙ୍କ ପରେ ଓହରିଲେ ସିକ୍ରି

ନୂଆଦିଲ୍ଲୀ,୨୪।୧(ପି.ଟି.)



ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ର ଶୁଣାଣିରୁ ଜଷ୍ଟିସ୍ ଏ.କେ. ସିକ୍ରି ଗୁରୁବାର ଓହରିଯାଇଛନ୍ତି। ପ୍ରଥମେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଉକ୍ତ ମାମଲାର ଶୁଣାଣିରୁ ଓହରିଯାଇଥିଲେ। ସେ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଲାଗି ଗଠିତ କମିଟିରେ ସଦସ୍ୟ ଥିବାରୁ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ମାମଲାରେ ସାମିଲ ନ ହେବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ ଜଷ୍ଟିସ୍ ସିକ୍ରିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରିବାର ଥିଲା। ତେବେ ସିବିଆଇ ନିର୍ଦ୍ଦେଶକ ପଦରୁ ଆଲୋକ ବର୍ମାଙ୍କୁ ହଟାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ କମିଟିରେ ଜଷ୍ଟିସ୍ ସିକ୍ରି ସଦସ୍ୟ ଥିଲେ। ତେଣୁ ସେ ଉକ୍ତ ମାମଲାର ଶୁଣାଣି କରିବାକୁ ଚାହୁଁ ନ ଥିବାରୁ ଓହରିଯାଉଛନ୍ତି ବୋଲି ଜଷ୍ଟିସ୍ ସିକ୍ରି ପିଟିଶନ ଦାଏର କରିଥିବା ଏନ୍‌ଜିଓ କମନ୍‌କଜ୍ ପକ୍ଷରୁ ଉପସ୍ଥିତି ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେଙ୍କୁ କହିଛନ୍ତି। ଏହା ଉପରେ ଅଧିକ କିଛି କହିବାକୁ ସେ ମନା କରିଦେଇଥିଲେ।

## ଆର୍‌ଜେଡି ନେତାଙ୍କୁ ଗୁଳିକରି ହତ୍ୟା

ସମସ୍ତିପୁର/ବିହାର,୨୪।୧(ପି.ଟି.)

ବିହାର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ରଘୁବୀର ରାୟ (୫୦)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁବାର ପ୍ରଭାତ ଭ୍ରମଣରେ ବାହାରିଥିବା ରାୟଙ୍କୁ କଲ୍ୟାଣପୁରଠାରେ ଏକ ମୋଟର ସାଇକେଲରେ ଆସିଥିବା କେତେକ ଦୁର୍ବୃତ୍ତ ଗୁଳିମାଡ଼ କରି ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରୁ ରାୟଙ୍କୁ ଗୁରୁତର ଅବସ୍ଥାରେ ନିକଟ ଦରଭଙ୍ଗା ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଏସ୍‌ପି ହରପ୍ରୀତ୍ କୌର କହିଛନ୍ତି।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଏହା ପଞ୍ଚମ ହତ୍ୟାକାଣ୍ଡ ଘଟଣା। ଗଣମାଧ୍ୟମରେ ପ୍ରକାଶିତ ଏ ସମ୍ପର୍କିତ ରିପୋର୍ଟକୁ ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ତାଙ୍କ ଟ୍ୱିଟର ପେଜ୍‌ରେ ଶେୟାର କରିବା ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ହୁଗୁଳା ଶାସନକୁ କଡ଼ା ସମାଲୋଚନା କରିଛନ୍ତି। ବିହାରରେ ଆଇନ କାନୁନ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗୁଣ୍ଡାମାନେ ନିର୍ଭୟରେ ରାଜ୍ ଚଳାଇଥିବା ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ମୁଖ୍ୟ ଉପେନ୍ଦ୍ର କୁଶୱାହା ନୀତୀଶଙ୍କ ଉପରେ ବର୍ଷିଛନ୍ତି।

## ବାଲଟ ଯୁଗକୁ ଫେରିବାର ନାହିଁ: ସିଇସି

ନୂଆଦିଲ୍ଲୀ,୨୪।୧(ପି.ଟି.)- ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବହାରକୁ ବିଭିନ୍ନ ମହଲରୁ ବିରୋଧ କରାଯାଉଥିବାବେଳେ ଆଉ ବାଲଟ ପେପର ଯୁଗକୁ ଫେରିବାର ନାହିଁ ବୋଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ସୁନିଲ ଆରୋରା ଗୁରୁବାର କହିଛନ୍ତି। ହାରିଯାଉଥିବା ଦଳ ଇଭିଏମ୍‌କୁ ଦୋଷାରୋପ କରୁଥିବା ସେ କହିଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କରେ ଗୁଳିକାଣ୍ଡ, ୫ ମୃତ



ମାୟାମି/ଆମେରିକା,୨୪।୧-ଦକ୍ଷିଣାଞ୍ଚଳ ଆମେରିକାର ଫ୍ଲୋରିଡା ସବ୍‌ରିଙ୍ଗ୍ ସହରର ଏକ ବ୍ୟାଙ୍କ୍‌ରେ ଗୁଳିକାଣ୍ଡ ଘଟିଛି। ଜଣେ ଦୁର୍ବୃତ୍ତ ଗୁଳିବର୍ଷଣ କରି ଆତଙ୍କ ସୃଷ୍ଟି କରିଛନ୍ତି। ଏଥିରେ ୫ଜଣଙ୍କ ଜୀବନ ଯାଇଛି। ଗୁରୁବାର ଅପରାହ୍ନ ସାଢ଼େ ୧୨ଟାରେ ସନ୍ ଟ୍ରଷ୍ଟ ବ୍ୟାଙ୍କରେ ଏହି ଅଭାବନୀୟ ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସବ୍‌ରିଙ୍ଗ୍ ସହର ବାସିନ୍ଦା ଜିଫେନ ଝାଭର (୨୧)। ଏହି ଘଟଣା ଘଟିବା ସମୟରେ ବ୍ୟାଙ୍କ୍‌ରେ ୫ ଜଣ ଲୋକ ଥିଲେ। ସେମାନଙ୍କୁ ବନ୍ଧୁକ ଦେଖାଇ ତଳେ ଶୋଇ ରହିବାକୁ ଧମକ ଦେବା ପରେ ଯୁବକ ଜଣକ ଫାୟାରିଂ କରିଥିଲେ। ତେବେ ଏହି ଫାୟାରିଂ ପଛର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ତଦନ୍ତ ଜାରି ରହିଛି। ଆମେରିକାରେ ଗୁଳିମାଡ଼ ଘଟଣା ଚରମସୀମାରେ ପହଞ୍ଚିଛି। ୨୦୧୭ରେ ୪୦ହଜାର ଲୋକ ଏଥିରେ ପ୍ରାଣ ହରାଇଛନ୍ତି।

### ମେଘାଳୟ ଖଣିରୁ ପ୍ରଥମ ମୃତଦେହ ବାହାରିଲା

ନୂଆଦିଲ୍ଲୀ,୨୪।୧-ଦୀର୍ଘ ୪୨ ଦିନର ଉଦ୍ୟମ ପରେ ମେଘାଳୟ କୋଇଲା ଖଣି ମଧ୍ୟରୁ ଗୁରୁବାର ପ୍ରଥମ ମୃତଦେହ ବାହାରକୁ ଅଣାଯାଇଛି। ପୂର୍ବ ଜଇନ୍ତିଆ ହିଲ୍ସ ଜିଲାରେ ଥିବା କୋଇଲା ଖଣିରେ ପାଣି ଭର୍ତ୍ତି ହୋଇଯିବାରୁ ଡିସେମ୍ବର ୧୩ରୁ ସେଥିରେ ୧୫ ଜଣ ଶ୍ରମିକ ଫସିରହିଥିଲେ। ଉଦ୍ଧାରକାରୀ ଭାରତୀୟ ନୌସେନା ଟିମ୍ ଗତ ମଙ୍ଗଳବାର ମୃତଦେହ ପାଇଥିଲେ ହେଁ ପାଣି ଭିତରୁ ବାହାରକୁ ଆଣିବାରେ ସକ୍ଷମ ହୋଇ ନ ଥିଲା। ଏନ୍‌ଡିଆର୍‌ଏଫ୍ ଏବଂ ନୌସେନାର ମିଳିତ ଉଦ୍ୟମରେ ମୃତଦେହ ବାହାରକୁ ଆସିପାରିଛି।

### ଲାନ୍ସ ନାଏକ ୱାନିଙ୍କୁ ଅଶୋକଚକ୍ର

ନୂଆଦିଲ୍ଲୀ,୨୪।୧(ପି.ଟି.)-ଗତବର୍ଷ ନଭେମ୍ବରରେ କଶ୍ମୀରର ଶୋପିଆନରେ ଆତଙ୍କବାଦ ନିରୋଧୀ ଅପରେଶନ ବେଳେ ପ୍ରାଣବଳୀ ଦେଇଥିବା ଲାନ୍ସ ନାଏକ ନାଜିର



ଅହମଦ ୱାନିଙ୍କୁ ଦେଶର ସର୍ବୋଚ୍ଚ ବୀରତା ପୁରସ୍କାର ଅଶୋକ ଚକ୍ରରେ ସମ୍ମାନିତ କରିବା ଲାଗି ମନୋନୀତ କରାଯାଇଛି। ଗତ ନଭେମ୍ବର ୨୫ରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ୱାନି (୩୮) ଶହୀଦ ହୋଇଥିଲେ। ୱାନି ପ୍ରଥମେ ଜଣେ ଆତଙ୍କବାଦୀ ଥିଲେ। ପରେ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ୨୦୦୪ରେ ସେନାବାହିନୀରେ ଯୋଗ ଦେଇଥିଲେ। ସେ ଦକ୍ଷିଣ କଶ୍ମୀରରେ ଆତଙ୍କବାଦ ନିରୋଧୀ ଅପରେଶନର ଅଂଶବିଶେଷ ଥିଲେ। ପୂର୍ବରୁ ତାଙ୍କୁ ସେନା ମେଡାଲ ମଧ୍ୟ ମିଳିଥିଲା।

## ଫୁରସତ

## ପେଟ୍ରୋଲ ପମ୍ପ୍ ଚଳାଇବେ କଏଦୀ



**ତିରୁନେଲ୍‌ଭେଲି:** ଇଣ୍ଡିଆନ୍ ଅଏଲ କର୍ପୋରେଶନ୍ (ଆଇଓସି) ଏବଂ ଜେଲ୍ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ତାମିଲନାଡୁର କାରାଗାର ନିକଟବର୍ତ୍ତୀ ୫ଟି ପେଟ୍ରୋଲ ଷ୍ଟେଶନ୍ ନିର୍ମାଣ ହେବାକୁ ଯାଉଛି। ଯେଉଁ କଏଦୀଙ୍କ ଆଚରଣ ସନ୍ତୋଷଜନକ ସେମାନଙ୍କୁ ପେଟ୍ରୋଲ ପମ୍ପ ଚଳାଇବା ପାଇଁ ଅନୁମତି ମିଳିବ ବୋଲି ମଦୁରାଇର ପ୍ରିଜିନ୍ ଡିଆଇଜି ପାଲାନି ପ୍ରକାଶ କରିଛନ୍ତି। ଏହି ଉଦ୍ୟମର ଅଂଶ ସ୍ୱରୂପ ଗୋଟିଏ ପେଟ୍ରୋଲ ଷ୍ଟେଶନ୍ ଉକ୍ତ ନଗରୀର ପାଲାୟମକୋଟି ନିକଟରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ। ଯେଉଁ କଏଦୀଙ୍କ ଆଚରଣ ଭଲ ଓ ଚରିତ୍ର ସନ୍ତୋଷଜନକ ମନେହେବ ସେମାନଙ୍କୁ ପେଟ୍ରୋଲ ପମ୍ପରେ କାର୍ଯ୍ୟ ପାଇଁ ନିୟୋଜିତ କରାଯିବ। ପେଟ୍ରୋଲ ପମ୍ପ୍ ଚଳାଇବା ପାଇଁ ଏଠାରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଉକ୍ତ ସେମିନାର୍‌ରେ କେତେକ ବଛାବଛା କଏଦୀଙ୍କୁ ପେଟ୍ରୋଲ ପମ୍ପ ଅପରେଟ୍ କରିବା ତାଲିମ ପ୍ରଦାନ କରାଯାଇଛି।

## ଶାଶୁ ସମ୍ପତ୍ତି ହଡ଼ପ ପାଇଁ ଜାଲ୍ ମୃତ ପ୍ରମାଣପତ୍ର

**ମଦୁରାଇ:** ଶାଶୁ ନାମରେ ଥିବା ସମ୍ପତ୍ତି ହଡପ କରିବା ପାଇଁ ଜଣେ ବ୍ୟକ୍ତି ଯୋଗାଡଯନ୍ତ୍ର କରି ଶାଶୁଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରିଥିଲେ। ଅଥଚ ଅଶିତିପର ଶାଶୁ ନିଜେ ଜୀବିତ ବୋଲି ପ୍ରମାଣ କରିବା ପାଇଁ ବାରଦୁଆର ଡେରପିଣ୍ଡା ହେଉଛନ୍ତି। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାଡ୍ରାସ ହାଇକୋର୍ଟ ଏହି ବୃଦ୍ଧାଙ୍କ ମୃତ୍ୟୁ ପ୍ରମାଣପତ୍ର ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁର ରାମନାଥପୁରମ୍ ଅଞ୍ଚଳର ଏହି ବୃଦ୍ଧା ହେଉଛନ୍ତି ଥୋଟିୟାମାଲ୍।

ବିଚାରପତି କେ.କେ. ଶଶିଧରନ୍ ଏବଂ ପି.ଡି. ଆଦିକେଶାଭାଲୁଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମହିଳାଙ୍କ ଜ୍ୱାଇଁ ଏବଂ ନାତିଙ୍କୁ ଉକ୍ତ ମାମଲାରେ ପକ୍ଷଭୁକ୍ତ କରିବା ସହିତ ମୃତ୍ୟୁ ପ୍ରମାଣପତ୍ର ରଦ୍ଦ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ସେପ୍ଟେମ୍ବର ୨୭ରେ ମହିଳାଙ୍କ ନାମରେ ଏକ ମୃତ୍ୟୁ ପ୍ରମାଣପତ୍ର ଜାରି ହୋଇଥିବାବେଳେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଉକ୍ତ ଖଣ୍ଡପୀଠ ପକ୍ଷରୁ ରାମନାଥପୁରମ୍ ମ୍ୟୁନିସିପାଲ କମିଶନର ଏବଂ ଜିଲା ରେଜିଷ୍ଟ୍ରାରଙ୍କୁ ଏ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ କୁହାଯାଇଛି। ମିଥ୍ୟା ସୂଚନା ଦିଆଯାଇ ମହିଳାଙ୍କ ଦସ୍ତଖତ ହାସଲ ସହିତ ନାତି ପ୍ରବୀଣ କୁମାରଙ୍କ ନାମକୁ ହସ୍ତାନ୍ତର ହୋଇଥିବା ଇନାମ ସେଟଲ୍‌ମେଣ୍ଟ ରଦ୍ଦ କରିବାକୁ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଥୋଟିୟାମାଲଙ୍କର ୩ ଝିଅ ଏବଂ ଗୋଟିଏ ପୁଅ। ସେ ପୁଅ ସହିତ ରହିଆସୁଥିଲେ। ତାଙ୍କର ୧୨ ସେଣ୍ଟସ ଭୂସମ୍ପତ୍ତି ଥିଲା। ଜିଲା କୋର୍ଟରେ ତାଙ୍କ ପୁଅ ସିରସ୍ତାଦାର ଥିଲେ। ୨୦୧୬ରେ ଦୁର୍ଘଟଣାରେ ପୁଅଙ୍କର ମୃତ୍ୟୁ ଘଟିଥିଲା। ଥୋଟିୟାମାଲଙ୍କ ଅଜ୍ଞାତରେ ଜ୍ୱାଇଁ ନିଜ ପୁଅ ନାମରେ ଇନାମ ସେଟଲ୍‌ମେଣ୍ଟ ଦ୍ୱାରା ଶାଶୁଙ୍କ ଜମି କରାଇ ନେଇଥିଲେ। ଥୋଟିଆମାଲଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ୩ ଝିଅଙ୍କ ଦସ୍ତଖତ ଜାଲିଆତି କରି ଜ୍ୱାଇଁ ତାଙ୍କୁ ବିପଥଗାମୀ କରାଇଥିଲେ। ପୁଅର ମୃତ୍ୟୁ ପରେ ତାଙ୍କ ପତ୍ନୀ ମୀନାକ୍ଷୀ ଏକ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରି ଥୋଟିଆମାଲ୍‌ଙ୍କ ସମ୍ପତ୍ତି ଦାବି କଲେ। ତେବେ ଉକ୍ତ ମହିଳାଙ୍କ ସମ୍ପତ୍ତି ଜାଲ ଦସ୍ତଖତ ମାଧ୍ୟମରେ ହଡପ କରାଯାଇଥିବା ସେ ଜାଣିବାକୁ ପାଇଥିଲେ।

### ଇତିହାସର ଆଇନାରେ

### ଜାନୁୟାରୀ ୨୫ର ପ୍ରମୁଖ ଘଟଣା

#### ମନ୍ଦିରରେ ଦଳାଚକଟା

୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ମାନ୍ଧ୍ରାଦେବୀ ମନ୍ଦିରରେ ଦଳାଚକଟା ଯୋଗୁ ଅନ୍ୟୂନ ୨୫୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ମାନ୍ଧ୍ରାଦେବୀ କାଳୁବାଈ ମନ୍ଦିର ମହାରାଷ୍ଟ୍ରର ସତରା ଜିଲାରେ ଏବଂ ସତରାଠାରୁ ୨୦କି.ମି. ଦୂରରେ ଅବସ୍ଥିତ। ଏହା ଏକ ପର୍ବତ ଉପରେ ଏବଂ ସମୁଦ୍ରପତ୍ତନଠାରୁ ୪,୬୫୦ ଫୁଟ ଉଚ୍ଚରେ ରହିଛି।

#### ଦଙ୍ଗାରେ ୫୦ ମୃତ

୨୦୧୩ ଜାନୁୟାରୀ ୨୫ରେ ଭେନିଜୁଏଲାର ଏକ ଜେଲ୍‌ରେ ଦଙ୍ଗା ଯୋଗୁ ଅନ୍ୟୂନ ୫୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୦ଜଣ ନିହତ ହୋଇଥିଲେ। ଏହା ଲାରା ପ୍ରଦେଶର ରାଜଧାନୀ ଏବଂ ଇରିବାରେନ୍ ମ୍ୟୁନିସିପାଲିଟିର ମୁଖ୍ୟସ୍ଥଳ। ଏହା ଦେଶର ମୁଖ୍ୟ ଶିଳ୍ପାଞ୍ଚଳ, ବ୍ୟବସାୟିକ ଏବଂ ପରିବହନ ସ୍ଥଳ। ଲୋକସଂଖ୍ୟା ଦୃଷ୍ଟିରୁ ଏହା ଚତୁର୍ଥ ବୃହତ୍ତମ ସହର ଭାବେ ସ୍ୱୀକୃତି ଲାଭ କରିଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୯ | ୧୨.୩ |
| ଚାନ୍ଦବାଲି | ୨୮.୭ | ୧୫.୦ |
| କଟକ | ୨୭.୫ | ୧୫.୦ |
| ପାରାଦ୍ୱୀପ | ୨୬.୮ | ୧୭.୯ |
| ଭୁବନେଶ୍ୱର | ୩୦.୮ | ୧୬.୬ |
| ଗୋପାଳପୁର | ୨୯.୫ | ୧୫.୮ |
| ପୁରୀ | ୨୬.୦ | ୧୬.୪ |
| ଅନୁଗୋଳ | ୩୦.୧ | ୯.୦ |
| ବାରିପଦା | ୨୯.୪ | ୧୩.୧ |
| ଝାରସୁଗୁଡ଼ା | ୩୦.୪ | ୧୩.୮ |
| କେନ୍ଦୁଝର | ୨୯.୩ | ୧୧.୦ |
| ସମ୍ବଲପୁର | ୩୧.୫ | ୧୩.୪ |
| ସୁନ୍ଦରଗଡ଼ | ୨୮.୦ | ୧୧.୦ |
| ହୀରାକୁଦ | ୩୦.୧ | ୧୪.୪ |
| ତାଲଚେର | ୩୨.୪ | ୧୩.୩ |
| ଭବାନୀପାଟଣା | ୩୦.୫ | ୧୨.୦ |
| ବଲାଙ୍ଗୀର | ୩୦.୫ | ୧୩.୪ |
| କୋରାପୁଟ | ୨୯.୦ | ୧୦.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୩୩.୦ | ୧୨.୮ |
| ସୋନପୁର | ୩୦.୦ | ୧୨.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମିସ୍ ଇଣ୍ଡିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ପରାମର୍ଶଦାତା ହେବେ ଦିୟା, ନେହା

**ମୁମ୍ବାଇ:** ପୂର୍ବତନ ମିସ୍ ଏସିଆ ପ୍ୟାସିଫିକ୍ ଦିୟା ମିର୍ଜା ଏବଂ ଫେମିନା ମିସ୍ ଇଣ୍ଡିଆ-୨୦୦୨ର ନେହା ଧୁପିଆ ଏଫବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୯ ପ୍ରତିଦ୍ୱନ୍ଦ୍ୱୀଙ୍କ ପରାମର୍ଶଦାତା ହେବେ। ବିଜେତା ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବେ। ଅନ୍ୟମାନେ ମଧ୍ୟ ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ଏବଂ ମିସ୍ ୟୁନାଇଟେଡ କଣ୍ଟିନେଣ୍ଟ୍ସ ଭଳି ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ପାଇବେ। ପ୍ରତି ରାଜ୍ୟରୁ ୩ ଜଣ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚୟନ କରାଯାଇ ଗୋଲ୍‌ଡେନ୍ ଟିକେଟ୍ ପ୍ରଦାନ କରାଯିବ। ସେମାନେ ଷ୍ଟେଟ୍‌ସ ଜୋନାଲ କ୍ରାଉନିଂ ସେରିମନିରେ ଭାଗ ନେଇପାରିବେ। ଫେବୃୟାରୀ ୨୪ରେ ବେଙ୍ଗାଲୁରୁ (ସାଉଥ୍ ଜୋନ୍), ମାର୍ଚ୍ଚ ୬ରେ ଦିଲ୍ଲୀ(ନର୍ଥ ଜୋନ୍), ଏପ୍ରିଲ ୨ରେ ପୁଣେ (ୱେଷ୍ଟ ଜୋନ୍) ଏବଂ ଏପ୍ରିଲ ୨୩ରେ କୋଲକାତା (ଇଷ୍ଟ ଜୋନ)ରେ ଜୋନାଲ କ୍ରାଉନିଂ ସେରିମନି ଅନୁଷ୍ଠିତ ହେବ। ପ୍ରତ୍ୟେକ ରାଜ୍ୟର ବିଜେତା ଜୁନ୍‌ରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ଭାଗନେବେ। କିନ୍ତୁ ଏହା ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଠିନ ତାଲିମ ନେବାକୁ ହେବ। ଇଷ୍ଟ ଏବଂ ୱେଷ୍ଟ ଜୋନ୍ ଦାୟିତ୍ୱରେ ନେହା ଧୁପିଆ ରହିଥିବା ବେଳେ ନର୍ଥ ଓ ସାଉଥ୍ ଜୋନ୍ ଦାୟିତ୍ୱରେ ଅଛନ୍ତି ଦିୟା ମିର୍ଜା।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍






# କେନ୍ଦ୍ର ସରକାରଙ୍କୁ ନବୀନଙ୍କ ଟାର୍ଗେଟ

**ଝାରସୁଗୁଡ଼ା ଅଫିସ,୨୪।୧**

ଗୁରୁବାର ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନକୁ ନେଇ କରାଯାଉଥିବା ପୂର୍ବାନୁମାନ ସତ ହୋଇଛି। ଯେଉଁ ଅମଲିପାଲି ପଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ, ସେଇଠି ସମାବେଶ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ କଡ଼ା ଜବାବ ଦେଇଛନ୍ତି। କେନ୍ଦ୍ରୀୟ ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ। କିଛିଦିନ ପୂର୍ବରୁ ଝାରସୁଗୁଡ଼ାରେ ନୂଆ ବିମାନବନ୍ଦର ଉଦ୍‌ଘାଟନ ହେଲା। କେନ୍ଦ୍ର ସରକାରଙ୍କ ବହୁ ପ୍ରଚାର କରାଗଲା। ହେଲେ ବିମାନ ଉଡିପାରିଲା ନାହିଁ। ଓଡ଼ିଶା ସରକାର ପାଣ୍ଠି ଦେବେ, କେନ୍ଦ୍ର ସରକାର ବିମାନ ସେବା ପ୍ରଦାନ କରନ୍ତୁ ବୋଲି ମଧ୍ୟ କୁହାଯାଇଥିଲା। କିନ୍ତୁ କିଛି ହେଲା ନାହିଁ। ବିମାନ ସେବା ନ ହେଲା ନାହିଁ, ଲୋକଙ୍କ ସୁବିଧା ପାଇଁ ଭୁବନେଶ୍ୱର-ଝାରସୁଗୁଡ଼ା ମଧ୍ୟରେ ଏକ ଶତାବ୍ଦୀ ଏକ୍ସପ୍ରେସ ଚଳାଚଳ କରିବାକୁ ଦାବି କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅଞ୍ଚଳରେ ବହୁତ କୋଇଲା ଖଣି ଅଛି। ସେଥିରୁ କେନ୍ଦ୍ର ସରକାର ବହୁ ରାଜସ୍ୱ ଆଦାୟ କରୁଛନ୍ତି। କୋଇଲା କ୍ଷେତ୍ରରେ ରାଜ୍ୟ ଅଂଶର ରୟାଲଟି ହାରକୁ ରିଭାଇଜ୍ କରିବା ପାଇଁ ବହୁବାର ଦାବି କରାଯାଇଛି। ଏହି ଦାବି ସମାଧାନ ୫ ମିନିଟ୍‌ରେ ହୋଇପାରିବ, କିନ୍ତୁ ୨୦୧୫ରୁ ଦାବି ହେଉଥିଲେ ମଧ୍ୟ ଏହି ରିଭାଇଜ୍ କରାଯାଉନାହିଁ,ଯେଉଁଥିପାଇଁ ରାଜ୍ୟ ବହୁ ରାଜସ୍ୱ ହରାଉଛି। ଆମେ କେବଳ ପ୍ରଦୂଷଣ ପାଉଛି। ଏହାକୁ ଆଉ ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ପୂର୍ବତନ କଂଗ୍ରେସ ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ନବ କିଶୋର ଦାସ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକଙ୍କ ସହ ତାଙ୍କ ପୁଅ ବିଶାଲ ଦାସ, ୮ ଜିଲା ପରିଷଦ, ୫ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ବିଜେଡିରେ ମିଶିଛନ୍ତି। ବିଜେଡି ସଭାପତି ପଟ୍ଟନାୟକ ନବଙ୍କୁ ଦଳୀୟ ଉତ୍ତରୀୟ ଏବଂ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ନବଙ୍କୁ ଭଲ ସଙ୍ଗଠକ ବୋଲି ଅଭିହିତ କରିବା ସହ ତାଙ୍କ ଯୋଗଦାନ ଝାରସୁଗୁଡ଼ା ବିଜେଡିକୁ ଆହୁରି ମଜଭୁତ୍ କରିବ ବୋଲି କହିଥିଲେ। ଦଳ ବଦଳ ବେଳେ ନବଙ୍କ ସ୍ୱର ବଦଳିଯାଇଛି। ଝାରସୁଗୁଡ଼ାବାସୀଙ୍କ ଅନୁରୋଧ ରକ୍ଷାକରି ବିଜେଡିରେ ମିଶୁଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ସେ କହିଥିଲେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ରହିଛି। ସ୍ୱାସ୍ଥ୍ୟ, କୃଷିକ୍ଷେତ୍ର ଏବଂ ଅନ୍ୟାନ୍ୟ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ବିଚାରକରି ମୁଁ ବିଜେଡିରେ ମିଶିଛି। ଦୀର୍ଘଦିନ ଧରି ଲୋକଙ୍କ ଅନୁରୋଧ କହି ଭୋଟରଙ୍କୁ ଭକୁଆ ବନାଉଥିବା ବିଧାୟକ ଅମଲିପାଲି ସଭାରେ ସତକଥା କହିଥିଲେ। ଆଗାମୀ ଦିନରେ ନବୀନଙ୍କ ନେତୃତ୍ୱରେ ଝାରସୁଗୁଡ଼ାର ବିକାଶ ତ୍ୱରାନ୍ୱିତ ହେବ ବୋଲି ବିଧାୟକ ଦାସ କହିଥିଲେ।

ଏହି ଦଳୀୟ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ବିଜେଡି ଜିଲା ସଭାପତି କିଶୋର କୁମାର ମହାନ୍ତି, କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଅନୁପ ସାଏ, ବିଜେଡି ନେତା ରବି ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬୧୮ କୋଟି ୬୬ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ାରେ ହେବାକୁ ଥିବା ୧୪୫ କୋଟି ଟଙ୍କାର କ୍ୟାନସର କେୟାର ହସ୍‌ପିଟାଲର ଶିଳାନ୍ୟାସ ହୋଇଥିଲା।

## ପୁଅ ବିଶାଲଙ୍କ ସହ ନବ ଦାସ ବିଜେଡିରେ ସାମିଲ



ବିଜେଡି ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳରେ ସାମିଲ ହୋଇଥିବା ବିଧାୟକ ନବ ଦାସ ଓ ଅନ୍ୟମାନେ।

### ରୋଗୀଙ୍କୁ ଦେଲେନି

# ଏକ୍ସପାଏରୀ ହୋଇଗଲା ୯୦ ହଜାର ଇଞ୍ଜେକ୍ସନ

- ଚିକିତ୍ସା ପାଇଁ ମହଜୁଦ ନାହିଁ କେ-୧ ଇଞ୍ଜେକ୍ସନ
- ନବଜାତ ଶିଶୁଙ୍କ ଚିକିତ୍ସା ସେବାକୁ ନେଇ ଉଠିଲା ପ୍ରଶ୍ନ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୨୪।୧**

୯୦ ହଜାରରୁ ଊର୍ଦ୍ଧ୍ୱ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରୀ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜଗୁଡ଼ିକରେ ଏହି ଇଞ୍ଜେକ୍ସନ ବ୍ୟବହାର କରା ନ ଯିବା ଫଳରେ ଏହାର ଅବଧି ଶେଷ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ରାଜ୍ୟ ପରିବାର ମଙ୍ଗଳ ନିର୍ଦ୍ଦେଶାଳୟ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର କେ.କେ. ଦାସ ଏସ୍‌ସିବି ମେଡିକାଲ ସମେତ ରାଜ୍ୟର ସମସ୍ତ ମେଡିକାଲ କଲେଜ, କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଓ ସମସ୍ତ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମାଗିଛନ୍ତି।

ଅତିରିକ୍ତ ନିର୍ଦ୍ଦେଶକ ଦାସ ଡିସେମ୍ବର ୨୯ରେ ଚିଠି କରିଥିଲେ ଯେ, ୨୦୧୮ ଅକ୍ଟୋବରରେ ୫୭ ହଜାର ୭୧୨ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରୀ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ଆଉ ୩୨ ହଜାର ୩୫୦ ଇଞ୍ଜେକ୍ସନର ଏକ୍ସପାଏରୀ ହେଉଛି। ତେଣୁ ୨୦୧୯ ଜାନୁୟାରୀ ୫ ସୁଦ୍ଧା ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଚିଠିରେ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଅଦ୍ୟାବଧି ଏସ୍‌ସିବି ମେଡିକାଲ ପକ୍ଷରୁ ରିପୋର୍ଟ ପଠାଯାଇ ନାହିଁ। କେବଳ ଏସ୍‌ସିବିରେ ୨୫୦୦ ଭିଟାମିନ କେ-୧ ଇଞ୍ଜେକ୍ସନ ଏକ୍ସପାଏରୀ ହୋଇଥିବା ଜଣାପଡ଼ିଛି। ଏତେ ପରିମାଣର ଇଞ୍ଜେକ୍ସନ ଏକ୍ସପାଏରୀ ହୋଇଯାଇଥିବାରୁ ଔଷଧ ନିଗମ ପକ୍ଷରୁ ମଧ୍ୟ ଏହାର ଯୋଗାଣ ବନ୍ଦ କରାଯାଇଛି। ଫଳରେ ଏବେ ଏସ୍‌ସିବି ଏସ୍‌ଏନ୍‌ସିୟୁ (ସିକ୍ ନିଓନାଟାଲ କେୟାର ୟୁନିଟ୍) ସମେତ ବିଭିନ୍ନ ମେଡିକାଲରେ ଏହି ଇଞ୍ଜେକ୍ସନର ଘୋର ଅଭାବ ଦେଖାଦେଇଛି। ଭିଟାମିନ କେ-୧ ଇଞ୍ଜେକ୍ସନ ଶିଶୁ ଜନ୍ମ ପରେ ନିତ୍ୟାନ୍ତ ଆବଶ୍ୟକ ହୋଇଥାଏ। ଅଧିକାଂଶ ସମୟରେ ଶିଶୁଙ୍କ ନାହି କାଟିବା ପରେ ରକ୍ତସ୍ରାବ ବନ୍ଦ ହୋଇ ନ ଥାଏ। ଏହାବାଦ ଶରୀରର ଆଭ୍ୟନ୍ତରୀଣ ଅଙ୍ଗରୁ ମଧ୍ୟ ଜନ୍ମ ପରେ ରକ୍ତସ୍ରାବ ହୋଇଥାଏ। କେ-୧ ଇଞ୍ଜେକ୍ସନ ଦ୍ୱାରା ଏହି ରକ୍ତସ୍ରାବ ବନ୍ଦ ହୋଇଯାଏ। ଏପରିସ୍ଥଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ଇଞ୍ଜେକ୍ସନ ଚିକିତ୍ସାରେ ନ ଲାଗି ଏକ୍ସପାଏରୀ ହୋଇଯିବା ବିଭାଗୀୟ ଅପାରଗତା ଓ ଚିକିତ୍ସା କ୍ଷେତ୍ରର ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି।

ଏସ୍‌ସିବି ମେଡିକାଲରୁ ମିଳିଥିବା ତଥ୍ୟ ମୁତାବକ, ପ୍ରତିଦିନ ଏଠାରେ ୫୦ରୁ ୬୦ ମହିଳା ପ୍ରସବ କରିଥାନ୍ତି। ଅଧିକାଂଶ ନବଜାତ ଶିଶୁଙ୍କୁ ଏସ୍‌ଏନ୍‌ସିୟୁକୁ ନିଆଯାଇ ଭିଟାମିନ କେ-୧ ଇଞ୍ଜେକ୍ସନ ଦିଆଯାଇଥାଏ। ଗତ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଏସ୍‌ଏନ୍‌ସିୟୁରେ ୭୦୭ ଶିଶୁ ଆଡ୍‌ମିଶନ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଭିଟାମିନ କେ-୧ ଅଭାବରୁ ଏହି ଶିଶୁଙ୍କର ମୃତ୍ୟୁ ଘଟିଛି କି ନାହିଁ ତାହାର ସମୀକ୍ଷା କରାଯାଇ ନାହିଁ। ମେଡିକାଲର ଷ୍ଟୋର୍ ଦାୟିତ୍ୱରେ ଥିବା ଜନୈକ ଅଧିକାରୀଙ୍କ କହିବାନୁଯାୟୀ ଭିଟାମିନ କେ-୧ ଇଞ୍ଜେକ୍ସନ ଡାକ୍ତରମାନେ ମାଗି ନ ଥିଲେ। ତେଣୁ ଏହା ପଡ଼ି ପଡ଼ି ନଷ୍ଟ ହୋଇଗଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, କ'ଣ ପାଇଁ ଏପରି ହେଲା ତାହାର ତର୍ଜମା କରାଯିବ। ମେଡିକାଲ ୱେୟାର ହାଉସ ଓ ଷ୍ଟୋର ସହିତ ଆଲୋଚନା କରାଯାଇ ସମୀକ୍ଷା ହେବ ବୋଲି ବେହେରା କହିଛନ୍ତି। ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀଙ୍କୁ ପଚାରିବାରୁ ସେ ଭିଟାମିନ କେ-୧ର ଷ୍ଟାଟସ୍ କ'ଣ ଅଛି ତାହା ବୁଝିବା ପରେ କହିବି ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ୨୦୧୪ରେ ଏକ୍ସପାଏରୀ ମେଡିସିନକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସିଏଜି ରିପୋର୍ଟ ଅନୁଯାୟୀ, ୨୦୦୭ରୁ ୨୦୧୩ ମଧ୍ୟରେ ୩୧ ପ୍ରକାରର ଏକ୍ସପାଏରୀ ମେଡିସିନ ରୋଗୀଙ୍କୁ ଦିଆଯାଇଥିଲା। ଏବେ ଏକ୍ସପାଏରୀ ହୋଇଯାଇଥିବା ଭିଟାମିନ କେ-୧ ଇଞ୍ଜେକ୍ସନକୁ ଶିଶୁମାନଙ୍କୁ ଦିଆଯାଉନି ତ ବୋଲି ପ୍ରଶ୍ନ ଉଠୁଛି।

### ପୋଲସରା ବିଧାୟକଙ୍କ ମିଥ୍ୟା ସତ୍ୟପାଠ ମାମଲା

# ତଦନ୍ତ କରି ନିଷ୍ପତ୍ତି ନେବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୨୪।୧**

ମିଥ୍ୟା ସତ୍ୟପାଠ ମାମଲାକୁ ନେଇ ଅଡୁଆରେ ପଡ଼ିଛନ୍ତି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ। ବିଧାୟକ ସାହୁ ନିର୍ବାଚନୀ ସତ୍ୟପାଠରେ ତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟରେ ଏକ ମାମଲା ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନରଙ୍କୁ ୩ ମାସ ମଧ୍ୟରେ ତଦନ୍ତ କରି ଆବଶ୍ୟକ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାନ୍ତ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ନାୟକ ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ବିଧାୟକ ସାହୁଙ୍କ ଶିକ୍ଷାଗତ ଯୋଗ୍ୟତା ନବମ ଶ୍ରେଣୀ ହୋଇଥିବାବେଳେ ସତ୍ୟପାଠରେ ସେ ଦଶମ ପାସ୍ କରିଥିବା ଦର୍ଶାଇଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଯଦି ନିର୍ବାଚିତ ପ୍ରତିନିଧି ମିଥ୍ୟା ସତ୍ୟପାଠ ଦାଖଲ କରନ୍ତି ତେବେ ସେମାନଙ୍କ ପଦବୀକୁ ଅଯୋଗ୍ୟ ଘୋଷିତ କରାଯିବ। ତେଣୁ ଏଭଳି କ୍ଷେତ୍ରରେ ବିଧାୟକ ସାହୁଙ୍କ ପଦବୀକୁ ଅଯୋଗ୍ୟ ଘୋଷଣା କରିବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

**କାଳିଆ ସମାବେଶରେ ରହିବେ ୪୫ ମିନିଟ୍**

**ପୁରୀ ଅଫିସ,୨୪।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପୁରୀ ଗସ୍ତରେ ଆସୁଛନ୍ତି। ରାହାଙ୍ଗିରିଆଠାରେ ଅନୁଷ୍ଠିତ କାଳିଆ ସମାବେଶରେ ଯୋଗଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୦ଟା ୪୫ରେ ହେଲିକପ୍ଟରରେ ଆସି ଜିଲା ସ୍କୁଲ ପରିସର ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ କାରରେ ଯାଇ ୧୦ଟା ୫୫ରେ ଶ୍ରୀମନ୍ଦିରରେ ପହଞ୍ଚିବେ। ଅଧଘଣ୍ଟା ଶ୍ରୀମନ୍ଦିରରେ ରହି ୧୧ଟା ୩୦ରେ ଜିଲା ସ୍କୁଲ ହେଲିପ୍ୟାଡ୍‌ରୁ ରାହାଙ୍ଗିରିଆ ଅଭିମୁଖେ ଗସ୍ତ କରିବେ। ୧୧ଟା ୫୦ରେ ରାହାଙ୍ଗିରିଆ ହେଲିପ୍ୟାଡ୍‌ରୁ ସମାବେଶ ସ୍ଥଳକୁ ଯିବେ। ପୂର୍ବାହ୍ନ ୧୧ଟା ୫୫ରୁ ମଧ୍ୟାହ୍ନ ୧୨ଟା ୪୦ ପର୍ଯ୍ୟନ୍ତ ସମାବେଶରେ ରହି ୧୨ଟା ୫୦ରେ ଭୁବନେଶ୍ୱର ଫେରିଯିବା ଲାଗି ସ୍ଥିର ହୋଇଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ସୋହାଲି
ପରିବାରବର୍ଗ


ଲିଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified




SALE

2500 km. run May 2018 Alto 800 VXI silver colour. 9437284700. D-10725




SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

2BHK/ 1BHK flat ready for immediate sale at SBI Colony, Kesura, Bhubaneswar. 9437000723. D-56163

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65528

Booking one lakh simplex 2BHK 1200 sqft., land 20,50,000/-. BDA area Tankapaniroad Saitemple monthly installment 10,000/-. 7735738102. D-10710

Ready to move flats available for sale near Saitemple Tankapani Road, Bhubaneswar. 6370634379, 9348947458. D-63932

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65346

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ। 6371481421. D-65455

Patia Bigbazarରୁ 5km ଦୂରତାରେ ରାସ୍ତାଥାଇ ବାସୋପଯୋଗୀ ପ୍ଲଟ sqft.- 600/- 9937686826, 9583430150. D-65345

**Yellowzone gharabari plot for sale at Trisulia Patpur Mouza Cuttack 2.5km. from High Court new Bridge. Contact: 9438664354, 9937253888.** D-65531

ORERA registered 1BHK studio flats @ Narendrakona Puri construction in full swing. Mobile: 9238356740, 9437030740. D-65532

Own plot sale Nakhara Panchabati immediate construction (Home stead boundary patta). 9178031478. D-64700




For office at Saheed Nagar near Saheed Sporting Club. Contact No: 8249559413. D-10754

3BHK house for family aerodrome area, Lane-6, Bhubaneswar. 9437082192, 9437119146. D-65603




Roshin ayurvedic massage club fully relaxed by smart lady home service facility available. 9937637219. D-64697

Ayurvedic full body massage ladies/ gents smart experts therapist. 9114697517. D-64698



### ଇଂଜିନିୟରିଂରେ ଡକ୍ଟରେଟ୍ ଉପାଧି ପ୍ରାପ୍ତ



କାମାକ୍ଷାନଗର- ପ୍ରଫେସର **ଅଞ୍ଜନ କୁମାର ସାହୁ** ଚଳିତ ମାସ ୫ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଂଜିନିୟରିଂରେ ପିଏଚ୍.ଡ଼ି ହାସଲ କରିଛନ୍ତି। ଶ୍ରୀ ସାହୁ ଚେନ୍ନାଇସ୍ଥ Aalim Muhammad Salegh College of Engineering ଠାରେ ମେକାନିକାଲ ଇଂଜିନିୟରିଂରେ ସହକାରୀ ପ୍ରଫେସର ଭାବେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଶ୍ରୀ ସାହୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ବୁର୍ଲାର ପ୍ରଫେସର ଡ. ପ୍ରଶାନ୍ତ ନନ୍ଦ ଓ ଡ. ନିରଜ ଅଗ୍ରୱାଲଙ୍କ ଦ୍ୱୈତ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ Optimization and performance evaluation of a combined power refrigeration transcriptical ($CO_2$) cycleଟି ଗୁରୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ସାହୁ କାମାକ୍ଷାନଗର ନିବାସୀ ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ସାହୁ ଓ ଲବଙ୍ଗଲତା ସାହୁଙ୍କ ମଧ୍ୟମ ପୁତ୍ର ଏବଂ ଚନ୍ଦନ କୁମାର ସାହୁ, ବରିଷ୍ଠ ଅଧ୍ୟାପକ, ପାରିମାଳ ମହାବିଦ୍ୟାଳୟଙ୍କ କନିଷ୍ଠ ଭ୍ରାତା ଅଟନ୍ତି। ଧ-୬୨୦୬୬

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ସୋହାଲି)

**ଦିବ୍ୟାଂଶୀ ଦାସ**
**ତରାବୋଇ, ଜଟଣୀ, ଖୋର୍ଦ୍ଧା**

ତୃତୀୟ ଜନ୍ମୋତ୍ସବ ଅବସରରେ ସୁସ୍ଥ, ନିରାମୟ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ହସି ହସାଇବୁ କିଣିବୁ ମନ, ଚଲାପଥ ହେବ ଅତି ଉତ୍ତମ। ଜେଜେ- ସୁଧୀର କୁମାର ଦାସ, ବାବା- ପ୍ରଗତି ପ୍ରିୟ ଦାସ, ଜେଜେମାଆ- ଶୋଭାରାଣୀ ଦାସ, ମାମା- କୁନୁମୁନୁ ପଟ୍ଟନାୟକ। ଧ-୬୨୫୪୭


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୨୦୧୯ ପାଇଁ ରାଷ୍ଟ୍ରପତି ପଦକ ଘୋଷଣା

# ଓଡିଶାରୁ ୯ ଜଣ ମନୋନୀତ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

**ପାଇବେ ଅଗ୍ନିଶମ, ହୋମ୍‌ଗାର୍ଡ, ବେସାମରିକ ପ୍ରତିରକ୍ଷା କର୍ମଚାରୀ**

୨୦୧୯ ପାଇଁ ଆସନ୍ତା ସାଧାରଣ ତନ୍ତ୍ର ଦିବସରେ ୮୬ ଜଣଙ୍କୁ ଅଗ୍ନିଶମ ସେବା ପଦକ ପ୍ରଦାନ କରିବା ନିମନ୍ତେ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ଓଡିଶାରୁ ୯ ଜଣଙ୍କୁ ଅଗ୍ନିଶମ, ହୋମଗାର୍ଡ, ବେସାମରିକ ପ୍ରତିରକ୍ଷା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ଓଡିଶାରୁ କୁମରବର ସାମଲ(ଫାୟାରମ୍ୟାନ)ଙ୍କୁ ସାହସିକତା ପାଇଁ ଅଗ୍ନିଶମ ସେବା ପଦକ ଓ ବିଜୟ କୁମାର ମୁଦୁଲି(ଫିଟର ଷ୍ଟେଶନ ଅଫିସର), ଜ୍ୟୋତି ପ୍ରକାଶ ରଥ(ଷ୍ଟେଶନ ଅଫିସର), ଅର୍ଜୁନ ବେହେରା(ଲିଡିଙ୍ଗ ଫାୟାରମ୍ୟାନ) ଏବଂ ସୌମେନ୍ଦ୍ର ନାଥ କାନୁନ୍‌ଗୋ(ଫାୟାରମ୍ୟାନ) ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଗ୍ନିଶମ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ଉଲ୍ଲେଖନୀୟ ସେବା ପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସରେ ରାଷ୍ଟ୍ରପତି ପଦକ ପାଇବାକୁ ଅମୂଲ୍ୟ କୁମାର ସମର୍ଥା(ସିଡି, ଭଲ୍ୟୁଣ୍ଟର) ମନୋନୀତ ହୋଇଥିବା ବେଳେ ପ୍ରଶଂସନୀୟ ସେବା ପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ପଦକ ପାଇବାକୁ ବିମଳ ପ୍ରସାଦ ପାଣି(ସିଡି, ଭଲ୍ୟୁଣ୍ଟର), ପ୍ରକାଶ କୁମାର ଜେନା(ସିଡି, ଭଲ୍ୟୁଣ୍ଟର) ଏବଂ ଅଭିନ୍ନ ମୋହନ ସାମନ୍ତରାୟ (ହୋମଗାର୍ଡ) ମନୋନୀତ ହୋଇଛନ୍ତି। ଏ ନେଇ ଗୁରୁବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ପ୍ରେସ୍ ଇନଫରମେଶନ ବ୍ୟୁରୋ(ପିଆଇବି) ପକ୍ଷରୁ ଜଣାଇ ଦିଆଯାଇଛି।

ରାଷ୍ଟ୍ରପତି ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୫ ଜଣଙ୍କୁ ସାହସିକତା ପାଇଁ ରାଷ୍ଟ୍ରପତି ଅଗ୍ନିସେବା ପଦକ, ୧୪ ଜଣଙ୍କୁ ସାହସିକତା ଅଗ୍ନିଶମ ସେବା ପଦକ, ଉଲ୍ଲେଖନୀୟ ସେବା ପାଇଁ ୭ ଜଣଙ୍କୁ ରାଷ୍ଟ୍ରପତି ଅଗ୍ନିଶମ ସେବା ପଦକ ଏବଂ ୫୦ ଜଣଙ୍କୁ ଅଗ୍ନିଶମ ସେବା ପଦକ ପ୍ରଦାନ କରାଯିବ।

ଏଥିସହିତ ୫୮ ଜଣଙ୍କୁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ପଦକ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ହୋମଗାର୍ଡ ଓ ସିଭିଲ ଡିଫେନ୍ସରେ ପଦକ ଏବଂ ୫୦ ଜଣଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ ପଦକ ପ୍ରଦାନ କରାଯିବ।

## ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲା

# ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ ଗିରଫ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

**କୋଲକାତାରୁ ଗିରଫ କଲା ସିବିଆଇ**


ଶ୍ରୀକାନ୍ତ

ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ମାମଲାରେ ସମ୍ପୃକ୍ତ ଥିବା ବଙ୍ଗଳା ଫିଲ୍ମ ନିର୍ମାଣକାରୀ ସଂସ୍ଥା ଶ୍ରୀ ଭେଙ୍କେଟେଶ ଫିଲ୍ମସ୍‌ର ମୁଖ୍ୟ ଶ୍ରୀକାନ୍ତ ମୋହତା ଗିରଫ ହୋଇଛନ୍ତି। କୋଲକାତାସ୍ଥିତ ସଂସ୍ଥାର କାର୍ଯ୍ୟାଳୟରୁ ସିବିଆଇ ଗୁରୁବାର ତାଙ୍କୁ ଗିରଫ କରିଛି।

ସିବିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଶ୍ରୀକାନ୍ତ ରୋଜଭ୍ୟାଲି ଚିଟଫଣ୍ଡ କମ୍ପାନୀର ମୁଖ୍ୟ ଗୌତମ କୁଣ୍ଡୁଙ୍କଠାରୁ ପ୍ରାୟ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫିଲ୍ମ ନିର୍ମାଣରେ ବିନିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଫେରାଇ ନ ଥିଲେ। ଏପରି କି ବଡ଼ ବଡ଼ ରାଜନେତା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ନେଇ ଟଙ୍କା ନ ଫେରାଇବାକୁ ଧମକ ଦେଇଥିଲେ। ସିବିଆଇ ଦ୍ୱାରା ଗିରଫ ହୋଇଥିବା ରୋଜଭ୍ୟାଲିର ମୁଖ୍ୟ ଗୌତମ କୁଣ୍ଡୁଙ୍କୁ ଜେରା ସମୟରେ ଠକେଇରେ ଶ୍ରୀକାନ୍ତଙ୍କ ସମ୍ପୃକ୍ତି ବିଷୟରେ ତଥ୍ୟ ପ୍ରମାଣ ମିଳିଥିଲା। ଏ ନେଇ ସିବିଆଇ ତରଫରୁ ଶ୍ରୀକାନ୍ତଙ୍କୁ ୩ଥର ସମନ କରାଯାଇଥିଲେ ମଧ୍ୟ ସେ ହାଜର ହୋଇନଥିଲେ। ଗୁରୁବାର ସକାଳେ ସିବିଆଇର ଏକ ୬ ଜଣିଆ ଟିମ ଶ୍ରୀକାନ୍ତଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରେ ଶ୍ରୀକାନ୍ତ ନ ଥିବାବେଳେ ସିବିଆଇ ଟିମ ଯୋଜନା ମୁତାବକ ସାଉଥ କୋଲକାତାସ୍ଥିତ କସବା ଥାନା ଅଞ୍ଚଳରେ ଥିବା ଅଫିସରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ତେବେ ସିବିଆଇ ଅଧିକାରୀମାନଙ୍କୁ ଅଫିସ୍‌ର କର୍ମଚାରୀମାନେ ଭିତରକୁ ନ ଛାଡିବା ସହ ଦୁର୍ବ୍ୟବହାର କରିଥିଲେ। ପରେ ପୋଲିସ ସହାୟତାରେ ସିବିଆଇ ଅଧିକାରୀମାନେ ତାଙ୍କୁ ନିଜ ହେପାଜତକୁ ନେଇଥିଲେ। ସିବିଆଇ ଟିମ ତାଙ୍କ ଘର ଏବଂ ଅଫିସରୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ସେଠାରୁ ତାଙ୍କୁ ସଲ୍ଟଲେକ୍‌ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ଶୁକ୍ରବାର ଶ୍ରୀକାନ୍ତଙ୍କୁ ଭୁବନେଶ୍ୱର ସିବିଆଇ ସିଜେଏମ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ରୋଜଭ୍ୟାଲି ଚିଟଫଣ୍ଡ କମ୍ପାନୀ ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଛି। ଏହି ମାମଲାରେ ପୂର୍ବରୁ ତୃଣମୂଳ କଂଗ୍ରେସର ଏମ୍‌ପି ସନ୍ଦୀପ ବନ୍ଦୋପାଧ୍ୟାୟଙ୍କୁ ଗିରଫ କରାଯାଇଥିଲା।

## ଗୁଣି ସନ୍ଦେହରେ ହତ୍ୟା ମାମଲା

# ୧୪ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

**ରାୟଗଡା ଅଫିସ୍, ୨୪।୧**

ଗୁଣିଗାରେଡିକୁ କେନ୍ଦ୍ରକରି ଏକ ହତ୍ୟା ଘଟଣାର ବିଚାର କରି ଗୁରୁବାର ରାୟଗଡା ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ୧୪ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୭ ନଭେମ୍ବର ୧୮ତାରିଖ ରାତିରେ ଚାଞ୍ଚଡା ଦୁର୍ଗମ ଗ୍ରାମର ଡେକିନା ଓ ତାଙ୍କ ସ୍ତ୍ରୀ ଅନ୍ଧୁରି ଜମି ନିକଟରେ ଥିବା କୁଡ଼ିଆକୁ ଯାଉଥିଲେ। ସେହି ସମୟରେ ଉପରୋକ୍ତ ୧୪ ଜଣ ତାଙ୍କୁ ଅଟକାଇ ଗାଁର ଲୋକଙ୍କୁ ଗୁଣି କରୁଥିବା ଅଭିଯୋଗରେ ଠେଙ୍ଗାବାଡି ଓ ଅନ୍ୟାନ୍ୟ ଅସ୍ତ୍ରରେ ଡେକିନାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ସମସ୍ତେ ମିଳିତ ଭାବେ ଡେକିନିଙ୍କ ମୃତଦେହକୁ ଗାଁ ଶ୍ମଶାନରେ ପୋଡି ଦେଇଥିଲେ। ଏ ନେଇ ପରଦିନ ଅର୍ଥାତ୍ ୧୯ତାରିଖରେ ଡେକିନାଙ୍କ ଭାଇ ପ୍ରଶାନ୍ତ ତାଡିଙ୍ଗୀ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା (କେସ୍ ନମ୍ବର ୫୧/ ୧୭) ରୁଜୁ କରି ଉକ୍ତ ୧୪ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ୧୯ ଜଣ ସାକ୍ଷ୍ୟକୁ ଭିତ୍ତିକରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଯେଉଁ ଜରିମାନା ଆଦାୟ ହେବ ସେଥିରୁ ୨ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ବାବଦରେ ଡେକିନାଙ୍କ ସ୍ତ୍ରୀ ଅନ୍ଧୁରିଙ୍କୁ ପ୍ରଦାନ କରାଯିବ। ଏହି ମାମଲାରେ ସରକାରୀ ଓକିଲ ଭାବେ ମହେଶ୍ୱର ମହାପାତ୍ର ମାମଲା ପରିଚାଳନା କରୁଥିଲେ।


## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଗିରିଧାରୀ ମହାନ୍ତି**
ପ୍ଲଟ- ୧୨୯, ବାପୁଜୀ ନଗର,ଭୁବନେଶ୍ୱର
ଗ୍ରାମ- ବଡ଼ଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା
ତିରୋଧାନ: ୨୧।୦୧।୨୦୧୪
ଆପଣଙ୍କ ସ୍ମୃତି ଆମ ହୃଦୟରେ ସଦାସର୍ବଦା ଜୀବିତ ହୋଇ ରହିଛି। ଏହି ପୁଣ୍ୟ ତିଥିରେ ଆମ୍ଭେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ। ଧ-୬୫୬୦୨


ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରାପଡ଼ାରେ ...

ଅବସରରେ ଆର୍‌ଡିସି ମହେନ୍ଦ୍ର କୁମାର ମଲ୍ଲିକ ଟାଉନ ହାଇସ୍କୁଲ ପଡିଆରେ ପ୍ରାଚୀର ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିଲେ। ବୈଠକରେ ଶକ୍ତି ସଚିବ ହେମନ୍ତ ଶର୍ମା, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲାପରିଷଦ ସଭାପତି ମାନସ କୁମାର ପରିଡ଼ା, ଏସ୍‌ପି ନୀତିଶେଖର, ଏଡିଏମ୍ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଭାଜପା ବରିଷ୍ଠ ନେତା ଭୁବନ ମୋହନ ଜେନାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଉଭୟ ସମ୍ପ୍ରଦାୟର ମୁରବିମାନେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ପଡ଼ିଆଠାରେ ବୁଧବାର ଓଡ଼ିଶାର ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ କେନ୍ଦ୍ରାପଡ଼ା ବନ୍ଦ ଡାକରା ଦିଆଯାଇଥିଲା। ସହର ନିକଟ ରାସ୍ତାଗୁଡ଼ିକର ବିଭିନ୍ନ ସ୍ଥାନରେ ସମିତି ପକ୍ଷରୁ ଟାୟାର ଜାଳି ବିକ୍ଷୋଭ କରାଯାଇଥିଲା। ସେହିପରି ସହର ବାହାରେ ଦଣ୍ଡାମୁଣ୍ଡ ଛକ, ଦୁହୁରିଆ, ସାନ ମଙ୍ଗଳା, ବ୍ଲକ ଛକ, ସାନ୍ତ ସାହି ପୋଲ, ଗରାପୁର, ମହିପାଳ ଆଦି ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ତେବେ ସ୍ଥାନୀୟ ଗରାପୁର କାଳୀ ମନ୍ଦିର, ରଣପଡ଼ା ଛକ, ଗରାପୁରଠାରେ ୧୪୪ଧାରା ଜାରି କରାଯାଇ ନ ଥିବାରୁ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗରାପୁର କାଳୀ ମନ୍ଦିର ଛକରେ ଉଭୟ ପକ୍ଷରୁ ଢ଼େଲା, ପଥର ଓ କାଚ ବୋତଲ ମାଡ଼ କରାଯାଇଥିଲା। ଗରାପୁର ଛକଠାରୁ କାଳୀ ମନ୍ଦିର ଭିତରେ ଥିବା ୨ଟି ଦୋକାନକୁ ବିକ୍ଷୋଭକାରୀମାନେ ପୋଡିଦେବା ସହ ଅନ୍ୟ ଏକ ଦୋକାନ ଭାଙ୍ଗି ଦେଇଥିଲେ। ଏଥିସହ ଗୋଟିଏ ହୋଟେଲ ଉପରକୁ ଟେକା ମାଡ଼ କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ଘଉଡ଼ାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାରେ ଓଏସ୍‌ଏଏଫ୍ ଯବାନ ବିଶ୍ୱଜିତ୍ ସାହୁ କାଚ ବୋତଲ ମାଡ଼ରେ କ୍ଷତାକ୍ତ ହୋଇଥିଲେ। ଏହାପରେ ସହର ମଧ୍ୟରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଏଥିସହିତ ଜିଲା ଓ ଜିଲା ବାହାରୁ ଆସିଥିବା ପୋଲିସ, ଆଇଆର୍‌ବି ଓ ଓଏସ୍‌ଏଫ୍ ଯବାନଙ୍କୁ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥଳରେ ମୁତୟନ କରାଯାଇଥିଲା।

ଏ ସମ୍ପର୍କରେ ଆଇଜି ପ୍ରିୟଦର୍ଶୀ କହିଛନ୍ତି, ସହର ମଧ୍ୟରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସାମାଜିକ ସୁରକ୍ଷା ଦୃଷ୍ଟିରୁ କର୍ଫ୍ୟୁ ଜାରି କରାଯାଇଛି। ଶାନ୍ତି କମିଟି ନିଷ୍ପତ୍ତିକ୍ରମେ ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯିବ। ସହର ମଧ୍ୟରେ ପୋଲିସ ପକ୍ଷରୁ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

## ଜେଲ୍‌ରୁ ଚମ୍ପଟ୍ ...

ଜେଲରେ ପହଞ୍ଚିଥିଲେ। ବୁଝାସୁଝା ପରେ ରାତି ସାଢ଼େ ୯ଟାରେ ଅନଶନକାରୀ କଏଦୀମାନେ ଖାଦ୍ୟ ଗ୍ରହଣ କରିଥିବା ସୂଚନା ମିଳିଛି । ପାଟଣାଗଡ ଜେଲ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ମୁତାବକ ଗୁରୁବାର ସକାଳ ପ୍ରାୟ ୭ଟାରେ ୬କଏଦୀଙ୍କ ସହ ପୁଞ୍ଜିଲାଲ କାରାଗାର ଭିତର ସେଲରୁ ବାହାରି ମୁଖ୍ୟଗେଟ୍ ପର୍ଯ୍ୟନ୍ତ ଚାଲି ଆସିଥିଲେ । ବିଚାରାଧୀନ କଏଦୀମାନେ ମୁଖ୍ୟଗେଟ୍ ପର୍ଯ୍ୟନ୍ତ ଚାଲି ଆସିଥିବା ଦେଖି ୱାର୍ଡେନ ଜେଲ ସାଇରନ୍ ବଜାଇ ଥିଲେ । ଏହାପରେ ଜେଲରେ ମୁତୟନ ସୁରକ୍ଷା ବାହିନୀ ସେଠାକୁ ଆସି ସମସ୍ତଙ୍କୁ କାବୁ କରି ନେଇଥିଲେ। ଘଟଣାସ୍ଥଳରେ କଏଦୀମାନେ ସୁରକ୍ଷା କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ପାଟଣାଗଡ଼ ଥାନାକୁ ତୁରନ୍ତ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ସମ୍ଭାଳି ଥିଲା । ଏ ନେଇ ପାଟଣାଗଡ ଉପକାରାଗାର ଜେଲର ପ୍ରଦୀପ କୁମାର ମହାଲିକ୍‌ଙ୍କୁ ପଚାରିବାରୁ ସବୁଦିନ ଭଳି ଗୁରୁବାର ମଧ୍ୟ ଜେଲ ଅନ୍ତେବାସୀଙ୍କୁ ସକାଳ ନିତ୍ୟକର୍ମ କରିବା ପାଇଁ ଛଡା ଯାଇଥିଲା। ହେଲେ କୌଶଳକ୍ରମେ ୬ଜଣ କଏଦୀ ଓ ପାର୍ଶଲ ବୋମା ବିସ୍ଫୋରଣର ଅଭିଯୁକ୍ତ ପୁଞ୍ଜିଲାଲ କାରାଗାର ଭିତରୁ ମୁଖ୍ୟଗେଟ୍ ପାଖକୁ ଚାଲିଆସିଥିବା ଦେଖାଯାଇଥିଲା । ସେମାନେ ଜେଲରୁ ଖସି ପଳାଇବାକୁ ଉଦ୍ୟମ କରିଥିବା ସନ୍ଦେହ କରାଯାଇଛି । ଏହି ଘଟଣାକୁ ଆଖିଆଗରେ ରଖି ପାଟଣାଗଡ଼ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ପୁଞ୍ଜିଲାଲ ଓ ଅନ୍ୟ ୬ କଏଦୀ ଫେରାର ଉଦ୍ୟମ ଘଟଣା ଓ ଅନ୍ତେବାସୀଙ୍କ ବିଦ୍ରୋହ, ଅନଶନକୁ ନେଇ ଜେଲ କର୍ତ୍ତୃପକ୍ଷ ବିଶେଷ ସୂଚନା ଦେଉ ନ ଥିବାରୁ ଘଟଣା ରହସ୍ୟଜନକ ହୋଇପଡିଛି । ଜେଲ ଭିତରେ କିଛି ସମୟ ପାଇଁ ପାଟଣାଗଡ଼ ଜେଲ ଅଧୀକ୍ଷକଙ୍କୁ ଅନ୍ତେବାସୀମାନେ ଅଟକ ରଖିଥିବା ଖବର ଉପରେ ମଧ୍ୟ ଜେଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଷଷ୍ଠସ୍ଥ ଚନ୍ଦ୍ରଙ୍କ କେନ୍ଦ୍ରରେ ମଙ୍ଗଳ ଆପଣଙ୍କୁ ମର୍ଯ୍ୟାଦାଜନକ ସ୍ଥିତିକୁ ନେଇ ଯାଇପାରେ । ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ କଟାଇବେ । ଅର୍ଥନୈତିକ ଅଭିବୃଦ୍ଧି , କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତା ଦ୍ୱାରା ସାମାଜିକ ଜୀବନ ଉନ୍ନତ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଟେନ୍‌ସନ୍ ସୃଷ୍ଟି କରିବ ।

**ବୃଷ** ଶୁକ୍ରଙ୍କ ପ୍ରତି ରାହୁଙ୍କ ନବମ ଦୃଷ୍ଟି କାର୍ଯ୍ୟବ୍ୟସ୍ତତା ସୃଷ୍ଟି କରି ଭୋଗବିଳାସଠାରୁ ଦୂରେଇ ରଖିବ । ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିପାରେ । ତଥାପି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଯଥାସମ୍ଭବ ଚେଷ୍ଟା କରିପାରନ୍ତି । ନିଜ ପରିସରରେ ଘଟି ଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିମାନଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ ।

**ମିଥୁନ** ଧନ ସ୍ଥାନରେ ରାହୁ ଓ ଧନାଧିପ ଶତ୍ରୁ କ୍ଷେତ୍ରସ୍ଥ ଯୋଗୁ ଅସାବଧାନତା କାରଣରୁ ଧନହାନିର ସୂଚନା ରହିଛି। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଆନୁଷ୍ଠାନିକ କ୍ଷେତ୍ରର କାମକୁ ସମ୍ପନ୍ନ କରିବେ । ଲୋକ ସମ୍ପର୍କ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ । ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ ।

**କର୍କଟ** ଯେକୌଣସି କାମ ଆରମ୍ଭ କରନ୍ତୁନା କାହିଁକି ଚନ୍ଦ୍ରଙ୍କ ଶୁଭ ସଂସ୍ଥିତି ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ । ଅଫିସ୍ କାମରେ କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ । ସାମାଜିକ ସ୍ତରରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି । ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ ।

**ସିଂହ** ରାଶ୍ୟାଧିପତି ଶତ୍ରୁ କ୍ଷେତ୍ରସ୍ଥ ହୋଇ ଷଷ୍ଠସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ । ସରକାରୀ ସ୍ତରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗବେଷଣା, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ । ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ।

**କନ୍ୟା** ରାଶିରେ ଚନ୍ଦ୍ର ରହିଥିବାରୁ କୌଣସି ଜିନିଷ ପାଇବା ପାଇଁ ଚେଷ୍ଟା ଅବ୍ୟାହତ ରଖିବେ । ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ । ଯେଉଁ କାମ ପାଇ ଚିନ୍ତିତ, ସେହି କାମଟି ସାମାନ୍ୟ ବିଳମ୍ବରେ ସମ୍ପନ୍ନ ହେବ । ଆମଦାନୀ କାରବାର, ପରିବହନ, କଚେରି ମାମଲା ବିଶୃଙ୍ଖଳିତ ରହିପାରେ ।

**ତୁଳା** ଆଜିର ବନ୍ଧୁମିଳନରେ ପରିବେଶ ସେତେଟା ଉତ୍ସାହପ୍ରଦ ହୋଇନପାରେ । ପରିବାରରେ କୌଣସି ବୟସ୍କବ୍ୟକ୍ତିଙ୍କ ପ୍ରେରଣା ସ୍ଥଗିତ କାର୍ଯ୍ୟ କରିବା ସକାଶେ ଅନୁପ୍ରେରିତ କରିପାରେ । ଦୀର୍ଘଦିନରୁ ଅଟକି ରହିଥିବା କଚେରି ମାମଲା ମନ୍ଥର ହୋଇପାରେ । ଅଫିସ୍ କାମରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମଗୁଡିକ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ।

**ବିଛା** ଆଜି ଭାଗ୍ୟାଧିପ ଚନ୍ଦ୍ର ଏକାଦଶସ୍ଥ ହେତୁ ଯେଉଁ କାମରେ ହାତଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ । ପାରିବାରିକ ସ୍ତରରେ ଯାହା ହୋଇ ପାରିନାହିଁ, ସେଥିପାଇଁ ଚିନ୍ତା ନ କରି ପ୍ରତିକାର ବ୍ୟବସ୍ଥାକୁ ଗ୍ରହଣ କଲେ ଉପକୃତ ହେବେ । ସାଧାରଣ କଥାକୁ କେନ୍ଦ୍ରକରି ଟିକିଏ ଟିକିଏ କଥାରେ ରାଗି ପରିସ୍ଥିତିକୁ ବିଗାଡ଼ି ଦେଇପାରନ୍ତି ।

**ଧନୁ** ଅଷ୍ଟମାଧିପତି ଚନ୍ଦ୍ର କର୍ମସ୍ଥାନରେ ରହିଥିବାରୁ ଆଜିଦିନଟିରେ ସହଜରେ କାମ ହାସଲ କରିବା କଷ୍ଟକର ହୋଇପାରେ । ଆଲୋଚନା ପରିସରରେ ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ । ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚର ଏକାଧିକ ଦିଗ ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ମକର** ଶୁକ୍ର ଏକାଦଶ ସ୍ଥାନରେ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜ କାମ ହାସଲ କରିପାରିବେ । ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ପାଖ, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ । ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ । ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ।

**କୁମ୍ଭ** ପ୍ରତ୍ୟେକ ପ୍ରକାରର ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରାଇ ନେଇପାରନ୍ତି । ପାରସ୍ପରିକ ସହଯୋଗ କାରଣରୁ ପାରିବାରିକ କ୍ଷେତ୍ର କେତେକାଂଶରେ ଭଲ ରହିବ । ଦ୍ୱିତୀୟ ସ୍ଥାନରେ ମଙ୍ଗଳ ରହିଥିବାରୁ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ । ଶନିଙ୍କ ରାଶି ପ୍ରତି ଦୃଷ୍ଟି ସ୍ୱାସ୍ଥ୍ୟୋନ୍ନତି ଘଟାଇପାରେ ।

**ମୀନ** ଆଜିର ଯାତ୍ରାରେ ଲକ୍ଷ୍ୟହାସଲ କରିବା ସହ ବନ୍ଧୁମାନଙ୍କ ଶ୍ରଦ୍ଧାଭାଜନ ହେବେ । ଅନ୍ୟମନସ୍କ ଓ ତରବରିଆ କାମ ହେତୁ ସାଙ୍ଗରେ ନେବା ଜିନିଷକୁ ଭୁଲି ଯାଇ ପାରନ୍ତି । ଋଣ ପରିଶୋଧ ହୋଇନଥିବା କାରଣରୁ ବ୍ୟସ୍ତତା ବଢିଯାଇପାରେ । ଅଧ୍ୟୟନ, ଲେଖାପଢା, ଆନୁଷ୍ଠାନିକ କାମ ଓ ଆଲୋଚନାରେ ନିର୍ଯ୍ୟାସ ସ୍ତରକୁ ଉପନୀତ ହୋଇପାରିବେ ନାହିଁ ।

ଆଜି ମାଘ କୃଷ୍ଣ ୫ମୀ ଶୁକ୍ରବାର, ଜାନୁୟାରୀ ୨୫ ତାରିଖ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହ ପ୍ରବେଶ, ସକାଳ ଘ୭।୫୨ମି. ମଧ୍ୟେ, ଘ୪।୦୯ମି. ଗତେ ଘ୫।୩୨ମି. ମଧ୍ୟେ ଅମୃତ ବେଳା । ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୪ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୩୭ମି. ଗତେ ଘ୧୧।୫୯ମି. ମଧ୍ୟେ ରାହୁ କାଳ ।

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
- ପ୍ରଜାପିତା ବ୍ରହ୍ମାକୁମାରୀ

## ସଂକ୍ଷେପରେ

### ପୋଲିସ ନିଷ୍କ୍ରିୟ, ଅଭିଯୁକ୍ତ ଦେଉଛନ୍ତି ଧମକ

ଡିଜିପିଙ୍କୁ ଭେଟିଲେ ବଳାତ୍କାର ପୀଡ଼ିତା

**କଟକ ଅଫିସ, ୨୪ା୧:** ନୟାଗଡ ଜିଲା ଖଣ୍ଡପଡା ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତା ନାବାଳିକା ଗୁରୁବାର ପୋଲିସ ଡିଜିଙ୍କୁ ଭେଟି ନ୍ୟାୟ ଓ ସୁରକ୍ଷା ମାଗିଛନ୍ତି। ଏଥିସହ ଖଣ୍ଡପଡ଼ା ପୋଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ସିଂହପଡା ଅଞ୍ଚଳର ଶ୍ରୀଧର ନାୟକଙ୍କ ନାଁରେ ଏକ ମାମଲା (କେସ ନମ୍ବର ୧୫/୧୯) ରୁଜୁ କରିଥିଲା। ମାତ୍ର ମାମଲାର ୭ ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପୋଲିସର ନିଷ୍କ୍ରିୟତା ଯୋଗୁ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କେସ୍ ଉଠାଇଦେବା ପାଇଁ ତାଙ୍କ ଘର ଲୋକଙ୍କ ଉପରେ ଚାପ ପକାଯାଉଛି। ଏପରିକି କେସ୍ ଉଠାଇବା ପାଇଁ ୫ ଲକ୍ଷ ଟଙ୍କା ନିଅ, ନଚେତ ବଳାତ୍କାର ସମୟର ଭିଡିଓକୁ ଭାଇରାଲ କରିବାକୁ ଧମକ ଦିଆଯାଉଛି। ଏଭଳି ଧମକ ପରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଘର ଛାଡ଼ି ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଗୁରୁବାର ଭାରତୀୟ ଜନତା ଯୁବ ମୋର୍ଚ୍ଚା ବାଇମୁଣ୍ଡି ମଣ୍ଡଳର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ସାଙ୍ଗରେ ଧରି ଡିଜିପିଙ୍କ ସହ ସାକ୍ଷାତ କରାଇବା ସହ ତାଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ଦେବାଶିଷ ଘୋଷ, ସାର୍ଥକ ରାୟ, ଅୟେସକାନ୍ତ କାନୁନ୍‌ଗୋ ଓ ଶ୍ରୀନିବାସ ମହାନ୍ତି ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଅଗାମୀ ଦିନରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

■ବଲାଙ୍ଗୀର ଆଞ୍ଚଳିକ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ସେବା ହିଁ ହେଉ ପରିଚୟ

**ବଲାଙ୍ଗୀର ଅଫିସ, ୨୪ା୧**

ଗୁରୁବାର ବଲାଙ୍ଗୀରରେ ଆୟୋଜିତ ଆଞ୍ଚଳିକ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀର ସହସ୍ରାଧିକ ଯୁବତୀ, ଯୁବକଙ୍କୁ ଅଭିମନ୍ତ୍ରିତ କରିଛନ୍ତି। ସେବା ହିଁ ହେଉ ଆପଣମାନଙ୍କ ପରିଚୟ ବୋଲି ସେ ଆହ୍ୱାନ କରିଛନ୍ତି । ଆପଣମାନେ ସେବା ଓ ମାନବିକତାକୁ ଧର୍ମ ବୋଲି କରିଛନ୍ତି । ସେବା ପାଇଁ ତ୍ୟାଗ ଓ ସଙ୍କଳ୍ପ ଦରକାର । ସେବାର ବିକଳ୍ପ ନାହିଁ । ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ମଧୁବାବୁ ଓ ବିଜୁବାବୁ ଭଳି ଯୁଗପୁରୁଷମାନଙ୍କୁ ଆପଣମାନେ ଭଲ ଭାବେ ଜାଣନ୍ତି । ସେବା ହିଁ ସେମାନଙ୍କୁ ମହାନ୍ କରିଛି । ସେମାନେ ସାରା ଜୀବନ ମାନବର ସେବା କରିଥିଲେ । ସେବା ହିଁ ସେମାନଙ୍କୁ ଅମର କରି ରଖିଛି । ମୃତ୍ୟୁ ପରେ ବି ସେମାନେ କୋଟି କୋଟି ମଣିଷର ହୃଦୟରେ ଜୀବିତ ଅଛନ୍ତି । ମୁଁ ଚାହେଁ ସେବା ହିଁ ହେଉ ଆପଣମାନଙ୍କ ପରିଚୟ, ଏ ମାଟିର ପରିଚୟ । ସେବା ହିଁ ଓଡିଆ ଜାତିକୁ ମହାନ୍ କରିବ ବୋଲି ମୁଖ୍ୟମନ୍ତ୍ରୀ କହି ଯୁବ ସମାଜକୁ ସେବାମନସ୍କ ହେବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ରାଜ୍ୟ ସରକାର ସକାରାତ୍ମକ ଭାବେ ଚିନ୍ତା କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ ।

ବଲାଙ୍ଗୀର ରାଜେନ୍ଦ୍ର କଲେଜ ପଡ଼ିଆରେ ଆୟୋଜିତ ଏହି ସମାବେଶରେ ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ଜିଲାର ସହସ୍ରାଧିକ ବିଜୁ ଯୁବବାହିନୀ ସଦସ୍ୟ ଯୋଗ ଦେଇଥିଲେ । ସମାବେଶରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସହ ରାଜ୍ୟ ବିଜୁ ଯୁବବାହିନୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀ ବଲାଙ୍ଗୀରର ତୃପ୍ତାମୟୀ ଷାଣ୍ଢ, ସଞ୍ଜୀବ କୁମାର ସାହୁ,

### ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ସରକାର ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି



ବିଜୁ ଯୁବବାହିନୀ ସମାବେଶରେ ଯୋଗଦେଇଥିବା ଯୁବବର୍ଗ ।

କଳାହାଣ୍ଡିର ଗୋପାଳକୃଷ୍ଣ ଚନ୍ଦନ, ରୀନା ସାହୁ, ସୁବର୍ଣ୍ଣପୁରର ଦେବାଶିଷ ପଟ୍ଟନାୟକ, ଚପଳ ତାଣ୍ଡି, ନୂଆପଡାର ଚାନ୍ଦକୁମାର ସାହୁ ଓ ଅଜୟ କୁମାର ଗହୀର ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଁ ହିରୋ ବିବେଚିତ ବଲାଙ୍ଗୀର ଜିଲାର ଲେଖାରାମ ଭୋଇ, କାହ୍ନୁ ମେହେର, ପ୍ରିୟବ୍ରତ ଛତ୍ରିଆ, ଶାଶ୍ୱତ ରଞ୍ଜନ ଯୋଶୀ, ହ୍ୟୁମାନ୍ ସାଗର, ନୂଆପଡାର ସୁନ୍ଦର୍ଯ୍ୟା ପଧାନ, ପ୍ରାଚୁର୍ଯ୍ୟ ପ୍ରଧାନ, ନୀତେଶ ମାଝି, ନିଶିକାନ୍ତ ବିଶି, ଡମ୍ବରୁଧର ମେହେର, ସୁବର୍ଣ୍ଣପୁର ଜିଲାର ଜଗନ୍ନାଥ ସୁନା, ପ୍ରଭାତି ବାରିକ, ମନୋଜ କୁମାର ନାଏକ, ନୀଳମଣି ସାହୁ, ଶ୍ରୁତିଛନ୍ଦା ବିଦ୍ୟାଧର, କଳାହାଣ୍ଡିର ସତ୍ୟପ୍ରିୟ ପଧାନ, ରଞ୍ଜିତା ମାଝି, ବିଶ୍ୱଜିତ ମହାପାତ୍ର, ସୁଶୀଳ ବାଗ ଓ ରମେଶ ମହାରଣାଙ୍କ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବଲାଙ୍ଗୀର ଜିଲାର ଝଲପ ଓ ତଲିଉଡାର ବିଜୁ ଯୁବବାହିନୀ, ନୂଆପଡା ଜିଲା କେରମେଲି, ମିଛାପାଲି, ବାଦୀ ଗାଁର ବିଜୁ ଯୁବବାହିନୀ, ସୁବର୍ଣ୍ଣପୁର ଜିଲା କମିରା, ବଡଭଇଁରୋ ଯୁବବାହିନୀ ଓ କଳାହାଣ୍ଡି ଜିଲା ଫରଙ୍ଗ ଯୁବବାହିନୀକୁ ଶ୍ରେଷ୍ଠ ଯୁବବାହିନୀ ଭାବେ ପୁରସ୍କୃତ କରିଥିଲେ । ଏହି ଅବସରରେ ବଲାଙ୍ଗୀର ଜିଲାର ୨୬୨ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହ ବିଜୁ ଯୁବବାହିନୀ ସ୍ମରଣିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ । ସଭା ପ୍ରାରମ୍ଭରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିଲେ। ସଭାରେ ନିଶାକୁ ନାଁ, ସବୁଜ ବନାନୀ, ମୁଁ ହିରୋ, ଓଡିଶା ହିକ ଇଣ୍ଡିଆ କାର୍ଯ୍ୟକ୍ରମର ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ମଞ୍ଚାସୀନ ଯୁବବାହିନୀ ସ୍ୱେଚ୍ଛାସେବୀମାନେ ନିଜ ଅଭିଜ୍ଞତା ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ସଭା ପରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଅଭିମୁଖେ ଯାଇଥିଲେ ।

■ ମନ କୀ ବାତ୍‌ରେ ‘ପରୀକ୍ଷା ପେ ଚର୍ଚ୍ଚା’

## ନବରଙ୍ଗପୁର ଛାତ୍ରୀ ମନସୁନଙ୍କ ପ୍ରଶ୍ନର ଉତ୍ତର ଦେବେ ପ୍ରଧାନମନ୍ତ୍ରୀ

**ନବରଙ୍ଗପୁର ୨୪ା୧(ବି.ପ୍ର)**

ଆସନ୍ତା ୨୯ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍‌ରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ପାଇଁ ନବରଙ୍ଗପୁର ଜିଲାର ଛାତ୍ରୀ ମନସୁନ ନାୟକଙ୍କ ଏକ ପ୍ରଶ୍ନ ମନୋନୀତ ହୋଇଛି। ମନସୁନ ହେଉଛନ୍ତି । ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ। ଦିବ୍ୟାଙ୍ଗଙ୍କୁ ଭିନ୍ନ ଅକ୍ଷମ ବୋଲି କାହିଁକି ବିବେଚନା କରାଯାଉଛି ବୋଲି ମନସୁନ ପଚାରିଥିବା ପ୍ରଶ୍ନର ଉତ୍ତର ଭିଡିଓ କନଫରେନ୍ସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ଦେବେ । ମନସୁନଙ୍କ ବାପା ଅଭୟ ଚରଣ ନାୟକ ଉମରକୋଟ ସ୍ଥିତ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ମାଆ ମମତା ବରାଳ ଝରିଗାଁ ବ୍ଲକ ଧୋଡ୍ରା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫନର୍ସ ଭାବେ କାର୍ଯ୍ୟରତ । ମନସୁନଙ୍କ ଭାଇ ଅବିନାଶ ୨୦୧୮ରେ ଶିକ୍ଷା ବର୍ଷରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ନବରଙ୍ଗପୁର ଜିଲାର ଗୌରବ ଆଣିଥିଲେ। ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ମନସୁନ ମନୋନୀତ ହୋଇଥିବାରୁ ପ୍ରିନ୍ସପାଲ ଚିନ୍ତାମଣି ଦ୍ୱିବେଦୀ ଖୁସି ପ୍ରକଟ କରିବା ସହ ବିଦ୍ୟାଳୟ ପାଇଁ ଗୌରବ ବୋଲି କହିଛନ୍ତି।



ମନସୁନ ନାୟକ

CELEBRATING THE LAYING & UNVEILING OF FOUNDATION STONE!
VEDANTA PATHOLOGY & DIAGNOSTIC CENTRE, JHARSUGUDA
A FIRST OF ITS KIND STATE OF THE ART DIAGNOSTIC FACILITY



KEY FACILITIES INCLUDE
Radiology, Mammography, Vision, X-Ray, Dental, Audiometry, ECG/PFT/TMT, Gynecology & Pharmacy

WE THANK THE PEOPLE OF ODISHA FOR THEIR KIND ASSOCIATION AND UNFALTERING SUPPORT DURING OUR DECADE LONG JOURNEY IN THE STATE, AND HUMBLY DEDICATE THE VEDANTA PATHOLOGY & DIAGNOSTIC CENTRE TO THEM.

PRODUCING ODISHA'S ALUMINIUM WITH PRIDE, SINCE 2008



vedanta transforming elements

■ ସମୁଦ୍ରରେ ଦୁଇ ଜାହାଜ ଜଳିଯିବା ଘଟଣା

## ସମ୍ବଲପୁର ଯୁବକ ଏବେ ବି ନିଖୋଜ

**ସମ୍ବଲପୁର,୨୪ା୧(ବ୍ୟୁରୋ)**

କ୍ରିମିଆ ଉପଦ୍ୱୀପ ଓ ରୁଷିଆ ମଧ୍ୟରେ କୃଷ୍ଣ ସାଗର ଓ ଆଜୋଭ ସାଗରକୁ ସଂଯୋଗ କରୁଥିବା କର୍ଚ ପ୍ରଣାଳୀ ନିକଟରେ ସୋମବାର ୨ ଜାହାଜ ମଧ୍ୟରେ ଦୁର୍ଘଟଣା ଘଟି ଜଳି ଯାଇଛି। ଇନ୍ଧନ ଅଦଳ ବଦଳ କରୁଥିବାବେଳେ ତାଞ୍ଜାନିଆର କାଣ୍ଡି ଓ ମାଇଷ୍ଟ୍ରୋ ନାମକ ଦୁଇଟି ଜାହାଜ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ୩୨ ଜଣ ନାବିକ ଥିଲେ। ସେଥିରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କ ଖୋଜ ଖବର ମିଳିପାରିନାହିଁ। ଅନ୍ୟପକ୍ଷେ ଏଥିରେ କେତେକ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ଜାହାଜରେ ୨ ଜଣ ଓଡିଆ କାମ କରୁଥିଲେ । ସେମାନେ ହେଲେ ସିଦ୍ଧାର୍ଥ ମେହେର (୨୫) ଓ ଦେବରାଜ ପାଣିଗ୍ରାହୀ (ରାଜା) । ଦେବରାଜଙ୍କ ସମ୍ପୂର୍ଣ୍ଣ ଠିକଣା ତଥା ପରିଚୟ ମିଳିନି। ସିଦ୍ଧାର୍ଥଙ୍କ ଘର ବରଗଡ ଜିଲା କାଦୋବାହାଲରେ। ନାରାୟଣ ମେହେର ଓ ଗୀତାଞ୍ଜଳି ମେହେରଙ୍କ ସେ ଏକ ମାତ୍ର ପୁଅ । ନାରାୟଣ ପିପିଏଲ ଆଞ୍ଚଳିକ ପ୍ରବନ୍ଧକ ଭାବେ କାମ କରନ୍ତି। ସମ୍ବଲପୁର ସହରରେ ଏକ ଫ୍ଲାଟ ନେଇ ସେ ସ୍ତ୍ରୀଙ୍କ ସହ ରହୁଛନ୍ତି । ଜାହାଜ ଦୁର୍ଘଟଣା ସମ୍ପର୍କରେ ଖବର ପାଇଥିଲେ ବି ୩ ଦିନ ହେଲା ପୁଅର ଖବର ପାଇ ନାହାନ୍ତି । ଏଣୁ ଆଶା ଆଶଙ୍କାରେ ମେହେର ଦମ୍ପତି ଓ ତାଙ୍କ ସମ୍ପର୍କୀୟମାନେ ରହିଛନ୍ତି । ନାରାୟଣ କହିଛନ୍ତି, ପୁଅ ଯେଉଁ କମ୍ପାନୀରେ କାମ କରନ୍ତି ସେ ଉକ୍ତ କମ୍ପାନୀ ସହିତ ଯୋଗାଯୋଗରେ ରହିଛନ୍ତି। ହେଲେ ଉଦ୍ଧାର କାର୍ଯ୍ୟ ଚାଲିଥିବା କମ୍ପାନୀ କର୍ତ୍ତୃପକ୍ଷ କହୁଛନ୍ତି । ସୂଚନାଯୋଗ୍ୟ, ଚେନ୍ନାଇରେ ପାଠ ପଢା ସାରି ସିଦ୍ଧାର୍ଥ ଗତ ବର୍ଷ ଏପ୍ରିଲ ମାସରେ ଉକ୍ତ କମ୍ପାନୀରେ ଯୋଗ ଦେଇଥିଲେ । ବର୍ଷେ କାମ କରିବାକୁ ଚୁକ୍ତି କରିଥିଲେ। ୧୦ ମାସ କାମ କରିଥିଲେ ।



ସିଦ୍ଧାର୍ଥ ମେହେର

■ ୩୨ରୁ ୧୪ ଜଣଙ୍କ ମୃତ୍ୟୁ ସୂଚନା
■ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି
■ ଭାରତୀୟଙ୍କ ଭିତରେ ୨ ଓଡ଼ିଆ

## ଆଜି ଆସୁଛନ୍ତି ରାହୁଲ

**ଭୁବନେଶ୍ୱର,୨୪ା୧(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଦୀର୍ଘ ସାଢ଼େ ୩ବର୍ଷ ପରେ ରାହୁଲ ଆସି ଓଡ଼ିଶାରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ଏହାକୁ ନେଇ ଦଳୀୟ ମହଲରେ ଉତ୍ସାହ ଭରିଯାଇଛି। ଏପରି କି କଂଗ୍ରେସ ଭବନକୁ ମଧ୍ୟ ସୁନ୍ଦରଭାବେ ସଜାଇବାରେ ରାଜ୍ୟ ନେତୃବୃନ୍ଦ ଲାଗିପଡିଛନ୍ତି। ତେବେ ୨୦୧୪ ସାଧାରଣ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡ଼ିଶା ଆସିଚାଲିଛନ୍ତି। ଏପରି କି ରାଜ୍ୟରେ ଭାଜପାକୁ ଶକ୍ତିଶାଳୀ କରିବା ପାଇଁ ଏକାଧିକ ରଣନୀତି ମଧ୍ୟ କରିଛନ୍ତି। ଏହା ମଧ୍ୟରେ କଂଗ୍ରେସର ବହୁ ବରିଷ୍ଠ ନେତା, ବିଧାୟକ ଦଳ ଛାଡି ବିଜେଡି ଓ ଭାଜପାକୁ ଚାଲିଯାଇଛନ୍ତି। ଖୁବ୍‌ଶୀଘ୍ର ଆଉ କେତେକ ବିଧାୟକ ଦଳ ଛାଡିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ଏପରିସ୍ଥିତିରେ ରାହୁଲ ଓଡ଼ିଶା ଆସି କେତେ ମାତ୍ରାରେ ଦଳର ସଙ୍ଗଠନକୁ ସଜାଡିପାରିବେ ତା’ଉପରେ ସଭିଙ୍କ ନଜର ରହିଛି। ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ରାହୁଲ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାବେଳେ ସାଧାରଣ ସଭାରେ ସେ କ’ଣ କହିବେ ତାକୁ ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା ଲାଗିରହିଛି।

## କାଳିଆ ଯୋଜନାକୁ ନେଇ ହାଇକୋର୍ଟରେ ମାମଲା

■ତିନି ସଚିବଙ୍କୁ ପକ୍ଷଭୁକ୍ତ, ସରକାରଙ୍କୁ ନୋଟିସ

**କଟକ ଅଫିସ, ୨୪ା୧**

ହାଇକୋର୍ଟରେ ପହଞ୍ଚିଛି ସରକାରଙ୍କ ‘କାଳିଆ ଯୋଜନା’। ଯୋଜନାର ସାମ୍ବିଧାନିକ ବୈଧତାକୁ ନେଇ ସାମାଜିକ କର୍ମୀ ସୁବାସ ମହାପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, କୃଷି ସଚିବ, ଅର୍ଥ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ କୋର୍ଟ ଗ୍ରହଣ କରିବା ସହିତ ଏହାର ପ୍ରାଥମିକ ଶୁଣାଣି କରି ସରକାରଙ୍କୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହେଉଛି। ଆଉ ଦୁଇଦିନ ପରେ ଅର୍ଥାତ ଆସନ୍ତା ୨୬ରେ ରାଜ୍ୟ ସରକାର କାଳିଆ ଯୋଜନାରେ ହିତାଧିକାରୀଙ୍କୁ ପ୍ରଥମ ଦଫାରେ ସହାୟତା ରାଶି ବଣ୍ଟନ କରିଥାନ୍ତେ। ମାତ୍ର ଏହା ପୂର୍ବରୁ ଯୋଜନାକୁ ନେଇ ମାମଲା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।ଆବେଦନକାରୀ ମହାପାତ୍ର ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ସରକାର ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ଏ ବାବଦରେ ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଅଣସାମ୍ବିଧାନିକ। ସମ୍ବିଧାନର ଅନୁଚ୍ଛେଦ ୨୬୭ ଏବଂ ଓଡ଼ିଶା କଣ୍ଟିଜେନ୍ସି ଫଣ୍ଡ୍ ଆଇନର ଏହା ବିରୁଦ୍ଧାଚରଣ କରୁଛି। ରାଜ୍ୟରେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ଆପତକାଳୀନ ପରିସ୍ଥିତି ସୃଷ୍ଟି ହେଉଛି। କିନ୍ତୁ ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଜରୁରିକାଳୀନ ପାଣ୍ଠିରେ ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ତେଣୁ ଯୋଜନାକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ତାଙ୍କ ପିଟିଶନରେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ସୂଚନାଥାଉ କି, ରାଜ୍ୟ ସରକାର କାଳିଆ ଯୋଜନା ପାଇଁ ୧୦,୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗତ ମାସରେ ଅନୁଷ୍ଠିତ କ୍ୟାବିନେଟ ଏହାକୁ ମଞ୍ଜୁର କରିଛି। ଏହି ଯୋଜନାରେ କୃଷକମାନଙ୍କ ଜୀବନଧାରଣ ମାନ ବଢିବା ସହିତ ସେମାନଙ୍କ ଆର୍ଥିକ ଉନ୍ନତି ଘଟିବ ବୋଲି ସରକାର କହୁଛନ୍ତି। ତେବେ ଏହି ଯୋଜନାରେ ସରକାର ଜରୁରିକାଳୀନ ପାଣ୍ଠିରୁ ୭୩୪.୬୬ କୋଟି ଟଙ୍କା ଉଠାଇଥିବା ନେଇ ବିବାଦ ଉପୁଜିଛି।

ଏପରି ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ



ପ୍ଲେ-ୱିନ୍ କ୍ୟାପସୁଲ
ଏକ୍‌ଷ୍ଟ୍ରା ଟାଇମିଂ ପାଇଁ
HELPLINE : 09323567844
www.playwincapsule.com
SS : Mahendra Pharma / Orissa Drug Distributors
ଜୋଶ, ଶକ୍ତି, ଏକ୍‌ଷ୍ଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

CLASSIFIED DISPLAY

LCD, LED TRAINING SEMINAR
Bhubaneswar panthanivas
15-16-17 FEBRUARY
ZAHEER KHAN
WITH TEAM MUMBAI
Topics:-
- LCD, LED Panel working Principle
- Power Supply PFC working, Led drive Protection
- Theory and Backlight repair technique
- Motherboard t-con board advanced theory and practical
- COF details and bypass method
- What is Serial print information and its usage
- LVDS mapping and matching technique
- Universal board installation practical
- All brand Exclusive Repair tips and tricks
- Panel internal short rectification technique
- VGL and VGH odd and even bypass method.
ZAHEER KHAN, YUNUS KHAN, PARVEEN KUMAR
SOFTWARE FREE
Training with full practical
fee-7000 with Lunch and Tea
fee-9000 with accommodation
Contact:
ASHOK KUMAR SAHOO
Ph: 9776351846



MOLES & WARTS REMOVAL
BEFORE
AFTER
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK
FOR ALL YOUR QUERIES : 9238008828

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ ସମାଧାନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ବାସ୍ ଦୁଃଖ ଏବେ ଆଉ ନୁହେଁ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ବାବା ଆଲାଉଦ୍ଦିନ ବଙ୍ଗାଲି
9654724520
9990987786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable

ଜୟ ସାଇ ରାମ
ବାବା ଜାହିର ଖାନ୍
7557475200 7065574718

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ।
-ଶ୍ରୀଅରବିନ୍ଦ

# ଅମ୍ବାନୀଙ୍କୁ ଫାଇଦା

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ତଥା ଭାରତର ସବୁଠାରୁ ଧନୀ ମୁକେଶ ଅମ୍ବାନୀ ଗତ ସପ୍ତାହରେ ସର୍ବସାଧାରଣରେ ଘୋଷଣା କରିଛନ୍ତି ଯେ, ସେ ଭାରତରେ ଏକ ନୂଆ ଇ-କମର୍ସ ଉଦ୍ୟୋଗ ଆରମ୍ଭ କରିବେ। ତାଙ୍କର ଏହି ନିଷ୍ପତ୍ତି ଅପ୍ରତ୍ୟାଶିତ ବୋଲି ଭାବିବା ଉଚିତ ନୁହେଁ। କାରଣ ଦୀର୍ଘଦିନ ହେଲା ତାଙ୍କର ଏଭଳି ଯୋଜନା ଅନୁଯାୟୀ କାର୍ଯ୍ୟ ଚାଲିଛି। ଅମ୍ବାନୀ ଜିଓ ସେବା ଲାଗି ଯେଉଁ ୨.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିଛନ୍ତି, ତାହା ବିନା କାରଣରେ କରିନାହାନ୍ତି। ତେବେ ପ୍ରତି ଗ୍ରାହକ ପିଛା ସେ ଏବେ ମାସିକ ହାରାହାରି ମାତ୍ର ୧୪୦ ଟଙ୍କା ପାଉଛନ୍ତି। ଲାଭ ଅର୍ଜନ ଦୂରେ ଥାଉ, ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଭାରତୀୟ ଟେଲିକମ୍ ବଜାରରେ ଅମ୍ବାନୀ ଏତେ ବିପୁଳ ପରିମାଣର ପୁଞ୍ଜିନିବେଶ କରି କିପରି ତା'ର ମୂଳ ଆଦାୟ କରିବେ? ସେ ଆଗତୁରା ଜିଓରେ ଯେଉଁ ବିଶାଳ ପୁଞ୍ଜିନିବେଶ କରିଛନ୍ତି, ତା'ର ମୂଳରେ ଥିଲା ଏଇ ନେଟ୍‌ୱର୍କକୁ ଭିତ୍ତିକରି ତାଙ୍କର ଭବିଷ୍ୟତର ଇ-କମର୍ସ ଉଦ୍ୟୋଗକୁ ସଫଳ କରିବା। ଜିଓର ସର୍ବବ୍ୟାପକତା ଏବଂ ଦେଶରେ ଡାଟା ମୂଲ୍ୟ ହ୍ରାସ କରି ଏହା ଆରମ୍ଭ କରିଥିବା ଆନ୍ଦୋଳନ ରିଲାଏନ୍ସର ଇ-ବାଣିଜ୍ୟରେ ସହାୟକ ହେବ। ତା'ଛଡ଼ା କେନ୍ଦ୍ର ସରକାର ଯେଉଁ ଚିଠା ଇ-କମର୍ସ ନୀତି ପ୍ରଣୟନ କରିଛନ୍ତି, ତାହା ଉଦ୍ଦେଶ୍ୟମୂଳକ ଭାବେ ଇ-କମର୍ସ କ୍ଷେତ୍ରରେ ବିଦେଶୀ କମ୍ପାନୀଙ୍କ ପ୍ରାଦୁର୍ଭାବରୁ ଭାରତୀୟ କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବା ପାଇଁ କରାଯାଇଛି। ଏହା ମଧ୍ୟ ଅମ୍ବାନୀଙ୍କ ଉଦ୍ଦେଶ୍ୟ ସାଧନରେ ସହାୟକ ହେବ। ଯେମିତି ରିଲାଏନ୍ସ ଏ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ହୋଇଛି, କେନ୍ଦ୍ର ସରକାର ଇ-କମର୍ସ ନୀତିରେ ପରିବର୍ତ୍ତନ କରି ଆମାଜନ ଓ ୱାଲମାର୍ଟ-ଫ୍ଲିପ୍‌କାର୍ଟ ପରି ବିଦେଶୀ କମ୍ପାନୀଙ୍କ ପାଇଁ ସ୍ଥିତି ଅଧିକ ଦୁର୍ବହ କରିଦେଲେ। ଉକ୍ତ ନୂଆ ନୀତି ଆସନ୍ତା ଫେବୃୟାରୀ ପହିଲାରୁ କାର୍ଯ୍ୟକାରୀ ହେବ। ନୂଆ ମାନଦଣ୍ଡରେ ଦୁଇଟି ମୌଳିକ ପରିବର୍ତ୍ତନ କରାଯାଇଛି। ସେହି ଅନୁଯାୟୀ ଏଫ୍‌ଡିଆଇ ପାଣ୍ଠିରେ ଚାଲୁଥିବା ମାର୍କେଟ୍‌ପ୍ଲେସ୍‌ଗୁଡ଼ିକ କେବଳ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମ ରୂପେ କାର୍ଯ୍ୟ କରିବ, ଯେଉଁଥିରେ ସ୍ୱାଧୀନ କ୍ରେତା ଓ ବିକ୍ରେତାମାନେ କିଣାବିକା କରିପାରିବେ। ସେମାନେ ସବୁପ୍ରକାର ଜିନିଷ ରଖିପାରିବେ ନାହିଁ, କିଣାବିକା କରିପାରିବେ ନାହିଁ କି ତାକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଦ୍ୱିତୀୟରେ ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକ ଏକଚାଟିଆ ପଣ୍ୟଦ୍ରବ୍ୟ କାରବାର କରିପାରିବେ ନାହିଁ। ଏହି ନୂଆ ନିୟମ କାର୍ଯ୍ୟକାରୀ ହେଲେ ଜେଫ୍ ବେଜୋଙ୍କ ଆମାଜନ, ୱାଲ୍‌ଟନଙ୍କ ୱାଲ୍‌ମାର୍ଟ ଇଙ୍କ୍ ଏବଂ ଆଲିବାବା ଗ୍ରୁପ୍ ହୋଲ୍‌ଡିଂ ଲିମିଟେଡ୍‌ର ପେଟିଏମ୍ ମଲ୍‌କୁ ମୂଲ୍ୟ ଦେବାକୁ ପଡ଼ିବ।

## ଆଜିର ଅର୍ଥନୀତି

ଗତବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବିଦେଶୀ ଫିନ୍‌ଟେକ୍ (ଆର୍ଥିକ ଓ ପ୍ରଯୁକ୍ତି-ଭିତ୍ତିକ) କମ୍ପାନୀଗୁଡ଼ିକ ପାଇଁ ଡାଟା ଲୋକାଲାଇଜେଶନ ନିୟମ ପ୍ରବର୍ତ୍ତନ କରିଥିଲା। ଫଳରେ ସେମାନଙ୍କ ପାଇଁ ଭାରତୀୟ ଡାଟା ଭାରତରେ ହିଁ ସାଇତି ରଖିବା ବାଧ୍ୟତାମୂଳକ ହୋଇଥିଲା। ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ନ୍ୟାୟସଙ୍ଗତ ଉଦ୍ଦେଶ୍ୟ ପାଇଁ ବ୍ୟକ୍ତିଗତ ତଥ୍ୟ ବ୍ୟବହାରକୁ କିପରି ସୀମିତ କରାଯାଇପାରିବ, ସେ ନେଇ ଏକ ବିଶେଷଜ୍ଞ ଦଳର ପରାମର୍ଶ ମଗାଯାଇଥିଲା। ଡାଟା ସଂରକ୍ଷଣର ସ୍ଥାନୀୟକରଣର ଏହି ନିୟମ ପ୍ରଣୟନ ଲାଗି ଆର୍‌ବିଆଇକୁ ନିଶ୍ଚୟ କେନ୍ଦ୍ର ସରକାର ସମ୍ମତି ଦେଇଥିବେ, ଯାହା କେନ୍ଦ୍ର ସରକାରଙ୍କ ସମ୍ଭାବ୍ୟ ଇ-କମର୍ସ ନୀତି ଲାଗି ଅନୁକୂଳ ହୋଇପାରିବ। ଏହି ଦୁଇଟା ନୀତି ଯେତେବେଳେ ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହେବ, ସେତେବେଳେ ତାହା ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକୁ ଏ ଦେଶରୁ ବିତାଡ଼ିତ କରିବାର ପଥ ସୁଗମ କରିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଗୁଜରାଟରେ ୧.୨ ନିୟୁତ ରିଟେଲ ଦୋକାନ ଓ ଷ୍ଟୋରରେ ଏହାର ଇ-ବାଣିଜ୍ୟ ପ୍ଲାଟ୍‌ଫର୍ମ ସମ୍ପ୍ରସାରିତ କରିବାର ଲକ୍ଷ୍ୟ ରଖିଛି, ଯାହା ସାରା ଭାରତରେ ଏହାର ଇ-ବାଣିଜ୍ୟ ପ୍ରସାର ଯୋଜନାର ଅଂଶବିଶେଷ। ଏହା ନିଶ୍ଚୟ ଅନ୍ୟମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ।

ବଡ଼ ବଡ଼ ବିଦେଶୀ କମ୍ପାନୀଙ୍କଠାରୁ ଦେଶୀ କମ୍ପାନୀଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଯେଉଁ ଯୋଜନା କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଭାରତୀୟ ବଜାରରେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀଙ୍କ ଏକଚାଟିଆ କାରବାରକୁ କେବେହେଲେ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ବଜାରକୁ ସର୍ବଦା ପ୍ରତିଯୋଗିତା ପାଇଁ ଉନ୍ମୁକ୍ତ ରଖିଲେ ତାହାଦ୍ୱାରା ଗ୍ରାହକମାନେ ଉପକୃତ ହେବେ। ଗ୍ରାହକମାନେ କେଉଁ ଜିନିଷ କାହାଠାରୁ କିଣିବାକୁ ଚାହୁଁଛନ୍ତି ସେ ବିଷୟରେ ନିଷ୍ପତ୍ତି ନେବା ଲାଗି ସେମାନଙ୍କୁ ସୁଯୋଗ ଦିଆଯିବା ଉଚିତ। ବାଧ୍ୟତାମୂଳକ ତଥ୍ୟ ସ୍ଥାନୀୟକରଣ ଓ ଖାଉଟି ଦ୍ରବ୍ୟସୂଚୀରେ କଡ଼ା ନିୟନ୍ତ୍ରଣ ଗ୍ରାହକମାନଙ୍କୁ ଏହି ସୁଯୋଗରୁ ବଞ୍ଚିତ କରିବ। ସରକାରଙ୍କ ଏହି ନୀତି ଦ୍ୱାରା କେବଳ ବିଦେଶୀ ଇ-କମର୍ସ କମ୍ପାନୀଗୁଡ଼ିକ ଆମ ଦେଶରୁ ବିଦା ହୋଇ ଯିବେ ନାହିଁ, ଏହାଦ୍ୱାରା ବଜାରରେ ପ୍ରତିଯୋଗିତାର ବାଟ ବି ବନ୍ଦ ହୋଇଯିବ। ଏହା କାର୍ଯ୍ୟକାରୀ ହେବା ପରେ ଅମ୍ବାନୀଙ୍କୁ ପ୍ରାଇଭେଟ୍-ଲେବୁଲ ଫେଶନର ବିକାଶ କରିବା ଲାଗି ସୁଯୋଗ ମିଳିଯିବ, ଯାହା ଏବେ 'ଏଜିଓ' ବ୍ରାଣ୍ଡ୍ ନାମରେ ଚାଲିଛି। ସବୁଠାରୁ ଚିନ୍ତାଜନକ ହେଉଛି, କେନ୍ଦ୍ର ସ୍ତରରେ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିବା ଲାଗି ଅମ୍ବାନୀଙ୍କର ଥିବା କ୍ଷମତା। ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଜିନିଷ ବିକ୍ରି କରୁଛନ୍ତି, କିନ୍ତୁ ଭାରତରେ ସେମାନଙ୍କ ଜିନିଷ ଗଚ୍ଛିତ ରଖିବା ଲାଗି ଏକ ଶୁଦ୍ଧ ମାର୍କେଟପ୍ଲେସ୍ ପାଇନାହାନ୍ତି କିମ୍ବା ରିହାତି ଅଫର ଦେଇପାରୁନାହାନ୍ତି। ବର୍ତ୍ତମାନ ସରକାର ଯେଉଁ ତଥ୍ୟ ସ୍ଥାନୀୟକରଣ ଲାଗି ନିୟମ ପ୍ରଣୟନ କରିଛନ୍ତି, ତାହାଦ୍ୱାରା ସେମାନଙ୍କୁ ଅମ୍ବାନୀଙ୍କ ସହ ପ୍ରତିଯୋଗିତା କରିବା ସହଜ ହେବନାହିଁ। ଭାରତ ସରକାର ଆମାଜନ ବା ୱାଲ୍‌ମାର୍ଟ-ଫ୍ଲିପ୍‌କାର୍ଟର ହାତ ବାନ୍ଧିଦେଇ ରିଲାଏନ୍ସ ଇ-କମର୍ସ ସହ ପ୍ରତିଯୋଗିତା କରିବାକୁ ବାଧ୍ୟକରିବା ଉଚିତ ନୁହେଁ। ଏହାଦ୍ୱାରା ଇ-ବାଣିଜ୍ୟ କ୍ଷେତ୍ରରେ ଏକ ବିପଜ୍ଜନକ ଧାରା ଆରମ୍ଭ ହେବ। ଏହାଦ୍ୱାରା ସେମାନେ ନିଜ ଦେଶରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଅନୁରୂପ କଟକଣା ଲାଗୁ କରିବାକୁ ତାଙ୍କ ଦେଶର ସରକାରଙ୍କୁ ବାଧ୍ୟ କରିପାରନ୍ତି।

# ସାବରିମାଲାର ଅବାଞ୍ଛିତ ବିଶୃଙ୍ଖଳା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

କେରଳର ଆଲାପୁଝା ଜିଲା ଅନ୍ତର୍ଗତ ନିରଙ୍କୁପୁରମ୍‌ଠାରେ ଚାକୁଲାଥୁକାରୁ ନାମକ ପ୍ରସିଦ୍ଧ ଦୁର୍ଗାମନ୍ଦିର ଅଛି। ପମ୍ପା ନଦୀକୂଳରେ ଅବସ୍ଥିତ ଏହି ଦେବୀ ମନ୍ଦିରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏଠାରେ ସମବେତ ହୋଇ ପବିତ୍ର ପୋଙ୍ଗଲ ପର୍ବ ପାଳନ କରିଥାନ୍ତି। ଏଠାରେ ଧାଡ଼ିବାନ୍ଧି ଭକ୍ତମାନେ ରୁଣ୍ଡ ହେବା ବେଳେ ଏହା ପ୍ରାୟ ୨୦ କିଲୋମିଟର ଯାଏ ଲମ୍ବିଥାଏ। ପୋଙ୍ଗଲ ବ୍ୟତୀତ ମାଲୟଲମ ମାସର ପ୍ରଥମ ଦିନରେ ପାଞ୍ଚାଣ୍ଟୁ ନୋୟାମ୍ପୁ ନାମକ ଅନ୍ୟ ଏକ ଜନପ୍ରିୟ ଉତ୍ସବ ଆରମ୍ଭ ହୋଇ ବାରଦିନ ପର୍ଯ୍ୟନ୍ତ ଚାଲେ।

ଏହି ରାଜ୍ୟର ଅନ୍ୟତମ ବିଖ୍ୟାତ ମନ୍ଦିର ଥିରୁଭାନନ୍ତପୁରମଠାରୁ ଦୁଇ କିମି ଦୂର ଆଟ୍ଟୁକାଲଠାରେ ନିର୍ମିତ। ସେଠାରେ ପ୍ରତ୍ୟକ୍ଷ ଦେବୀ ଭଗବତୀ ପୂଜିତ ହେଉଛନ୍ତି। ବହୁସଂଖ୍ୟକ ଶ୍ରଦ୍ଧାଳୁ ଏହାକୁ ମହିଳାମାନଙ୍କ ସାବରିମାଲା ଭାବେ ବିବେଚନା କରି ଆସୁଛନ୍ତି। ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ପୋଙ୍ଗଲ ହେଉଛି ସେଠାକାର ସର୍ବଶ୍ରେଷ୍ଠ ଉତ୍ସବ। ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ଅନୁସାରେ ବିଶ୍ୱର ସର୍ବାଧିକ ମହିଳା ଏହି ଉତ୍ସବ ବେଳେ ସମ୍ମିଳିତ ହୋଇଥାନ୍ତି। ପୋଙ୍ଗଲ ବେଳେ ଦେବୀଙ୍କ ପୂଜା ଉପାସନା ଉଦ୍ଦେଶ୍ୟରେ ଆସିଥିବା ମହିଳା-ଭକ୍ତମାନେ ଥିରୁଭାନନ୍ତପୁରମର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ମାଟିହାଣ୍ଡିରେ ଭାତ ରାନ୍ଧି ଦେବୀଙ୍କୁ ଅର୍ପଣ କରନ୍ତି।

ଦୁଇଟି ତୀର୍ଥସ୍ଥଳର ବିଶେଷତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ପୁରୁଷମାନଙ୍କୁ ଏହି ଉତ୍ସବରେ ଯୋଗଦାନ ପାଇଁ ବାରଣ କରାଯାଇଛି। କେବଳ ମହିଳାମାନେ ଏହା ପାଳନ କରିପାରିବେ। ତେବେ କେହି ମଧ୍ୟ ପୁରୁଷମାନଙ୍କ ବିପକ୍ଷରେ ଏହା ବିଭେଦମୂଳକ ବ୍ୟବସ୍ଥା ବୋଲି ଅଭିଯୋଗ କରୁନାହାନ୍ତି। ପୁରୁଷମାନଙ୍କ ସମାନ ଅଧିକାର ପାଇଁ କୌଣସି ଅଭିଯାନ ଆରମ୍ଭ ହୁଏ ନାହିଁ। ସେହି ଅନୁସାରେ ସାବରିମାଲାର ସ୍ୱାମୀ ଆୟାପ୍ପାଙ୍କ ମନ୍ଦିରରେ ଲିଙ୍ଗଭେଦ ଚାଲିଛି ବୋଲି ଆପତ୍ତି ନ ହେବା ଉଚିତ। ଆମ ଜୀବନରେ ଆସ୍ଥା ହେଉଛି ନିୟମ-ସଙ୍ଗତ। ଯାହାର ବିଶ୍ୱାସ ନାହିଁ, ସେ ଆସ୍ଥାବାନ ବ୍ୟକ୍ତିଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବା ଅନୁଚିତ। ଏହି ଆଚରଣ ମୁକ୍ତ ସମାଜ ଗଠନ କରେ।

ଆୟାପ୍ପା ମନ୍ଦିରରେ ମହିଳାଙ୍କ ପ୍ରବେଶ, ସ୍ଥଳ ବିଶେଷରେ ଜବରଦସ୍ତ ଯୋଗୁ ସେଠାରେ ଏବେ ବିଶୃଙ୍ଖଳା କ୍ରମଶଃ ତୀବ୍ର ହେବାରେ ଲାଗିଛି। ଏହାର ଐତିହାସିକ ଘଟଣାକ୍ରମ ପ୍ରତି ଦୃଷ୍ଟି ପକାଇଲେ ସମସ୍ୟା ଉପରେ ସମ୍ୟକ୍ ଧାରଣା ଜନ୍ମିବ। ୧୯୯୧ ମସିହାରେ କେରଳର ଉଚ୍ଚ ନ୍ୟାୟାଳୟ ଗୋଟିଏ ରୁଲିଂ ଦେଇଥିଲେ। ସେଥିରେ ଆୟାପ୍ପା ମନ୍ଦିରରେ ମହିଳାଙ୍କ ପ୍ରବେଶ ନିଷିଦ୍ଧ ଥିବା ପରମ୍ପରାକୁ ସମ୍ମାନ ଦିଆଯାଇଥିଲା। ରାୟରେ ଆସ୍ଥା ଓ ପରମ୍ପରାକୁ ଗୁରୁତ୍ୱ ଦିଆଯାଇଥିଲା। ଭଗବାନ ଆୟାପ୍ପା ଜଣେ ଆଜୀବନ ବ୍ରହ୍ମଚାରୀ ଥିଲେ ଓ ତାଙ୍କୁ ଦର୍ଶନ କରିବା ପାଇଁ ୪୧ ଦିନ ନିଷ୍ଠାପର ଭାବେ ବ୍ରତ ପାଳନ କରିବା ଅତ୍ୟାବଶ୍ୟକ। ତେବେ ଦଶରୁ ପଚାଶ ବର୍ଷ ମଧ୍ୟରେ ମହିଳାମାନେ ପ୍ରଜନନକ୍ଷମ ହୋଇଥିବାରୁ ଉକ୍ତ ଦୀର୍ଘ ଏକଚାଳିଶ ଦିନିଆ କଠୋର ନୀତିନିୟମ ମାନିପାରିବେ ନାହିଁ। ଏହାର ଅବମାନନା ଆୟାପ୍ପାଙ୍କ ପ୍ରତି ଅପମାନ।

ଏହି ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲା। ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ନେଇ ଗଠିତ ବେଞ୍ଚ ସେପ୍ଟେମ୍ବର ୨୦୧୮ରେ ହାଇକୋର୍ଟର ରୁଲିଂକୁ ଅଗ୍ରାହ୍ୟ କରିଦେଲେ। ସେମାନେ ମହିଳାଙ୍କ ପ୍ରବେଶ ପାଇଁ କୌଣସି କଟକଣା ନ ରଖିବା ସପକ୍ଷରେ ବିଚାର ଶୁଣାଇଲେ। ତେବେ ଏହି ବେଞ୍ଚରେ ଥିବା ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କ ବିଚାର ବିପରୀତ ଥିଲା। ସେ ଘୋଷଣା କରିଥିଲେ ଯେ, ଯେଉଁ ମାମଲାରେ ପ୍ରଗାଢ଼ ଧାର୍ମିକ ବିଶ୍ୱାସ ଜଡିତ, ସେଥିରେ ଅଦାଲତ ହସ୍ତକ୍ଷେପ ନ କରିବା ଉଚିତ। କୌଣସି ଧାର୍ମିକ ପ୍ରଥାର ପ୍ରଚଳନ ସମ୍ପର୍କରେ ସେହି ଧାର୍ମିକ ସମାଜ ନିଷ୍ପତ୍ତି କରୁ। ଏଥିରୁ କୋର୍ଟ କ୍ଷାନ୍ତ ରହୁ। ଜଷ୍ଟିସ ମାଲହୋତ୍ରାଙ୍କ ଏହି ଭିନ୍ନ ବିଚାର ଉଚ୍ଚତମ ଅଦାଲତରେ ପୁନର୍ବିଚାର ପାଇଁ ସୁଯୋଗ ସୃଷ୍ଟି କଲା। ବର୍ତ୍ତମାନ ଯାଏ ଏହା ବିଚାରାଧୀନ। ଏହି ମାମଲାରେ ସମ୍ବିଧାନ ପ୍ରଦତ୍ତ ନାଗରିକଙ୍କ ମୌଳିକ ଅଧିକାରାନୁସାରେ ନାରୀ-ଅଧିକାର ଓ ସମାନତାକୁ ଚ୍ୟାଲେଞ୍ଜ କରାଯାଇଛି ଏବଂ ଆୟାପ୍ପାଙ୍କ କ୍ଷେତ୍ରରେ ବ୍ୟତିକ୍ରମ ମଞ୍ଜୁର କରିବା ପାଇଁ ପ୍ରାର୍ଥନା କରାଯାଇଛି।

ମାନବ ଜୀବନରେ ଆସ୍ଥାର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଏହି ମର୍ମରେ ଖଲିଲ ଜିବ୍ରାନ (୧୮୮୩-୧୯୩୧)ଙ୍କ ସୁଚିନ୍ତିତ ମତ ପ୍ରଣିଧାନଯୋଗ୍ୟ। ରାଶି ରାଶି ଚିନ୍ତା ଆମ ମନ ଭିତରେ ଜାତ ହୋଇଥାଏ। କିନ୍ତୁ ଏହା ଆମ ହୃଦୟ ମଧ୍ୟରେ ପ୍ରବେଶ କରିପାରିବ ନାହିଁ। କେବଳ ଆସ୍ଥା ହିଁ ଆମ ହୃଦୟକୁ ଛୁଇଁପାରିବ, ଯାହାକି ମରୁଯାତ୍ରୀଙ୍କ ପାଇଁ ମରୁଦ୍ୟାନ ସଦୃଶ।

ଏଠାରେ ସିଙ୍ଗ୍‌ନାପୁର ଶନି ମନ୍ଦିରର ମାମଲା ଅବତାରଣା କରାଯାଇପାରେ। ମହାରାଷ୍ଟ୍ରର ସିଗ୍‌ନାପୁର ଜିଲାରେ ଶନି ଗ୍ରହ ପୂଜିତ ହେଉଛନ୍ତି। ଲୋକଙ୍କ ବିଶ୍ୱାସ ଯେ ଏହା ଏକ ଜାଗ୍ରତ ଦେବସ୍ଥାନ, ଯେଉଁଠାରେ ଦେବତା ସ୍ୱଦେହେ ବର୍ତ୍ତମାନ ମଧ୍ୟ ବିରାଜମାନ। ପରମ୍ପରାନୁସାରେ ଦୀର୍ଘ ୪୦୦ ବର୍ଷ ଧରି ମନ୍ଦିରର ଅନ୍ତର୍ବର୍ତ୍ତୀ ପବିତ୍ର ସ୍ଥାନକୁ ମହିଳାଙ୍କ ପ୍ରବେଶ ନିଷିଦ୍ଧ। ଜାନୁୟାରୀ ୨୦୧୬ରେ ପାଞ୍ଚଶହ ମହିଳା ତୃପ୍ତି ଦେଶାଇଙ୍କ ନେତୃତ୍ୱରେ ଯେତେବେଳେ ଏହାକୁ ଉଲ୍ଲଂଘନ କରିବା ପାଇଁ ଆଗଭର ହେଲେ ଏଥିରୁ ବିବାଦ ଉପୁଜିଲା। ମାମଲା ବମ୍ବେ ଉଚ୍ଚନ୍ୟାୟାଳୟରେ ପହଞ୍ଚିଲା। ଅଦାଲତ ମହିଳାଙ୍କ ସପକ୍ଷରେ ରାୟ ଶୁଣାଇଲେ। ଶନି ସିଙ୍ଗ୍‌ନାପୁର ଟ୍ରଷ୍ଟ ଅଦାଲତ ଆଦେଶକୁ ଅବଜ୍ଞା କରି ନ ଥିଲେ। ପରିଶେଷରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହେଲା। ବିଭିନ୍ନ ନାରୀବାଦୀ ସଂଗଠନ ଏହାକୁ ସେମାନଙ୍କ ବିଜୟ ବୋଲି ଆତ୍ମଗର୍ବରେ ଉଲ୍ଲସିତ ହେଲେ। ଏହା ବାମାବାଦୀଙ୍କୁ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଉତ୍ସାହିତ କଲା।

ସେ ଯାହାହେଉ ଆୟାପ୍ପା ମନ୍ଦିରରେ ଏମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପରିସମାପ୍ତି ଦେଖିବାକୁ ମିଳୁନାହିଁ; ଯଦିଚ ସେଇ ରାଜ୍ୟର କେତେକ ପ୍ରସିଦ୍ଧ ମନ୍ଦିରରେ କେବଳ ମହିଳା ଏବଂ ଅନ୍ୟ କେତେକ ପୂଜାସ୍ଥଳରେ କେବଳ ପୁରୁଷ ପୂଜା କରିବା ପ୍ରଥା ପ୍ରଚଳିତ।

କେରଳରେ ବର୍ତ୍ତମାନ ପିନାରାୟୀ ବିଜୟନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ବାମସାମ୍ମୁଖ୍ୟ ସରକାର ଶାସନ କରୁଛି। ଦୁଇଟି ଦିଗରୁ ବିଜୟନଙ୍କ ଭୂମିକା ବିଚାର୍ଯ୍ୟ। ପ୍ରଥମତଃ ଦଳୀୟ ଓ ଦ୍ୱିତୀୟରେ ଶାସନିକ। ସେ ସିପିଏମ୍‌ର ସଦସ୍ୟ। ନୀତିଗତ ଭାବେ ଧର୍ମ ପ୍ରତି ସେ ଅନୁକୂଳ ମନୋଭାବ ପୋଷଣ କରନ୍ତି ନାହିଁ। ତେଣୁ ଧାର୍ମିକ ପରମ୍ପରା ପ୍ରତି ସେ ସ୍ୱଭାବତଃ ବିମୁଖ। ତାଙ୍କର ଏହି ମାନସିକତା ଚଳିତ ସମସ୍ୟାକୁ ଅଧିକ ଗୁରୁତର କରିବା ସମ୍ଭବ।

ପୁଣି ତାଙ୍କର ମନୋବୃତ୍ତିକୁ ଯଥେଷ୍ଟ ଖୋରାକ ଯୋଗାଇଛି ସୁପ୍ରିମକୋର୍ଟଙ୍କ ରାୟ। ସେ ଯୁକ୍ତି ବାଢ଼ିଲେ ଯେ, ରାଜ୍ୟ ମୁଖ୍ୟ ଭାବେ ସେ ଅଦାଲତର ରାୟ ମାନିବାକୁ ବାଧ୍ୟ। ନିଜକୁ ଜଣେ ଦୃଢ଼ ଶାସକ ବୋଲି ପ୍ରମାଣ କରିବାକୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ସେ ହୃଦୟଙ୍ଗମ କରିବା ଉଚିତ ଯେ, ସେ କେବଳ ବାମ ଦଳର ନୁହେଁ, ସମଗ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ। କିନ୍ତୁ ତାଙ୍କ ଶାସନିକ ପରିଚାଳନା ପକ୍ଷପାତପୂର୍ଣ୍ଣ ଥିଲା। ସେ ଅଦାଲତର ଦୁହାଇଦେଇ ଯେତେ ସ୍ପଷ୍ଟୀକରଣ ଦେଲେ ମଧ୍ୟ ତାହା ଯେ ନିରପେକ୍ଷ, ଏହା କହିହେବ ନାହିଁ। ଦୃଷ୍ଟାନ୍ତ ଭାବେ ନିକଟ ଅତୀତରେ ଗୋଟିଏ ଚର୍ଚ୍ଚରେ ଉପାସନା-ଅଧିକାର ପାଇଁ ଦୁଇ ଖ୍ରୀଷ୍ଟିଆନ୍ ଦଳ ମଧ୍ୟରେ ବିବାଦ ଦେଖାଦେଲା। କୋର୍ଟ ପରିଶେଷରେ ଯେଉଁ ଦଳକୁ ଅଧିକାରରୁ ବଞ୍ଚିତ କଲା ସେଇ ଦଳ ଜୋରଜବରଦସ୍ତ ଗୀର୍ଜାରେ ପ୍ରବେଶ କଲା। ସେତେବେଳେ ରାଜ୍ୟ ସରକାର ଅଦାଲତ ରାୟକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ନୀରବ ରହିଲେ। ବିଜୟନ ଶାସନ ଗାଦିରେ ବସିଥିବାବେଳେ ଏପରି ବେନିୟମ କ୍ରିୟାହୀନତା ତାଙ୍କ ପକ୍ଷପାତିତା ପ୍ରମାଣ କରେ। ତାଙ୍କ ମନପସନ୍ଦ ଅନୁସାରେ ସେ କୋର୍ଟଙ୍କୁ ମାନନ୍ତି, ନଚେତ୍ ଉପେକ୍ଷା କରନ୍ତି। କିନ୍ତୁ ସାବରିମାଲା ରାୟ ସୁପ୍ରିମ୍‌କୋର୍ଟରେ ପୁନର୍ବିଚାର ପାଇଁ ଗୃହୀତ ହୋଇଥିବାବେଳେ ବିଜୟନ ଏତେ ତରବରରେ କଠୋର ହେବା ଠିକ୍ ନୁହେଁ।

ପୁଣି ଏହି ବିବାଦ ରାଜନୀତିର ମତଲବୀ ଫାନ୍ଦ ଭିତରେ ଫସିଯାଇଛି। ଭାଜପା ପରମ୍ପରାକୁ ସମ୍ମାନ ଦେବା ପାଇଁ ଆନ୍ଦୋଳନରତ ଥିବାବେଳେ ବାମଦଳ ପ୍ରଚଣ୍ଡ ଭାବେ ଏହାର ବିରୋଧୀ। ଦୀର୍ଘତମ ମହିଳା ଧାଡ଼ିର ପ୍ରଯୋଜନା ଏହାର ଦୃଷ୍ଟାନ୍ତ। କଂଗ୍ରେସ ଦଳ ଦୋଦୋପାଞ୍ଚ ହୋଇ ତ୍ରିଶଙ୍କୁ ସ୍ୱର୍ଗରେ ଝୁଲି ରହିଛି। ଏଠାରେ ସ୍ୱାମୀ ବିବେକାନନ୍ଦଙ୍କ ବାକ୍ୟ ସ୍ମରଣୀୟ, "ଭାରତ ଯଦି ଈଶ୍ୱରଙ୍କ ସନ୍ଧାନରେ ଲାଗିରହେ, ସେ ଅମର ହେବ। କିନ୍ତୁ ସେ ଯଦି ରାଜନୀତି ଓ ସାମାଜିକ ବିବାଦରେ ଛନ୍ଦି ହେବ, ତାହାର ମୃତ୍ୟୁ ଘଟିବ।" ଏହା ଆମ ପାଇଁ ଏକ ସତର୍କବାଣୀ। ପରିଶେଷରେ ଆସ୍ଥାକୁ ହେତୁବାଦ ଦ୍ୱାରା ଭସ୍ମୀଭୂତ କରିବା ଏକ ଦୁରୂହ ବ୍ୟାପାର। ମହିଳାଙ୍କ ମାସିକ ଋତୁସ୍ରାବ ଏକ ସ୍ୱାଭାବିକ ଜୈବିକ ପ୍ରକ୍ରିୟା ଏବଂ ଅପବିତ୍ର ନୁହେଁ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ଏହା ଏହି କ୍ଷେତ୍ରରେ ଧାର୍ମିକ ବିଶ୍ୱାସକୁ ଅଦ୍ୟାବଧି ହଟାଇବାରେ ସମର୍ଥ ହୋଇନାହିଁ। ତେଣୁ ସରକାର ହୁଅନ୍ତୁ ବା ସାମାଜିକ କର୍ମୀ ସେମାନେ ଜିଦ୍‌ଧରି ନିଜ ମନୋବାଞ୍ଛା ପୂରଣ ପାଇଁ ଦୃଢ଼ପ୍ରତିଜ୍ଞ ହେବା ଯଥାର୍ଥ ନୁହେଁ। ଏହା ହିଂସାକୁ ପ୍ରଶ୍ରୟ ଦେବ।

ମୋ: ୯୪୩୭୦୨୬୬୫୧

# ଦଳ ଚିନ୍ତାରେ ବୁଡ଼େ ବେଳ



ଅରୁଣ ଦାସ

ଯୁଆଡ଼େ ଯିବେ ଦଳ। ଦଳ କବ୍‌ଜାରୁ ଏଠି କେହି ମୁକ୍ତ ନୁହନ୍ତି। କିଏ କହୁଛି ଆମର ଶାସକ ଦଳ ତ ପୁଣି କିଏ କହୁଛି ଆମର ବିରୋଧୀ ଦଳ। ହାଟରେ, ମଠରେ, ଛକରେ, ଚା ଦୋକାନରେ, ବସ୍‌ରେ, ରେଳରେ, ବିମାନରେ ଏମିତିକି ଫସଲ କିଆରିରେ ମଧ୍ୟ ଦଳ ଆଲୋଚନା ହେବାଟା ଥୟ। ଦଳ ପାଇଁ ହେଉଛି ହଟ୍ଟଗୋଳ। ଦଳ ପାଇଁ ଭାଇ ଭାଇର ସମ୍ପର୍କରେ ଫାଟ। ଦଳ ପାଇଁ ଗାଁ ଦାଣ୍ଡରେ ବାପ ପୁଅର ନାଟ। ତେବେ କୁଆଡୁ ଆସିଲା ଏ ଦଳ? କିଏ ଏହାର ଜନ୍ମଦାତା? ଯାହା ଜଣାପଡ଼େ ଆଣ୍ଡ୍ରୁ ଜାକସନ୍ ନାମକ ଜଣେ ମହାଭାଗ ସର୍ବପ୍ରଥମେ ମତଦାନ ପ୍ରକ୍ରିୟାକୁ ଆଧାର କରି ୧୮୨୮ ମସିହାରେ ଆମେରିକାର ଡେମୋକ୍ରାଟିକ ପାର୍ଟି ବା ଦଳର ପ୍ରତିଷ୍ଠା କରିଥିଲେ। ତା' ପରେ ଧୀରେ ଧୀରେ ଛତୁ ଫୁଟିଲା ପରି ସବୁ ଦେଶରେ ଦଳ ସବୁ ଜନ୍ମ ନେଲା। କିଏ ଧର୍ମ ପାଇଁ କାନ୍ଦିଲା ବେଳକୁ ଆଉ କିଏ ଜାତି ପାଇଁ କାନ୍ଦିଲା। କିଏ ଶ୍ରେଣୀ ସଂଘର୍ଷ ଓ ଖଟିଖିଆମାନଙ୍କ ପାଇଁ କାନ୍ଦିଲା ବେଳକୁ କିଏ ମାନବବାଦ ଓ ପ୍ରେମର କାନ୍ଦଣା କାନ୍ଦିଲା। ଯାହା ବି ହେଉ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଓ ପ୍ରକ୍ରିୟା ସହ ଯାଆଁଳା ଭାଇଟିଏ ପରି ଜନ୍ମ ନେଇଥିଲା ଏଇ ଦଳ।

କିନ୍ତୁ ସମୟ ଓ ପରିସ୍ଥିତି ଭିନ୍ନରେ ସବୁ ଦଳୀୟ ଆଦର୍ଶ କ୍ରମେ ତୁଳିକୁ ଗଲା। ହୀନ ରାଜନୀତିରେ ମଦିରା ପିଇ ଭୋଟ୍ ହାତେଇବା ଲାଳସାରେ ଦଳ ଦଳ ଭିତରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଲା। ସ୍ୱାଧୀନଚେତା, ଅହିଂସା, ରାମରାଜ୍ୟ ଓ ଦେଶ ଗଠନ ପ୍ରଭୃତି ଆଦର୍ଶରେ ଅନୁପ୍ରାଣିତ ହେଉଥିବା ସ୍ୱାଧୀନତା ପୂର୍ବର କଂଗ୍ରେସ ଦଳ ଓ ବିଗତ କିଛିବର୍ଷର କଂଗ୍ରେସ ଦଳ ମଧ୍ୟରେ ସତେଯେମିତି ଆକାଶଛୁଆଁ ଫରକ। ହିନ୍ଦୁତ୍ୱ ମୂଲ୍ୟବୋଧକୁ ନେଇ ଗଢ଼ି ଉଠିଥିବା ଭାରତୀୟ ଜନତା ପାର୍ଟିର କିଛି କର୍ମକର୍ତ୍ତା କିନ୍ତୁ ବେଳେ ବେଳେ ସୃଷ୍ଟି କରି ବସନ୍ତି ସାମ୍ପ୍ରଦାୟିକତାର ଦଙ୍ଗା। ନେତାମାନେ ଭୋଟ୍‌ବାକ୍ସରେ ନିଜ ସପକ୍ଷରେ ମତ ବୃଦ୍ଧି କରାଇବା ପାଇଁ ସାଧାରଣ ଜନତାଙ୍କ ମୁଣ୍ଡରେ ଶସ୍ତା ଦଳୀୟ ଭାବନା ଓ ଆବେଗର ବିଷମଞ୍ଜି ବୁଣନ୍ତି। ନିରୀହ ଜନତା ଯେତେବେଳେ ଦଳୀୟ ଅଫିମ ନିଶାରେ ଚୂରହୋଇ ନିଜ ଭିତରେ ପିଟାପିଟି ହୋଇ ମରନ୍ତି ସେତେବେଳେ ନିଜ ବଙ୍ଗଳାରେ ସ୍ୱାଚ୍ଛନ୍ଦ୍ୟ ଜୀବନ ଜିଉଁଥିବା ନେତାମାନେ କିପରି ଏ କଥାରୁ ରାଜନୀତିକ ଫାଇଦା ନେବେ ସେଥିପାଇଁ ଉତ୍ସୁକ ହୋଇଉଠନ୍ତି। ଏବେ ବହୁ ଯୁବକ ଛାତ୍ର ଜୀବନରୁ ଦଳ ମାୟାରେ ବାୟାହୋଇ ସମୟ ନଷ୍ଟ କରୁଛନ୍ତି। ଉଦ୍‌ଭ୍ରାନ୍ତ ହୋଇ ପ୍ରରୋଚନାରେ ପଡ଼ି ଅଣ୍ଡା, ପଥର ମାଡ଼ କରୁଛନ୍ତି।

ନେତାମାନଙ୍କଠାରୁ କିଛି କିଛି ଟଙ୍କା ଆଣି ଯୁବକମାନେ ନିଶା ସେବନ କରୁଛନ୍ତି। ହେଲେ କିଛି ବର୍ଷ ବିତିଗଲେ, ନେତାଙ୍କ ସ୍ୱାର୍ଥ ସାଧନ ହୋଇଗଲେ ଏମାନେ ଅଣଦେଖା ହୋଇ ହା ହତାଶାର ଜୀବନ ଜିଉଛନ୍ତି। ସେହିପରି ଗାଁଗହଳିରେ ଲୋକଙ୍କ ମୁଣ୍ଡରେ ଏମିତି ଦଳର ଭୂତ ସବାର ହେଇଛି ଯେ ସେମାନେ ସର୍ବଦା ଖାଲି ଦଳ ଚିନ୍ତାରେ ମଗ୍ନ। ଦସ୍ୟୁ ରତ୍ନାକର ସିନା ମରା ମରା ଜପ କରି ବାଲ୍ମୀକି ପାଲଟିଗଲେ, ଏମାନେ କିନ୍ତୁ ଯେଉଁ ନିଜ ଦଳ ନାଁ ଜପିବାରେ ଲାଗିଛନ୍ତି ଏଥିରେ ସର୍ବନାଶ ହେବା ଛଡା ଅନ୍ୟ ଗତି ନାହିଁ। ଉଜ୍ଜ୍ୱଳ ଆଲୋକ ଶିଖାଟିଏ ସମସ୍ତଙ୍କୁ ଆଲୋକିତ କରୁଥାଏ। କିନ୍ତୁ କୀଟଟିଏ ଉଲ୍ଲସିତ ହୋଇ ତା' ଦେହକୁ ଡେଇଁପଡିଲେ ତା'ର ପ୍ରାଣ ବିସର୍ଜନ ହୋଇଯାଏ। ସେହିପରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳ ଏକ ମହତ ଉପାଦାନ। କିନ୍ତୁ ଏହାର ଅର୍ଥ ନୁହେଁ ନିଜର ମୁଖ୍ୟ ଉଦ୍ଦେଶ୍ୟ ଓ କର୍ମକୁ ଭୁଲି ଆମେ ଦଳ ପଛରେ ପାଗଳ ହୋଇ ନିଜର ମୂଲ୍ୟବାନ ସମୟକୁ ନଷ୍ଟକରିବା।

ଏହାଛଡ଼ା ଆଉ ଗୋଟିଏ ଦଳ ଜନିତ ନୂଆ ରୋଗ ସମସ୍ତଙ୍କୁ ଆକ୍ରାନ୍ତ କରିଛି। ତାହା ହେଲା ସୋସିଆଲ ମିଡ଼ିଆ ବା ଅର୍ଥ ସାମାଜିକ ଗଣମାଧ୍ୟମ। ଏଥିରେ ଉପଲବ୍ଧ ହେଉଥିବା ଫେସ୍‌ବୁକ, ହ୍ୱାଟ୍ସଆପ୍ ଓ ଟୁଇଟର ଇତ୍ୟାଦିରେ ଦଳୀୟ ଆରୋପ ଓ ଦୋଷାରୋପ ନେଇ ଚାଲିଛି ଅଯଥା ଅସଂଯତ ପ୍ରସଙ୍ଗର ପୋଷ୍ଟିଂ। ଏଥିରେ ଯୁବଗୋଷ୍ଠୀ ନିଜର ମୂଲ୍ୟବାନ ସମୟ ନଷ୍ଟ କରି ସକାଳୁ ସଞ୍ଜଯାଏ ମୋବାଇଲ କେଞ୍ଚିବାରେ ନିଜର ବ୍ୟସ୍ତତା ଜାହିର କରୁଛନ୍ତି। ଦଳରେ ଦଳରେ ଏମାନଙ୍କର ବୁଡୁଛି ବେଳ। ମନେ ମନେ ସମସ୍ତେ ବିଚାରୁଛନ୍ତି ଯେ ମୋର ଏଥର ବିଧାୟକ କିମ୍ବା ସାଂସଦଟିଏ ହେବା ଥୟ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ। କିନ୍ତୁ ସେଇ ସ୍ତରର କାର୍ଯ୍ୟ ନ କରି କେବଳ ମୋବାଇଲ ପୋଷ୍ଟିଂରେ ନିଜକୁ ବଡ଼ ସମାଜସେବୀ ହିରୋ ଓ ଦଳଭକ୍ତ ଦେଖେଇଲେ କିଏ କ'ଣ ନେତା କିମ୍ବା ମହାନ୍ ବ୍ୟକ୍ତିର ପରିଚୟ ପାଏ! ଆମେ କ'ଣ ପାଞ୍ଚଜଣ ଏ କଥା କହିବେ। କିନ୍ତୁ ନିଜେ ପିମ୍ପୁଡି ମାରି ଆମେ ଯଦି ଫେସ୍‌ବୁକ ଇତ୍ୟାଦିରେ ବାଘ ସହ ଲଢ଼େଇ କରି ତାକୁ ମାରିଛୁ ବୋଲି ପୋଷ୍ଟିଂ କରିଦେଉ ତେବେ ଏ କଥାର କାଣିଚାଏ ବି ମୂଲ୍ୟ ରହିବ ନାହିଁ। ବାସ୍ତବରେ ହୀନ ଦଳୀୟ ଭାବନାରେ ପଡି ଆଜି ବହୁ ମଣିଷଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି। ଅଯଥା ସମୟ ନଷ୍ଟ, ମର୍ଯ୍ୟାଦା ନଷ୍ଟ ଓ ଅନ୍ୟର କୁତ୍ସାରଟନା ଭିତରେ ଗୋଟିଏ ଗୋଟିଏ ଜୀବନ ବଳି ପଡିବା ଛଡା ଏ ଅତ୍ୟଧିକ ଦଳ ପ୍ରେମ ଯେ ଆଉ କିଛି ସୁଫଳ ଦେଉନାହିଁ, ଏ କଥା କହିବା ପୂରାପୂରି ଠିକ୍ ହେବ। କଥାରେ ଅଛି ଅତିରୁ ଇତି। ତେଣୁ ଦଳ ଦଳ ହେଇ ନିଜ ଜୀବନର ଇତି କରିବା ପୂର୍ବରୁ ବିଳମ୍ବରେ ହେଲେ ବି ଥରୁଟିଏ ସୁଧୁରିଯିବା ଶ୍ରେୟସ୍କର।

ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଦିଲ୍ଲୀ ଆର୍ଥ ଷ୍ଟେଶନ୍ ନିକଟରେ ରହିଛି ମଲ୍‌ଚା ମହଲ। ଅନେକ ସମୟରେ ଏଠାରେ ଲୋକେ ଆତ୍ମହତ୍ୟା କରୁଥିବାର ମଧ୍ୟ ଶୁଣାଯାଏ। ତେଣୁ ଏହି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ରାତିରେ ଏହି ମହଲରୁ ମହିଳାଙ୍କ କାନ୍ଦିବା ଶୁଣାଯାଏ। ଐତିହାସିକ ତଥ୍ୟରୁ ଜଣାଯାଏ ଚତୁର୍ଦ୍ଦଶ ଶତାବ୍ଦୀରେ ଫିରୋଜ ଶାହ ତୋଗଲକ ଏହି ମହଲଟିକୁ ନିର୍ମାଣ କରିଥିଲେ। ବେଗମ୍ ୱିଲାୟାତ୍ ମହଲ ଔଧା ନବାବଙ୍କ ନାତୁଣୀ ଥିଲେ। ନିଜ ପୈତୃକ ସମ୍ପତ୍ତି ଫେରିପାଇବା ପାଇଁ ସେ ଇଂରେଜ ସରକାରଙ୍କ ନାମରେ କେସ୍ କରିଥିଲେ। ଇଂରେଜ ସରକାର ତାଙ୍କୁ ଓ ତାଙ୍କ ପିଲାଙ୍କୁ ମଲ୍‌ଚା ମହଲରେ ରହିବା ପାଇଁ ଅନୁମତି ଦେଇଥିଲେ। ସେତେବେଳେ ରକ୍ଷଣାବେକ୍ଷଣ ଅଭାବରୁ ମଲ୍‌ଚା ମହଲ ଭାଙ୍ଗିରୁଜି ଯାଇଥିଲା। ତେଣୁ ସେଠାରେ ରହିବାକୁ ବେଗମ୍ ୱିଲାୟାତ ନାପସନ୍ଦ କରିଥିଲେ। ଇଂରେଜଙ୍କ ଅପମାନ ସହି ନ ପାରି ବେଗମ୍ ହୀରାଗୁଣ୍ଡ ପିଇ ଆତ୍ମହତ୍ୟା କରିଥିଲେ। ସେ ପଢ଼ୁଥିବା ଟେବୁଲ ଉପରେ ମୃତଦେହ ୧୦ ଦିନ ଧରି ପଡିରହିଥିଲା। ମା'ଙ୍କ ବିରହ ବେଦନା ସହି ନ ପାରି ତାଙ୍କ ପୁଅ ରିୟାଜ ଓ ଝିଅ ଶକିନାଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ଅତୃପ୍ତ ଆତ୍ମା ଏବେ ବି ମହଲରେ ଘୂରିବୁଲୁଥିବା ଲୋକମୁଖରୁ ଶୁଣାଯାଏ।

## ଚିରନ୍ତନୀ

ଚାଲିଥାଏ ସାଥୀମେକେ ଜୀବନର ତଡ଼ିତ ପ୍ରବାହ,
ଯାଏ ନିଭି କାହିଁ ପୁଣି ମଧ୍ୟାହ୍ନର ତୀବ୍ର ବହ୍ନିଦାହ।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୪

- ଆନାପାରବ ତାପଜ ବିଦ୍ୟୁତ୍ କେନ୍ଦ୍ର ତଥା ବକ୍ରେଶ୍ୱର ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ କ୍ଷେତ୍ରରେ ବିନିଯୋଗ ପାଇଁ ଜାପାନର ଭାରତକୁ ୧.୧ ବିଲିୟନ ଡଲାର ଅର୍ଥ ସହାୟତା।
- ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଦ୍ୱୈତ ଟିକସ ବ୍ୟବସ୍ଥା ପରିହାର ସମ୍ପର୍କରେ ଚୁକ୍ତି ସ୍ୱାକ୍ଷରିତ।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | | | E | | C | | 5 | | |
| | | 4 | | | | 7 | | B | | | | 6 | | |
| | | | | | | | 9 | | 1 | | 7 | B | | E |
| | B | | | E | A | 3 | D | 1 | | 0 | 6 | 8 | | 7 |
| | | | | 3 | | | | | | | D | | | 9 |
| | | | | 5 | 0 | | 7 | | D | | | | | A |
| | | | A | | 9 | | | | | | | 7 | | |
| 2 | 0 | | | | C | | | 9 | | A | | 1 | 8 | |
| | A | | E | B | | 0 | | C | | | 8 | | 6 | |
| | | B | | 8 | | | 6 | | 5 | 7 | | | | |
| | | | | | 1 | | 0 | | 2 | | 3 | 4 | | |
| | | 3 | | | | 4 | 2 | | | 9 | | D | 5 | |
| | 8 | 9 | | | | | E | | A | | | | 3 | |
| | | | | | | D | | 7 | | 6 | E | | 0 | |
| | | | 7 | | | | 1 | 6 | | 5 | C | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | 9 | 1 | E | 5 | 2 | 7 | B | D | 4 | 0 | C | 3 | A |
| D | 5 | 3 | 0 | 6 | 8 | 4 | A | 9 | 1 | E | C | 2 | 7 | B |
| E | 4 | C | 9 | 3 | 2 | 1 | 5 | 0 | A | 7 | B | D | 6 | 8 |
| A | 7 | B | D | C | 4 | 6 | 8 | E | 5 | 2 | 3 | 0 | 9 | 1 |
| 0 | 1 | 2 | B | A | 7 | 3 | D | C | 9 | 6 | 8 | E | 5 | 4 |
| 8 | C | 0 | E | 9 | 1 | A | 3 | 2 | 4 | 5 | 6 | B | D | 7 |
| 7 | 3 | E | 6 | D | C | 5 | B | 4 | 8 | 9 | 1 | A | 2 | 0 |
| 9 | 2 | 4 | 5 | B | 0 | 8 | E | D | 3 | A | 7 | 6 | 1 | C |
| 1 | B | D | 7 | 8 | A | C | 9 | 6 | 2 | 0 | E | 3 | 4 | 5 |
| 5 | 6 | A | 2 | 4 | 3 | 0 | 1 | 7 | C | B | D | 9 | 8 | E |
| 4 | 0 | 5 | A | 7 | E | B | 2 | 3 | 6 | 8 | 9 | 1 | C | D |
| C | A | 1 | 4 | 5 | 9 | D | 0 | 8 | E | 3 | 2 | 7 | B | 6 |
| 2 | E | 6 | 8 | 1 | B | 9 | C | A | 7 | D | 4 | 5 | 0 | 3 |
| B | D | 7 | 3 | 2 | 6 | E | 4 | 1 | 0 | C | 5 | 8 | A | 9 |
| 3 | 9 | 8 | C | 0 | D | 7 | 6 | 5 | B | 1 | A | 4 | E | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦରେ ଗଜରାଜ

ମହାଶୟ,

ଜଙ୍ଗଲ ଧ୍ୱଂସ ଫଳରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ମାତ୍ର ଖାଦ୍ୟ ବଦଳରେ ସେମାନେ ଆଘାତପ୍ରାପ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। କେତେକ ଶିକାରୀ ଦାନ୍ତ ଲୋଭରେ ଦନ୍ତାହାତୀ ଶିକାର କରୁଛନ୍ତି। ଏହା ବ୍ୟତୀତ ହାତୀମାନେ ଖାଦ୍ୟ ଖୋଜି ଚାଷଜମିକୁ ଚାଲି ଆସିବା ଫଳରେ ଚାଷଜମିରେ ଥିବା କୂଅ ଓ ବାମ୍ଫିରେ ପଡି ପ୍ରାଣ ହରାଉଛନ୍ତି। ଟ୍ରେନ୍ ଧକ୍କାରେ ଓ ବିଦ୍ୟୁତ୍ ଆଘାତରେ ବି ବହୁ ହାତୀ ପ୍ରାଣ ହରାଉଛନ୍ତି। କିଛି ହାତୀ ଜଙ୍ଗଲ ମଧ୍ୟରେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ମରୁଛନ୍ତି। ଏପରି ଅବସ୍ଥା ଜାରି ରହିଲେ କିଛିବର୍ଷ ପରେ ହାତୀ ବଂଶ ଲୋପ ପାଇଯିବ। ତେଣୁ ସରକାର ହାତୀବଂଶ ରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିକ୍ଷାରେ ସଂସ୍କାର ଅଣାଯାଉ

ପିଲାଏ ପରୀକ୍ଷା ଦିଅନ୍ତୁ ବା ନ ଦିଅନ୍ତୁ, ଫେଲ୍ ନାହିଁ। ତା'ହେଲେ ପିଲା କାହିଁକି ପଢିବେ? ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବାକୁ ନିଃଶୁଳ୍କ ଫୋନ୍ ନମ୍ବର ଅଛି। ଆଗରୁ ଶିକ୍ଷକ ପିଲାଙ୍କୁ ଶାସନ କରି ମଣିଷ କରୁଥିଲେ। ନେତା, ମନ୍ତ୍ରୀ, ଅଫିସରମାନେ ନିଜ ପିଲାଙ୍କୁ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ାଉଛନ୍ତି। ସମସ୍ତ ମନ୍ତ୍ରୀ, ନେତା, ଅଫିସର ଏବଂ କର୍ମଚାରୀଙ୍କୁ ଯଦି ବାଧ୍ୟ କରାଯାନ୍ତା ସେମାନେ ନିଜ ନିଜର ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାନ୍ତେ। ଫଳରେ ସ୍କୁଲର ଭାଗ୍ୟ ବଦଳିଯାନ୍ତା। ଶିକ୍ଷକମାନେ ପ୍ରସ୍ତୁତ ହୋଇ ସ୍କୁଲକୁ ଆସନ୍ତେ। ସ୍କୁଲର ପରିବେଶ ଏବଂ ପରିସ୍ଥିତି ଚଳଚଞ୍ଚଳ ହୋଇଉଠନ୍ତା। ଏହାକୁ କାର୍ଯ୍ୟକାରୀ କରିବାରେ ଝାଡ଼ଖଣ୍ଡର ଦୁଇଜଣ କଲେକ୍ଟର (ସ୍ୱାମୀ ଓ ସ୍ତ୍ରୀ) ନିତିନ ଭାଦୁରିଆ ଏବଂ ସ୍ୱାତୀ ଶ୍ରୀବାସ୍ତବ ନିଜର ଏକମାତ୍ର ଶିଶୁପୁତ୍ରକୁ ଅଙ୍ଗନୱାଡି ସ୍କୁଲରେ ନାମ ଲେଖାଇ ଆଦର୍ଶ ସୃଷ୍ଟି କରିଛନ୍ତି। ତାଙ୍କର ଏହି ଆଦର୍ଶକୁ କେତେଜଣ ସରକାରୀ ଅଫିସର ଓ ରାଜନେତା ଅନୁସରଣ କରୁଛନ୍ତି, ତାହା କେବଳ ସମୟ କହିବ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ବାଲେଶ୍ୱର ଅଫିସ, ୨୪।୧: ବାଲେଶ୍ୱର ଜିଲା ଅବକାରୀ ବିଭାଗର ମୋବାଇଲ୍ ଟିମ୍ ଗୁରୁବାର ପୂର୍ବାହ୍ନରେ ବସ୍ତା ଥାନା ସିଙ୍ଗାରପୁର ଗ୍ରାମର ସେକ୍ ଜଲାଉଦ୍ଦିନ (୬୦)ଙ୍କ ଘରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ୩୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାସହ ତାଙ୍କ ଘରୁ ୪ହଜାର ୪୮୦ଟଙ୍କା ଜବତ କରାଯାଇଛି। ସେକ୍ ଜଲାଉଦ୍ଦିନଙ୍କୁ ମଧ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଅବକାରୀ ବିଭାଗର ଭ୍ରାମ୍ୟମାଣ କାର୍ଯ୍ୟାଳୟରେ ମାମଲା (ନଂ. ୧୩୬/୨୦୧୮-୧୯) ରୁଜୁ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ଆନୁମାନିକ ୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଟିମ୍ ଆଇଆଇସି ଉଦୟଲାଲ ନାୟକଙ୍କ ତତ୍ତ୍ୱାବଧାନରେ ସହ ଉପନୀରିକ୍ଷକ ଚନ୍ଦ୍ର ମୋହନ ସେଠୀ, କନଷ୍ଟେବଲ ପ୍ରହ୍ଲାଦ ବିଶ୍ୱାଳ, ପିଙ୍କି ମାରାଣ୍ଡି ଓ ଉର୍ମିଳା ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ■ ଭାବାସି ଟେଲିଜେନ୍ସ ଠକେଇ ମାମଲା

# ପିସିସି ସଭାପତିଙ୍କୁ ଦିଲ୍ଲୀ ଇଓଡବ୍ଲ୍ୟୁର ସମନ

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ଅଡୁଆରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ। ଏକ ଠକେଇ ମାମଲାରେ ଦିଲ୍ଲୀ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଉଭୟଙ୍କୁ ସମନ ଜାରି କରାଯାଇଛି। ଶୁକ୍ରବାର ସେମାନଙ୍କୁ ଦିଲ୍ଲୀ ମନ୍ଦିର ମାର୍ଗସ୍ଥିତ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସୁଥିବା ବେଳେ ନିରଞ୍ଜନଙ୍କୁ ସମନ ଜାରି ହେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ଦିଲ୍ଲୀ ପୋଲିସ ସିଆରପିସି ୯୧ ଅନୁଯାୟୀ ଏହି ନୋଟିସ୍ କରିଥିବା ଜଣାପଡିଛି। ସୂଚନା ମୁତାବକ, ଭାବାସି ଟେଲିଜେନ୍ସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଟେଲିକମ କମ୍ପାନୀର ଏମ୍‌ଡି ଥିଲେ ନବଜ୍ୟୋତି। ନିରଞ୍ଜନ ତାହାର ନିର୍ଦ୍ଦେଶକ ଥିଲେ। ଉକ୍ତ କମ୍ପାନୀ କୋଟି କୋଟି ଟଙ୍କାର ଠକେଇ କରିଥିବା ନେଇ କମଲଜିତ୍ ସିଂ ଆହଲୁୱାଲିଆ ଏବଂ ଅନ୍ୟ କେତେଜଣ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ନିରଞ୍ଜନଙ୍କ କଥା ଅନୁସାରେ କମଲଜିତ କମ୍ପାନୀରେ ୩୨ କୋଟି ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ମୂଳଅର୍ଥ କିମ୍ବା ଲାଭାଂଶ ଟଙ୍କା ଫେରସ୍ତ କରି ନ ଥିଲେ। କମଲଜିତ ଟଙ୍କା ମାଗିବାରୁ କମ୍ପାନୀ ପକ୍ଷରୁ ତାଙ୍କୁ ୧୩୦ କୋଟି ଟଙ୍କାର ଚେକ୍ ଦିଆଯାଇଥିଲା। କିନ୍ତୁ ତାହା ବାଉନ୍ସ ହୋଇଯାଇଥିଲା। ପରେ ଉକ୍ତ କମ୍ପାନୀ ବନ୍ଦ ହୋଇଯାଇଥିଲା। ଫଳରେ କମଲଜିତ ଏ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ



ନିରଞ୍ଜନ ପଟ୍ଟନାୟକ

କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଦଫା ୪୨୦, ୪୦୯ରେ ଏକ ମାମଲା(୧୬/୧୭) ରୁଜୁ କରାଯାଇଥିଲା। ଏହି ମାମଲାରେ ପଚରାଉଚରା ଲାଗି ଇଓଡବ୍ଲ୍ୟୁ ନିରଞ୍ଜନ ଏବଂ ତାଙ୍କ ପୁଅ ନବଜ୍ୟୋତିଙ୍କୁ ସମନ କରିଛନ୍ତି। ଏପରି କି ଇଓଡବ୍ଲ୍ୟୁ ସମନରେ କେତୋଟି ପ୍ରଶ୍ନ ପଚାରିଛି। ଏସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଇଓଡବ୍ଲ୍ୟୁ ସେମାନଙ୍କୁ ଡାକିବା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଣିବାକୁ କହିଛି।

ଏ ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସମନ ବିଷୟରେ ମୁଁ କିଛି ଜାଣିନାହିଁ। ମୋ ନିକଟକୁ କୌଣସି ସମନ ଆସିନାହିଁ। ବହୁବର୍ଷ ପୂର୍ବେ ମୁଁ ଭାବାସି ଟେଲିଜେନ୍ସ କମ୍ପାନୀର ନିର୍ଦ୍ଦେଶକ ଥିଲି। କିନ୍ତୁ ଅନେକ ବର୍ଷ ହେବ ସେହି ପଦବୀରୁ ଇସ୍ତଫା ଦେଇସାରିଛି। ପୋଲିସ ଯଦି କିଛି ଜାଣିବାକୁ ଚାହେଁ ତେବେ ମୁଁ ତଦନ୍ତରେ ସହଯୋଗ କରିବି। ସମନ୍ ନୋଟିସ ହସ୍ତଗତ ହେବା ପରେ ମୁଁ କାର୍ଯ୍ୟାଳୟରେ ହାଜର ହେବି ବୋଲି ନିରଞ୍ଜନ ସଫେଇ ଦେଇଛନ୍ତି।

## ସଡ଼କ ଦୁର୍ଘଟଣା: ବୌଦ୍ଧ କୃଷି ଉପନିର୍ଦ୍ଦେଶକଙ୍କ ମୃତ୍ୟୁ

ବୌଦ୍ଧ, ୨୪।୧ (ସ୍ୱ.ପ୍ର.)

ଏକ ସଡ଼କ ଦୁର୍ଘଟଣାରେ ବୌଦ୍ଧ ଜିଲା କୃଷି ଉପନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକଙ୍କ ମୃତ୍ୟୁ ଘଟିଛି। କୃଷି ଉପନିର୍ଦ୍ଦେଶକ ମଲ୍ଲିକ ବୁଧବାର ଭୁବନେଶ୍ୱରରେ ଅଫିସ କାର୍ଯ୍ୟ ସାରି କଟକସ୍ଥିତ ନିଜ ଘରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ କଟକରୁ ଅଫିସ ବୋଲେରୋ (ନଂ.ଓଡି -୨୭-୮୮୪୭)ରେ ବୌଦ୍ଧ ଫେରୁଥିଲେ। ହେଲେ ରାତି ପ୍ରାୟ ସାଢେ ୧୨ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଜିଲା ରାଧାନଗରଠାରେ ଗାଡିଟି ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଅଧା କଟା ହୋଇ ରହିଥିବା ଏକ ଶୁଖିଲା ଗଛରେ ପିଟିହୋଇ ଯାଇଥିଲା। ଫଳରେ ଗାଡି ଓଲଟି ପଡିଥିଲା। ଘଟଣାସ୍ଥଳରେ ଉପନିର୍ଦ୍ଦେଶକ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ଗାଡି ଡ୍ରାଇଭର ହରିଶଙ୍କର ପାଢୀ ଏବଂ ପିଅନ ଚକ୍ରଧର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବୌଦ୍ଧ ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପୋଲିସ ଉପନିର୍ଦ୍ଦେଶକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁବାର ସକାଳେ ଖବର ପାଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନ୍.ସି.ଜ୍ୟୋତିରଞ୍ଜନ ନାୟକ ମୁଖ୍ୟଚିକିତ୍ସାଳୟରେ ପହଞ୍ଚିଥିଲେ। ଜିଲାପାଳ ଶୀତାଂଶୁ କୁମାର ରାଉତ ମଧ୍ୟ ମଲ୍ଲିକଙ୍କ ଶେଷ ଦର୍ଶନ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମହାପ୍ରୟାଣ ଗାଡିରେ ମୃତଦେହ ଧରି ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ କଟକ ବିରିବାଟୀକୁ ନେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ ।

# ଖଗେଶ୍ୱରଙ୍କ ପ୍ରତିଜ୍ଞା ପୂରଣ ହେଲା

- ■ ମୁଖ୍ୟମନ୍ତ୍ରୀଙ୍କ ସହ ସେଲ୍‌ଫି ନେଲେ
- ■ ନିର୍ବାଚନ ପରେ ବିବାହ କରିବେ

ଝାରସୁଗୁଡ଼ା ଅଫିସ, ୨୪।୧

ଅନ୍ତର୍ଜାତୀୟ କ୍ରୀଡାବିତ୍ ହୁଅନ୍ତୁ ଅବା ବଲିଉଡ୍ କଳାକାର, ସେମାନଙ୍କ ପ୍ରଶଂସକ ସଂଖ୍ୟା ଆଙ୍ଗୁଠିରେ ଗଣି ହେବନି। ଉଦାହରଣ ଭାବେ କ୍ରିକେଟର୍ ସଚିନ୍ ତେନ୍ଦୁଲକରଙ୍କୁ ନିଆଗଲେ ସୁଧୀର ଚୌଧୁରୀ ତାଙ୍କ ଫ୍ୟାନ୍ ତାଲିକା ଶୀର୍ଷରେ ରହିବେ। ବିହାର ମୁଜାଫରପୁରର ସୁଧୀନ ଗତ ୧୬ ବର୍ଷ ହେବ ସଚିନଙ୍କ ପ୍ରତି ସମର୍ପିତ ମନୋଭାବ ପ୍ରଦର୍ଶନ କରି ଫ୍ୟାନ୍ ଜଗତରେ ଏକ ନମୁନା ହୋଇ ରହିଛନ୍ତି। ରାଜନୀତିରେ ଏପରି ଜଣେ ସମର୍ଥକ ବା ଫ୍ୟାନ୍ ହେଲେ ବରଗଡ ଜିଲା ଭେଡେନ୍ ବ୍ଲକ୍ ଦେହେରିପାଲିର ଖଗେଶ୍ୱର ଦେହେରି। ଖଗେଶ୍ୱରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁଠାରୁ ବଡ ଫ୍ୟାନ୍ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଗତ ୩ ବର୍ଷ ହେଲା ବିଜେଡିର ସବୁଜ ରଙ୍ଗରେ ରଙ୍ଗୀନ୍ ହୋଇ ହାତରେ ଶଙ୍ଖ, ଦଳୀୟ ପତାକା ଏବଂ ମଥାରେ ନବୀନଙ୍କ ନାମ ଲେଖି ରାଜ୍ୟସାରା ବୁଲୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯେଉଁଠି କାର୍ଯ୍ୟକ୍ରମ ଖଗେଶ୍ୱର ସେଇଠି ହାଜର। ଗୁରୁବାର ପହଞ୍ଚିଥିଲେ ଅମଲିପାଲି ପଡିଆ ପାଖରେ ଆଉ ମୁଖ୍ୟମନ୍ତ୍ରୀଙ୍କ ସହ ଉଠାଇଥିଲେ ସେଲଫି।

ଏହି ସେଲଫି ପଛରେ ରହିଥିଲା ଏକ କଠୋର ପ୍ରତିଜ୍ଞା। ମୁଖ୍ୟମନ୍ତ୍ରୀଙ୍କ ସହ ସେଲଫି ନ ଉଠାଇବା ଯାଏଁ ବିବାହ କରିବେନି। ଗୁରୁବାର ଦିନ ମିଳିଛି ସେଲ୍‌ଫି। ମୁଖ୍ୟମନ୍ତ୍ରୀ ସର୍କିଟ ହାଉସରୁ ବାହାରି ବଲାଙ୍ଗୀର ଗସ୍ତରେ ବାହାରିଥିଲେ। ଏହି ସମୟରେ ମୁଖ୍ୟ ଫାଟକରେ ଅପେକ୍ଷା କରିଥିବା ଖଗେଶ୍ୱରଙ୍କୁ ଡାକରା ଆସିଲା। ମୁଖ୍ୟମନ୍ତ୍ରୀଙ୍କ ଡାକରାରେ ଉତ୍ସାହିତ ଏବଂ ଆତ୍ମବିଭୋର ଖଗେଶ୍ୱର ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହ ସେଲଫି ନେଇଥିଲେ। ସେଲଫି ପାଇବା ପରେ ଖଗେଶ୍ୱରଙ୍କ ପ୍ରତିଜ୍ଞାରେ ପରିବର୍ତ୍ତନ ହୋଇଛି। ନିର୍ବାଚନ ଆଉ ଅଳ୍ପଦିନ ଥିବାରୁ, ମୁଖ୍ୟମନ୍ତ୍ରୀଙ୍କ ବିଜୟ ପରେ ଖଗେଶ୍ୱର ବିବାହ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ଭଗବାନ ବୋଲି ଖଗେଶ୍ୱର କହିଛନ୍ତି। ନବୀନଙ୍କ ସରଳ ଭାବମୂର୍ତ୍ତି, କମ୍ କଥା ବେଶି କାମ ଖଗେଶ୍ୱରଙ୍କୁ ପ୍ରଭାବିତ କରିଛି। ତାଙ୍କର ଏହି ଭଲପାଇବାକୁ କମ୍ ଲୋକ ପସନ୍ଦ କରୁଥିବା ବେଳେ ଅଧିକାଂଶ କଟାକ୍ଷ କରୁଛନ୍ତି ଏବଂ ପାଗଳ ବୋଲି ମଧ କହୁଛନ୍ତି। ହେଲେ ସେ କାହା କଥାରେ ବିବ୍ରତ ନୁହନ୍ତି ବୋଲି କହିଛନ୍ତି। ନବୀନଙ୍କ ଫ୍ୟାନ ଭାବେ ସେ ଭାଜପା କର୍ମୀଙ୍କ ଆକ୍ରୋଶର ଶିକାର ମଧ ହୋଇଛନ୍ତି। ଗତ ଡିସେମ୍ବର ୨୪ରେ ଭୁବନେଶ୍ୱର ଆଇଆଇଟି କାର୍ଯ୍ୟକ୍ରମରେ ଖଗେଶ୍ୱରଙ୍କ ନବୀନ ବେଶ ଦେଖି ଭାଜପା କର୍ମୀ ମରଣାନ୍ତକ ଆକ୍ରମଣ କରିଥିଲେ। ସୁରକ୍ଷାକର୍ମୀ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତଥାପି ତାଙ୍କର ମନୋବଳ ଭାଙ୍ଗିନାହିଁ।



ମୁଖ୍ୟମନ୍ତ୍ରୀଙ୍କ ସହ ଖଗେଶ୍ୱରଙ୍କ ସେଲଫି।

## ପ୍ରସବର ମାସକ ପରେ ନାବାଳିକାଙ୍କ ଅଭିଯୋଗ

# ମୋତେ ବଳାତ୍କାର କରାଯାଇଛି

- ■ ଅଭିଯୁକ୍ତ ଗିରଫ, କୋର୍ଟ ଚାଲାଣ
- ■ ପୋଲିସର ତନାଘନା ଜାରି

କୁଆଁରମୁଣ୍ଡା, ୨୪।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ପୁତ୍ର ସନ୍ତାନ ଜନ୍ମଦେବାର ମାସକ ପରେ ଗୁରୁବାର ଜଣେ ଯୁବକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି । ନାବାଳିକାଙ୍କୁ ବିବାହ ପାଇଁ ମନା କରିବାରୁ ତାଙ୍କ ପରିବାର ଲୋକେ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଯୁବକ ମୁନା ବୋଦ୍ରା(୨୦)ଙ୍କୁ ଗୁରୁବାର ସକାଳେ କୁଆଁରମୁଣ୍ଡାରୁ ଗିରଫ କରାଯାଇଛି। ପରେ ବୀରମିତ୍ରପୁରରେ ତାଙ୍କର ଡାକ୍ତରୀ ମାଇନା କରାଇ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି କହିଛନ୍ତି। ପୋଲିସର ସୂଚନା ଅନୁଯାୟୀ, କୁଆଁରମୁଣ୍ଡାର ଜଣେ ବ୍ୟକ୍ତିଙ୍କ ଘରେ ଗତ ୨ ବର୍ଷ ତଳେ ଝାଡଖଣ୍ଡ ସିମ୍‌ଡେଗା ଅଞ୍ଚଳର ଜଣେ ନାବାଳିକା ଚାକରାଣୀ ଭାବେ କାମ କରୁଥିଲେ। ଘର ମାଲିକଙ୍କ ପଡୋଶୀ ତଥା ଝାଡଖଣ୍ଡ ସିମ୍‌ଡେଗା ମୂଳବାସିନ୍ଦା ମୁନା ଘରେ କେହି ନ ଥିବା ସୁଯୋଗରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ସେ ମଧ୍ୟ ଧମକ ଦେଇଥିଲେ। କେବଳ ଥରେ ନୁହେଁ, ଏକାଧିକ ବାର ଏପରି ବଳାତ୍କାର କରିବା ପରେ ନାବାଳିକା ଅତିଷ୍ଠ ହୋଇ କୁଆଁରମୁଣ୍ଡାରୁ ନିଜ ଘର ସିମଡେଗାକୁ ପଳାଇଥିଲେ। ଗତ କିଛିମାସ ତଳେ ନାବାଳିକାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସିମ୍‌ଡେଗାସ୍ଥିତ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେ ୬ ମାସର ଗର୍ଭବତୀ ଥିବା ଡାକ୍ତର ପରିବାରବର୍ଗଙ୍କୁ କହିଥିଲେ। ଶେଷରେ ନାବାଳିକା ଡିସେମ୍ବର ୨୨ ରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏହି ଘଟଣା ପରେ ପରିବାର ଲୋକେ କୁଆଁରମୁଣ୍ଡା ଆସି ଅଭିଯୁକ୍ତ ଯୁବକ ମୁନାଙ୍କ ସହ କଥା ହୋଇଥିଲେ । ନାବାଳିକାଙ୍କୁ ବିବାହ କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ମୁନା ବିବାହ କରିବାକୁ ରୋକଠୋକ୍ ମନା କରିବାରୁ ପରିବାର ଲୋକେ ବାଧ୍ୟ ହୋଇ ଥାନାର ଆଶ୍ରୟ ନେଇଥିଲେ। ଏ ନେଇ ବୀରମିତ୍ରପୁର ଥାନାରେ ଦଫା ୩୭୬(୩)(୨ଏନ)/ ୫୦୬ ଆଇପିସି, ୬ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୦/୧୯) ରୁଜୁ ହୋଇଛି।

## କାଳିଆ ଯୋଜନା

# ଆଜିଠାରୁ ବଣ୍ଟାଯିବ ସହାୟତା ରାଶି

- ■ ପୁରୀରେ ବିରାଟ ଚାଷୀ ସମାବେଶ
- ■ ମୁଖ୍ୟମନ୍ତ୍ରୀ କରିବେ ଶୁଭାରମ୍ଭ
- ■ ଲକ୍ଷେ ଚାଷୀଙ୍କ ହେବ ସମାଗମ
- ■ ପ୍ରଥମ ପର୍ଯ୍ୟାୟରେ ୧୨.୪୫ ଲକ୍ଷଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, (ବ୍ୟୁରୋ)/ପୁରୀ ଅଫିସ, ୨୪।୧

ଚାଷ ଓ ଚାଷୀମାନଙ୍କର ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାରେ ଶୁକ୍ରବାରଠାରୁ ସହାୟତା ରାଶି ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀଠାରେ ଏହାର ଶୁଭାରମ୍ଭ କରିବେ। ଏ ନେଇ ବୃହତ ଚାଷୀ ସମାବେଶର ଆୟୋଜନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪୫ ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ୨୬ ତାରିଖରୁ ଚୂଡ଼ାନ୍ତ ତାଲିକାରେ ଥିବା ଚାଷୀମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଗଣମାଧ୍ୟମକୁ ସୂଚନା ଦେଇ ସମବାୟ ବିଭାଗ ସଚିବ କ୍ରିଷନ କୁମାର କହିଛନ୍ତି ଯେ ରାଜ୍ୟସ୍ତରରେ ସମସ୍ତ ଜିଲା ପାଇଁ ୧୨.୪୫ ଲକ୍ଷ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ କାଳିଆ ଯୋଜନାର ସହାୟତା ରାଶି ଚାଷୀଙ୍କ ଆକାଉଣ୍ଟକୁ ଯିବ। ଏହିଯୋଜନାରେ ସହାୟତା ପାଇଁ ୬୫ ଲକ୍ଷ ଚାଷୀ ଆବେଦନ କରିଛନ୍ତି। ଆସନ୍ତା ୨୫ରୁ ଫେବୃୟାରୀ ୩ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକା ପ୍ରକାଶ କରାଯିବ। ପ୍ରଥମ ପର୍ଯ୍ୟାୟ ଟଙ୍କା ବଣ୍ଟନ ପାଇଁ ପୁରୀରେ ଆୟୋଜିତ ଚାଷୀ ସମାବେଶରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ୧୬ଟି ବଡ଼ ଏଲଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି।


PARADIP PORT TRUST

E-TENDERING NOTICE

Online tenders in three bid system i.e. (1)EMD Bid (2)Technical Bid (3)Price Bid are invited from manufacturers/authorized dealers for supply of **horizontal centrifugal/ vacuum / other pumps required for water supply / sprinkling.** The Last date & time of submission of the tender is **17.15** Hours on **Dt.11.02.2019.** For details, log on to website: **https://eprocure.gov.in/ eprocure/ app.**

**Sr. Dy. Materials Manager**

PPT/PR/605/18-19, Dt.23.01.2019



**GANGADHAR MEHER UNIVERSITY**
**ODISHA, SAMBALPUR**

**NOTICE**

**No. 293/ GMU/ 2*A-3/2018-19 Dt. 22.01.2019**

**WALK-IN-INTERVIEW**

Candidates having a minimum of 55% marks at the PG level in the subject concerned are invited to attend a Walk-in-interview for the engagement of Guest Faculty purely on temporary basis scheduled to be held in the University as per details given below.

| Sl. No. | Subject | Date & Time of Interview | Remuneration |
|---|---|---|---|
| 1 | Physics, Botany, Philosophy, Statistics & Integrated B.Ed. | 29.01.2019 from 11.00 AM | Rs. 500/- per class of one hour duration and a maximum of Rs. 25,000/- per month. |

Candidates are required to come with their CV along with two passport size photographs and a set of photocopies of all certificates along with original certificates and testimonials. Candidates may also visit the University website www. gmuniversity.ac.in for details.

**Sd./- REGISTRAR**



**ZILLA SWASTHYA SAMITI, NUAPADA**
**DISTRICT PROGRAMME MANAGEMENT UNIT**
**NATIONAL RURAL HEALTH MISSION**

**E-mail: dpmunua@gmail.com, Phone: (06678) 223346**

**Letter No.: 174/DPMU/NHM/19** **Date: 22.1.19**

**CORRIGENDUM**

In continuation to this Office Advt. No. 001/DPMU/NHM/19 dated 09.01.2019 published in Dharitri & Indian Express, **the date of Walk-in-Interview for the Post of Social Worker may be read as 01.02.2019 instead of 05.02.2019**.

**Sd./- Chief District Medical & Public Health Officer cum District Mission Director, NHM, Nuapada**


## ଦୁର୍ଘଟଣା ନେଲା ଛାତ୍ରଙ୍କ ଜୀବନ

କେନ୍ଦୁଝର/ଝୁମ୍ପୁରା, ୨୪।୧ (ସ୍ୱ.ପ୍ର./ଡି.ଏନ.ଏ.)

ବାରିଆ ଥାନା ଅନ୍ତର୍ଗତ ବଡନେଉଳି ଗ୍ରାମ ନିକଟ ଚମ୍ପୁଆ-ବାଉଁଶୁଳୀ ରାସ୍ତାରେ ଗୁରୁବାର ଏକ ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ ଉତ୍ତେଜନା ଦେଖା ଦେଇଥିଲା। ଛାତ୍ର ଜଣଙ୍କ ହେଲେ ସୁଦର୍ଶନ ମୁଣ୍ଡା। ସେ ଦଶମ ଶ୍ରେଣୀରେ ପଢୁଥିଲେ। କେନ୍ଦୁଝରରୁ ଚମ୍ପୁଆ ଯାଉଥିବା ଶିବ ପାର୍ବତୀ ବସ୍ ନମ୍ବର ଓଡି୦୯/୨୬୧୫ ସହ ସ୍କୁଲରୁ ଘରକୁ ଫେରୁଥିବା ଛାତ୍ରଙ୍କ ଓଡି୦୯ଘ/୦୨୮୪ ନମ୍ବର ସ୍କୁଟି ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା।

## କେନ୍ଦୁଝର ଡାକ୍ତରଖାନାରେ ଅଗ୍ନିକାଣ୍ଡ

କେନ୍ଦୁଝର, ୨୪।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ସର୍ଜରୀ ୱାର୍ଡରେ ଗୁରୁବାର ଶର୍ଟସର୍କିଟ ଯୋଗୁ ହଠାତ ନିଆଁ ଲାଗି ଯାଇଥିଲା। ଇନଭର୍ଟର ପଡିଯାଇଥିଲା। ଅନ୍ୟ କୌଣସି କ୍ଷତି ହୋଇ ନ ଥିବା ବେଳେ ରୋଗୀ ସୁରକ୍ଷିତ ଥିବା ସିଡିଏମଓ ଡା. ଚୌଧୁରୀ ସ୍ୱରୂପ ମିଶ୍ର କହିଛନ୍ତି। ପାଖରେ ଥିବା ସର୍ଜରୀ ୱାର୍ଡର ରୋଗୀ ଭୟଭୀତ ହୋଇପଡିଥିଲେ। ପୁରୁଣା କୋଠାରେ ଥିବା ଏକ ୱାର୍ଡ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି।

# ପୋଲିସ ରାସ୍ତାରେ ଚାଲିବେ ଛାତ୍ରୀଛାତ୍ର

- ■ ୪୦ ସ୍କୁଲରେ ଆରମ୍ଭ ହେଲା ଷ୍ଟୁଡେଣ୍ଟ ପୋଲିସ କ୍ୟାଡର
- ■ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରିବ: ଡିଜିପି

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ପୋଲିସ ରାସ୍ତାରେ ଚାଲିବେ ଛାତ୍ରୀଛାତ୍ର। ପୋଲିସର କର୍ତ୍ତବ୍ୟ, ଦାୟିତ୍ୱ, ଆଇନକାନୁନ, ଆପରାଧିକ କାର୍ଯ୍ୟର ଦଣ୍ଡବିଧାନ ଏବଂ ପୋଲିସ ପାଇଁ ଥିବା ଚ୍ୟାଲେଞ୍ଜ ବିଷୟରେ ଛାତ୍ରୀଛାତ୍ରମାନେ ଜାଣିବେ ଏବଂ ସଚେତନ ହେବେ। ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଛାତ୍ରାବସ୍ଥାରୁ ସେମାନେ ଅସାମାଜିକ କାର୍ଯ୍ୟକଳାପ ଆଡ଼କୁ ଚାଲିଯାଆନ୍ତି। ତେଣୁ ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରମାନେ ନିଜକୁ ନିୟନ୍ତ୍ରଣ କରିପାରିବେ। ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଗୁରୁବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ବ୍ୟବସ୍ଥାର ଶୁଭାରମ୍ଭ ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହବିଭାଗ) ଅସିତ ତ୍ରିପାଠୀ ଏହା କହିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଜ୍ଞାନ ମିଳିବ ଏବଂ ଏହା ଭବିଷ୍ୟତରେ ସେମାନଙ୍କୁ ସୁନାଗରିକ ଭାବେ ଗଢି ତୋଳିବାରେ ସହାୟକ ହେବ ବୋଲି ତ୍ରିପାଠୀ କହିଛନ୍ତି।

ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ବ୍ୟବସ୍ଥା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟର ୪୦ଟି ସ୍କୁଲକୁ ଚିହ୍ନଟ କରିଛନ୍ତି। ଏସବୁ ସ୍କୁଲରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ସେଗୁଡ଼ିକ ମଧ୍ୟରେ ୩୩ଟି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏବଂ ୭ଟି କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟ ରହିଛି। ରାଜ୍ୟ ସରକାର ଚାହିଁଲେ ପରବର୍ତ୍ତୀ ସମୟରେ ଅନ୍ୟ ସ୍କୁଲଗୁଡ଼ିକୁ ଏଥିରେ ସାମିଲ କରିପାରିବେ। ଏହା ଏକ ୨ ବର୍ଷିଆ କାର୍ଯ୍ୟକ୍ରମ। ଏଥିରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇପାରିବେ। ଗୋଟିଏ ବିଦ୍ୟାଳୟରେ ୪୪ ପିଲାଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ୨୨ ପୁଅ ଓ ୨୨ ଝିଅ ରହିବେ। ସପ୍ତାହରେ ଦୁଇଥର ଇନ୍‌ଡୋର ଓ ଆଉଟ୍‌ଡୋର ପାଠ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଛି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ, କଲେଜରେ ଏନ୍‌ସିସି ଭଳି ସ୍କୁଲରେ ଏହି ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ବ୍ୟବସ୍ଥା ଲାଗୁ କରାଗଲା। ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହେବା ପରେ ସେମାନଙ୍କ ମଧ୍ୟରେ ଦାୟିତ୍ୱବୋଧ, କର୍ତ୍ତବ୍ୟ ଓ ଦେଶ ପ୍ରେମର ଭାବନା ଜାଗ୍ରତ ହେବ। କେଉଁ ଅପରାଧ ପାଇଁ କ'ଣ ଦଣ୍ଡବିଧାନ ରହିଛି ତାହା ଛାତ୍ରୀଛାତ୍ରଙ୍କୁ ପଢାଯିବ। ଫଳରେ ସେମାନେ ଶୃଙ୍ଖଳିତ ହେବା ସହ ଆଇନ ପ୍ରତି ସେମାନଙ୍କ ସମ୍ମାନ ରହିବ।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଥିଲେ, ନାଗରିକର କର୍ତ୍ତବ୍ୟ, ଅନ୍ୟକୁ ସହାନୁଭୂତି ପ୍ରଦର୍ଶନ ଏବଂ ସାମାଜିକ ବ୍ୟାଧି ବିରୋଧରେ ଜନଚେତନା ସୃଷ୍ଟି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସ୍କୁଲ ସମୟରୁ ଅନେକ ଛାତ୍ରୀଛାତ୍ରମାନେ ଅପରାଧ ଦୁନିଆରେ ପାଦ ଦେଉଛନ୍ତି। ଏହି ଶିକ୍ଷାଦ୍ୱାରା ସେମାନେ ନିଜକୁ ଠିକ ବାଟରେ ନେଇ ପାରିବେ ବୋଲି ଆଶା ରହିଛି।

ଏହି ବ୍ୟବସ୍ଥା ପ୍ରଥମେ ୨୦୧୪ରେ କେରଳରେ ଆରମ୍ଭ ହୋଇଥିଲା। ପରେ ଏହାକୁ ଅନ୍ୟ ରାଜ୍ୟକୁ ସମ୍ପ୍ରସାରଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ମହାନିରୀକ୍ଷକ(ସଦର ମହକୁମା) ଅସିତ ପାଣିଗ୍ରାହୀ ଓ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ଉପସ୍ଥିତ ଥିଲେ।



ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ବ୍ୟବସ୍ଥାର ଶୁଭାରମ୍ଭ ଅବସରରେ ଜଣେ ଛାତ୍ରୀଙ୍କୁ ବ୍ୟାଚ୍ ପିନ୍ଧାଯାଉଛି।


**OFFICE OF THE MUNICIPAL COUNCIL, SUNDARGARH**

**No.391** **Dt.24.01.2019**

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No.SNGM-19/2018-19/Dt.24.01.2019**

On behalf of the Sundargarh Municipality on-line e-tender **item Rate Bids** are invited by the Executive Officer, Sundagarh Municipality from the intending registered / manufacturers / agencies and eligible category of bidders in confirmity with the detailed tender call notice for execution of the work **"Exterior Glass Paneling work for Office Building of Sundargarh Municipality" as** mentioned in the DTCN.

1. Total No. of works for which tenders invited: 01 No.
2. Place of Execution: Inside of Sundagarh Municipality
3. Eligible class of contractors: **Registered suppliers / manufacturers / agencies** as indicated against each work mentioned in the tender call notice.
4. Intending bidders have to participate through **"On-line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **11 AM on 25.01.2019 to 5 PM on 04.02.2019** for online bidding.
6. Bids received online will be opened at **11 AM on 07.02.2019**.
7. The bidders must possess valid and compatible **Digital Signature Certificate (DSC)**.
8. The DTCN for 01 No. of work shall be available in the e-procurment portal **https://www. tendersodisha.gov.in** for on-line bidding.

**Sd./- Executive Officer, Sundargarh Municipality**



"ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି। - ତୁଳସୀ ଦାସ

**ସଂକ୍ଷେପରେ**

## ଖାଲସା କ୍ଲବ ସମ୍ବଲପୁର ସେମିରେ

ରେଢ଼ାଖୋଲ/ଅମରପାଲି, ୨୪।୧ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲିଠାରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପୁଲ (ବି)ର ପ୍ରଥମ ମ୍ୟାଚରେ ଆତଙ୍କ କ୍ରିକେଟ କ୍ଲବ ରେଢ଼ାଖୋଲକୁ ହରାଇ ଖାଲସା କ୍ଲବ ସମ୍ବଲପୁର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ୧୫-୧୫ ଓଭର ଓ ୬-୬ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା। ରେଢ଼ାଖୋଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୧୫ରନ କରିଥିଲା। ଦଳର ଦିଲ୍ଲୁ ୧୮ ଓ ଡେଇନା ୧୪ ରନ କରିଥିଲେ । ବିପକ୍ଷ ପିଣ୍ଟୁ ୩ଟି ଓ ବାବୁ ୨ଟି ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ଆବଶ୍ୟକ ୧୧୬ ରନକୁ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ସଞ୍ଜିବ ନାଏକ ୩୩ ଓ ଜିତୁ ୩୨ ରନ କରିଥିଲେ। ରେଢ଼ାଖୋଲର ସଞ୍ଜିବ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ଫର୍ମାଟ ମ୍ୟାଚରେ ରେଢ଼ାଖୋଲ ଦଳ ବାବୁଙ୍କ ୨୫ ରନ ଓ ଶୈବଳଙ୍କ ୧୯ରନ ସହାୟତାରେ ୬ ଓଭରରେ ୬୭ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ଆବଶ୍ୟକ ୬୮ ରନକୁ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଜିତୁ ୫୪ ରନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଗୋପବନ୍ଧୁ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ସମ୍ବଲପୁରର ଜିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରିଥିଲେ। ଖେଳଟିକୁ ରତନ ସେଠୀ ଓ ପ୍ରଭୁଦତ୍ତ ସେଠୀ ପରିଚାଳନା କରିଥିବା ବେଳେ ବୁବୁନ ଜେନା ସ୍କୋରିଂ ଏବଂ ସୁଜିତ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ମ୍ୟାଚ ରେଙ୍ଗାଲି ଓ ବଲାଙ୍ଗୀର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଉପେନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସମ୍ବଲପୁର,୨୪।୧(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ହାତୀବାରି ଗ୍ରାମରେ ଉପେନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମାଁ ମେଟାକାନୀ ଦଳ ଡାକଡେରା ବନାମ ୟଙ୍ଗଷ୍ଟାର କ୍ଲବ ରାଣୀବନ୍ଧ ମୁହାଁମୁହିଁ ହୋଇଥିଲା । ଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଖେଳ ଶେଷ ସମୟରେ ୨-୧ ଗୋଲ ସ୍କୋରରେ ରାଣୀବନ୍ଧ ବିଜୟୀ ହୋଇଥିଲା । ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଅରୁଣ ଦେହୁରୀ, ସମ୍ମାନୀତ ଅତିଥି ଭାବେ ଲକ୍ଷ୍ମଣ ନାଥ, ଚନ୍ଦ୍ରଶେଖର ପାଣିଗ୍ରାହୀ, ସବ୍ୟସାଚୀ ଷଡଙ୍ଗୀ ଯୋଗ ଦେଇଥିଲେ । ବିଜୟୀ ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୩ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା ।

# ଦାବି ମାନିଲେ ଉପରିସ୍ଥ ଅଫିସର

ରେଙ୍ଗାଲି, ୨୪।୧ (ଡି.ଏନ.ଏ.)

**ଫ୍ରାଞ୍ଚାଇଜ୍‌କୁ ବିରୋଧ**
- ଦ୍ୱିତୀୟ ଦିନରେ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା
- ୯ଘଣ୍ଟା ଅଟକ ରହିଲେ ଏସ୍‌ଡିଓ, ୩ ଜେଇ
- ଲିଖିତ ପ୍ରତିଶ୍ରୁତି ପାଇଲା ପରେ ଓହରିଲେ
- ୨୭ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ସୁରକ୍ଷିତ

ରେଙ୍ଗାଲି ବିଦ୍ୟୁତ କର୍ମଚାରୀ ଫ୍ରାଞ୍ଚାଇଜ୍‌କୁ ବିରୋଧ କରି ରେଙ୍ଗାଲି ଗ୍ରୀଡ୍ କାର୍ଯ୍ୟାଳୟଠାରେ ଗୁରୁବାର ଦ୍ୱିତୀୟ ଦିନ ଧାରଣାରେ ବସିଥିଲେ । ରେଙ୍ଗାଲି ଏସ୍‌ଡିଓ ରାଜୁ ଶାହା, ରେଙ୍ଗାଲି ଜେଇ ଅଜୟ କୁମାର ମଞ୍ଜ ପ୍ରମୁଖ ୪ଜଣଙ୍କୁ ଦୀର୍ଘ ୯ଘଣ୍ଟା ଗ୍ରୀଡ କାର୍ଯ୍ୟାଳୟଠାରେ ଅଟକ ରଖିଥିଲେ। ସନ୍ଧ୍ୟାରେ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଧନଞ୍ଜୟ ରଣାଙ୍କ ସହ ଏସ୍‌ଡିଓ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ରେଙ୍ଗାଲି ଗ୍ରୀଡ ଅନ୍ତର୍ଗତ ୨୭ ଜଣ ଡିସକନେକସନ୍ ସ୍କ୍ୱାଡଙ୍କୁ ଚାକିରିରୁ ବାହାର କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ବିଦ୍ୟୁତ୍ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନା ମୁତାବକ, ଫ୍ରାଞ୍ଚାଇଜ୍ ହେଲେ ଗ୍ରାହକମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେବା ସହ ବିଭିନ୍ନ ସମୟରେ ଠକାମିର ଶିକାର ହେବେ। ସେହିପରି ବିଦ୍ୟୁତ୍ ମରାମତି ଠିକ୍ ସମୟରେ ହୋଇପାରିବ ନାହିଁ ବୋଲି କର୍ମଚାରୀମାନେ କହିଛନ୍ତି । ଏହି ଫ୍ରାଞ୍ଚଇଜ୍ ଦ୍ୱାରା ବର୍ଷ ବର୍ଷ ଧରି ରେଙ୍ଗାଲି ଗ୍ରୀଡରେ ଡିସକନେକସନ୍ ସ୍କ୍ୱାଡରେ କାମ କରି ଆସୁଥିବା ୨୭ଜଣ କର୍ମଚାରୀଙ୍କୁ ବାହାର କରାଯିବ। ଫଳରେ ରେଙ୍ଗାଲି ଗ୍ରୀଡର ପ୍ରାୟ ୩୩ ହଜାର ଗ୍ରାହକଙ୍କୁ ମାତ୍ର ୧୯ଜଣ ସ୍ଥାୟୀ କର୍ମଚାରୀ ସେବା ଯୋଗାଇବେ । ଫଳରେ ବିଦ୍ୟୁତ ସମସ୍ୟା ଦେଖା ଦେବାର ଆଶଙ୍କା ରହିବ। ଏଣୁ ଗ୍ରାହକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେବ ବୋଲି ଏମାନେ ଯୁକ୍ତି ଦର୍ଶାଇଥିଲେ। ରଞ୍ଜିତ ମହାପାତ୍ର, ପଦ୍ମଲୋଚନ ସାହୁ, ଶୁଭେନ୍ଦୁ ନାଏକ, ଜୟପ୍ରକାଶ ପଟେଲ, ସିଦ୍ଧେଶ୍ୱର ପଟେଲ, ଅକ୍ଷୟ ସାହୁ, ସୁଦାମ ବାରିକ, ରଘୁରାମ ସାହୁ, ବିଜୟ ସ୍ୱାଇଁ, ସଞ୍ଜୀବ ସାହୁ ପ୍ରମୁଖଙ୍କ ସହ ରେଙ୍ଗାଲି ଗ୍ରୀଡ ଅନ୍ତର୍ଗତ ଶାସନ, ରେଙ୍ଗାଲି, ଲଇଡା, ପରମାଣପୁର ସବ୍‌ଷ୍ଟେଶନର ବିଦ୍ୟୁତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ ।



ରେଙ୍ଗାଲି ଗ୍ରୀଡ୍ କାର୍ଯ୍ୟାଳୟଠାରେ ଗୁରୁବାର ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ପୌର ନିର୍ବାଚନ: ରିଭ୍ୟୁ ପିଟିଶନ ଖାରଜ କଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କୁ ପୁଣି ଏକ ଝଟକା ଲାଗିଛି। ପୌର ସଂସ୍ଥାଗୁଡ଼ିକରେ ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ଅଧିକ ସ୍ଥାନ ସଂରକ୍ଷଣ ବେଆଇନ ବୋଲି ଦର୍ଶାଇଥିଲେ। ତେବେ ରାୟର ପୁନଃବିଚାର କରିବାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ଗୁରୁବାର ରାଜ୍ୟ ସରକାର ଦାୟର କରିଥିବା ରିଭ୍ୟୁ ପିଟିଶନକୁ ସୁପ୍ରିମ କୋର୍ଟ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଉଦୟ ଉମେଶ ଲଳିତ ଏବଂ ସଞ୍ଜୟ କିଷନ କାଉଲଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରି ଦେଇଛନ୍ତି। ଏହାକୁ ଖାରଜ କରିବା ପରେ ରାଜ୍ୟ ସରକାର ପୁଣି ଏକ କ୍ୟୁରେଭିଟି ପିଟିଶନ ସୁପ୍ରିମକୋର୍ଟରେ ଦାଖଲ କରିବେ ବୋଲି ସୂଚନା ମିଳିଛି। ଏହା ହେଉଛି ରାଜ୍ୟ ସରକାରଙ୍କ ପାଇଁ ଶେଷ ଅସ୍ତ୍ର। ଏହା ଯଦି ବିଫଳ ହେବ ତେବେ ରାଜ୍ୟ ସରକାର ପୁଣି ଥରେ ପୌର ଆଇନ ସଂଶୋଧନ କରି ପୌରସଂସ୍ଥାଗୁଡ଼ିକରେ ସ୍ଥାନ ସଂରକ୍ଷଣ କରିବାକୁ ବାଧ୍ୟ ହେବେ। ଏଭଳି ପରିସ୍ଥିତିରେ କାର୍ଯ୍ୟକାଳ ଶେଷ ହୋଇଥିବା ୬୫ରୁ ଊର୍ଦ୍ଧ୍ୱ ପୌର ସଂସ୍ଥା ଓ ୨ଟି ମହାନଗର ନିଗମର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି।

# ଚିପିଲିମା ଉତ୍ସବ ଉଦ୍‌ଯାପିତ: ୩ ଦିନ ଧରି ନାଚଗୀତରେ ମତୁଆଲା ହେଲେ ଦର୍ଶକ

ଚିପିଲିମା, ୨୪।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଚିପିଲିମା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) କ୍ରୀଡା ଓ ସାଂସ୍କୃତିକ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୩ତମ ଚିପିଲିମା ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସିଏଚଇପିର ଇଂ. ଅଶୋକ କୁମାର ପଣ୍ଡା, ବୈଜାମୁଣ୍ଡା ସାନସିଂହାରୀ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜଗତ, ଚିତ୍ତରଞ୍ଜନ ପାଢ଼ୀ, ରବି ରାଉତ, ପ୍ରଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଚଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ନେଇଥିବା ବରଗଡର ପଲକ ପଟ୍ଟଆନୀ, ହୀରାକୁଦର ଅର୍ପିତା ନାୟକ, ଶକ୍ତି ମିଶ୍ର, ସାନବି ସୋହାନୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସ୍ଥାନୀୟ ପ୍ରାଥମିକ ସ୍କୁଲ ଇଶାରାଣୀ ଗଣ୍ଡ, ସେକ୍ ମୁସ୍କାନ, ଏମଇ ସ୍କୁଲର ପ୍ରଭୁଦତ୍ତ ଆଚାର୍ଯ୍ୟଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଶେଷରେ ଗଣେଶ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବ ପକ୍ଷରୁ ମହେନ୍ଦ୍ର ରାଉତଙ୍କ ରଚିତ ଓ ପ୍ରଶାନ୍ତ ନାଏକଙ୍କ ନିର୍ଦ୍ଦେଶିତ 'ଫ୍ଲପ ସୋ' ଡ୍ରାମା ପ୍ରଦର୍ଶିତ ହୋଇଥିଲେ। ପ୍ରଦୀପ କୁମାର ନାୟକ ଓ ଛାତ୍ର ସୁଜଳ ତିୱାରୀଙ୍କୁ ସମ୍ମାନିତ କରାଯାଇଥବଲା। ଛାତ୍ରୀଛାତ୍ରଙ୍କ ନାଚ, ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ଅନ୍ୟପକ୍ଷେ ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁର କଳାକେନ୍ଦ୍ରର ସଂଗୀତ ନିର୍ଦ୍ଦେଶକ ଡ. ପ୍ରଦୀପ ସେଠଙ୍କ ନିର୍ଦ୍ଦେଶନା, ନିର୍ଦ୍ଦେଶକ ନାଟ୍ୟଶ୍ରୀ ବିପିନବିହାରୀ ଦାସ ଓ ଟାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରାଙ୍କ ଦଳ ଦ୍ୱାରା ପରିବେଶିତ ସମ୍ବଲପୁରୀ ନୃତ୍ୟ ଗିଡ୍‌ଜା ଘୁଡୁମ ଦର୍ଶକଙ୍କ ମନ ମୋହିଥିଲା। ଦୁଲଦୁଲିର ତାଳେ ତାଳେ ଦର୍ଶକ ଝୁମିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ନାଉରୀ ନାୟକ, ଜିଲାପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, କର୍ଡୋଲା ସରପଞ୍ଚ ବିଶ୍ୱବନ୍ଧ୍ୟା ବଡ଼େଇ, ରବି ରାଉତ, ଦେବେନ୍ଦ୍ର ନାୟକ, ଗୋବିନ୍ଦା ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜୟଶଙ୍କର ତିୱାରୀ, ମହେନ୍ଦ୍ର ରାଉତ, ଗଣେଶ ତାଣ୍ଡିଆ, ହରେଶ ଦଲାଇ, ସଞ୍ଜୀବ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

# ସଂସଦର ଅନୁଭୂତି ପାଇଲେ ଯୁବତୀ ଯୁବକ

ବାମରା, ୨୪।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ପାର୍ଲାମେଣ୍ଟର ପ୍ରତୀକ ପାଲଟିଛି। ଏଠାରେ ଦିନିକିଆ ଜାତୀୟ ଯୁବ ସଂସଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଦୟା ସାଗରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କଲେଜ ପରିସରରେ ଏକ ପ୍ରତୀକାତ୍ମକ ପାର୍ଲାମେଣ୍ଟ ଗଠନ କରାଯାଇଥିଲା। ଅଧ୍ୟାପକ ଶ୍ୟାମସୁନ୍ଦର ସାହୁ ବାଚସ୍ପତି ଓ ହରେଶ କୁମାର ସାହୁ ପାର୍ଲାମେଣ୍ଟ ଅଫିସର ଦାୟିତ୍ୱ ତୁଲାଇଥିଲେ । କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନ ତଥା ଅନୁଷ୍ଠାନର ୧୮ରୁ ୨୫ ବର୍ଷ ଭିତରେ ଯୁବତୀ ଯୁବକ ସାମିଲ ହୋଇଥିଲେ। ଏଥିରେ ସମ୍ବଲପୁର ଓ ବୌଦ୍ଧ ଜିଲାରୁ ୧୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ପ୍ରତିନିଧିମାନେ ନିଜକୁ ଯୁବ ସାଂସଦ ରୂପେ ଉପସ୍ଥାପନ କରି ଦେଶରେ ଲାଗି ରହିଥିବା ବିଭିନ୍ନ ସମସ୍ୟା, ସମାଧାନ, ନିରାକରଣ ଓ ସହ ନିଜ ନିଜ ମତପ୍ରକାଶ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଆତଙ୍କବାଦ, ବିଶ୍ୱ ତାପନ, ବିମୁଦ୍ରୀକରଣ, ଖେଲୋ ଇଣ୍ଡିଆ, ଷ୍ଟିଲ ଇଣ୍ଡିଆ, ବନୀକରଣ, ପ୍ରଦୂଷଣ, ସଶକ୍ତିକରଣ, ଗୁଣାତ୍ମକ ଶିକ୍ଷା, ସାମାଜିକ ସୁରକ୍ଷା, ଡିଜିଟାଲ ଇଣ୍ଡିଆ, ସଂସ୍କୃତ ଓ ପର୍ଯ୍ୟଟନ, ଜଳବାୟୁ ଓ ପାଣିପାଗ ଉପରେ ବିଶଦ ଆଲୋଚନା କରାଯାଇଥିଲା । ମୋଟ ୧୫୦ ଜଣଙ୍କ ମଧ୍ୟରୁ ବେଦିକ ଡିଗ୍ରୀ କଲେଜ, ଶାସନର ଜାହ୍ନବୀ ଶର୍ମା ପ୍ରଥମ ହୋଇଛନ୍ତି। ଓଡିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଏଆଣ୍ଡ ରିସର୍ଚ୍ଚର ସାଲୋନୀ ଜୈନ ଦ୍ୱିତୀୟ ଓ ଭିସୁଟ ବୁର୍ଲାର ଛାତ୍ରୀ କୌଶଳୀ ଦାଶ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଭାଗ ନେବାକୁ ଯୋଗ୍ୟ ହୋଇଛନ୍ତି । ସୁନୀଲ କୁମାର ଦୀପା ଓ ଲାବିନା କାନୁଗା ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ବିଚାରକ ମଣ୍ଡଳୀ ଭାବେ ଅଧ୍ୟାପକ ଖଗେଶ୍ୱର ଦାଶ, ଶିବ ନନ୍ଦ, ଅବସରପ୍ରାପ୍ତ କ୍ୟାପଟେନ ଶଶିଭୂଷଣ ସେଠୀ, ସଜନ କୁମାର ଖଣ୍ଡେଲୱାଲ ଓ ଶିକ୍ଷାବିତ ଘାସିରାମ ସାହୁ ଦାୟିତ୍ୱ ତୁଲାଇଥିଲେ । ଏମ.ସି. ଦେହୁରୀ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ମାରିୟାନୁସ ବିଲୁଙ୍ଗ, ପ୍ରାଧ୍ୟାପକ ଡ. ସୁଧାଂଶୁ ଶେଖର ସିଂ, ଡିପିଓ ବିନୋଦ ବିହାରୀ ପୃଷ୍ଟେଠ ଏବଂ ସପ୍ନେ ପ୍ରଧାନ, ମଧୁସୂଦନ ପ୍ରଧାନ, ପ୍ରାନ୍‌ସିସ୍ ଡୁଙ୍ଗଡୁଙ୍ଗ ଓ ଅଧ୍ୟାପକ କେଦାରନାଥ ପଟେଲ ପ୍ରମୁଖ ସଂସଦର ସଭାକାର୍ଯ୍ୟ ପରିଚାଳନା କରିଥିଲେ।



ଗୋଦାବରୀ ଡିଗ୍ରୀ କଲେଜରେ ଗୁରୁବାର ଅନୁଷ୍ଠିତ ଯୁବ ସଂସଦ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅତିଥି ବୃନ୍ଦ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକେଇ ଦେଉଛି ଧୂଳି
ମାଡ଼ ମାରି ପୁଣି କରୁଛି କଳି ।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଦୋଷ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟ ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମାଇଁ,
ଯାହା ପେଟକୁ ଯିଏ ଧାଇଁ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ। କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ। ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


■୧୦ମ ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ସୋନପୁରକୁ ହରାଇ ମେହେତାବ କ୍ଲବ ବିଜୟୀ

ସମ୍ବଲପୁର,୨୪।୧(ବ୍ୟୁରୋ)

ମାନେଶ୍ୱର ନିକଟସ୍ଥ ସ୍ୱର୍ଣ୍ଣବୁରାଇ ଖେଳ ପଡିଆରେ ୧୦ମ ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ବନାମ ସମ୍ବଲପୁର ମେହେତାବ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ସୋନପୁର ଦଳ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା । ୧୫୩ରନ ଲକ୍ଷ୍ୟ ନେଇ ସମ୍ବଲପୁର ମେହେତାବ କ୍ଲବ ପଡିଆକୁ ଓହ୍ଲାଇଥିଲା। ମେହେତାବ କ୍ଲବର ଅବିନାଶ ନନ୍ଦଙ୍କ ୫୩ ରନ ସହାୟତାରେ ମେହେତାବ କ୍ଲବ ୧୬.୩ ଓଭରରେ ୧୫୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । କ୍ଲବ ସଭାପତି ଫ୍ରାନ୍ସିସ୍ ଫୁଲକରନ୍‌ଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶଙ୍କର ମୋଟର୍ସ ପ୍ରୋପ୍ରାଇଟର୍ସ ଜି. ମାଲେଶ୍ୱର ରାଓ, ସନ୍ଦୀପ୍ତ କୁମାର ନାଥ ଉପସ୍ଥିତ ଥିଲେ। ମେହେତାବ କ୍ଲବର ଜାହାଙ୍ଗିରଙ୍କୁ ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବୋଲର୍ ଭାବେ ପୁରୁଷୋତ୍ତମ ସାହୁ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ମହମ୍ମଦ ସଲିମଙ୍କୁ ପୁରସ୍କୃତ କରାଯାଇଥିଲା । ରାଜେଶ ସାହୁ, ଗୁରୁପିତ ସିଂ ଅମ୍ପାୟାର ଥିବା ବେଳେ ମିଳନ ପୂଜାରୀ ସ୍କୋରର ଥିଲେ ।



ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଲଭପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

**ଋଣ - ଋଣ - ଋଣ**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଖଇରପାଲିରୁ ଅପରିଚିତ ମୃତଦେହ ଉଦ୍ଧାର

ସମ୍ବଲପୁର,୨୪।୧(ବ୍ୟୁରୋ)-ସମ୍ବଲପୁର ଜିଲା ଧନୁପାଲି ଥାନା ଖଇରପାଲି ନିକଟ ଏକ ନିଛାଟିଆ ସ୍ଥାନରୁ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରଖିଛି । ଏ ନେଇ ଥାନାରେ ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ କହିବା ଅନୁସାରେ ବ୍ୟକ୍ତି ଜଣକ ପ୍ରାୟ ୩ରୁ ୪ ଦିନ ହେଲା ଏହି ଅଞ୍ଚଳରେ ବୁଲା ବୁଲି କରୁଥିଲେ । ସେ ମାନସିକ ରୋଗୀ ଥିବା ସନ୍ଦେହ କରାଯାଉଛି ।

### ମଦ କାରବାର ସରପଞ୍ଚଙ୍କ ସ୍ୱାମୀ ଗିରଫ

ସମ୍ବଲପୁର,୨୪।୧(ବ୍ୟୁରୋ)-ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ମଦ କାରବାର କରୁଥିବା ଅଭିଯୋଗରେ ମେଘପାଳ ସରପଞ୍ଚଙ୍କ ସ୍ୱାମୀ ହୃଦାନନ୍ଦ ପ୍ରଧାନଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ୩୮ ବୋତଲରେ ଥିବା ୬ଲିଟର ୮୪୦ ମିଲି ଲିଟର ବିଦେଶୀ ମଦ ଜବତ ହୋଇଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି । ବହୁ ଦିନରୁ ହୃଦାନନ୍ଦ ଏହି ଅଞ୍ଚଳରେ ମଦ ବ୍ୟବସାୟ କରୁଥିଲେ। ଗୁରୁବାର ହୃଦାନନ୍ଦ ମଦ ନେଇ ଯାଉଥିଲେ। ହେଲେ ପୂର୍ବରୁ ଛପି ରହିଥିବା ପୋଲିସ ଯୁଯୁମୁରା ବ୍ଲକ ଛକରେ ତାଙ୍କୁ ଗିରଫ କରିଥିଲା।

### ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୪।୧(ବ୍ୟୁରୋ) ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଏକ ଚୋରି ମୋବାଇଲ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ମହମ୍ମଦ ରସିଦ (୨୩) । ଏ ନେଇ ଥାନାରେ ଏକ ମାମଲା (ନଂ.୨୩/୧୯) ରୁଜୁ ହୋଇଛି।

### କମ୍ପାନୀ ସାମଗ୍ରୀ ଚୋରି ଅଭିଯୋଗରେ ଗିରଫ

ସମ୍ବଲପୁର,୨୪ । ୧(ବ୍ୟୁରୋ)-ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲି ନୂଆଁପଡା ଅଞ୍ଚଳର ଏକ କମ୍ପାନୀରୁ ହାଡୱେର ସାମଗ୍ରୀ ଚୋରି କରିବା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କ୍ଷେତରାଜପୁର ଥାନା ମିଲପଡାର ଗଗନ ନାଗ (୨୪) । ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର କମ୍ପାନୀର ଅଧିକାରୀ ଅମୂଲ୍ୟ କୁମାର ଜେନା ଗତ ଡିସେମ୍ବର ୧୫ ତାରିଖରେ ଅଭିଯୋଗ କରିଥିଲେ ଯେ, ଦୁଇଜଣ ଅଭିଯୁକ୍ତ ଆସି ତାଙ୍କୁ ଭୁଜାଲି ଦେଖାଇ ଏକ ବସ୍ତାରେ ଥିବା ହାର୍ଡୱେର ସାମଗ୍ରୀ ଲୁଟି ନେଇଥିଲେ। ଅଭିଯୋଗ ପରେ ଏକ ମାମଲା (ନଂ.୪୮୮/୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ଡିସେମ୍ବର ୧୬ ତାରିଖ ମିଲ୍‌ପଡାର ବସୁଦେବ ତାଣ୍ଡିଙ୍କୁ ଗିରଫ କରିଥିଲା । ତାଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିଲା।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜଳ ସଙ୍କଟ: ସଭ୍ୟତାର ସମ୍ପଦ ଶୀର୍ଷକ ଆଲୋଚନା ଚକ୍ର
  ସ୍ଥାନ- ଓଡିଶା ସାଂସ୍କୃତିକ ସମାଜ ଭବନ
  ସମୟ- ସନ୍ଧ୍ୟା ସାଢ଼େ ୬ଟା।
- ପର୍ଶୁରାମ ମିଶ୍ରଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ
  ସ୍ଥାନ- ଭୁତାପଡା ଛକ
  ସମୟ- ପୂର୍ବାହ୍ନ ୯ଟା।
- ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ
  ସ୍ଥାନ- ବୁର୍ଲା ବାଳକ ହାଇସ୍କୁଲ
  ସମୟ- ପୂର୍ବାହ୍ନ ୧୧ଟା।

# ଫ୍ଲାଏ ଓଭର ବ୍ରିଜ୍ କାମ ନ ସରିବା ପ୍ରତିବାଦରେ ରାସ୍ତାରୋକୋ

ସମ୍ବଲପୁର,୨୪।୧(ବ୍ୟୁରୋ) ଫ୍ଲାଏ ଓଭର ବ୍ରିଜ୍ ସମ୍ବଲପୁରବାସୀଙ୍କ ଦୁଃଖ ସାଜିଛି । ଦୀର୍ଘ ଦିନ ହେବ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ ଶେଷ ହୋଇନାହିଁ ।ପ୍ରକୃତ ପକ୍ଷେ କଚ୍ଛପ ଗତିରେ ଚାଲିଛି ନିର୍ମାଣ କାମ । ଯଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ ନିର୍ମାଣ ସାମଗ୍ରୀ ପଡି ଜନସାଧାରଣ ଆହତ ହେଉଥିବା ନଜିର ରହିଛି । ଏଣୁ କାମରେ ମନ୍ଥରତା ଅଭିଯୋଗ କରି ଜିଲା କଂଗ୍ରେସ କମିଟି ଗୁରୁବାର ଲକ୍ଷ୍ମୀଟକିଜ ଛକଠାରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛି। କାମ ଶୀଘ୍ର କରା ନ ଗଲେ କଂଗ୍ରେସ ଆନ୍ଦୋଳନ ତୀବ୍ର କରିବ ବୋଲି ଚେତାବନୀ ଦିଆ ଯାଇଛି। ଏହି ରାସ୍ତାରୋକ ଯୋଗୁ ଲକ୍ଷ୍ମୀଟକିଜ- ଭିଏସଏସ ମାର୍ଗ, ଲକ୍ଷ୍ମୀଟକିଜ- ଗୋଲବଜାର ରାସ୍ତା, ଲକ୍ଷ୍ମୀଟକିଜ- ମୁଦିପଡା ଛକ ରାସ୍ତା ଏବଂ ଲକ୍ଷ୍ମୀଟକିଜ- ଗଙ୍ଗାଧର ମେହେର କଲେଜ ରୋଡର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗିରଫ କରି ଟାଉନ ଥାନାକୁ ନେଇ ପରେ ଛାଡି ଦେଇଛି। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ଆସଫ ଅଲ୍ଲୀ ଖାନ୍, ସଧୀର ପଣ୍ଡା, ପ୍ରଶାନ୍ତ ସାହୁ, ମହମ୍ମଦ ଅଜଗର ଅଲ୍ଲୀ, ବିଜୟଲକ୍ଷ୍ମୀ ବେହେରା, ପ୍ରଣତି ପଟ୍ଟନାୟକ, ଲାଲମୋହନ ସାଠିଆ, ଆଶୁତୋଷ ସ୍ୱାଇଁ, ବିଜୟ ଭୂୟାଁ, ସୂତାପା ମିତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ଫେବୃୟାରୀ ୧୨ ତାରିଖରୁ ଏହି ଫ୍ଲାଏ ଓଭର ବ୍ରିଜ୍ କାମ ଆରମ୍ଭ ହୋଇଛି । ୨୦୧୭ ମସିହା ମେ ୧୧ ତାରିଖରେ ଏହାର କାର୍ଯ୍ୟ ଶେଷ ହେବାକୁ ଧାର୍ଯ୍ୟ କରାଯାଇଥିଲା । ହେଲେ ଧାର୍ଯ୍ୟ ସମୟ ସୀମା ଡେଇଁଗଲେ ମଧ କାମ ଶେଷ ହୋଇନାହିଁ । ଧୁରୁରାପଡା ଛକରୁ କଚେରି ଛକ ପର୍ଯ୍ୟନ୍ତ ୧ହଜାର ୮୮୧ ମିଟର ଫ୍ଲାଏ ଓଭର ବ୍ରିଜର ଲମ୍ବ ରହିଛି। ଏଥିରେ ୫୦ଟି ପିଲର୍ ରହିଛି । ବିଭିନ୍ନ ସ୍ଥାନରେ ପିଲର ଉଚ୍ଚତା ୫ ମିଟରରୁ ଆରମ୍ଭ କରି ୧୫ମିଟର ପର୍ଯ୍ୟନ୍ତ ରହିଛି । ପୂର୍ବରୁ ୬୬.୩୮ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିଲା । ବିଳମ୍ବ ହେତୁ ୧୩୦ କୋଟି ଟଙ୍କା ସରକାରୀ ଅନୁମୋଦନ ଲାଗି ପଠାଯାଇଛି। ଏହି କମ୍ପାନୀକୁ ସରକାରଙ୍କ ଅହେତୁକ ଅନୁକମ୍ପା ରହିଛି । ଫଳସ୍ୱରୂପ ବିଳମ୍ବ ହେତୁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି ।



ଗୁରୁବାର ସମ୍ବଲପୁର ଲକ୍ଷ୍ମୀଟକିଜ ଛକଠାରେ ବିକ୍ଷୋଭକାରୀ ।

## ଏଲଆଇସି ମଣ୍ଡଳ ଅଫିସ ସମ୍ମୁଖରେ ଧାରଣା

ସମ୍ବଲପୁର, ୨୪।୧ (ବ୍ୟୁରୋ) ଭାରତୀୟ ଜୀବନ ବୀମା ଅଭିକର୍ତ୍ତା ମହାସଂଘ ଆହ୍ୱାନରେ ଗୁରୁବାର ଅଇଁଠାପାଲି ନିକଟସ୍ଥ ଏଲଆଇସି ମଣ୍ଡଳ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ବୀମାଧାରକମାନଙ୍କ ବୋନସ ବୃଦ୍ଧି, ଅଭିକର୍ତ୍ତା ପିଲାମାନଙ୍କ ଶିକ୍ଷା ପାଇଁ ଋଣ ସୁବିଧା ପ୍ରଭୃତି ୮ଦଫା ଦାବିରେ ଆନ୍ଦୋଳନକାରୀ ଧାରଣା ଦେଇଥିଲେ । ସମ୍ବଲପୁର ଡିଭିଜନ କାଉନସିଲ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ ସୁନ୍ଦରମଣି ନାୟକ, ଉପସଭାପତି ଅନିରୁଦ୍ଧ ସାମଲ, ଜୋନାଲ କାଉନସିଲ ସମ୍ପାଦକ ସରୋଜ କୁମାର ସଂଖୁଆ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଗୁରୁବାର ସମ୍ବଲପୁର ଅଇଁଠାପାଲି ଏଲଆଇସି ମଣ୍ଡଳ ଅଫିସ ସମ୍ମୁଖରେ ୮ଦଫା ଦାବି ନେଇ ଧାରଣା ଦିଆଯାଇଛି ।

## ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

ସମ୍ବଲପୁର, ୨୪।୧ (ବ୍ୟୁରୋ) ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ରାଜ ଭାଷା କାର୍ଯ୍ୟକାରୀ ସମିତିର ୬୦ତମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମହାପ୍ରବନ୍ଧକ ବି.ସି. ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ରାଜଭାଷା କଳିହାରୀ ସହାୟକ ପ୍ରବନ୍ଧକ ବି.ଆର୍. ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ହିନ୍ଦୀ ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ଶର୍ମା ଯୋଗଦେଇ କାର୍ଯ୍ୟାଳୟ ଗୁଡିକରେ ରାଜଭାଷା ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟାଳୟ ରାଜଭାଷା ବିଭାଗର ତୁଳିକା ବିଶ୍ୱାସ ବିଗତ ବୈଠକରେ ହୋଇଥିବା ଆଲୋଚନାର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମୀମାନେ ସାମିଲ ଥିଲେ ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା



ଭାଜପାର ଜନ ପରାମର୍ଶ ପଦଯାତ୍ରାରେ ମଞ୍ଚାସୀନ ଅତିଥି ।

ଚିପିଲିମା, ୨୪।୧ (ଡି.ଏନ.ଏ) ବୁର୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପେଟ୍ରୋଲ ପମ୍ପ ଛକଠାରୁ ପଦଯାତ୍ରା ବାହାରି ଅମ୍ବେଡ଼କର ଭବନ, ହାଇସ୍କୁଲ ପଡିଆ, ହସିନା ପଡା, ଏନଏସି ପଡା, ମସଜିଦ ପଡା, ବିଷ୍ଣୁ ମନ୍ଦିର ପଡା ପରିକ୍ରମା କରିଥିଲା । ଏହାପରେ ପଥପ୍ରାନ୍ତ ସଭା ହୋଇଥିଲା । ବୁର୍ଲା ମଣ୍ଡଳ ସଭାପତି ନମ୍ରକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭାଜପା ଝାରସୁଗୁଡା ଓ ବରଗଡ ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ ମୁଖ୍ୟଅତିଥି, ଡ. ରାଜକୁମାର ବଡପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ବୁର୍ଲା ମଣ୍ଡଳ ସଂଖ୍ୟାଲଘୁ ସେଲ୍ ସଭାପତି ମହମ୍ମଦ ଅଂସାର କାଦ୍ରି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ ନାୟକ, ପ୍ରତାପ କୁମାର ସୁନା, ନରେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ଶେଷରେ ପ୍ରଭାତ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ ବିକ୍ରିର ଉଚିତ ପ୍ରାପ୍ୟ ମିଳୁନାହିଁ
## ଉପଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

ରେଢ଼ାଖୋଲ,୨୪।୧(ଡି.ଏନ.ଏ.) ମଣ୍ଡିରେ ଧାନ ବିକ୍ରି କରି ମଧ ଚାଷୀଙ୍କୁ ଉଚିତ ପ୍ରାପ୍ୟ ମିଳୁ ନାହିଁ। ଏ ନେଇ ଚାଷୀମାନେ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ଗୁରୁବାର ଅଭିଯୋଗ କରିଛନ୍ତି। ଚାଷୀମାନେ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ସରକାରୀ ଧାର୍ଯ୍ୟ ଦରରେ ମଣ୍ଡିରେ ଧାନ ବିକ୍ରି କରିଥିବା ବେଳେ ଆକାଉଣ୍ଟରେ କମ୍ ଟଙ୍କା ଆସୁଥିବା ଅଭିଯୋଗ କରିଛନ୍ତି। ରାମପୁର ସେବା ସମବାୟ ସମିତ ଅଧୀନ ଶୁଣ୍ଠିମୁଣ୍ଡା ଗ୍ରାମର ଦିବାକର ପୃଷ୍ଟି ୪୮.୬୨ କୁଇଣ୍ଟାଲ ଧାନ ବିକ୍ରି କରଛନ୍ତି। ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୧୭୫୦ ଟଙ୍କା ଅନୁଯାୟୀ ସେ ୮୫ ହଜାର ୯୯୦ ଟଙ୍କା ପାଇବା କଥା। ହେଲେ ୮୩ହଜାର ୧୬୦ ଟଙ୍କା ମିଳିଛି। ସେହିପରି କୁହି ଗ୍ରାମର ଭଗବାନ ସାମଲ ୨୪.୫୨ କୁଇଣ୍ଟାଲ ଧାନ ବିକ୍ରି କରି ୪୨ ହଜାର ୯୧୦ ଟଙ୍କା ପାଇବା ସ୍ଥଳେ ୪୦ ହଜାର ୭୪୦ ଟଙ୍କା ଟଙ୍କା ମିଳିଛି। ଡମଗଡ ଗ୍ରାମର ଭଗବାନ ପ୍ରଧାନ ୫୫.୮୪ କୁଇଣ୍ଟାଲ ଧାନ ବିକ୍ରି କରି ୯୭ ହଜାର ୭୨୦ ଟଙ୍କା ପାଇବା ସ୍ଥଳେ ୯୫ ହଜାର ୯୫୩ ଟଙ୍କା ମିଳିଛି। ରେଢ଼ାଖୋଲ ଏନଏସିର ନଟବର ମେହେର ୭୮.୩୦ କୁଇଣ୍ଟାଲ ଧାନ ବିକ୍ରି କରି ୧ ଲକ୍ଷ ୩୭ ହଜାର ୨୫ ଟଙ୍କା ପାଇବା ସ୍ଥଳେ ୧ଲକ୍ଷ ୩୨ ହଜାର ୫ଶହ ଟଙ୍କା ମିଳିଛି। ଡମଗଡ ଗ୍ରାମର ଯଜ୍ଞେଶ୍ୱର ପ୍ରଧାନ ୪୦. ୦୯ କୁଇଣ୍ଟାଲ ଧାନ ବିକ୍ରି କରି ୭୧ ହଜାର ୫୭୫ ଟଙ୍କା ପାଇବା ସ୍ଥଳେ ୬୮, ୭୭୫ ଟଙ୍କା ମିଳିଛି ବୋଲି ଅଭିଯୋଗ କରିଛନ୍ତି। ତେବେ ଉପଜିଲାପାଳ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ
## କିଙ୍ଗଫିଶର ବିଜୟୀ

ରେଙ୍ଗାଲି,୨୪।୧(ଡି.ଏନ.ଏ.) ଖିଣ୍ଡାସ୍ଥିତ ମାଁ ସମଲେଶ୍ୱରୀ କ୍ଲବ ପକ୍ଷରୁ ୨୧ତମ ବୀର ସୁରେନ୍ଦ୍ର ସାଏ ଦ୍ୱି-ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ । କିଙ୍ଗ ଫିଶର୍ ଇଲେଭେନ୍ ଏବଂ ଭେଜିକୁଦ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ କିଙ୍ଗ ଫିଶର୍ ଦଳ ବିଜୟୀ ହୋଇଥିଲେ। କୁନା ଦାସ, କିରଣ ବେହେରା, ପି.କେ. ପଣ୍ଡା, ଅମର ସିଂ, ଗାନ୍ଧୀ ବେହେରା, ବାବୁଲୁ ରାଉତ, ଖିଣ୍ଡା ସମିତି ସଭ୍ୟା କମଳିନି ରାଏ ପ୍ରମୁଖ ଯୋଗ ଦେଇଥିଲେ ।

## ରୋଟାରୀ କ୍ଲବରେ ସମ୍ବର୍ଦ୍ଧନା ଉତ୍ସବ



ଗୁରୁବାର ରାତିରେ ସମ୍ବଲପୁର ରୋଟାରୀ କ୍ଲବଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁନେ ରୋଟାରୀ କ୍ଲବ ସଭ୍ୟ ଓ ଅନ୍ୟମାନେ ।

ସମ୍ବଲପୁର, ୨୪।୧ (ବ୍ୟୁରୋ) ସମ୍ବଲପୁର ରୋଟାରୀ କ୍ଲବ ପକ୍ଷରୁ ଗୁରୁବାର ରାତିରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚେପଟି ପୁଲିଆସ୍ଥିତ କ୍ଲବଠାରେ ସଭାପତି ସଞ୍ଜୟ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ ତାପାୟନ, ଶରୀର ଦାନ, ସ୍ୱଚ୍ଛ ଭାରତ ବାର୍ତ୍ତା ନେଇ ପୁଣେ ରୋଟାରୀ କ୍ଲବର ୨୨ଜଣ ସଭ୍ୟ ସମ୍ବଲପୁରରେ ପହଞ୍ଚିଛନ୍ତି । ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସୁଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ଅଶୋକ ସିଂ, ଡ. ଗିରିଜାଶଙ୍କର ଶତପଥୀ, ପ୍ରଫେସର ଅଶୋକ ଶତପଥୀ, ଉଦିତ ଚନ୍ଦ୍ର ବାବୁ, ଟି.ଏସ. ମଣି, ସନ୍ତୋଷ ହୋତା, ସୁବୋଧ ପାଣିଗ୍ରାହୀ, ତାରିଣୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ଶିଶୁକନ୍ୟା ଦିବସରେ ୩ଶହ ଛାତ୍ରୀ ଭାଗ ନେଲେ

ସମ୍ବଲପୁର, ୨୪।୧ (ବ୍ୟୁରୋ) ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିଶୁକନ୍ୟା ଦିବସ-୨୦୧୯ ଗୁରୁବାର ପାଳିତ ହୋଇଯାଇଛି । ରୁକ୍ମିଣୀ ଲାଠ ବାଳ ନିକେତନ, ଧନକଉଡା ବାଳିକା ଆଶ୍ରମ, ଡା. ଆଇଜାକ୍ ବାଳ ନିକେତନ, ଲେଡି ଲୁଇସ୍ ଗର୍ଲ୍ସ ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ, ବୁଢ଼ାରଜା ସରକାରୀ ହାଇସ୍କୁଲ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରାୟ ୩ଶହ ଛାତ୍ରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲାପାଳ ସମର୍ଥ ବର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଜିଲା ରେଡକ୍ରସ ଉପାଧ୍ୟକ୍ଷା ଡା. ଦୀପ୍ତିବାଳା ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ନୃତ୍ୟ, ଗୀତ ପ୍ରତିଯୋଗିତା ହୋଇଥିଲା । ନୃତ୍ୟ ଗୁରୁ ଅସୀମ ପ୍ରଧାନ, ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ । ଅବିନାଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



ଗୁରୁବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀମାନେ ।

## ବନ୍ଧ ଖୋଳାକୁ ନେଇ ସରପଞ୍ଚ, ଗ୍ରାମବାସୀ ମୁହାଁମୁହିଁ

ରେଢ଼ାଖୋଲ,୨୪।୧(ଡି.ଏନ.ଏ.) ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମବାସୀ ଓ ସରପଞ୍ଚଙ୍କ ମଧରେ ଏକ ବନ୍ଧ ଖୋଳାକୁ ନେଇ ବିବାଦ ଦେଖା ଦେଇଛି। ଗ୍ରାମବାସୀ ଉପଜିଲାପାଳ ବିଶିକେଶନ ଦେହୁରୀ ଓ ବିଡିଓ ପରିକ୍ଷିତ ସାହୁଙ୍କୁ ସରପଞ୍ଚ ବିରୋଧରେ ଫେରାଦ ହୋଇଛନ୍ତି। ସରପଞ୍ଚ ମନିଛା ବେଆଇନ ଭାବେ ୁକ୍ତ ବନ୍ଧ ଖୋଳୁଥିବା ଦର୍ଶାଇଛନ୍ତି। ଏହାର ତଦନ୍ତ କରିବାକୁ ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗୁରୁବାର ସକାଳେ ସରପଞ୍ଚ ଏକ ଜେସିବ ମେଶିନ ନେଇ ଗ୍ରାମର ତଳ ମୁଣ୍ଡରେ ଏକ ନୂତନ ବନ୍ଧ ଖୋଳୁଥିଲେ। ହେଲେ ପୁରୁଣା ପରମା କଟାର ଉନ୍ନତୀକରଣ ପାଇଁ ପଲ୍ଲିସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଣୁ ଉକ୍ତ କଟାର ଉନ୍ନତି କରା ନ ଯାଇ ଗ୍ରାମର ତଳ ମୁଣ୍ଡରେ ଏହି ନୂତନ ବନ୍ଧ କିପରି ଖୋଳାଯାଉଛି ବୋଲି ଗ୍ରାମବାସୀ ସରପଞ୍ଚଙ୍କୁ ପଚାରିଥିଲେ। ଏହି ବନ୍ଧ ଖୋଳା ଗଲେ ଗ୍ରାମବାସୀଙ୍କ କୌଣସି କାମରେ ଲାଗିବ ନାହିଁ ବୋଲି ଅଭିଯୋଗ କରିଥିଲେ। ହେଲେ ସରପଞ୍ଚ ଲୋକଙ୍କୁ ଅପଶବ୍ଦ ବ୍ୟବହାର କରି ଧମକ ଚମକ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସରପଞ୍ଚଙ୍କୁ ଗ୍ରାମବାସୀ ମାରି ଦେବାକୁ ଧମକ ଦେଇଥିବା ନେଇ ଚାରମାଳ ଥାନାରେ ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ ମଧ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ବସନ୍ତ କୁମାର ଦଲାଇ ଅଭିଯୋଗ ପାଇ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରୁଛନ୍ତି। ବିଡିଓ ପରିକ୍ଷିତ ସାହୁ ଅଭିଯୋଗ ପାଇ ଏହାର ତଦନ୍ତ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତେବେ ସରପଞ୍ଚଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଚତୁର୍ଦ୍ଦଶ ଅର୍ଥ କମିସନ ଅର୍ଥରୁ ଦେଢ଼ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୀତି ନିୟମ ଅନୁଯାୟୀ ଏହି ବନ୍ଧ ଖୋଳା ଯାଉଥିବା କହିଛନ୍ତି।

# ଡାକ୍ତରଖାନା ପରିସରରେ ବେସରକାରୀ ଚିକିତ୍ସା

ହୀରାକୁଦ, ୨୪।୧ (ଡି.ଏନ.ଏ) ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତରମାନେ ରହେବାର ଲାଗି ସରକାରୀ ଷ୍ଟାଫ୍ କ୍ୱାଟର ରହିଛେ। ହେଲେ ବେଲବୁଡ଼ଲେ ଡାକ୍ତରମାନେ ନିଜର ସରକାରୀ ଘରେ ବେସରକାରୀ ଚିକିତ୍ସା କରି ରୁଗୀକରନୁ ୧ଶହ ଟଁକା ଲେଖେଁ ଅସୁଲ କରୁଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ ଡାକ୍ତରଖାନାରେ କାମ୍ କରୁଥିବାର ଝନେ ଡାକ୍ତରକୁଁ ପଚରାଲାରୁ ମୋର ଆଗ୍‌ରୁ ଯେନ୍ ଡାକ୍ତର ଥିଲେ ସେ ବି ଏନ୍‌ତା କରୁଥିଲେ, ଏହେଦେ ମୁଇଁ କରୁଛେଁ। ଅସବିଧାଟା କେନ୍‌ଠାନେ ବଲି ସେ ଉଲଟିଆ ପ୍ରଶ୍ନ କରିଥିଲେ। ହୀରାକୁଦ ଡାକ୍ତରଖାନା ପରିସରରେ ଥିବାର ସରକାରୀ ଘରେ ଡାକ୍ତରମାନେ ଆଗ୍‌ରୁ ବେସରକାରୀ ହିସାବେ ରୁଗୀକୁ ଚିକିତ୍ସା କରି ଆସୁଛନ୍। ଏନ୍‌ତା ଅବେବସ୍‌ତାର ଲାଗି ସରକାରକଁର ଭିନେ ଭିନେ ଲାଭକାରୀ ସ୍ୱାସ୍ଥ୍ୟ ଯୋଜ୍‌ନା ବାଟବନା ହେଉଛେ। ଲୋକ୍ ଯୋଜ୍‌ନାର ଲାଭ ପାଏବାରୁ ବଁଚିତ ହେଉଛନ୍। ହୀରାକୁଦ ସହରର ୩୦ ହଜାରୁ ଅଧିକା ଲୋକ୍ ଇ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିରଭର କରୁଛନ୍। ସେନ୍‌ତା ଆସେ ପାସେ ଥିବାର କଲକାରଖାନାରେ ହେଉଥିବାର ଦୁରଘଟନାରେ ଆହତ୍ ଲୋକ୍‌ମାନକୁ ଇ ଡାକ୍ତରଖାନାକେ ଅନାଯାଉଛେ। ହେଲେ ଠିକ୍ ସମିଆରେ ଚିକିତ୍ସା ଲାଗି ଇଠାନେ ଡାକ୍ତରକଁର ଦେଖା ନାଇଁଥାଏ। ହୀରାକୁଦରୁ ବୁର୍ଲା ରୁଗୀକେ ନେବାର ଲାଗି କେହେନ୍‌ସି ଆମ୍ବୁଲାନ୍ସ ନାଇଁଥାଏ। ଏନ୍‌ତା ଘଡ଼ିସଁଧି ସମିଆରେ ରୁଗୀ, ଦୁରଘଟନାରେ ଆହତ୍ ଲୋକ୍‌ମାନେ ଉପେ ଶୁଇନ୍ ହେଇ ୧୦୦ ଟଁକା ଦେଇ ଚିକିତ୍ସା କରଉଛନ୍। ହେଲେ ସେଟା ଡାକ୍ତରଖାନା ରେଜିଷ୍ଟରରେ କିଛି ଲେଖା ନାଇଁରହେ। ଏହେଦେ ୪ ଝନ୍ ଡାକ୍ତରରେ ହୀରାକୁଦ ଡାକ୍ତରଖାନା ଚାଲିଥିଲା ବେଳେ ୩ ଝନ୍ ଡାକ୍ତର ଠିକା ହିସାବେ ପାଲିଉଲିଆ କରି ଦିନେ ଦିନେ ଆଉଟଡୋରରେ କାମ କରୁଛନ୍। ସରକାରୀ ଡାକ୍ତରଖାନା ପରିସରରେ ବେସରକାରୀ ଚିକିତ୍ସା ବାବ୍‌ଦେ ଭାରପ୍ରାପ୍ତ ଡାକ୍ତର ମନୋଜ କୁମାର ନନ୍ଦକୁଁ ପଚରାଲାରୁ ସେ ଇ ବାବ୍‌ଦେ ତଦଁତ କରି ନିୟମ କାଣା ଅଛେ ସିଡିଏମଓକୁଁ ପଚରାମି ବଲି କହିଥିଲେ।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କାରେ ୨ ଡ୍ରାଇଭର ଗୁରୁତର

ରେଢ଼ାଖୋଲ,୨୪।୧(ଡି.ଏନ.ଏ.) ରେଢ଼ାଖୋଲ ଥାନା କୁଟାସିଙ୍ଗା ନିକଟସ୍ଥ ୫୫ ନଂ ଜାତୀୟ ରାଜପଥରେ ଗୁରୁବାର ସକାଳେ ୨ଟି ଟ୍ରକ୍ ମଧରେ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଉଭୟ ଗାଡିର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଟ୍ରକର ଡ୍ରାଇଭର ଅନୁଗୋଳ ଜିଲା ଜରପଡା ଥାନା ଭାବଗ୍ରାହୀପୁରର ଦୀପକ ପ୍ରଧାନ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ବୁଲେଟ ବୋଝେଇ ହୋଇଥିବା ମିନି ଟ୍ରକର ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ତାଙ୍କ ପରିଚୟ ଜଣାପଡିନାହିଁ। ପୋଲିସ ସୂତ୍ରରୁ ପ୍ରକାଶ ଯେ କଟକରୁ ବଲାଙ୍ଗୀରକୁ ବୁଲେଟ ମୋଟରସାଇକେଲ ବୋଝେଇ କରି ଯାଉଥିବା ଓଡି୦୫ଏଜି ୫୭୬୦ ନଂ ମିନି ଟ୍ରକକୁ ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍ (ଓଡି୧୯ଏମ୦୨୨୯) ଧକ୍କା ଦେଇଥିଲା। ଧକ୍କାରେ ବୁଲେଟ ବୋଝେଇ ମିନି ଟ୍ରକଟି ଚୁରମାର ହୋଇଯାଇଥିବା ବେଳେ ବୁଲେଟ ମୋଟର ସାଇକେଲଗୁଡିକ ମଧ ଭାଙ୍ଗିରୁଜି ଯାଇଛି। ରେଢ଼ାଖୋଲ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଏଏସ୍‌ଆଇ ରବିନାରାୟଣ ପ୍ରଧାନ କହିଛନ୍ତି।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଭେଡ଼େନରେ ଆଶା, ଗାଁ କଲ୍ୟାଣ ସମିତି ସମାବେଶ

ଭେଡ଼େନ,୨୪।୧(ଡ଼ି.ଏନ୍.ଏ.)– ବରଗଡ଼ ଜିଲା ଭେଡ଼େନସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ଗୋଷ୍ଠୀସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭେଡ଼େନ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ରୋଜୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଳାମଣି କ୍ଷେତି ମୁଖ୍ୟଅତିଥି, ରେମଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଶାନ୍ତ ପଣ୍ଡା, ବିପିଏମ୍ କଳ୍ପା ପରମାର, ଜନସ୍ୱାସ୍ଥ୍ୟ ଅଧିକାରୀ ବିହାରୀ ବାରିକ, ବ୍ଲକ ଆକାଉଣ୍ଟ ମ୍ୟାନେଜର ଆଲୋକ ବିଶ୍ୱାଳ, ବିଡ଼ିଏମ୍ ମେଘନାଦ ପଧାନ, ଆଇସିଡ଼ିଏସ୍ ସୁପରଭାଇଜର ପଙ୍କଜିନୀ ଧର, ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ଅରେଇଗୁଡ଼ି ସରପଞ୍ଚ ସୁନୀଲ ମେହେର, ଅଁଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ନିଧେନପାଲି ଏବଂ ପୁଡ଼ାପାଲି ଗ୍ରାମ କଲ୍ୟାଣ ସମିତିକୁ ଶ୍ରେଷ୍ଠ କଲ୍ୟାଣ ସମିତି ଏବଂ ୩ଜଣ ଆଶାକର୍ମୀ ଭଗବତୀ ନାଏକ(ମେହେନା), ମାଳତି କୁମ୍ଭାର(ଭେଡ଼େନ) ଏବଂ ଶ୍ରୀମତୀ ମାଝି(ଗଣ୍ଡିଆପାଲି)ଙ୍କୁ ଶ୍ରେଷ୍ଠ ଆଶାକର୍ମୀ ଭାବେ ପୁରସ୍କୃତ କରାଯାଇଥିଲା।

# ଉଜ୍ଜ୍ୱଳା ରାଜ୍ୟରେ ନୂଆ ଅନୁଭବ ତିଆରି କରିଛି: ଧର୍ମେନ୍ଦ୍ର

## ମହିଳାଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିଛନ୍ତି ପ୍ରଧାନମନ୍ତ୍ରୀ: ମାନେକା

ଭୁବନେଶ୍ୱର,୨୪।୧(ବ୍ୟୁରୋ): ଭାରତର ୬କୋଟି ଘରେ ଉଜ୍ଜ୍ୱଳା ଯୋଜନା ପହଞ୍ଚାଯାଇଛି। ଓଡ଼ିଶାରେ ଏହି ସଂଖ୍ୟା ୩୬ଲକ୍ଷରେ ପହଞ୍ଚିଲାଣି। ମୋଦି ସରକାରଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନା ବର୍ତ୍ତମାନ ଅନ୍ୟଦେଶ ପାଇଁ ମଡେଲ ଭାବେ ଉଭା ହୋଇଛି । ଏହି ଯୋଜନାରେ ମହିଳାଙ୍କ ସମ୍ମାନ, ସ୍ୱାଭିମାନ ଓ ଆତ୍ମସମ୍ମାନ ବଢ଼ିପାରିବା ସହ ମହିଳା ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଗୁରୁବାର ଭିଡିଓ କନ୍ଫରେନ୍ସିଂ ଜରିଆରେ ଓଡ଼ିଶାର ୨୯ ଜିଲାରେ ଆୟୋଜିତ ଉଜ୍ଜ୍ୱଳା ସ୍ୱାଭିମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ମହିଳା, ଶିଶୁବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଯୋଗ ଦେଇ ସିଧାସଳଖ ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ସୂଚନା ଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନା ରାଜ୍ୟରେ ବର୍ତ୍ତମାନ ଏକ ନୂଆ ଅନୁଭବ ତିଆରି କରିପାରିଛି।



ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ଧର୍ମେନ୍ଦ୍ର ପ୍ରଧାନ ଓ ମାନେକା ଗାନ୍ଧୀ।

ପୂର୍ବରୁ ଓଡ଼ିଶାରେ ମୋଟ ୧କୋଟି ଘର ମଧ୍ୟରୁ ୨୦ଲକ୍ଷ ଘରେ ଏଲପିଜି ଥିଲା। କିନ୍ତୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ଭାରତବର୍ଷର ଗରିବ ମା' ଓ ଭଉଣୀମାନଙ୍କ ପାଇଁ ସ୍ୱଚ୍ଛ ଇନ୍ଧନ ଦେବାର ବ୍ୟବସ୍ଥା କଲେ । ଭଲ କାମ କଲେ ସମାଲୋଚନା ହେବାକୁ ପଡିଥାଏ। ମାତ୍ର ସମାଲୋଚନାକୁ ଭ୍ରୂକ୍ଷେପ ନ କରି କେନ୍ଦ୍ର ସରକାର ପ୍ରତିବଦ୍ଧତାର ସହ କାମ ଆରମ୍ଭ କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ଦୀର୍ଘଦିନ ଧରି ହେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ମିଳିତ ଉଦ୍ୟମରେ ସେମାନଙ୍କ ଦରମା ୧୫୦୦ ଟଙ୍କା ବୃଦ୍ଧି ହୋଇପାରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ଏହି ଅବସରରେ ମାନେକା ଗାନ୍ଧୀ କହିଛନ୍ତି ଯେ, ଓଡ଼ିଶାର ୬୦ହଜାର ମହିଳାଙ୍କ ସହ କଥାବାର୍ତ୍ତା ହେବାର ସୁଯୋଗ ମିଳିଥିବାରୁ ସୌଭାଗ୍ୟ ମନେକରୁଛି । ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ୧୦୦ ସିଲିଣ୍ଡର ପାଇଁ ୧୦ହଜାର ଲୋକଙ୍କ ଲାଇନ୍ ଲାଗୁଥିଲା । ମାତ୍ର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବାପରେ ପ୍ରଥମେ ଭାରତ ବର୍ଷର ମା' ଓ ଭଉଣୀଙ୍କ ସମସ୍ୟା ବିଷୟରେ ଚିନ୍ତା କରିଥିଲେନ୍। ପ୍ରଧାନମନ୍ତ୍ରୀ ପ୍ରଥମେ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପୂର୍ବରୁ ହରିୟାଣା ଓ ପଞ୍ଜାବ ଭଳି ରାଜ୍ୟରେ ଶିଶୁକନ୍ୟାଙ୍କୁ ମାରି ଦିଆଯାଉଥିଲା। ଫଳରେ ଉକ୍ତ ସବୁ ରାଜ୍ୟରେ ପୁଅଙ୍କ ସଂଖ୍ୟାରେ ଝିଅଙ୍କ ସମାନୁପାତ ଆଶାତୀତ ଭାବେ ହ୍ରାସ ପାଉଥିଲା । ମାତ୍ର ପ୍ରଧାନମନ୍ତ୍ରୀ ମୋଦି ଆସିବା ପରେ ବିଚାର କରି ଏଭଳି ଘୃଣ୍ୟ କାମକୁ ବଦଳାଇଥିଲେ। ଫଳରେ ଉକ୍ତ ସବୁ ରାଜ୍ୟରେ ହଜାରେ ପୁଅରେ ଏବେ ଝିଅଙ୍କ ସଂଖ୍ୟା ୯୫୦ରେ ପହଞ୍ଚିଛି । ଭାରତ ସରକାର ମହିଳାଙ୍କ ପାଇଁ ଶୌଚାଳୟ ଓ ଗ୍ୟାସ ସିଲିଣ୍ଡର କାର୍ଯ୍ୟକ୍ରମକୁ ସାରା ଭାରତବର୍ଷରେ ଆଣିଲେ। ଫଳରେ ୨୦୧୬ରୁ ଏପର୍ଯ୍ୟନ୍ତ ୯୦ପ୍ରତିଶତ ଘରେ ସିଲିଣ୍ଡର ପହଞ୍ଚିପାରିଛି । ଗରିବରୁ ଅତି ଗରିବ ଲୋକମାନଙ୍କୁ ସିଲିଣ୍ଡର ଦିଆଗଲା । ମହିଳାମାନଙ୍କର ରହିଥିବା ସ୍ୱପ୍ନକୁ ପ୍ରଧାନମନ୍ତ୍ରୀ ବାସ୍ତବରେ ପରିଣତ କରିଛନ୍ତି ବୋଲି ସେ କହିଥିଲେ । ବର୍ତ୍ତମାନ ଭାରତ ବର୍ଷରେ ୨୦ ପ୍ରତିଶତରୁ ବୃଦ୍ଧି ପାଇ ୭୫ପ୍ରତିଶତ ଘରେ ଗ୍ୟାସ ସିଲିଣ୍ଡର ପହଞ୍ଚିପାରିଛି ବୋଲି ସେ କହିଛନ୍ତି। ଦେଶରେ ୨୪ଲକ୍ଷ ଅଙ୍ଗନୱାଡି କର୍ମୀ ଅଛନ୍ତି । ସେମାନେ ତାଙ୍କର ଦରମା ବୃଦ୍ଧି ପାଇଁ ଦିଲ୍ଲୀରେ ଧାରଣାରେ ବସନ୍ତି । ତାଙ୍କ ଦରମା ଓ ପଦୋନ୍ନତି ମଧ୍ୟ ହେଉ ନ ଥିଲା । ମାତ୍ର ସାଢେ ୪ବର୍ଷରେ ଆମେ ଅଙ୍ଗନୱାଡି ପାଇଁ ୭ ଲକ୍ଷ ଘର ନିର୍ମାଣ କରିବା ସହ ସେମାନଙ୍କ ଦରମା ବୃଦ୍ଧି କରାଯାଇଛି ବୋଲି ମାନେକା କହିଛନ୍ତି।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ



### ସୁରେନ୍ଦ୍ର ସାଏ ଜୟନ୍ତୀରେ କ୍ରିକେଟ ଟୁର୍ନାମେଣ୍ଟ

ଝାରବନ୍ଧ, ୨୪।୧ (ଡି.ଏନ.ଏ) ବରଗଡ଼ ଜିଲା ଝାରବନ୍ଧ ବ୍ଲକ ସରଗୁଲ ଗାଁର ବୀରସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସରଗୁଲ ଦଳ ବିଜେତା ଓ ଅନୁଗୋଳ ଦଳ ଉପବିଜେତା ହୋଇଥିଲା । ଜୟନ୍ତୀ ଅବସରରେ ପୁରସ୍କାର ବିତରଣରେ ଏମ୍‌ପି ପ୍ରତିନିଧି ହୃଷୀକେଶ ବରିହା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଇଁଠା ପ୍ରଧାନ, ମୁଖ୍ୟବକ୍ତା ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲାଲେଶ୍ୱରୀ ପଟେଲ ଓ ରଞ୍ଜିତ ପ୍ରଧାନ ହାସ୍ୟ କବିତା ପାଠ କରିଥିଲେ । ପ୍ରକାଶ ବାଗ ମଞ୍ଚ ପରିଚାଳନା ଓ କ୍ଲବ ସମ୍ପାଦକ ସାଇଁଧର ପାଣ୍ଡେ ବିବରଣୀ ପାଠ କରିଥିବା ବେଳେ ବ୍ଲକ ସଭାପତି ଟିକେଶ୍ୱର ଦଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବ୍ଲକର ବରିଷ୍ଠ ସଭ୍ୟ ମୁକ୍ତେଶ୍ୱର ବରିହା ସହଯୋଗ କରିଥିଲେ ।

# କାଦୋବାହାଲ କଲେଜ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କାଦୋବାହାଲ କଲେଜର ବାର୍ଷିକ କ୍ରୀଡ଼ା ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

ଅତାବିରା,୨୪।୧(ଡି.ଏନ୍.ଏ.) ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କାଦୋବାହାଲ ପଞ୍ଚାୟତ ହାଇସ୍କୁଲର ୨୭ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶ ଏହାର ଉଦ୍‌ଘାଟନ କରିଥିଲେ । ଅଧକ୍ଷ ସୁରେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟବକ୍ତା ଲରମ୍ଭା କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ ପବିତ୍ର ମାହାଣା, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ରୀତା ସାହୁ, ଜିଲା ପରିଷଦ ସଭ୍ୟା ମୀରା ବଘାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ପୂଜାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମହିଳା ବିଭାଗରେ ଯୁଗ୍ମ ଭାବେ ଦମୟନ୍ତୀ ଜଗତ, ବୀଣାପାଣି ବିଶି ଓ ପୁରୁଷ ବିଭାଗରେ ବାଳଗୋପାଳ ମେହେର ଓ ଏମ୍. ପ୍ରବୀଣ କୁମାର ଚାମ୍ପିୟନ ହୋଇଥିଲେ। ଶିବ ଶଙ୍କର ପାଢ଼ୀ, ଭୁବନେଶ୍ୱର ମହାକୁର, ରାକେଶ ଭୋଇ ଖେଳ ପରିଚାଳନା କରିଥିଲେ । କାଦୋବାହାଲ କଲେଜ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଚମ୍ପେଶ୍ୱରୀ ସ୍ପୋର୍ଟ ଆସୋସିଏଶନ୍ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅରବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ବରଗଡ଼ ଅଫିସ୍,୨୪।୧ ବରଗଡ଼ ସହରର ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ଚରଣ ଦାଶଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ସମୀର ପ୍ରଧାନ ସଭାପତି, ସୁଦେଶ କୁମାର ମଙ୍ଗୁଆଳ ଉପସଭାପତି, ପ୍ରଶାନ୍ତ ମହାପାତ୍ର ସମ୍ପାଦକ, ଆଲୋକ ପ୍ରଧାନ ସହସମ୍ପାଦକ, ସୁନୀଳ ମହାପାତ୍ର କୋଷାଧକ୍ଷ, ରାମୁ ଦେଓସରିଆ ପୂଜା ସମ୍ପାଦକ, ସମୀର ବାରିକ ସାଂସ୍କୃତିକ ସମ୍ପାଦକ, ଶନୀପଲ ନାୟକ କ୍ରୀଡ଼ା ସମ୍ପାଦକଭାବେ ମନୋନୀତ ହୋଇଥିଲେ । ବୈଠକର ସଭାପତି ଦାଶ ଅଭିଭାଷଣ ରଖିବା ପରେ ସମ୍ପାଦକ ମହାପାତ୍ର ଗତ ୨ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ସଂଘର ସମସ୍ତ ବ୍ୟୟ ଖର୍ଚ୍ଚ ଚେକ୍ ଆକାରରେ ପ୍ରଦାନ କରାଯାଇ ଥିବାଯୋଗୁ ସଂଘର ସମସ୍ତ ସଭ୍ୟ ସେଥିରେ ସନ୍ତୋଷ ବ୍ୟକ୍ତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାଶ, ଶିଶିର ପ୍ରଧାନ, ପ୍ରଦୀପ ମହାପାତ୍ର, ଗଣେଶରାମ ଦ୍ୱାରୀ, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## କିଏ କେଉଁଠି ପତାକା ଉତ୍ତୋଳନ କରିବେ

# ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୧(ବ୍ୟୁରୋ) ଆସନ୍ତା ଜାନୁୟାରୀ ୨୬ରେ କିଏ କେଉଁଠି ପତାକା ଉତ୍ତୋଳନ କରିବେ ସେ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ ରାଜ୍ୟପାଳ ଗଣେଶୀ ଲାଲ ଭୁବନେଶ୍ୱରରେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିବେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କନ୍ଧମାଳରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବାକୁ ସ୍ଥିର ହୋଇଥିବା ବେଳେ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ଉଷା ଦେବୀ ମୟୂରଭଞ୍ଜ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଗଜପତି, ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବାଲେଶ୍ୱର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ନୂଆପଡା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯାଜପୁର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଢେଙ୍କାନାଳ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଳାହାଣ୍ଡି, ଏସସି/ଏସଟି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଅନୁଗୋଳ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସମ୍ବଲପୁର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାୟଗଡା, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ସୁନ୍ଦରଗଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ସାହୁ ନବରଙ୍ଗପୁରରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂ ମାଲକାନଗିରି, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଗଞ୍ଜାମ, କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା କୋରାପୁଟ, ଦକ୍ଷିଣାଞ୍ଚଳ ଆରଡିସି ବ୍ରହ୍ମପୁର, ଉତ୍ତରାଞ୍ଚଳ ଆରଡିସି ରାଉରକେଲାରେ ପତାକା ଉତ୍ତୋଳନ କରିବେ । ଭଦ୍ରକ, ବଲାଙ୍ଗୀର, ବରଗଡ, ବୌଦ୍ଧ, ଦେବଗଡ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଝାରସୁଗୁଡା, ଖୋର୍ଦ୍ଧା, କେନ୍ଦୁଝର, ନୟାଗଡ, ସୋନପୁର ଆଦି ଜିଲାରେ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବା ନେଇ ସୂଚନା ଦିଆଯାଇଛି।

# କଣ୍ଡିରା ଗୁଳିକାଣ୍ଡ : ଅନ୍ୟତମ ଅଭିଯୁକ୍ତ ଗିରଫ

ରାଜନଗର,୨୪।୧(ଡିଏନଏ) ରାଜନଗର ବ୍ଲକ ଅଧୀନ କଣ୍ଡିରା ପଞ୍ଚାୟତ କଣ୍ଡିରା ଗ୍ରାମରେ ଗତ ୨୧ ତାରିଖ ପ୍ରତ୍ୟୁଷରେ ସାପଗ୍ୟାଙ୍ଗ୍ ତରଫରୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଚିଙ୍ଗୁଡି ଘେରିକୁ ନେଇ ଏହି ଗୁଳିକାଣ୍ଡ ହୋଇଥିଲା। ଗୁଳିମାଡରେ କଣ୍ଡିରା ଗ୍ରାମର କିଶୋର ସେଠୀଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାରେ ସେହି ଗ୍ରାମର ସୁପାରି ଦେଇଥିବା ବ୍ୟକ୍ତିଙ୍କ ନାମରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ହତ୍ୟାକାଣ୍ଡର ଯୋଜନା କରିଥିବା କଣ୍ଡିରା ଗାଁର ଶଶୀକାନ୍ତ ମହାନ୍ତିଙ୍କୁ ପୋଲିସ ଗୁରୁବାର ରାଜନଗର ହଂସୁଆ ପୋଲ ନିକଟରୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ସାପ ଗ୍ୟାଙ୍ଗ୍‌ର ଅନ୍ୟତମ ସଦସ୍ୟ ସିପୁନ ସ୍ୱାଇଁ ୨୧ ତାରିଖ ସକାଳୁ ଦୁଇଟି ପିସ୍ତଲ ଧରି ଆତଙ୍କ ସୃଷ୍ଟି କରିଥିଲେ। ଏହି ସମୟରେ ଗ୍ରାମବାସୀ ସିପୁନଙ୍କୁ କାବୁ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାପ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗୁଳିକାଣ୍ଡ ଘଟାଇଥିଲେ। ଯାହାଫଳରେ ସେହି ଗ୍ରାମର ନିରୀହ କିଶୋର ଗୁଳିମାଡରେ ପ୍ରାଣ ହରାଇଥିଲେ । ଏହି ଗୁଳିକାଣ୍ଡ ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ୪ଟି ଟିମ୍ ରାଜନଗର ଅଞ୍ଚଳରେ ଛାନ୍‌ଭିନ୍ ଆରମ୍ଭ କରିଥିଲେ। ୨୨ ତାରିଖ ଭୋର ସାଢେ ୪ଟା ବେଳେ ପୋଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ଚେଷ୍ଟା କରୁଥିବା ସଞ୍ଜୟ ଓରଫ ବାବୁଙ୍କୁ ପୋଲିସ ଏନକାଉଣ୍ଟର କରିଥିଲା। କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବାବୁ ସୁସ୍ଥ ହେବା ପରେ ସାପଗ୍ୟାଙ୍ଗ ସଂପର୍କରେ ଅନେକ ତଥ୍ୟ ସଂଗ୍ରହ କରାଯିବ ବୋଲି ଆଶା କରାଯାଉଛି।

# ସ୍ଥାନୀୟ ନିଯୁକ୍ତି ଦାବି କଲେ ଜିଲା ପରିଷଦ ଅଧ୍ୟକ୍ଷା

ବରଗଡ଼ ଅଫିସ୍,୨୪।୧ ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରିବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏନେଇ ଆବେଦନ ପ୍ରକ୍ରିୟା ମଧ୍ୟ ଶେଷ ହୋଇଯାଇଛି। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବା ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଦାବି କରିଛନ୍ତି। ଗୁରୁବାର ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ନନ୍ଦିକିଶୋର ପାଢ଼ୀଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲା ପରିଷଦ ଅଧକ୍ଷା ସାହୁ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଏହି ପଦବୀ ପାଇଁ ଜିଲାର ବହୁ ଶିକ୍ଷିତ ଯୁବତୀ ଯୁବକ ଆବେଦନ କରିଛନ୍ତି । ଅନ୍ୟ ଜିଲା ଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି । ଫଳରେ ବରଗଡ଼ ଜିଲାରେ ମଧ୍ୟ ସେଥିପ୍ରତି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ସେହି ପଦବୀଗୁଡ଼ିକରେ ବରଗଡ଼ ଜିଲାରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ପାଇଁ ୫୦ପ୍ରତିଶତ ଆରକ୍ଷଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲାର ଯୁବତୀ ଯୁବକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ ଚେତାଇ ଦେଇଛନ୍ତି ।


ସିଡ଼ିଏମଓଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପ୍ରସ୍ତୁତି ବୈଠକ

ପଦ୍ମପୁର,୨୪।୧(ଡି.ଏନ.ଏ) ବରଗଡ଼ ଜିଲା ସର୍ଗିବାହାଲ ପଞ୍ଚାୟତ ତୋଲବନ୍ଧ ଗ୍ରାମରେ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାର୍ଚ୍ଚ ଶେଷ ସପ୍ତାହରେ ୨ଦିନ ଧରି ଏହି ମହୋତ୍ସବ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନାଟକ ଦଳ ଆସି ନାଟ୍ୟ ମଞ୍ଚସ୍ଥ କରିବେ । ସମାଜକୁ ବାର୍ତ୍ତା ପ୍ରେରଣ କରୁଥିବା ନାଟକଗୁଡିକ ମହୋତ୍ସବରେ ମଞ୍ଚସ୍ଥ କରାଯିବ। ଏପରି କି ଜନସାଧାରଣଙ୍କ ପ୍ରତି କଳା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପୁସ୍ତକ ଓ ପୋଷ୍ଟର ପ୍ରଦର୍ଶନୀ କରାଯିବ। ସେହିପରି ମହୋତ୍ସବରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ପରିପ୍ରେକ୍ଷୀରେ ଏକ ସ୍ମରଣିକା ଉନ୍ମୋଚନ କରାଯିବ । ଏଣୁ ଇଚ୍ଛୁକ କବି, ଲେଖିକା, ଲେଖକମାନେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସଚେତନ ହେମା, ବରଗଡ଼କୁ ଡାକଯୋଗେ ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଲେଖା ପଠାଇବାକୁ ବୈଠକରେ ଆହ୍ୱାନ କରାଯାଇଛି । ଏଥିରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରାଜେଶ ବହିଦାର, ଉପଦେଷ୍ଟା ଟିକେଲାଲ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଲାଲସାହେବ ସାହୁ, କୋଷାଧକ୍ଷ ରାଜକୁମାର ସାହୁ, ସଂଯୋଜକ କୁଳମଣି ପଶାୟତ, ସଞ୍ଜୀବ ମେହେର, ଶ୍ରୀଶାନ୍ତ ପାଣିଗ୍ରାହୀ, ବୃନ୍ଦାବନ କୁମ୍ଭାର, ଗୌତମ ସାହୁ, ଡୋଳାମଣି ରଣା, ଅର୍ନ୍ତଯ୍ୟାମୀ, ଅନୁବ୍ରତ ସାହୁ, ରୂପେଶ କୁମାର ପରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ଛାତ୍ରୀଛାତ୍ରମାନେ ସମୟର ସଦୁପଯୋଗ କରନ୍ତୁ

ପାଇକମାଲ,୨୪।୧(ଡି.ଏନ.ଏ.) ବରଗଡ଼ ଜିଲା ପାଇକମାଲସ୍ଥିତ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ଅଧକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ପ୍ରଦୀପ ପୁରୋହିତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରଗଡ଼ ପଞ୍ଚାୟତ କଲେଜ ଅଧକ୍ଷା ଡା. କମଳପ୍ରଭା କାପାନୀ, ସମ୍ମାନିତ ଅତିଥି ଯୁକ୍ତ ୩ ଅଧକ୍ଷ ଲୋହିତ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସଭା ଆରମ୍ଭରେ ଯୁକ୍ତ ୨ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନେ ସମୟର ସଦୁପଯୋଗ କରିବା ସହ ଆତ୍ମବିଶ୍ୱାସ ସହ ପାଠପଢି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ମତବ୍ୟକ୍ତ କରିଥିଲେ । ସାଗରିକା ସାହୁ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ମାନପତ୍ର ବିଧାୟକ ପୁରୋହିତଙ୍କୁ ପ୍ରଦାନ କରିଥିଲେ । ସେହିପରି ନିରୁପମା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଚାମ୍ପିୟନ ବିବେଚିତ ହୋଇଥିବା ଦେବରାଜ ବରିହା, ଦିପେଶ ଭୋଇ, ଭାରତୀ ପଟେଲ, ମନୀଷା ତ୍ରିପାଠୀ, ଆଶିଷ କୁମାର ପାତ୍ର, ନମ୍ରତା ବାଗଙ୍କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ। ସୋନୁ ଅଗ୍ରୱାଲ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ରଞ୍ଜିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସଭାପତି ଶ୍ୟାମଲାଲ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କାରିବା ସହ କଲେଜର ଉନ୍ନତିମୂଳକ କାମ ଉପରେ ଆଲୋକପାତ କରିଥିଲେ। ଶେଷରେ ସୁନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକେ ଏହାକୁ ମନଭରି ଉପଭୋଗ କରିଥିଲେ।



ଗୁରୁବାର ବିନ୍ଧ୍ୟବାସିନୀ କଲେଜ ବାର୍ଷିକ ଉତ୍ସବରେ ଅତିଥିଙ୍କ ଦ୍ୱାରା ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଗୀତ ଗାଇବାକୁ ଡାକି ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳର ସୁଶାନ୍ତ ପୁହାଣ ଓ ଉମାକାନ୍ତ ବେହେରା। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ. ୩୧/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ମେଲୋଡ଼ି ଗାୟିକା। ଗତ ୨୨ ତାରିଖ ରାତିରେ ଏକ ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ନାବାଳିକାଙ୍କୁ ଗୀତ ଗାଇବାକୁ ଡକାଯାଇଥିଲା। ମେଲୋଡ଼ି କାର୍ଯ୍ୟକ୍ରମ ସରିବା ପରେ ଅଭିଯୁକ୍ତମାନେ ତାଙ୍କୁ ଡାକି ନେଇ ମଦ୍ୟପାନ କରାଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଶୁକ୍ରବାର ନାବାଳିକା ଓ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବିଳମ୍ବକୁ ନେଇ ଗଣ୍ଡଗୋଳ

# ଷ୍ଟେଶନମାଷ୍ଟରଙ୍କୁ ମାଡ଼ ମାରିଲେ ଯାତ୍ରୀ

**କଟକ ସଦର, ୨୪।୧(ଡି.ଏନ୍.ଏ.)**

**ପ୍ରାୟ ଏକ ମାସ ହେବ ଷ୍ଟେଶନରେ ବିଳମ୍ବରେ ପହଞ୍ଚୁଛି ଟ୍ରେନ୍**

**କଟକ ଜିଆର୍‌ପିରେ ଏତଲା**

ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ ବିଳମ୍ବ ଘଟିବା ପ୍ରତିବାଦରେ ଗୁରୁବାର ସକାଳେ କଟକ-ପାରାଦୀପ ରେଳପଥର କନ୍ଦରପୁର ଷ୍ଟେଶନରେ ଯାତ୍ରୀମାନେ ଗଣ୍ଡଗୋଳ କରିଥିଲେ। ଏପରି କି ସେଠାରେ ଡ୍ୟୁଟିରେ ଥିବା ଷ୍ଟେଶନମାଷ୍ଟର ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କୁ ମାଡ଼ ମାରି ଆହତ କରିଥିଲେ। ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ଆକସ୍ମିକ ଏଭଳି ଘଟଣା ଘଟିଥିଲା। ହେଲେ ଏହାକୁ ରୋକିବା ପାଇଁ ରେଲୱେ ପକ୍ଷରୁ କୌଣସି ସୁରକ୍ଷା କର୍ମଚାରୀ ଉପସ୍ଥିତ ନ ଥିଲେ। ଖବରପାଇ ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ପରେ ପାରାଦୀପ ଆଡୁ ଆସି କନ୍ଦରପୁର ଷ୍ଟେଶନରେ ଅଟକି ଥିବା ସିପି-୨ ଯାତ୍ରୀବାହୀ ଟ୍ରେନ୍‌ଟି ୧ ଘଣ୍ଟା ୧୧ ମିନିଟ୍ ବିଳମ୍ବ ଅର୍ଥାତ ପୂର୍ବାହ୍ନ ସାଢେ ୧୦ଟାରେ କଟକ ଅଭିମୁଖେ ଯାତ୍ରା କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳେ ସିପି-୨ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟର ୧ ଘଣ୍ଟା ବିଳମ୍ବ ଅର୍ଥାତ୍ ୯ଟା ୧୯ ମିନିଟ୍‌ରେ ପହଞ୍ଚିଥିଲା। ଟ୍ରେନ୍ ଷ୍ଟେଶନରେ ଅଟକିବା ମାତ୍ରେ ଅପେକ୍ଷାରତ ଯାତ୍ରୀମାନେ ଉତ୍ତ୍ୟକ୍ତ ହୋଇ ଇଞ୍ଜିନ ଭିତରକୁ ପଶିଯାଇଥିଲେ। ଏପରି କି ଆଉ କେତେଜଣ ଯାତ୍ରୀ ରେଳଧାରଣାରେ ବସିଯାଇଥିଲେ। ଉତ୍ତ୍ୟକ୍ତ ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ପାଇଁ ଷ୍ଟେଶନମାଷ୍ଟର ସେନାପତି ଅଫିସ ବାହାରକୁ ଆସିବା ମାତ୍ରେ ସେମାନେ ତାଙ୍କୁ ମାଡ ମାରିଥିଲେ। ପ୍ରାୟ ୧ ମାସ ହେବ ସିପି-୨ ଯାତ୍ରୀବାହୀ ଟ୍ରେନ୍ କନ୍ଦରପୁର ଷ୍ଟେଶନରେ ବିଳମ୍ବରେ ପହଞ୍ଚୁଛି। ସେଥିପାଇଁ ଭୁବନେଶ୍ୱରରେ ଚାକିରୀ କରୁଥିବା ଲୋକମାନେ କଟକରେ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିଲେ। ଫଳରେ ଭୁବନେଶ୍ୱରକୁ ଲିଙ୍କ୍ କରୁଥିବା ଭଦ୍ରକ-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍‌ରେ ଯାଇପାରୁ ନ ଥିଲେ। ଗୁରୁବାର ବିଳମ୍ବ ଯୋଗୁ ଯାତ୍ରୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିଲା। ଗଣ୍ଡଗୋଳ ଓ ଷ୍ଟେଶନମାଷ୍ଟରଙ୍କୁ ମାଡ ମରାଯାଇଥିବା ନେଇ ରେଲୱେ ପକ୍ଷରୁ କଟକ ଜିଆରପି ଥାନାରେ ଏତଲା ଦିଆଯାଇଛି।

## କିଛି ନୂଆ ପ୍ରଦର୍ଶନ କରିବାକୁ ଚାହେଁ: ଅଙ୍କିତା ଲୋଖାଣ୍ଡେ

**ନୂଆଦିଲ୍ଲୀ**

କଙ୍ଗନା ରାଣାୱତ୍ ଅଭିନୀତ 'ମଣିକର୍ଣ୍ଣିକା-ଦି କୁଇନ୍ ଅଫ୍ ଝାନ୍‌ସୀ'କୁ ବେଶ୍ ପସନ୍ଦ କରନ୍ତି ବଲିଉଡ ଅଭିନେତ୍ରୀ ଅଙ୍କିତା ଲୋଖାଣ୍ଡେ। ଏହି ଫିଲ୍ମ ତାଙ୍କ ପାଇଁ ଅଭିନୟ ଏବଂ କିଛି ନୂଆ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରିଛି ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟ ଭୂମିକାରେ ଅଭିନୟ କରି ନ ଥିଲେ ବି ସେ କାହିଁକି ଏହାକୁ ପସନ୍ଦ କରନ୍ତି ବୋଲି ପ୍ରଶ୍ନରେ ଅଙ୍କିତା କହିଲେ, 'ମୁଁ ଚରିତ୍ରକୁ ବେଶ୍ ପସନ୍ଦ କରେ। ହିରୋଇନ୍ ଭିତ୍ତିକ ଫିଲ୍ମ ଥିବ, ଅଥଚ ମୁଁ ସେଥିପାଇଁ ଯୋଗ୍ୟ ହୋଇ ନ ଥିବି। ହିରୋଭିତ୍ତିକ ଫିଲ୍ମ ଥିବ, କିନ୍ତୁ ମୁଁ ଏଠି, ସେଠି ଛିଡା ହେଉଥିବି, ନାଚୁଥିବି। ତାହା ମୋତେ ପସନ୍ଦ ନୁହେଁ। ମଣିକର୍ଣ୍ଣିକାରେ ମୁଖ୍ୟ ଭୂମିକା ନ ଥିଲେ ବି ଏଥିରେ ମୁଁ ପ୍ରଥମେ ଅଭିନୟର ସୁଯୋଗ ପାଇଛି। ସେଥିପାଇଁ ଗର୍ବିତ। ମାତ୍ର ୧୫ ମିନିଟ ସ୍କ୍ରିନ୍‌ରେ ଥିଲେ ମଧ୍ୟ ଲୋକେ ପସନ୍ଦ କରିଥିବା ସେ କହିଛନ୍ତି। ୩୪ବର୍ଷ ବୟସ୍କା ଏହି ଅଭିନେତ୍ରୀ ଟିଭି ଶୋ' 'ପବିତ୍ର ରିସ୍ତା'ରେ ଅର୍ଚ୍ଚନା ଚରିତ୍ରରେ ଖୁବ୍ ଲୋକପ୍ରିୟ। ମଣିକର୍ଣ୍ଣିକା ଯୋଦ୍ଧାରାଣୀ ଲକ୍ଷ୍ମୀବାଈଙ୍କ ଜୀବନ କାହାଣୀକୁ ଆଧାର କରି ଗଢ଼ିଉଠିଛି। ଏହା ଶୁକ୍ରବାର ରିଲିଜ ହେବାକୁ ଯାଉଛି। ଏଥିରେ ଅନ୍ୟ କଳାକାରଙ୍କ ସମେତ ଅତୁଲ କୁଲ୍‌କର୍ଣ୍ଣି, ଯିଶୁ ସେନଗୁପ୍ତ, ସୁରେଶ ଓବେରୟ ପ୍ରମୁଖ ଅଭିନୟ କରିଛନ୍ତି।



| ସଂଖ୍ୟା | ଜଳସେଚନ ପ୍ରକଳ୍ପ ନାମ | ଆରମ୍ଭ ବର୍ଷ | ପ୍ରାଥମିକ ଲକ୍ଷ୍ୟ ପୂରଣ ବର୍ଷ | ମୂଳ ବ୍ୟୟ ଅଟକଳ (କୋଟିରେ) | ବର୍ତ୍ତମାନ ବ୍ୟୟ ଅଟକଳ (କୋଟିରେ) | ସାରିବା ପାଇଁ ଧାର୍ଯ୍ୟ ବର୍ଷ | ବର୍ତ୍ତମାନ ସମୟରେ ପ୍ରକଳ୍ପ ସ୍ଥିତି |
|---|---|---|---|---|---|---|---|
| ୧. | ଲୋୟର ଇନ୍ଦ୍ର | ୧୯୯୯-୦୦ | ୨୦୦୫-୦୬ | ୨୧୧.୭୦ | ୧୭୫୩.୭୪ | ୨୦୧୮-୧୯ | ଅସମ୍ପୂର୍ଣ୍ଣ |
| ୨. | ଲୋୟର ସୁକ୍‌ତେଲ | ୧୯୯୯-୦୦ | ୨୦୦୫-୦୬ | ୨୧୭.୩୦ | ୨୪୪୮.୦୯ | ୨୦୨୦-୨୧ | ଅସମ୍ପୂର୍ଣ୍ଣ |
| ୩. | କାନପୁର | ୨୦୦୩-୦୪ | ୨୦୧୦-୧୧ | ୪୨୮.୩୨ | ୨୪୩୮.୨୯ | ୨୦୧୯-୨୦ | ଅସମ୍ପୂର୍ଣ୍ଣ |
| ୪. | ରେଙ୍ଗାଲୀ ଆରବିସି | ୧୯୯୬-୯୭ | ୨୦୦୬-୦୭ | ୭୩୮.୨୭ | ୧୯୬୨.୩୩ | ୨୦୧୯-୨୦ | ଅସମ୍ପୂର୍ଣ୍ଣ |
| ୫. | ସୁବର୍ଣ୍ଣରେଖା (ଏଆଇବିପି କମ୍ପୋନେଟ୍) | ୧୯୯୬-୯୭ | ୨୦୦୫-୦୬ | ୨୮୫.୦୦ | ୪୭୨୮.୨୮ | ୨୦୧୯-୨୦ | ଅସମ୍ପୂର୍ଣ୍ଣ |
| ୬. | ଇଣ୍ଟିଗ୍ରେଟେଡ୍ ଆନନ୍ଦପୁର ବ୍ୟାରେଜ | ୨୦୦୫-୦୬ | ୨୦୦୯-୧୦ | ୫୮୧.୪୦ | ୨୯୯୦.୦୫ | ୨୦୧୯-୨୦ | ଅସମ୍ପୂର୍ଣ୍ଣ |
| ୭. | ରେଙ୍ଗାଲୀ ଏଲ୍ ବି ସି-୨ | ୨୦୧୫-୧୬ | ୨୦୨୨-୨୩ | ୨୨୫୫.୩୦ | ୨୨୫୫.୩୦ | ୨୦୨୨-୨୩ | କାର୍ଯ୍ୟଜାରି (ଧାର୍ଯ୍ୟ ସମୟରେ) |
| ୮. | ମହାନଦୀ ଚିତ୍ରୋପ୍ତଳା | ୨୦୦୮-୦୯ | ୨୦୧୮-୧୯ | ୧୪୮.୬୭ | ୧୪୮.୬୭ | ୨୦୧୯-୨୦ | ଅସମ୍ପୂର୍ଣ୍ଣ |
| | ମୋଟ | | | ୪୮୬୫.୯୬ | ୧୮୭୨୪.୬୫ | | |

ପ୍ରଥମ ପୃଷ୍ଠାରୁ...

### ଜଳ ନୁହେଁ...

ବିଧାନସଭାର ପ୍ରଶ୍ନସଂଖ୍ୟା-୫୪୪ର ଏପ୍ରିଲ ୨୩, ୨୦୧୮ରେ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଦେଇଥିବା ଉତ୍ତର ଅନୁଯାୟୀ ଉପରୋକ୍ତ ପ୍ରକଳ୍ପଗୁଡିକର ବ୍ୟୟବରାଦ ୧୮୭୨୪.୬୫ କୋଟି ଟଙ୍କା ଛୁଇଁଛି। ଏହାର ଅର୍ଥ ରାଜ୍ୟ ପ୍ରଶାସନ ଏବଂ ଜଳସମ୍ପଦ ବିଭାଗର ମିଳିତ ଅପାରଗତା କାରଣରୁ କରଦାତାଙ୍କ ଅର୍ଥର (୧୮୭୨୪.୬୫-୪୮୬୫.୯୬=୧୩,୮୫୮.୬୯ କୋଟି ଟଙ୍କା) କ୍ଷତି ହୋଇସାରିଲାଣି। ପ୍ରକଳ୍ପଗୁଡିକ ସରି ନ ଥିବାରୁ ଏହି ଅର୍ଥର ପରିମାଣ ବୃଦ୍ଧି ପାଇବା ନିଶ୍ଚିତ।

ଏଠାରେ ଉଲ୍ଲେଖ ଥାଉକି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧୀନରେ ୨୦୦୦ ମାର୍ଚ୍ଚ ୬ରୁ ୨୦୦୨ ଅଗଷ୍ଟ ୬ ଏବଂ ୨୦୦୪ ମେ ୧୮ରୁ ୨୦୧୮ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗ ରହିଥିଲା। ସେହିପରି ରବିନାରାୟଣ ନନ୍ଦ ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମେ ୧୬ ଏବଂ ନିରଞ୍ଜନ ପୂଜାରୀ ୨୦୧୮ ମାର୍ଚ୍ଚ ୩ରୁ ଏହି ବିଭାଗ ଦାୟିତ୍ୱ ତୁଲାଇ ଆସୁଛନ୍ତି।

ଅନ୍ୟ ଏକ ବିଧାନସଭା (ପ୍ରଶ୍ନସଂଖ୍ୟା-୪୨୮)ରୁ ୨୦ ନଭେମ୍ବର, ୨୦୧୮ରେ ଉତ୍ତର ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟର ମୋଟ ୬୧.୮୦ ଲକ୍ଷ ହେକ୍ଟର ଚାଷଜମି ରହିଛି। ସେଥି ମଧ୍ୟରୁ ଖରିଫ ଋତୁରେ ୪୦.୪୭ ଲକ୍ଷ ହେକ୍ଟର ଏବଂ ରବି ଋତୁରେ ମାତ୍ର ୧୮.୬୯ ଲକ୍ଷ ହେକ୍ଟରରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ଯଦି ରବି ଓ ଖରିଫ ପାଇଁ ବିଶେଷ କରି ରବି ଋତୁରେ ଜଳସେଚନ ବ୍ୟବସ୍ଥାକୁ ୫ ପ୍ରତିଶତ ବୃଦ୍ଧି କରାଯାଇ ପାରିଥାନ୍ତା, ତେବେ ଓଡ଼ିଶାର ଚାଷୀକୁଳକୁ ଲଜ୍ଜିତ କରି ଭିକାରିଭାବେ ଦର୍ଶାଇବାକୁ ପଡି ନ ଥାନ୍ତା। ଧ୍ୱନି ଦିଆଯାଉଛି 'ଚାଷୀ ହସିଲେ, ରାଜ୍ୟ ହସିବ'। ହେଲେ କାର୍ଯ୍ୟରେ ଚାଷୀଙ୍କୁ ତଳିତଳାନ୍ତ କରି କନ୍ଦାଇ ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

### ଅଭାବୀ ବିକ୍ରି: ମାନୁନି ପ୍ରଶାସନ

ସଂଗ୍ରହ ହୋଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଏହାସତ୍ତ୍ୱେ ଅଭାବୀ ବିକ୍ରିକୁ ମାନିବାକୁ ପ୍ରଶାସନ ନାରାଜ। ଜିଲା ପ୍ରଶାସନକୁ ଧାନର ଅଭାବୀ ବିକ୍ରି ସମ୍ପର୍କରେ କୌଣସି ଅଭିଯୋଗ ହସ୍ତଗତ ହୋଇ ନ ଥିବା କୁହାଯାଉଛି। କୌତୂହଳର ବିଷୟ ହେଉଛି ସମ୍ଭବତଃ ରାଜ୍ୟ ସରକାର ଚାହୁଁଛନ୍ତି ଯେ, ଅସହାୟ ଚାଷୀ ତାଙ୍କର ଦୁଃଖକୁ ଲିଖିତ ଆକାରରେ ସରକାରୀ ବାବୁଙ୍କୁ ଜଣାଇବେ। ସରକାର କୌଣସି ଭାବେ ନିଜ ଆଡୁ ଚାଷୀଙ୍କ ସମସ୍ୟା ବୁଝିବାକୁ ଅନିଚ୍ଛୁକ। ଜିଲାରେ ୨୦୧୪-୧୫ ବର୍ଷରେ ୧୨ଲକ୍ଷ ୫୦ହଜାର କୁଇଣ୍ଟାଲ ମଧ୍ୟରୁ ୧୨ଲକ୍ଷ ୨୭ହଜାର ୬୯୧କୁଇଣ୍ଟାଲ, ୨୦୧୫-୧୬ ବର୍ଷରେ ୯ଲକ୍ଷ ୫୫ ହଜାର ୮୮୨ କୁଇଣ୍ଟାଲ ମଧ୍ୟରୁ ୮ଲକ୍ଷ ୩୨ ହଜାର ୪୫୨ କୁଇଣ୍ଟାଲ, ୨୦୧୬-୧୭ ବର୍ଷରେ ୯ଲକ୍ଷ ୮୫ ହଜାର ୨୯୪ କୁଇଣ୍ଟାଲ ମଧ୍ୟରୁ ୭ ଲକ୍ଷ ୮୭ ହଜାର ୯୬୮ କୁଇଣ୍ଟାଲ ଏବଂ ୨୦୧୭-୧୮ ବର୍ଷରେ ୯ ଲକ୍ଷ ୧୯ ହଜାର ୧୧୭ କୁଇଣ୍ଟାଲ ମଧ୍ୟରୁ ୮ ଲକ୍ଷ ୫୩ ହଜାର ୬୪୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଚଳିତ ୨୦୧୮-୧୯ ଖରିଫ ଋତୁରେ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୨୩ ହଜାର ୫୨୯.୪୧ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଧାର୍ଯ୍ୟ ଲକ୍ଷ୍ୟର ପିଛା କରି ୨୧ ଜାନୁୟାରୀ ୨୦୧୯ ସୁଦ୍ଧା ୧୪୯ଟି ପ୍ୟାକ୍‌ସ ଜରିଆରେ ୨ଲକ୍ଷ ୮୯ହଜାର ୮୪୩ କୁଇଣ୍ଟାଲ ଧାନ କିଣାଯାଇଛି। ଚଳିତ ବର୍ଷ ଧାନ କିଣାରେ ସମୁଦାୟ ଧାର୍ଯ୍ୟ ଲକ୍ଷ୍ୟର ୪୭ ପ୍ରତିଶତ ପୂରଣ ହୋଇଛି। ମୋଟ ୧୫୬ ଟି ମଣ୍ଡି ଖୋଲିବା ପାଇଁ



ODISHA POLICE
DISTRICT HEADQUARTERS, PURI.
NO. 15 /RTI (Cell), Dt. 15/01/2019
To
Sri Hemanta Kumar Nayak
S/o Sikhar Nayak
At- Machhapada
Po- Gorada
Dist. Jagatsinghpur.
Sub:- Supply of information under RTI Act.
Sir,
Please refer to your RTI Application dated 17/12/2018 seeking information under RTI Act. The point wise required information of Puri District may be treated as nil.
This is for favour of information.
Yours faithfully
Public Information Officer,



ODISHA STATE CIVIL SUPPLIES CORPORATION LTD. PURI

| KMS:- | Target of Paddy (In Qtls.) | Paddy Achived (In Qtls.) |
|---|---|---|
| | (Common F.A.Q) | (Common F.A.Q) |
| 2014-15 | 1250000.00 | 1227691.24 |
| 2015-16 | 955882.23 | 832452.61 |
| 2016-17 | 985294.12 | 787968.18 |
| 2017-18 | 919117.65 | 853645.95 |

ଏସ୍‌ପି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ(ବାମ)। ଜିଲା ଯୋଗାଣ ଅଧିକାରୀଙ୍କଠାରୁ ମିଳିଥିବା ଆର୍‌ଟିଆଇ ତଥ୍ୟ।

ଚୁକ୍ତି ହୋଇଥିବାବେଳେ ଗତ ୨୧ ତାରିଖ ସୁଦ୍ଧା ୧୪୯ଟି ମଣ୍ଡି ଖୋଲାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଧାନ ସଂଗ୍ରହ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚଳିତବର୍ଷ ଧାନ ସଂଗ୍ରହ ଠିକ୍‌ଠାକ ରହିଛି। ଚାଷୀଙ୍କ ସହଯୋଗ ରହିଲେ ଏବର୍ଷର ଟାର୍ଗେଟ ଛୁଇଁପାରିବୁ ବୋଲି ଆଶା ରଖିଥିବା ଦେଓ କହିଛନ୍ତି। ଜିଲାର ୧୧ଟି ବ୍ଲକ ମଧ୍ୟରୁ କେବଳ ନିମାପଡ଼ା ଏବଂ ପିପିଲି ବ୍ଲକରେ ୨ଟି ଶୀତଳ ଭଣ୍ଡାର ରହିଛି। ଅନ୍ୟ ବ୍ଲକରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛି। ଅପରପକ୍ଷରେ ଖୁସିର କଥା ଯେ, ଏହି ଜିଲାରେ ଗତ ୫ବର୍ଷରେ କୌଣସି ଚାଷୀ ଆତ୍ମହତ୍ୟା କରିଥିବାର ସୂଚନା ନାହିଁ ବୋଲି ଆର୍‌ଟିଆଇ ମାଧ୍ୟମରେ ଏସ୍‌ପି କାର୍ଯ୍ୟାଳୟରୁ ଉତ୍ତର ମିଳିଛି।

ଅନ୍ୟପକ୍ଷରେ ଖରିଫ ଚାଷ ଲାଗି ୨୦୧୪-୧୫ ବର୍ଷରେ ୮୦ ହଜାର ୫୮୬ ଚାଷୀଙ୍କୁ ୧୧,୦୦୪.୪୮ ଲକ୍ଷ, ୨୦୧୫-୧୬ରେ ୮୪ହଜାର ୪୨୯ ଚାଷୀଙ୍କୁ ୧୨,୧୨୫.୨୯ ଲକ୍ଷ, ୨୦୧୬-୧୭ରେ ୮୨ ହଜାର ୨୨୬ ଚାଷୀଙ୍କୁ ୧୩୨୯୧.୧୫ ଲକ୍ଷ, ୨୦୧୭-୧୮ରେ ୭୫ ହଜାର ୨୫୦ ଚାଷୀଙ୍କୁ ୧୩୧୬୮.୩୮ ଏବଂ ଚଳିତବର୍ଷ ଖରିଫ ଚାଷ ଲାଗି ୬୮ ହଜାର ୯୦୯ ଜଣ ଚାଷୀଙ୍କୁ ୧୬୦୮୧.୬୦ ଲକ୍ଷ ଟଙ୍କା ଋଣ ଦିଆଯାଇଥିବା ଜଣାପଡ଼ିଛି।

ଧାନକିଣା ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କୁ ପଚାରିବାରେ, ଚାଷୀମାନେ କିପରି ସୁରୁଖୁରରେ ଧାନ ଦେଇପାରିବେ ସେ ଦିଗରେ ଜିଲା ପ୍ରଶାସନ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛି। ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୪୭ ପ୍ରତିଶତ ପୂରଣ ହୋଇଗଲାଣି। ଚଳିତବର୍ଷ ଟାର୍ଗେଟ ଛୁଇଁବାକୁ ଯୋଜନା କରାଯାଇଛି। ଜିଲାରେ ଅଧିକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଲାଗି ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି। ଚିହ୍ନଟ ପରେ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଇବାକୁ ଯୋଜନା କରିଛୁ ବୋଲି କହିଛନ୍ତି। ଜିଲାପାଳଙ୍କ ଏହି ମତ ଶୁଣିବା ପରେ ମନେ ହେଉଛି ଯେ, ଆସନ୍ତା ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ପୁରୀ ଜିଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ ହୋଇପାରେ।

## ରାହୁଲଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

### ୨୫ ପ୍ଲାଟୁନ ଫୋର୍ସ, ୧୦୦ ଅଫିସର ନିୟୋଜିତ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିମାନ ବନ୍ଦର, ହୋଟେଲ ଓ ସଭାସ୍ଥଳରେ ମୋଟ ୨୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୧୦୦ ଅଫିସର ମୁତୟନ ରହିବେ। ରାହୁଲ ଗାନ୍ଧୀ ବିମାନବନ୍ଦରରେ ଓହ୍ଲାଇବା ପରେ ତାଙ୍କୁ ପୋଲିସ କର୍ଡନ ମଧ୍ୟରେ ରାଜଧାନୀର ଏକ ତାରକା ହୋଟେଲକୁ ନିଆଯିବ। ସେଠାରୁ କାର୍ଯ୍ୟକ୍ରମ ଶେଷ ହେବା ପରେ ସଭାସ୍ଥଳକୁ ଯିବେ ବୋଲି ଜଣାପଡିଛି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ପୋଲିସ କମିଶନର, ଡିସିପି ଓ ଅନ୍ୟ ବରିଷ୍ଠ ଅଧିକାରୀ ସଭାସ୍ଥଳ ଅନୁଧ୍ୟାନ କରିଛନ୍ତି। ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ପକ୍ଷରୁ ସେଠାରେ ଯାଞ୍ଚ କରାଯାଇଛି।

## ଚାଷୀଙ୍କ ମତାମତ

### ସରକାରୀସ୍ତରରେ ନାହିଁ ତତ୍ପରତା



ସରକାର ଚାଷୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ କରିନାହାନ୍ତି। ଏହି ଅସହଯୋଗ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଭାବ ପକାଇପାରେ। ସରକାର କୃଷକମାରଣ ନୀତିରେ ଚାଲିଛନ୍ତି। ଚାଷୀ ବାରମ୍ବାର ସରକାରଙ୍କ ପାଖରେ କ୍ଷତିପୂରଣ ଦାବି କରି ବିଫଳ ହେଉଛି। ସରକାରଙ୍କ ଧାନ କିଣା, ବାଦମ କିଣା ଏକ ପ୍ରହସନ। ଠିକ୍ ସମୟରେ ଚାଷୀଙ୍କଠାରୁ ନ କିଣିବା ଯୋଗୁ ବାଧ ହୋଇ କମ୍ ଟଙ୍କାରେ ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଧାନ କିଣିବା ଲାଗି ଜିଲା ପ୍ରଶାସନର ତତ୍ପରତା ଦେଖିବାକୁ ମିଳୁନାହିଁ।

**-ପ୍ରାଣକୃଷ୍ଣ ଗୌଡ଼, ଚାଷୀ, କୃଷ୍ଣପ୍ରସାଦ**

### କୃଷି ଯୋଜନାର ମିଳୁନି ସୁଫଳ



ସରକାର ବିଭିନ୍ନ ସମୟରେ ଚାଷୀଙ୍କ ଲାଗି ଏକାଧିକ ଯୋଜନା କରିଛନ୍ତି। କିନ୍ତୁ ଏହାର ସୁଫଳ ପ୍ରକୃତ ଚାଷୀ ପାଉନାହାନ୍ତି। ଚାଷୀଙ୍କ ପାଇଁ ଧାନ ମଣ୍ଡି ଖୋଲାଯାଉଛି। ହେଲେ ଏହା ଚାଷୀଙ୍କ କାର୍ଯ୍ୟରେ ଲାଗୁନାହିଁ। ଆବଶ୍ୟକ ସଂଖ୍ୟା ଓ ଠିକ୍ ସମୟରେ ମଣ୍ଡି ଖୋଲୁ ନ ଥିବାରୁ ଗ୍ରାମାଞ୍ଚଳର ଚାଷୀମାନେ ମଧ୍ୟସ୍ଥଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା କେତେକ ସରକାରୀ କର୍ମଚାରୀ ଏବଂ ମିଲର ଲାଭବାନ ହେଉଥିବା ବେଳେ ଚାଷୀଙ୍କୁ ସେମାନଙ୍କ ପ୍ରକୃତ ମୂଲ୍ୟ ମିଳୁନାହିଁ।

**-ବିଭୂତି ଭୂଷଣ ସାହୁ, ଚାଷୀ, ବୟାଳିଶବାଟୀ, ଗୋପ**

### ଯୋଜନାର ସୁଫଳ ଚାଷୀଙ୍କୁ ମିଳୁନାହିଁ



ସରକାର ଘୋଷଣା କରୁଥିବା ଯୋଜନାର ସୁଫଳ ଚାଷୀଙ୍କୁ ମିଳୁନାହିଁ। ଏଥିପାଇଁ ପ୍ରଶାସନିକ ଅବହେଳା ମୁଖ୍ୟ କାରଣ। ଠିକ୍ ସମୟରେ ମଣ୍ଡିରେ ଧାନ କିଣାଯାଉ ନାହିଁ। ମଣ୍ଡିରେ ଧାନର ମାନକୁ ନେଇ ଚାଷୀଙ୍କୁ ହଇରାଣ ହରକତ କରାଯାଉଛି। ଅନେକ ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସରକାରୀ ଯୋଜନା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି।

**- ଦୁଃଶାସନ ଦାସ, ମଲାଗୁଆଁ, କୁଣ୍ଢେଇ, କାକଟପୁର**

### ପ୍ରଶାସନ, ମିଲର୍‌ଙ୍କ ମଧ୍ୟରେ ଚାଲିଛି ଅସାଧୁ ମେଣ୍ଟ



ଧାନର ସହାୟକ ମୂଲ୍ୟ ବୋନସ ଆକାରରେ ଚାଷୀଙ୍କୁ ଦେବାର ଆବଶ୍ୟକତା ରହିଥିବା ବେଳେ ସରକାର ଏଥିପ୍ରତି ଆଖି ବୁଜିଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ। ଜିଲାର ବିଭିନ୍ନ ବ୍ଲକରେ ଅଦ୍ୟାବଧି ଧାନମଣ୍ଡି ଖୋଲାଯାଇ ନାହିଁ। ତେଣୁ ଚାଷୀମାନେ ବାଧ ହୋଇ ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ବିକି କ୍ଷତି ସହୁଛନ୍ତି। ପ୍ରଶାସନ ଏବଂ ମିଲର୍‌ଙ୍କ ମଧ୍ୟରେ ଅସାଧୁମେଣ୍ଟ ଯୋଗୁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ଚାଷୀ ପରିବାର ଏହାର ନିଶ୍ଚିତ ଜବାବ ଦେବେ।

**- ଆର୍ତ୍ତବନ୍ଧୁ ମହାନ୍ତି, ଚାଷୀ, ଅରିଷଣ୍ଡ, ନିମାପଡ଼ା**

### ପ୍ରକୃତ ଚାଷୀ ଚିହ୍ନଟ ହୋଇ ନାହାନ୍ତି



ପ୍ରକୃତ ଚାଷୀ କିଏ ସରକାର ଏପର୍ଯ୍ୟନ୍ତ ଚିହ୍ନଟ କରିପାରିଲେ ନାହିଁ। ଫଳରେ ସରକାରୀ ସହାୟତାକୁ ମଧ୍ୟସ୍ଥମାନେ ହାତେଇନେବାରେ ସଫଳ ହେଉଛନ୍ତି। କୃଷି ଓ କୃଷକଙ୍କୁ ପ୍ରତ୍ୟେକ ସରକାର ଅଣଦେଖା କରି ଆସିଛନ୍ତି। ଚାଷୀଙ୍କ ପ୍ରତି ଯତ୍ନବାନ ନ ହେଲେ ଭୋଟ ଉପରେ ଏହାର ପ୍ରଭାବ ପଡ଼ିପାରେ।

**- ଦିଲୀପ ବିଶ୍ୱାଳ, ଜୀଉନ୍ତି, ଅସ୍ତରଙ୍ଗ**

### ଶୋଷଣର ଶିକାର ହେଉଛନ୍ତି ଚାଷୀ



ସରକାର ଚାଷୀ ଏବଂ ଚାଷର ଉନ୍ନତି ପାଇଁ କରୁଥିବା ଯୋଜନା ତଳସ୍ତରରେ ଠିକ୍ ଭାବେ ପହଞ୍ଚି ପାରୁ ନାହିଁ। ପ୍ରତ୍ୟେକ ସରକାରୀ ମଣ୍ଡି ଯୋଗାଣ ବିଭାଗ, ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଛନ୍ତି। ଏଥିଯୋଗୁ ମଧ୍ୟସ୍ଥ ମାଲେମାଲ୍ ହେଉଥିବା ବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନିକ ଅବହେଳା ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀ ଚାଷରେ ସବୁକିଛି ହରାଇ ବସୁଛି। ସମବାୟ ସମିତିଗୁଡ଼ିକ ଚାଷୀ ଓ ଭାଗଚାଷୀଙ୍କ ନାମରେ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନାର ସିଂହଭାଗ ଅର୍ଥ ହଡ଼ପ କରୁଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀମାନେ ମଧ୍ୟସ୍ଥଙ୍କୁ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଧାନ ସଂଗ୍ରହ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରୁ ନାହିଁ। ଏଥିରୁ ଜଣାପଡୁଛି ଯେ, କାଳିଆ ଭଳି ସବୁ ଯୋଜନା ବିରାଟ ପ୍ରହସନ।

**- ବସନ୍ତ କୁମାର ଦାସ, ଟୋଲାପଡ଼ା, ଡେଲାଙ୍ଗ**

### ପ୍ରତିବର୍ଷ ଧାନର ଅଭାବୀ ବିକ୍ରି ହେଉଛି



ପ୍ରତି ଗାଁ ଗାଁରେ ଚାଷୀ ନିଜ ହକ୍ ପାଇଁ ଆନ୍ଦୋଳନ କରି ନିରାଶ ହେଉଛନ୍ତି। କୃଷକଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବି ହେଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ସରକାର ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି। ହେଲେ ଏହା ଚାଷୀଙ୍କୁ ପ୍ରଭାବିତ କରିପାରିବ ନାହିଁ। ସରକାର ଧାନ ମଣ୍ଡିକୁ ଠିକ୍ ସମୟରେ ଖୋଲି ପାରୁନାହାନ୍ତି। ଫଳରେ ଚାଷୀମାନେ ବାଧ ହୋଇ କମ୍ ମୂଲ୍ୟରେ ମଧ୍ୟସ୍ଥଙ୍କୁ ଧାନ ବିକ୍ରି କରୁଛନ୍ତି। ପ୍ରତିବର୍ଷ ଅଭାବୀ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ କିଛି ଭ୍ରୂକ୍ଷେପ କରୁନାହିଁ।

**-ସୁକାନ୍ତ ନାୟକ, ସାନବନ୍ଧକେରା, ବ୍ରହ୍ମଗିରି**

### ଧାନ ସଂଗ୍ରହ ଠିକ୍ ଭାବେ ହେଉନି



ଚାଷୀ ଅଧିକ ଅମଳ ପାଇଁ ଉଠା ଜଳସେଚନ ପଏଣ୍ଟ ମାଧ୍ୟମରେ ଚାଷ କରିବା ଲାଗି ଆଗ୍ରହ ପ୍ରକାଶ କରୁଥିଲେ ମଧ୍ୟ ଆଗ୍ରୋ ଏବଂ ବିଦ୍ୟୁତ୍ ବିଭାଗ ଏଥିରେ ସହଯୋଗ କରୁ ନାହାନ୍ତି। ଅନ୍ୟପକ୍ଷରେ ଠିକ୍ ସମୟରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉ ନାହିଁ। ମଧ୍ୟସ୍ଥଙ୍କ ମାଧ୍ୟମରେ ମିଲ୍ ମାଲିକ ଚାଷୀଙ୍କୁ ଶୋଷଣ କରୁଛନ୍ତି। ମଣ୍ଡିରେ ଧାନ କ୍ରୟ ଲାଗି ଦିନ ଧାର୍ଯ୍ୟ ହେଉଛି। କିନ୍ତୁ ମିଲରମାନେ ୩/୪ ଦିନ ଧାନ ପକାଇ ମନମୁଖୀ ଭାବେ ଉଠାଉଛନ୍ତି। ଏହାଦ୍ୱାରା ସାଧାରଣ ଚାଷୀ କ୍ଷତି ସହୁଛନ୍ତି।

**-କୃଷ୍ଣଚନ୍ଦ୍ର ପାଣି, ବରକେରା, ଡେଲାଙ୍ଗ**

### ସବୁଠି ଚାଲିଛି ବାଟମାରଣା



ଚାଷୀଙ୍କ ପ୍ରତି ସରକାର ସବୁବେଳେ ଉଦାସୀନ ମନୋଭାବ ପୋଷଣ କରିଆସୁଛନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ୧ ଟଙ୍କିଆ ଚାଉଳ ଯୋଗୁ ଚାଷ କାମ ବାଧାପ୍ରାପ୍ତ ହେଉଛି। ମଜୁରି ଲାଗିବାକୁ ଅନେକ ରାଜି ହେଉନାହାନ୍ତି। ପ୍ରଶାସନ ମିଲର ଓ ବ୍ୟବସାୟୀଙ୍କ ସ୍ୱାର୍ଥପୂରଣ ଦିଗରେ କାର୍ଯ୍ୟ କରୁଛନ୍ତି। ସବୁଠି ବାଟମାରଣା ଚାଲିଛି। ସରକାରଙ୍କ ଦ୍ୱାରା ଧାନ ମଣ୍ଡି ଖୋଲାଯିବା ଭଲ ପଦକ୍ଷେପ। କିନ୍ତୁ କଣାସ ଅଞ୍ଚଳରେ ଆବଶ୍ୟକ ମୁତାବକ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀ ଧାନ ଦେବାରେ ସମସ୍ୟା ଭୋଗୁଛନ୍ତି।

**-ଗୁଣନିଧି ପାତ୍ର, ଚଣ୍ଡେଇପଡ଼ା, କଣାସ**

### ମଣ୍ଡିରେ ହଇରାଣ କରାଯାଉଛି



ଚାଷୀଙ୍କୁ ସବୁବେଳେ ଅଣଦେଖା କରାଯାଉଛି। ପ୍ରାକୃତିକ ଦୁର୍ବିପାକରେ ଚାଷ ଉଜୁଡ଼ିଗଲେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଉ ନାହିଁ। ଅନେକ ଘାତପ୍ରତିଘାତରେ ଧାନ ଅମଳ ପରେ ମଣ୍ଡିକୁ ବିକ୍ରି ପାଇଁ ଗଲାବେଳେ ସେଠାରେ ବି ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ମଣ୍ଡି ଖୋଲିବାରେ ବେଳେବେଳେ ବିଳମ୍ବ ଯୋଗୁ ଚାଷୀଙ୍କୁ ପ୍ରକୃତ ମୂଲ୍ୟ ମିଳୁନାହିଁ। ମଧ୍ୟସ୍ଥମାନେ ଧାନ ଦେଇ ମାଲାମାଲ୍ ହେଉଥିବା ବେଳେ ଚାଷୀ କ୍ଷତି ସହୁଛନ୍ତି।

**-ମାନସ କୁମାର ରାଉତ, ନୂଆ ସୋମେଶ୍ୱରପୁର, ସତ୍ୟବାଦୀ**

## ଖରାପ ଉଦ୍ଦେଶ୍ୟ ରଖି ମେଣ୍ଟ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

ଝାରସୁଗୁଡା ବିଧାୟକ ନବ ଦାସ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ନବଙ୍କ ବିଜେଡିରେ ଯୋଗଦାନକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡା ସମାଲୋଚନା କରି କହିଛନ୍ତି ଯେ, ଅସାଧୁ ଲୋକମାନଙ୍କର ମେଣ୍ଟ ଖରାପ ଉଦ୍ଦେଶ୍ୟରେ ହୋଇଛି। ଏମାନେ ଯେତେ ଚେଷ୍ଟା କଲେ ମଧ୍ୟ କୌଣସି ଲାଭ ପାଇବେନାହିଁ। ଏମାନଙ୍କର ଦିନ ଶେଷ ହୋଇ ଆସିଲାଣି। ନିଜର ବିଫଳତାକୁ ଲୁଚାଇବା ପାଇଁ ସରକାରୀ କଳକୁ ଦୁରୁପଯୋଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଅପଚେଷ୍ଟା ଜାରି ରଖନ୍ତୁ ବୋଲି ସେ କହିଛନ୍ତି। ନବଙ୍କ ବିଜେଡିରେ ଯୋଗଦେବା ନେଇ ଧର୍ମେନ୍ଦ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାକୁ ଆହୁରି ଦାରିଦ୍ର୍ୟ କରିବା, ଯୁବକଙ୍କୁ ପ୍ରତାରିତ କରିବା ଓ ମାଆ ଓ ଭଉଣୀମାନଙ୍କ ଅତ୍ୟାଚାର ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ ଟାର୍ଗେଟ୍ କରିଥିବା କଟାକ୍ଷ କରି କହିଛନ୍ତି। ବଲାଙ୍ଗୀର ଓ ଝାରସୁଗୁଡା ଜିଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ସେହିସବୁ ସ୍ଥାନରେ ରୋଜଗାର ବଢାଇବା ପାଇଁ ନିର୍ଦ୍ଦିଷ୍ଟଭାବେ କ'ଣ କରିଛନ୍ତି ସାର୍ବଜନୀନ ଭାବେ ପ୍ରକାଶ କରନ୍ତୁ। ଲମ୍ବା ଶାସନର ଦାୟିତ୍ୱରେ ରହିବାପରେ ମଧ୍ୟ ସେଠାର ଯୁବକ କାହିଁକି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଡାକାର ୨୦୧୯

**ଡାକାର ରାଲିର ୪୧ତମ ସଂସ୍କରଣ ଦକ୍ଷିଣ ଆମେରିକାରେ ସମ୍ପନ୍ନ ହୋଇଛି। ଏହା ପେରୁର ଲିମାଠାରୁ ଜାନୁୟାରୀ ୬ରେ ଆରମ୍ଭ ହୋଇ ସେହି ଲିମାଠାରେ ୧୭ରେ ଶେଷ ହୋଇଥିଲା। ୧୦ ଷ୍ଟେଜ୍ ବିଶିଷ୍ଟ ପ୍ରତିଯୋଗିତାର କାର୍ ବିଭାଗରେ ଚାମ୍ପିୟନ ହୋଇଥିଲେ କାତାର ଡ୍ରାଇଭର ନାସେର ଅଲ୍-ଆଟିୟା....**


ନାସେର ଅଲ-ଆଟିୟା





ବିଶ୍ୱର ଅନ୍ୟତମ କଷ୍ଟସାଧ୍ୟ ଏବଂ ବିପଜ୍ଜନକ ଡାକାର ରାଲିର ୪୧ତମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି କ୍ରମାଗତ ୧୧ ଥର ପାଇଁ ଦକ୍ଷିଣ ଆମେରିକାରେ ସମ୍ପନ୍ନ ହୋଇଛି। ଏହା ପେରୁର ଲିମାଠାରୁ ଜାନୁୟାରୀ ୬ରେ ଆରମ୍ଭ ହୋଇ ସେହି ଲିମାଠାରେ ଜାନୁୟାରୀ ୧୭ରେ ଶେଷ ହୋଇଥିଲା। ପ୍ରତିଯୋଗିତା ୧୦ ଷ୍ଟେଜ୍ ବିଶିଷ୍ଟ ଥିଲା। ଡାକାର ରାଲି ୫ଟି କାଟେଗୋରିରେ ଅନୁଷ୍ଠିତ ହେଉଥିଲେ ହେଁ ଆକର୍ଷଣର କେନ୍ଦ୍ରବିନ୍ଦୁ କାର୍ ବିଭାଗରେ ଚାମ୍ପିୟନ ହୋଇଥିଲେ କାତାର ଡ୍ରାଇଭର ନାସେର ଅଲ୍-ଆଟିୟା। ଏହାଥିଲା ନାସେରଙ୍କ କ୍ୟାରିୟରର ତୃତୀୟ ଡାକାର ବିଜୟ। ୨୦୧୯ରେ ସେ ଟୟୋଟା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଡାକାର ଇତିହାସରେ ଦ୍ୱିତୀୟ ବ୍ୟକ୍ତିଭାବେ ସେ ୩ଟି ଭିନ୍ନ କମ୍ପାନୀର ଗାଡ଼ି ବ୍ୟବହାର କରି ଚାମ୍ପିୟନ ହୋଇଛନ୍ତି। ୨୦୧୧ରେ ସେ ଫକ୍ସୱାଗନ ଓ ୨୦୧୫ରେ ମିନି ପକ୍ଷରୁ ପ୍ରତିନିଧିତ୍ୱ କରି ଟାଇଟଲ ହାସଲ କରିଥିଲେ। ଟୟୋଟା ଗାଜୁ ରେସିଂ ଟିମ୍ ସହିତ ଏହା ଥିଲା ନାସେରଙ୍କର ଦ୍ୱିତୀୟ ସିଜନ। ଜେନେରାଲ କ୍ଲାସିଫିକେଶନରେ ସେ କେବଳ ଦ୍ୱିତୀୟ ଷ୍ଟେଜ୍‌କୁ ଛାଡ଼ି ପୂରା ଚାମ୍ପିୟନଶିପ୍‌ରେ ଅଗ୍ରଣୀ ରହିଥିଲେ। ଏଥର ଡାକାରା ରାଲିକୁ ସେ ଓଭରଅଲ୍ ୩୪: ୩୮:୧୪ ସେକେଣ୍ଡ ସମୟ ନେଇ ଶେଷ କରିଥିଲେ। ୪୮ବର୍ଷୀୟ ଏହି ଡ୍ରାଇଭର ନିଜ ଅଭିଜ୍ଞତାର ଉପଯୋଗ କରି ସଫଳ ହୋଇଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଏକ୍ସ-ରେଡ୍ସର ନାନି ରୋମାଙ୍କଠାରୁ ସେ ୪୬ ମିନିଟ ଓ ୪୨ ସେକେଣ୍ଡ ଆଗରେ ରହିଥିଲେ। ରୋମା ଯଦିଓ କୌଣସି ଷ୍ଟେଜ୍ ଜିତି ନ ଥିଲେ ସ୍ଥିର ପ୍ରଦର୍ଶନ ଯୋଗୁ ଓଭରଅଲ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପିୟୁଜିଅଟ୍ ୩୦୦ ଡିକେଆରର ତଥା ୯ଥର ଡବ୍ଲ୍ୟୁଆରସି ଚାମ୍ପିୟନ ସେବାଷ୍ଟିନ ଲୋଏବ୍ ତୃତୀୟ ହୋଇଥିଲେ। ରେସ୍ ଅବସରରେ ଲୋଏବ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ହେଁ ଦ୍ରୁତ ଗତିରେ ଗାଡ଼ି ଚାଳନା ଏବଂ ୪ ଷ୍ଟେଜ ବିଜୟ ଯୋଗୁ ଗତ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇଥିଲେ। ଗତଥରର ଚାମ୍ପିୟନ ତଥା ଏକ୍ସ-ରେଡ୍ସର କାର୍ଲୋସ ସେଜ୍ ଅନ୍ତିମ ଷ୍ଟେଜ୍ ଜିତିଥିଲେ। ତେବେ ଓଭରଅଲ୍ ଷ୍ଟାଣ୍ଡିଂରେ ସେ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

ବାଇକ୍ ଡିଭିଜନରେ ଅଷ୍ଟ୍ରେଲିଆର ଟୋବି ପ୍ରାଇସ୍ ଚାମ୍ପିୟନ ହୋଇଛନ୍ତି। ସେ ଏଥର କଟିରେ ଆଘାତ ପାଇଥିଲେ ହେଁ ଦ୍ୱିତୀୟଥର ପାଇଁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ହିରୋ ମୋଟୋ ସ୍ପୋର୍ଟ୍ସର ସ୍ପାନିଶ ରାଇଡର ଓରିଓଲ ମେନା ଫାଇନାଲ ଷ୍ଟେଜ୍‌ରେ ୧୭ଶ ସ୍ଥାନ ଅଧିକାର କରିଥିଲେ ହେଁ ଓଭରଅଲ ର୍‍ୟାଙ୍କିଙ୍ଗରେ ୯ମ ସ୍ଥାନ ବଜାୟ ରଖିଥିଲେ। ଶୁକ୍ରବାର ଶେଷ ହୋଇଥିବା ଡାକାର ରାଲିରେ ଏକ ମାତ୍ର ଭାରତୀୟ ଭାବେ ଅରବିନ୍ଦ କେପି ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଟ୍ରକ୍ସ ଡିଭିଜନରେ କାମାଜ ଟିମ୍‌ର ଏଡୁଆର୍ଡ ନିକୋଲାଏଭ, ଏଭଗେନି ଲାକୋଭଲେଭ୍ ଓ ଭ୍ଲାଡିମିର ରିବାକୋଭ୍ କ୍ରମାଗତ ତୃତୀୟଥରପାଇଁ ଚାମ୍ପିୟନ ହୋଇ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

### ନାସେର: ରେସିଂ ଓ ଶୁଟିଂର ଅପୂର୍ବ ସମନ୍ୱୟ

ନାସେର ସାଲିହ ନାସେର ଅବଦୁଲା ଅଲ୍-ଆଟିୟା ୧୯୭୦ ଡିସେମ୍ବର ୨୧ରେ ଦୋହାଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ କାତାରି ଡ୍ରାଇଭର, ସ୍ପୋର୍ଟ୍ସ ଶୁଟର ଏବଂ ଧର୍ମଗୁରୁ। ସେ ୨୦୦୬ରେ ୱାର୍ଲ୍ଡ ରାଲି ଚାମ୍ପିୟନ ହୋଇଥିବାବେଳେ ୧୩ ଥର ମିଡଲ ଇଷ୍ଟ ରାଲୁ ଟାଇଟଲ ବିଜେତା। ୨୦୧୪ ଓ ୨୦୧୫ରେ ସେ ୨ ଥର ଡବ୍ଲ୍ୟୁଆରସି-୨ ଚାମ୍ପିୟନ, ୨୦୦୮, ୨୦୧୫ ଓ ୨୦୧୬ରେ ସେ ୩ ଥର ଏଫଆଇଏ କ୍ରସ୍ କଣ୍ଟ୍ରି ରାଲି କପ୍ ଏବଂ ୨୦୧୧, ୨୦୧୫ ଓ ୨୦୧୯ରେ ଡାକାର ରାଲି ବିଜେତା। ସେ ସମ୍ପ୍ରତି ୱାର୍ଲ୍ଡ ରାଲି ଚାମ୍ପିୟନଶିପ୍ ଏବଂ ମିଡଲ ଇଷ୍ଟ ରାଲି ଚାମ୍ପିୟନଶିପ୍‌ରେ କାତାର ୱାର୍ଲ୍ଡ ରାଲି ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମିଡିଲ ଇଷ୍ଟ ଡ୍ରାଇଭରଙ୍କ ମଧ୍ୟରେ ସେ ଏକମାତ୍ର ଏକାଧିକ ଥର ଡାକାର ରାଲି ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ବର୍ତ୍ତମାନର କାତାର ଅମିର ତାମିମ ବିନ୍ ହାମଦ ଅଲ୍ ଥାନିଙ୍କ ସମ୍ପର୍କୀୟ ଭାଇ। ପ୍ରତିକୂଳ ପରିସ୍ଥିତିରେ ଡାକାର ରାଲିରେ ପ୍ରାଧାନ୍ୟ ବିସ୍ତାର କରିଥିବା ନାସେର ଶୁଟିଂ ରେଞ୍ଜ୍‌ରେ ମଧ୍ୟ ପାରଙ୍ଗମ ବୋଲି ପ୍ରମାଣିତ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ପୁରୁଷ ସ୍କିଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୨୦୦୨ ବୁସାନ ଏବଂ ୨୦୧୦ ଗୁଆଙ୍ଗଝୋଉ ଏସିଆନ ଗେମ୍ସର ସ୍କିଟ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଗୁଆଙ୍ଗଝୋଉଠାରେ ବ୍ୟକ୍ତିଗତ ସ୍କିଟ ଇଭେଣ୍ଟରେ ମଧ୍ୟ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଏହା ବ୍ୟତୀତ ସେ ୨୦୦୧ ବ୍ୟାଙ୍କକ୍, ୨୦୦୫ ସିଙ୍ଗାପୁର ଓ ୨୦୧୨ ଦୋହା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ସ୍କିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୧୯୯୫ ଜାକର୍ତ୍ତା ଓ ୨୦୦୩ ଦିଲ୍ଲୀ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ।

**୧୦ ଷ୍ଟେଜ**

| ଷ୍ଟେଜ୍ | ତାରିଖ | ଆରମ୍ଭ | ଶେଷ |
|---|---|---|---|
| ୧ | ଜାନୁୟାରୀ ୭ | ଲିମା | ପିସ୍କୋ |
| ୨ | ଜାନୁୟାରୀ ୮ | ପିସ୍କୋ | ସାନ୍ ଜୁଆନ ଡି ମାର୍କୋନା |
| ୩ | ଜାନୁୟାରୀ ୯ | ସାନ୍ ଜୁଆନ ଡି ମାର୍କୋନା | ଆରେକ୍ୱିପା |
| ୪ | ଜାନୁୟାରୀ ୧୦ | ଆରେକ୍ୱିପା | ମୋକ୍ୱିଗୁଆ |
| ୫ | ଜାନୁୟାରୀ ୧୧ | ମୋକ୍ୱିଗୁଆ | ଆରେକ୍ୱିପା |
| ୬ | ଜାନୁୟାରୀ ୧୩ | ଆରେକ୍ୱିପା | ସାନ୍ ଜୁଆନ ଡି ମାର୍କୋନା |
| ୭ | ଜାନୁୟାରୀ ୧୪ | ସାନ୍ ଜୁଆନ ଡି ମାର୍କୋନା | ସାନ୍ ଜୁଆନ ଡି ମାର୍କୋନା |
| ୮ | ଜାନୁୟାରୀ ୧୫ | ସାନ୍ ଜୁଆନ ଡି ମାର୍କୋନା | ପିସ୍କୋ |
| ୯ | ଜାନୁୟାରୀ ୧୬ | ପିସ୍କୋ | ପିସ୍କୋ |
| ୧୦ | ଜାନୁୟାରୀ ୧୭ | ପିସ୍କୋ | ଲିମା |

**ସଂକ୍ଷେପରେ ଡାକାର-୨୦୧୯**

ଆୟୋଜକ ଦେଶ: ପେରୁ
ସମୟ: ଜାନୁୟାରୀ ୬ରୁ ୧୭
ଷ୍ଟେଜ୍: ୧୦
ଷ୍ଟେଜ୍ ସର୍ଫେସ: ବାଲି/ଗୋଡ଼ି, ମାଟି ଏବଂ ବାଲି ରାସ୍ତା

**କାର୍ ବିଭାଗ ବିଜେତା**

ମୁଖ୍ୟ ଡ୍ରାଇଭର: ନାସେର ଅଲ-ଆଟିୟା(କାତାର)
ସହକାରୀ ଡ୍ରାଇଭର: ମାଥ୍ୟୁ ବୌମେଲ (ଫ୍ରାନ୍ସ)
(ଟୟୋଟା ଗାଜୋ ରେସିଂ)

**ବାଇକ୍ ବିଜେତା**

ଟୋବି ପ୍ରାଇସ୍(ଅଷ୍ଟ୍ରେଲିଆ)
ରେଡ୍ ବୁଲ୍ କେଟିଏମ ଫ୍ରାକ୍ଟି ରେସିଂ)
କ୍ୱାଡ୍ସ ବିଜେତା
ନିକୋଲାସ କାଭିଗ୍ଲିଆସୋ (ଆର୍ଜେଣ୍ଟିନା)
(ଡ୍ରାଗ୍'ଅନ୍ ରାଲି)

**ଟ୍ରକ୍ ବିଭାଗ ବିଜେତା**

ମୁଖ୍ୟ ଡ୍ରାଇଭର: ଏଡୁଆର୍ଡ ନିକୋଲାଏଭ୍ (ରୁଷିଆ)
ସହକାରୀ ଡ୍ରାଇଭର: ଏଭଗେନି ଲାକୋଭଲେଭ୍, ଭ୍ଲାଡିମିର ରିବାକୋଭ (ରୁଷିଆ)(କାମାଜ ମାଷ୍ଟର)

**ୟୁଟିଭି ବିଜେତା**

ମୁଖ୍ୟ ଡ୍ରାଇଭର: ଫ୍ରାନ୍ସିସ୍କୋ ଲୋପେଜ କଣ୍ଟାର୍ଡୋ(ଚିଲି)
ସହକାରୀ ଡ୍ରାଇଭର: ଆଲଭାରୋ ଲିଅନ(ଚିଲି)
(ସାଉଥ୍ ରେସିଂ କାନ୍-ଆମ୍)

---

**ଅଷ୍ଟ୍ରେଲିଆ ଗସ୍ତରେ ଐତିହାସିକ ସଫଳତା ହାସଲ କରିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲା ଜିତି ଭାରତ ଦକ୍ଷତା ପ୍ରତିପାଦନ କରିଛି। ଏହା ପରେ ଭାରତ ୩ଟି ଟି୨୦ ମ୍ୟାଚ୍ ଖେଳିବ। ଅଧିନାୟକ କୋହଲି ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜ୍‌ରୁ ବିଶ୍ରାମ ନେଇଛନ୍ତି। ଆଉ କେତେଜଣ ତାରକା ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏହି ଗସ୍ତରେ ସଫଳ ହୋଇ ଆଗାମୀ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛି...**

# ମିଶନ ବ୍ଲାକ୍‌କ୍ୟାପ୍





ନିର୍ମଳ କୁମାର ମିଶ୍ର

ଅଷ୍ଟ୍ରେଲିଆ ଗସ୍ତର ସଫଳ ପରିସମାପ୍ତି ପରେ ଟିମ୍ ଇଣ୍ଡିଆର ମନୋବଳ ଆକାଶଛୁଆଁ ରହିଥିବା ବେଳେ ସମଗ୍ର କ୍ରିକେଟ୍ ଜଗତ ବିରାଟ ବାହିନୀର ଏହି ସଫଳତାକୁ ଏକ ଐତିହାସିକ ବୋଲି ଅଭିହିତ କରିଛନ୍ତି। ଆଗକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଏକଦିବସୀୟ ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ଟିମ୍ ଇଣ୍ଡିଆ ଆସନ୍ତା ବିଶ୍ୱକପ୍‌ର ଦୃଢ ଦାବିଦାର ରୂପେ ଉଭା ହୋଇଛି। ଏଥି ସହିତ ଆଉ ଏକ ମିଶନ ବ୍ଲାକକ୍ୟାପ୍ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ଆଗକୁ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରହିଥିବାରୁ ଦଳର ସମସ୍ତ ଖେଳାଳିଙ୍କ ପାଇଁ ଏକ ଭଲ ଅଭ୍ୟାସ ରହିବାର ସମ୍ଭାବନା ରହିଛି। ବିରାଟ ବାହିନୀ ଏଥି ମଧ୍ୟରେ ଆଇସିସି ଏକଦିବସୀୟ ର୍‍ୟାକିଙ୍ଗ୍‌ରେ ନିଜର ସ୍ଥିତିରେ ଉନ୍ନତ ଆଣିବାକୁ ସକ୍ଷମ ହୋଇଛି।

ଦୃଢ ମନୋବଳ ନେଇ ବିରାଟ ବାହିନୀ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଏକଦିବସୀୟ ସିରିଜ ଖେଳିଛି ଓ ପ୍ରଥମ ମ୍ୟାଚରେ ସହଜ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଛି। ଏହା ପରେ ଭାରତ ନ୍ୟୁଜିଲାଣ୍ଡରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବାକୁ ଯାଉଛି। ଆଗାମୀ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନିଜକୁ ପ୍ରସ୍ତୁତ କରିବା ପାଇଁ ଦୁଇ ଦେଶର କ୍ରିକେଟ୍ ବୋର୍ଡ ମଧ୍ୟରେ ସହମତି ଯୋଗୁ ଏହା ସମ୍ଭବ ହୋଇପାରିଛି। ଚଳିତ ୨୩ତାରିଖରୁ ଆରମ୍ଭ ହୋଇଥିବା ଏହି ସିରିଜ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏକଦିବସୀୟ ଫର୍ମାଟରେ ଦୁଇଦେଶ ବେଶ୍ ଶକ୍ତିଶାଳୀ। ସଦ୍ୟପ୍ରକାଶିତ ଆଇସିସି ର୍‍ୟାକିଙ୍ଗରେ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ସହିତ ଟିମ୍ ଇଣ୍ଡିଆ ୧୨୧ ପଏଣ୍ଟ ସହିତ ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୧୧୩ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି। ସେହିପରି ଆଇସିସି ଦିନିକିଆ ର୍‍ୟାକିଂରେ ଶ୍ରେଷ୍ଠ ଖେଳାଳି ତାଲିକାରେ ଭାରତର ୩ଜଣ ବ୍ୟାଟ୍ସମ୍ୟାନ୍ ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ୧ନଂ ସ୍ଥାନରେ ରହିଥିବା ବେଳେ ରୋହିତ ଶର୍ମା ୨ୟ ଏବଂ ନ୍ୟୁଜିଲାଣ୍ଡର ରସ୍ ଟେଲର ତୃତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଓପନର ଶିଖର ଧାଓ୍ୱନ ୯ମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ଏବଂ ମାର୍ଟିନ ଗୁପ୍ଟିଲ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ବଜାଇ ରଖିବାକୁ ସକ୍ଷମ ହୋଇଛନ୍ତି। ସେହିପରି ଆଗାମୀ ବିଶ୍ୱକପ୍‌କୁ ଆଖି ଆଗରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମରାଙ୍କୁ ବିଶ୍ରାମ ଦେଇଛି। ବୋଲିଂ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତୀୟ ତାରକା ସ୍ପିନର କୁଲଦୀପ୍ ଯାଦବ ଏବଂ ଯୁଜବେନ୍ଦ୍ର ଚହଲ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଥିବା ବେଳେ ନ୍ୟୁଜିଲାଣ୍ଡର ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ ୧୦ମ ସ୍ଥାନରେ ରହିଛନ୍ତି। ପ୍ରଥମ ମ୍ୟାଚ୍ ଜିତି ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଆଗାମୀ ସିରିଜ ବେଶ୍ ଆକର୍ଷଣୀୟ ଏବଂ ଉପଭୋଗ୍ୟ ହେବାର ସମ୍ଭାବନା ରହିଛି। କୋହଲି ଅନ୍ତିମ ୨ଟି ଦିନିକିଆ ଓ ଟି୨୦ ସିରିଜରୁ ବିଶ୍ରାମ ନେଇଛନ୍ତି। ସେହିପରି ଯଶପ୍ରୀତ୍ ବୁମରାଙ୍କ ବିଶ୍ରାମ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଆକ୍ରମଣାତ୍ମକ ଓପନର ଲୋକେଶ ରାହୁଲଙ୍କ ଅନୁପସ୍ଥିତି ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ନ୍ୟୁଜିଲାଣ୍ଡର ସୁଇଙ୍ଗ କଣ୍ଡିସନ, ଛୋଟ ପଡିଆ, ଘରୋଇ ପରିବେଶ, ଗ୍ରାସ୍ ପିଚ୍ ସବୁବେଳେ ଭାରତକୁ ଅଡୁଆରେ ପକାଇଛି। ମାତ୍ର ଫର୍ମରେ ଥିବା ଭାରତୀୟ ବ୍ୟାଟିଂ ଏବଂ ବୋଲିଂ ଲାଇନଅପ୍ ଯୋଗୁଁ ଟିମ୍ ଇଣ୍ଡିଆ ମଧ୍ୟ ନ୍ୟୁଜିଲାଣ୍ଡକୁ କଡା ଜବାବ ଦେବ। ନିହାତି ଖରାପ ପ୍ରଦର୍ଶନ ନ କଲେ ଭାରତ ଏହି ସିରିଜରେ ହାରିବାର ସମ୍ଭାବନା ନ ଥିବା ପରି ଲାଗୁଛି।

୧୯୭୫ ରୁ ୨୦୧୭ ମଧ୍ୟରେ ଉଭୟ ଦେଶ ମଧ୍ୟରେ ୧୦୧ଟି ଏକଦିବସୀୟ ମ୍ୟାଚ୍ ଖେଳାଯାଇଛି। ଏଥି ମଧ୍ୟରୁ ଭାରତ ୫୧ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୪୪ଟି ମ୍ୟାଚରେ ବିଜୟୀ ରହିଛି। ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ ଉଭୟ ଦେଶ ପାଖାପାଖି ସମାନ ସ୍ଥିତିରେ ରହିଛନ୍ତି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ୫ଟି ମ୍ୟାଚର କୌଣସି ଫଳାଫଳ ମିଳିପାରିନାହିଁ। ଭାରତର ଜିତିବାର ହାର ୫୬.୨୫ ଶତକଡା ରହିଛି। ଭାରତ ଏକଦିବସୀୟ ମ୍ୟାଚରେ ୭ଥର ୩୦୦ରନ୍ ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ନ୍ୟୁଜିଲାଣ୍ଡ ୮ଥର ସେହି ମ୍ୟାଜିକ୍ ସଂଖ୍ୟାକୁ ଅତିକ୍ରମ କରିଛି। ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ୭୯ ରହିଥିବା ବେଳେ ଭାରତର ସର୍ବନିମ୍ନ ସ୍କୋର ୮୮ ରନ୍ ରହିଛି। ଭାରତ ପକ୍ଷରୁ ବର୍ତ୍ତମାନର ଅଧିନାୟକ ବିରାଟ କୋହଲି ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ରୂପେ ୧୯ ମ୍ୟାଚରୁ ୧୧୫୪ ରନ୍ ସଂଗ୍ରହ କରିଛନ୍ତି ଓ ସେଥିରେ ୫ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ସାମିଲ ରହିଛି। ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ରୂପେ ବିଶ୍ୱର ଶ୍ରେଷ୍ଠ ମ୍ୟାଚ ଫିନିସର ରୂପେ ପରିଚିତ ମହେନ୍ଦ୍ର ସିଂ ଧୋନୀ ୨୪ଟି ମ୍ୟାଚ ଖେଳି ୮୪୧ରନ୍ ସଂଗ୍ରହ କରିଛନ୍ତି। ଅନ୍ୟତମ ସଫଳ ବ୍ୟାଟସ୍ ମ୍ୟାନ୍ ରୂପେ ରୋହିତ ଶର୍ମା ୧୮ଟି ମ୍ୟାଚରୁ ୫୩୩ ରନ୍ ସଂଗ୍ରହ କରିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ରସ ଟେଲର, କେନ୍ ୱିଲିୟମସନ୍, ମାର୍ଟିନ ଗୁପ୍ଟିଲ, ଟମ୍ ଲାଥମ ସଫଳ ବ୍ୟାଟ୍ସମ୍ୟାନ ରହିଛନ୍ତି। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ୍ ବୁମରା ୭ଟି ମ୍ୟାଚରୁ ୧୨ଟି ଉଇକେଟ୍ ନେଇଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସାଉଦି ୧୭ଟି ମ୍ୟାଚରୁ ୨୬ଟି ଉଇକେଟ ନେଇ ଆଗରେ ରହିଛନ୍ତି। ସେହିପରି ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୮ଟି ଟି୨୦ ମ୍ୟାଚରୁ ଭାରତ ୨ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୬ଟି ମ୍ୟାଚରେ ବିଜୟୀ ହୋଇ ବହୁ ଆଗରେ ରହିଛି ନ୍ୟୁଜିଲାଣ୍ଡ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାଓନ, ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ, ଶୁଭମ ଗିଲ, ଯୁଜବେନ୍ଦ୍ର ଚହଲ, ଅମ୍ବାତି ରାଇଡୁ, ବିଜୟ ଶଙ୍କର, ମହମ୍ମଦ ସାମି, କୁଲଦୀପ ଯାଦବ, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ଓ ଖଲିଲ ଅହମଦ୍।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ୍ (ଅଧିନାୟକ), ଟ୍ରେଣ୍ଟ ବୋଲ୍ଟ, ଡଗ୍ ବ୍ରାସୱେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ୍, ମାର୍ଟିନ ଗୁପ୍ଟିଲ, ମ୍ୟାଟ୍ ହେନେରି, ଟମ୍ ଲାଥମ୍, କଲିନ୍ ମୁନରୋ, ହେନେରୀ ନିକୋଲସ୍, ମିଚେଲ୍ ସାଣ୍ଟନର, ଇସ୍ ସୋଧି, ଟିମ୍ ସାଉଦି ଓ ରସ୍ ଟେଲର।

ସେହିପରି ଫେବୃୟାରୀ ମାସ ୬ତାରିଖ, ୮ତାରିଖ ଏବଂ ୧୦ତାରିଖରେ ୱେଲିଂଗଟନ୍ ଅକ୍‌ଲ୍ୟାଣ୍ଡ ଏବଂ ହାମିଲଟନ୍ ଠାରେ ଉଭୟ ଦେଶ ମଧ୍ୟରେ ୩ଟି ଦିବାରାତ୍ର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**କାର୍ଯ୍ୟସୂଚୀ**

| | |
|---|---|
| ପ୍ରଥମ ଦିନିକିଆ | ୨୩ ଜାନୁୟାରୀ – ନାପିଏର (ଭାରତ ୮ ଉଇକେଟରେ ବିଜୟୀ) |
| ଦ୍ୱିତୀୟ ଦିନିକିଆ | ୨୬ ଜାନୁୟାରୀ – ବେ ଓଭାଲ |
| ତୃତୀୟ ଦିନିକିଆ | ୨୮ ଜାନୁୟାରୀ – ବେ ଓଭାଲ |
| ଚତୁର୍ଥ ଦିନିକିଆ | ୩୧ ଜାନୁୟାରୀ – ହାମିଲଟନ୍ |
| ପଞ୍ଚମ ଦିନିକିଆ | ୩ ଫେବୃୟାରୀ – ୱେଲିଂଟନ୍ |
| ପ୍ରଥମ ଟି୨୦ | ୬ ଫେବୃୟାରୀ– ୱେଲିଂଟନ |
| ଦ୍ୱିତୀୟ ଟି୨୦ | ୮ ଫେବୃୟାରୀ– ଅକ୍‌ଲାଣ୍ଡ |
| ତୃତୀୟ ଟି୨୦ | ୧୦ ପେବୃୟାରୀ– ହାମିଲଟନ |

**ସେହିପରି ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡ ବିପକ୍ଷରେ ୩୯୨ ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ୩୪୯ ରନ୍ ରହିଛି।**

### ଡିଟରମାଇଣ୍ଡ

ଟୁ ଥାଉଜାଣ୍ଡ ଏଇଟିନ୍ ବର୍ଷର
ବ୍ୟାଟିଂରେ ମେରୁଦଣ୍ଡ
ବିରାଟ କୋହଲି ଟେଷ୍ଟ ୱାନ୍‌ଡେ ପାଇଁ
କ୍ୟାପଟେନ ଦେଖ ଧଣ୍ଡ
ଟେଷ୍ଟରେ ଇଣ୍ଡିଆ ଷଣ୍ଡ
କଙ୍ଗାରୁଙ୍କୁ ପାଣି ପିଆଇ ଛାଡିଲା
ଟାଣ ଟିମ୍ ମେଣ୍ଢାମୁଣ୍ଡ।।୧

ଟିମ୍ ଇଣ୍ଡିଆର ପରଫର୍ମାନ୍ସ ଦେଖି
କେନ ୱିଲିୟମସନ
ନ୍ୟୁଜିଲାଣ୍ଡ ଅଧିନାୟକ କହଇ
ଏବେ ଜମା ଏକ ଶୂନ
ରନ ମେସିନରେ ଚୂନ
ବିରାଟଟି ମାରି ଟାଣ ଭାଙ୍ଗିଦେବୁ
ଭାରତର ଅଭିଯାନ।।୨

ଲେଡି କ୍ରିକେଟର ଅଫ୍ ଦି ଇୟର
ପୁରସ୍କାର ସ୍ମୃତି ଜିଣି
ସଫଳତା ପାଇଁ ଏକାଗ୍ରତା ସହ
ବଢ଼ି ଫିଟନେସ ଢାଣି
ଦେଇଛି ଏ ଯଶ ଆଣି
ମନଟାଣ ଲୋକ ଚିଲ ପରି ଉଡେ
ମନ ଊଣା ଲୋକ ବଣି।।୩

–ସୁବାସ ଚନ୍ଦ୍ର ପ୍ରଧାନ

## ସଂକ୍ଷେପରେ

### ରଣଜୟ୍ ଦତ୍ତ ଇଣ୍ଡିଗୋ ସିଇଓ



ନୂଆଦିଲ୍ଲୀ,୨୪-୧: ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଅନ୍ୟତମ ବୃହତ କମ୍ପାନୀ ଇଣ୍ଡିଗୋ ରଣଜୟ୍ ଦତ୍ତଙ୍କୁ ୫ ବର୍ଷ ଲାଗି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତ କରିଛି। କମ୍ପାନୀ ଗୁରୁବାର ଏ ସମ୍ପର୍କରେ ଘୋଷଣା କରିଛି। ଏଥିରେ କୁହାଯାଇଛି ଯେ, ସେବିର ପୂର୍ବତନ ଅଧକ୍ଷ ଏମ୍.ଦାମୋଦରନଙ୍କୁ ବୋର୍ଡ ଅଫ୍ ଡାଇରେକ୍ଟର୍ସର ଅଧକ୍ଷ ରୂପେ ନିଯୁକ୍ତ କରାଯାଇଛି। ଦତ୍ତ କମ୍ପାନୀର ସହପ୍ରତିଷ୍ଠାତା ତଥା ଅନ୍ତରୀଣ ସିଇଓ ରାହୁଲ ଭାଟିଆଙ୍କ ସ୍ଥାନ ନେବେ। ଅନ୍ତଃରାଷ୍ଟ୍ରୀୟ ବିସ୍ତାର ଦ୍ୱାରା କମ୍ପାନୀର ବ୍ୟବସାୟ ବୃଦ୍ଧି ପାଇବ ବୋଲି ରାହୁଲ ବୁଧବାର ପ୍ରକାଶ କରିଥିଲେ। ସୂଚନାଥାଉ କି, ଦତ୍ତ ଏଥିପୂର୍ବରୁ ୟୁନାଇଟେଡ ଏୟାରଲାଇନ୍ସର ଅଧକ୍ଷ ଥିଲେ। ସେହି କମ୍ପାନୀରେ ସେ ଦୀର୍ଘ ୨୨ ବର୍ଷ ଧରି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ସେ ୨ ବର୍ଷ ପର୍ଯ୍ୟନ୍ତ ଏୟାର ସାହାରାର ମଧ ଅଧକ୍ଷ ରହିଥିଲେ। ଏହାବ୍ୟତୀତ ଏୟାର କାନାଡା ଏବଂ ୟୁଏସ୍ ଏୟାରୱେଜର ପୁନର୍ଗଠନରେ ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିସାରିଛନ୍ତି।

### ନୂଆ ଟାରିଫ୍ ବ୍ୟବସ୍ଥା
### ଟାଟା ସ୍କାଏକୁ ଟ୍ରାଇ ନୋଟିସ




ନୂଆଦିଲ୍ଲୀ,୨୪-୧: ଘୋଷଣା ହୋଇଥିବା ନୂଆ ଟାରିଫ୍ ବ୍ୟବସ୍ଥାକୁ ଲାଗୁ ନ କରିବା ଏବଂ ଗ୍ରାହକଙ୍କୁ ଭୁଲ୍ ବାଟରେ ନେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଡିଟିଏଚ୍ ଅପରେଟର ଟାଟା ସ୍କାଏକୁ ଟେଲିକମ୍ ନିୟନ୍ତ୍ରକ ଟ୍ରାଇ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସ ପାଇବା ପରେ ଏହା ନୂଆ ଟାରିଫ ବ୍ୟବସ୍ଥାକୁ ଗ୍ରହଣ କରିବ ବୋଲି ଟାଟା ସ୍କାଏ ଗୁରୁବାର ପ୍ରକାଶ କରିଛି। ଗ୍ରାହକଙ୍କ ଚିନ୍ତା ଦୂର କରିବା ତଥା ଚ୍ୟାନେଲ ବାଛିବାର ଅଧିକାର ଦେବା ଲାଗି ଏହା ନିଜର ୱେବସାଇଟ୍ ଓ ଆପ୍‌ରେ ନୂଆ ବ୍ୟବସ୍ଥା ଆଣିବ ବୋଲି କମ୍ପାନୀ କହିଛି। ଟ୍ରାଇ ପକ୍ଷରୁ ନୋଟିସରେ ଦର୍ଶାଯାଇଥିଲା ଯେ, ଟାଟା ସ୍କାଏ ଏହାର ୧.୭୭ କୋଟି ଗ୍ରାହକଙ୍କୁ ନିଜ ମନପସନ୍ଦର ଚ୍ୟାନେଲ ବାଛିବାର ଅଧିକାର ଉପଲବ୍ଧ କରାଉନାହିଁ ବୋଲି ଅଭିଯୋଗ ଆସିଛି। ନୂଆ ଟାରିଫ ନିୟମ ଲାଗୁ କରୁ ନ ଥିବାରୁ ଗ୍ରାହକ ଏବେ ଅସୁବିଧାରେ ରହିଛନ୍ତି। ଏ ସମ୍ପର୍କରେ କମ୍ପାନୀ ସିଇଓ ତଥା ଏମ୍‌ଡି ହରିତ୍ ନାଗପାଲ କହିଛନ୍ତି ଯେ, କମ୍ପାନୀ ସବୁ ନିୟମ ପାଳନ କରିବ।

### ରବନୀତ ସିଂହ ଗିଲ୍ ୟେସ୍ ବ୍ୟାଙ୍କର ନୂଆ ସିଇଓ



ମୁମ୍ବାଇ,୨୪-୧: ଡାୟଚେ ବ୍ୟାଙ୍କ ଇଣ୍ଡିଆର ମୁଖ୍ୟ ରବନୀତ ସିଂହ ଗିଲ୍‌ଙ୍କୁ ୟେସ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭାବେ ମନୋନୀତ କରାଯାଇଛି। ସେ ରାଣା କପୁରଙ୍କ ସ୍ଥାନରେ ଅବସ୍ଥାପିତ ହେବେ, ଯାହାଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେବ। ସୂଚନାଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗତ ବର୍ଷ ସେପ୍ଟେମ୍ବରରେ କପୁରଙ୍କୁ ଚଳିତ ମାସ ଶେଷରେ ପଦ ଛାଡ଼ି ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ନିଜର ଆତ୍ମୀୟ ବିନ୍ଦୁ କପୁରଙ୍କ ସହିତ ରାଣା ବ୍ୟାଙ୍କ ବୋର୍ଡର ସଦସ୍ୟ ରହିଛନ୍ତି। ରବନୀତଙ୍କ ସମ୍ପର୍କରେ ଆର୍‌ବିଆଇଠାରୁ ମଞ୍ଜୁରୀ ମିଳିଛି ବୋଲି ୟେସ୍ ବ୍ୟାଙ୍କ ପକ୍ଷରୁ ଗୁରୁବାର ଏକ ବିବୃତି ଜାରି କରି କୁହାଯାଇଛି। ମାର୍ଚ୍ଚ ପହିଲା ଅଥବା ଏହାପୂର୍ବରୁ ଗିଲ୍ ନୂଆ ପଦରେ ଯୋଗ ଦେବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ୨୯ରେ ବ୍ୟାଙ୍କ ବୋର୍ଡର ବୈଠକ ବସିବାକୁ ଯାଉଛି, ଯେଉଁଥିରେ ବୋର୍ଡର ପୁନର୍ଗଠନକୁ ଚୂଡ଼ାନ୍ତ ରୂପ ଦିଆଯିବ। ରାଣାଙ୍କ କାର୍ଯ୍ୟକାଳ ଆଉ ୩ ବର୍ଷ ନ ବଢ଼ାଇବାକୁ ଆର୍‌ବିଆଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏହାର କାରଣ କ'ଣ ଜଣାଇ ନ ଥିଲା।

> ବିଶ୍ୱ ବଜାର ଲାଗି ଟ୍ରେଡ ୱାର କ୍ଷତିକାରକ ସାଜିଥିବା ବେଳେ ଭାରତ ଉପରେ ଏହାର ଏତେଟା ପ୍ରଭାବ ପଡି ନାହିଁ।
> – ଗଣେଶ କୁମାର ଗୁପ୍ତା, ସଭାପତି, ଭାରତୀୟ ରପ୍ତାନିକାରୀ ମହାସଂଘ



> ପରିବହନ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଡବଲ ଡେକର ଏୟାର ବସ୍ ଚଳାଚଳ କରାଇବାକୁ ଲକ୍ଷ୍ୟ ରଖିଛନ୍ତି।
> –ନୀତିନ ଗଡ଼କରୀ, କେନ୍ଦ୍ର ପରିବହନ ମନ୍ତ୍ରୀ



# ଚନ୍ଦା କୋଚରଙ୍କ ନାଁରେ ଏତଲା

ନୂଆଦିଲ୍ଲୀ,୨୪-୧

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨୦୧୨ରେ ଭିଡିଓକନ ଗ୍ରୁପ୍‌କୁ ଦିଆଯାଇଥିବା ୩୨୫୦ କୋଟି ଟଙ୍କାର ଋଣ ମାମଲା ଗୁରୁବାର ନୂଆ ମୋଡ଼ ନେଇଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚର,ତାଙ୍କ ସ୍ୱାମୀ ଦୀପକ କୋଚର, ଭିଡିଓକନ ଗ୍ରୁପ୍ ପ୍ରମୋଟର ବେଣୁଗୋପାଳ ଧୂତ୍‌ଙ୍କ ବିରୋଧରେ ଗୁରୁବାର ଏତଲା ଦାଏର କରିଛି। ଏଥିସହିତ ସିବିଆଇ ଅଧିକାରୀମାନେ ମୁମ୍ବାଇ, ଔରଙ୍ଗାବାଦସ୍ଥିତ ଭିଡିଓକନ ଅଫିସ, ଚନ୍ଦାଙ୍କ ଘର ଓ ଦୀପକଙ୍କ ନ୍ୟୁପାୱାର ଅଫିସରେ ଚଢ଼ାଉ କରିଛନ୍ତି।

ସୂଚନାଥାଉ କି, ଚନ୍ଦାଙ୍କ ସ୍ୱାମୀ ଦୀପକ ୨୦୦୮ ଡିସେମ୍ବରରେ ଭିଡିଓକନ ଗ୍ରୁପ୍ ପ୍ରମୋଟର ଧୂତଙ୍କ ସହ ମିଶି ୫୦-୫୦ ପାର୍ଟନରଶିପ୍‌ରେ ନ୍ୟୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ ଲିମିଟେଡ(ଏନ୍‌ଆରପିଏଲ୍) ନାମରେ ଏକ କମ୍ପାନୀ ପ୍ରତିଷ୍ଠା କରିଥିଲେ। କିନ୍ତୁ ଧୂତ୍ ଏହାର ଏକ ମାସ ପରେ ଅର୍ଥାତ୍ ୨୦୦୯ ଜାନୁୟାରୀରେ କମ୍ପାନୀର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ ଏବଂ ଏଥିରେ ଥିବା ତାଙ୍କର ୨୪,୯୯୯ ଶେୟାରକୁ ମାତ୍ର ୨.୫ ଲକ୍ଷ ଟଙ୍କାରେ ଦୀପକଙ୍କ କମ୍ପାନୀ ନ୍ୟୁପାୱାରକୁ ହସ୍ତାନ୍ତର କରିଥିଲେ। ଏହାପରେ ୨୦୧୦ ମାର୍ଚ୍ଚରେ ଧୂତ୍‌ଙ୍କ ଏକ ସହଯୋଗୀ କମ୍ପାନୀ ସୁପ୍ରିମ ଏନର୍ଜି ପ୍ରାଇଭେଟ ଲିମିଟେଡ ଏନ୍‌ଆର୍‌ପିଏଲ୍‌କୁ ୬୪ କୋଟି ଟଙ୍କାର ଋଣ ଦେଇଥିଲା। ଏହା ବଦଳରେ ନ୍ୟୁପାୱାରର ଶେୟାରକୁ ସୁପ୍ରିମ ଏନର୍ଜିକୁ ଦିଆଯାଇଥିଲା। ସୁପ୍ରିମ ଏନର୍ଜି, ୨୦୧୦ ମାର୍ଚ୍ଚ ପର୍ଯ୍ୟନ୍ତ ନ୍ୟୁପାୱାରର ୯୪.୯୯ ପ୍ରତିଶତ ଅଂଶୀଦାର ରହିଥିଲା। ଅବଶିଷ୍ଟ ୪.୯୯ ପ୍ରତିଶତ ଶେୟାର ଦୀପକଙ୍କ ନିକଟରେ ରହିଥିଲା। ତେବେ ନଭେମ୍ବର, ୨୦୧୦ରେ ସୁପ୍ରିମ ଏନର୍ଜିର ସମ୍ପୂର୍ଣ୍ଣ ଶେୟାର ମହେଶ ଚନ୍ଦ୍ର ପୁଙ୍ଗଲିଆଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେ ଦୀପକଙ୍କ ନେତୃତ୍ୱାଧୀନ ପିନାକଲ୍ ଏନର୍ଜି ନାମକ ଏକ ଟ୍ରଷ୍ଟକୁ ୯ ଲକ୍ଷ ଟଙ୍କା ବିନିମୟରେ ସମସ୍ତ ଶେୟାର ପ୍ରଦାନ କରିଥିଲେ। ଏଭଳି ଭାବେ ସୁପ୍ରିମ ଏନର୍ଜିରୁ ମିଳିଥିବା ୬୪ କୋଟି ଟଙ୍କାର ଋଣ ଆଉ ଋଣ ହୋଇ ନଥିଲା। ଏହି ସମୟରେ ୨୦୧୨ରେ ଭିଡିଓକନ ଗ୍ରୁପ୍‌କୁ ଆଇସିଆଇସିଆଇ ବ୍ୟାଙ୍କ ୩୨୫୦ କୋଟି ଟଙ୍କାର ଋଣ ଦେଇଥିଲା। ତନ୍ମଧ୍ୟରୁ ୨୮୪୯ କୋଟି ଟଙ୍କାର ଋଣ ବକେୟା ହୋଇଗଲା ଏବଂ ଏହାକୁ ବ୍ୟାଙ୍କ ୨୦୧୭ରେ ଅନାଦାୟ ଋଣ ବା ଏନ୍‌ପିଏ ଘୋଷଣା କଲା। ଏହି ନେଣଦେଣ ସମ୍ପର୍କରେ ଜଣେ ହ୍ୱିସିଲ୍‌ବ୍ଲୋୟର ଅରବିନ୍ଦ ଗୁପ୍ତା ୨୦୧୬ରେ ନିଜ ବ୍ଲଗ୍‌ରେ ପର୍ଦ୍ଦାଫାଶ କରିଥିଲେ। ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆର୍‌ବିଆଇ, ଅର୍ଥ ମନ୍ତ୍ରଣାଳୟକୁ ପତ୍ର ଲେଖି ଏହାର ତଦନ୍ତ ଦାବି କରିଥିଲେ। କିନ୍ତୁ ଏହା ଦବି ରହିଥିଲା। ପରେ ଏକ ଦୈନିକ ଖବରକାଗଜ ଗୁପ୍ତାଙ୍କ ଅଭିଯୋଗର ତଦନ୍ତ ରିପୋର୍ଟ ପ୍ରକାଶ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଋଣ ପ୍ରଦାନ କମିଟିରେ ଚନ୍ଦା ସଦସ୍ୟ ଥାଇ ପକ୍ଷପାତିତା କରିଥିଲେ ଏବଂ ଏନ୍‌ପିଏ ଘୋଷଣା ବେଳେ ମଧ ସେ ହସ୍ତକ୍ଷେପ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ଋଣ ଦେବାରେ କୌଣସି ଜାଲିଆତି ହୋଇନାହିଁ ବୋଲି ଆଇସିଆଇସିଆଇ ବ୍ୟାଙ୍କ ପ୍ରକାଶ କରିବା ସହିତ ଏହାର ବୋର୍ଡ ଚନ୍ଦା କୌଣସି ତ୍ରୁଟି କରିନାହାନ୍ତି ବୋଲି ଘୋଷଣା କରିଥିଲେ। ପରେ ଚାପର ବଶବର୍ତ୍ତୀ ହୋଇ ବ୍ୟାଙ୍କ ବୋର୍ଡ ସ୍ୱତନ୍ତ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ବର୍ଷ ଅକ୍ଟୋବର ୪ରେ ଚନ୍ଦା ନିଜ ପଦରୁ ଇସ୍ତଫା ଦେଇଥିଲେ ଏବଂ ବ୍ୟାଙ୍କରୁ ଅବସର ନେଇ ଯାଇଥିଲେ। ଏହି ଘଟଣାରେ ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ଏତଲା ଦାଏର ପୂର୍ବରୁ ଯାଞ୍ଚ ଏଜେନ୍ସି ସମ୍ପୂର୍ଣ୍ଣ ଋଣ ପ୍ରକ୍ରିୟାର ଖୋଳତାଡ଼ ଆରମ୍ଭ କରିଥିଲା। ଜାଲିଆତିର ପ୍ରମାଣ ପାଇବା ପରେ ସିବିଆଇ ପକ୍ଷରୁ ଗୁରୁବାର ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ସୂଚନାଥାଉ କି, ଚନ୍ଦାଙ୍କ ବିରୋଧରେ ବ୍ୟାଙ୍କ ପକ୍ଷରୁ ଗଠନ କରାଯାଇଥିବା ଜଷ୍ଟିସ୍ ଶ୍ରୀକ୍ରିଷ୍ଣା କମିଟି ଅଦ୍ୟାବଧି ତାଙ୍କର ରିପୋର୍ଟ ପ୍ରଦାନ କରିନାହାନ୍ତି। କମିଟି ରିପୋର୍ଟ ପ୍ରଦାନ ଲାଗି କେବଳ ସମୟ ଗଡ଼ାଇ ଚାଲିଛନ୍ତି।

**ଭିଡିଓକନ ମାମଲା**

- ଦୀପକ କୋଚର, ବେଣୁଗୋପାଳ ଧୂତ୍‌ଙ୍କ ବିରୋଧରେ ସିବିଆଇର ଏତଲା ଦାଏର
- ଭିଡିଓକନର ମୁମ୍ବାଇ-ଔରଙ୍ଗାବାଦ ଅଫିସ, ଦୀପକ କୋଚରଙ୍କ ଅଫିସରେ ଚଢ଼ାଉ
- ୨୦୧୨ରେ ଆଇସିଆଇସିଆଇ ବ୍ୟାଙ୍କ ଭିଡିଓକନ ଗ୍ରୁପ୍‌କୁ ୩୨୫୦ କୋଟି ଟଙ୍କା ଋଣ ଦେଇଥିଲା
- ୨୮୪୯ କୋଟି ଏନ୍‌ପିଏ ଘୋଷିତ ହୋଇଥିଲା
- ଦୀପକଙ୍କ କମ୍ପାନୀରେ ନିବେଶ କରିଥିଲେ ଧୂତ୍
- ଚନ୍ଦାଙ୍କ ବିରୋଧରେ ପକ୍ଷପାତିତା ଅଭିଯୋଗ


ଚନ୍ଦା କୋଚର

# ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଆଜିଠାରୁ




### ରେଡାର ହୋମ ଡେକର ପ୍ରଦର୍ଶନୀ

ଭୁବନେଶ୍ୱର,୨୪-୧

ରେଡା ହୋମ ଆଣ୍ଡ ଡେକୋର ଏବଂ ନାଲ୍‌କୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଶୁକ୍ରବାରଠାରୁ ଭୁବନେଶ୍ୱରର ଜନତା ମଇଦାନଠାରେ ଆରମ୍ଭ ହେଉଛି। ରିୟଲ ଇଷ୍ଟେଟ ଡେଭଲପର ଆସୋସିଏଶନ(ରେଡା), ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ (ୟୁସିସିଆଇ) ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଶନ ପକ୍ଷରୁ ରାଷ୍ଟ୍ରାୟତ୍ତ ନାଲକୋର ମିଳିତ ସହଯୋଗରେ ଏହା ଆୟୋଜନ ହେଉଛି। ଏହା ଫେବୃୟାରୀ ୪ ତାରିଖ ଯାଏ ଚାଲିବାକୁ ଥିବା ବେଳେ କାର୍ଯ୍ୟକ୍ରମକୁ ନାଲକୋ ଅଧକ୍ଷ ଡ. ତପନ କୁମାର ଚାନ୍ଦ ଉଦଘାଟନ କରିବେ ବୋଲି ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଏହା ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ଯାଏ ଚାଲିବ। ପ୍ରଦର୍ଶନୀରେ ରିୟଲ ଇଷ୍ଟେଟ ସଂସ୍ଥାଗୁଡ଼ିକର ପ୍ରକଳ୍ପ, ଶିଳ୍ପ ସହ ଜଡ଼ିତ ବିଭିନ୍ନ କମ୍ପାନୀ, ବ୍ୟାଙ୍କମାନେ ମଧ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ୭ଟି ଦେଶ ଏବଂ ୧୧ଟି ରାଜ୍ୟ ଟ୍ରେଡ ଫେୟାରରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ୟୁସିସିଆଇ ଡାଇରେକ୍ଟର ଜେନେରାଲ ରାଜେନ ପାଢୀ, ବିସିସିଆଇ ଟ୍ରେଡ ପ୍ରମୋଶନ କାଉନସିଲ ଅଧକ୍ଷ ପ୍ରକାଶ ଶାହ, ଏକଜିବିଶନ କମିଟି ଅଧକ୍ଷ ତପନ ମହାନ୍ତି, ରେଡାର ସେକ୍ରେଟାରୀ ଜିତୁ ସିଂ, ୟୁସିସିଆଇ ଟ୍ରେଜରର ଅଶୋକ ଚଞ୍ଚୋଲା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ପ୍ରିମିୟମ ସଂଗ୍ରହରେ ଏସ୍‌ବିଆଇ ଲାଇଫ୍‌ର ଅଭିବୃଦ୍ଧି

ନୂଆଦିଲ୍ଲୀ,୨୪-୧

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ନୂଆ ବିଜନେସ ପ୍ରିମିୟମ ସଂଗ୍ରହରେ ଅଭିବୃଦ୍ଧି ଘଟିଛି। କମ୍ପାନୀ ଏଥିରେ ୩୨% ଅଭିବୃଦ୍ଧି ହାସଲ କରିବା ସହ ଡିସେମ୍ବର ୨୦୧୮ ସୁଦ୍ଧା ମୋଟ ୯୪୬୦ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛି। ଏହା ଗତ ବର୍ଷ ସମାନ ସମୟରେ ୭୨୦୦ କୋଟି ଟଙ୍କା ରହିଥିଲା। ୨୦୧୮ ଡିସେମ୍ବର ସୁଦ୍ଧା ୯ ମାସରେ କମ୍ପାନୀର ପ୍ରୋଟେକ୍ସନ ନିୟୁ ବିଜନେସ ପ୍ରିମିୟମ ସଂଗ୍ରହ ୧୦୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୩୯୦ କୋଟି ଟଙ୍କା ଥିବା ବେଳେ ଏଥିରେ ୧୭୦% ବୃଦ୍ଧି ଘଟିଛି। କମ୍ପାନୀର ବ୍ୟକ୍ତିଗତ ନିୟୁ ବିଜନେସ ପ୍ରିମିୟମ ସଂଗ୍ରହ ୧୪% ବଢି ୬୬୦୦ କୋଟି ରହିଛି ଯାହା ୫୭୯୦ କୋଟି ଟଙ୍କା ଥିଲା। ଏହାର ଟିକସ ପରବର୍ତ୍ତୀ ଲାଭ ୧୩% ବଢି ୮୭୦ କୋଟି ଟଙ୍କା ରହିଥିବା କମ୍ପାନୀ ସୂଚନା ଦେଇଛି। ସେହିଭଳି ସଲଭେନ୍ସି ଅନୁପାତ ୨.୨୩%କୁ ବଢ଼ିଛି। ଏୟୁଏମରେ ୨୦.୨% ବୃଦ୍ଧି ଘଟି ୧.୩୪ ଲକ୍ଷ କୋଟି ଟଙ୍କା ଛୁଇଁଛି।

# ମେଣ୍ଟ ସରକାର ହେଲେ ବିକାଶ ଧିମା ହେବ:ରାଜନ

ନୂଆଦିଲ୍ଲୀ,୨୪-୧

ଦେଶରେ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ବିରୋଧୀ ଦଳଗୁଡିକ ଏକାଠି ହେବାକୁ ଉଦ୍ୟମ କରୁଛନ୍ତି। ସେମାନେ ମେଣ୍ଟ ଗଠନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିରୋଧରେ ଲଢ଼ିବାକୁ ସଜବାଜ ହେଉଛନ୍ତି। ତେବେ ଏହାକୁ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ବିରୋଧ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ମେଣ୍ଟ ସରକାର କ୍ଷମତାକୁ ଆସିଲେ ଦେଶର ଆର୍ଥିକ ବିକାଶର ଗତି ଧିମା ପଡ଼ିଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଆୟୋଜିତ ୱାର୍ଲ୍ଡ ଇକୋନୋମିକ ଫୋରମ୍‌ରେ ଯୋଗ ଦେବା ଅବସରରେ ଭାରତର ଏକ ମିଡିଆ ଚ୍ୟାନେଲ ସହ ସାକ୍ଷାତକାର ବେଳେ ସେ ଜିଏସ୍‌ଟିକୁ ଉଚିତ୍ ନିଷ୍ପତ୍ତି ଦର୍ଶାଇଥିଲା ବେଳେ ବିମୁଦ୍ରୀକରଣକୁ ଏକ ଝଟ୍‌କା ବୋଲି ଦର୍ଶାଇଛନ୍ତି। କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ତାଙ୍କୁ ପ୍ରଧାନମନ୍ତ୍ରୀ କରାଯିବ ବୋଲି ଆଲୋଚନା ଚାଲିଥିବା ବେଳେ ନିଜ ପ୍ରତିକ୍ରିୟାରେ ରାଜନ କହିଛନ୍ତି ଯେ, ସେ ରାଜନେତା ନୁହନ୍ତି। ଏହା କେବଳ ମାତ୍ର କଳ୍ପନାଜଳ୍ପନା। ସୂଚନାଥାଉ କି, ଦେଶରେ ମେଣ୍ଟ ସରକାର ଆସିଲେ କେନ୍ଦ୍ରରେ ଏକ ଅସ୍ଥିର ସରକାର କାର୍ଯ୍ୟ କରିବ। ଫଳରେ ଦେଶର ଅର୍ଥନୀତି ବାଧାପ୍ରାପ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଆସୁଛନ୍ତି। ରାଜନଙ୍କ ଉକ୍ତ ମନ୍ତବ୍ୟ ଏହାକୁ ଆହୁରି ଦୃଢ଼ କରୁଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧରେ ସମାଜବାଦୀ ପାର୍ଟି-ବହୁଜନ ସମାଜ ପାର୍ଟି ମେଣ୍ଟ କରିଥିବା ବେଳେ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଟିଆର୍‌ଏସ୍ ମୁଖ୍ୟ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ୱତନ୍ତ୍ର ମେଣ୍ଟ ଗଠନ କରିବାକୁ ଉଦ୍ୟମ କରୁଛନ୍ତି। ଲୋକ ସଭା ନିର୍ବାଚନରେ କୌଣସି ମେଣ୍ଟକୁ ଏକକ ସଂଖ୍ୟାଗରିଷ୍ଠତା ନ ମିଳିଲେ ଓ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହେଲେ ମୋଦି ସରକାରଙ୍କୁ ହଟାଇବା ନେଇ କେନ୍ଦ୍ରରେ ସମସ୍ତେ ଏକାଠି ହେବେ, ଏହା ନିଶ୍ଚିତ ହୋଇଯାଇଛି।


ରଘୁରାମ ରାଜନ

# ୨୦୨୦ଏପ୍ରିଲରୁ ବନ୍ଦ ହୋଇଯିବ ଟାଟା ନାନୋ

ନୂଆଦିଲ୍ଲୀ,୨୪-୧

ଦେଶର ସବୁଠାରୁ ଶସ୍ତା କାର୍ କୁହାଯାଉଥିବା ଟାଟା ନାନୋର ଉତ୍ପାଦନକୁ ୨୦୨୦ ଏପ୍ରିଲରୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ। ଭାରତ ଷ୍ଟେଜ୍ ବା ବିଏସ୍-୬ ମାନଦଣ୍ଡ ଅନୁଯାୟୀ, ନାନୋ ପାଇଁ ପରିବେଶ ଅନୁକୂଳ ଉନ୍ନତ ଇଞ୍ଜିନ ନିର୍ମାଣ ଲାଗି ଟାଟା ମୋଟର୍ସର କୌଣସି ଯୋଜନା ନାହିଁ ବୋଲି ପାସେଞ୍ଜର ବ୍ୟବସାୟ ପ୍ରେସିଡେଣ୍ଟ ମୟଙ୍କ ପାରିକ ଗୁରୁବାର ଖବରଦାତାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଟାଟା ନାନୋକୁ ଗ୍ରୁପ୍ ଅଧକ୍ଷ ରତନ ଟାଟାଙ୍କ ମାନସପୁତ୍ର କୁହାଯାଏ। ଦୁଇ ଚକିଆ ଗାଡ଼ି ଚଳାଉଥିବା ପରିବାରକୁ ନାନୋ କାର୍ ରୂପରେ ଏକ ସୁରକ୍ଷିତ ତଥା ଶସ୍ତା ବିକଳ୍ପ ଦେବାକୁ ରତନ ଟାଟା ଏହି ପ୍ରକଳ୍ପ ଘୋଷଣା କରିଥିଲେ। ତେବେ ଦିନକୁ ଦିନ ନାନୋ ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ୨୦୦୯ରେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟରେ ନାନୋକୁ ବଜାରରେ ଲଞ୍ଚ କରାଯାଇଥିଲା। ପାରିକ କହିଛନ୍ତି ଯେ, ନାନୋ ସମେତ ଟାଟା ମୋଟର୍ସର କିଛି ଅନ୍ୟ ଉତ୍ପାଦ ନିର୍ମାଣକୁ ବିଏସ୍-୬ ମାନଦଣ୍ଡ କାରଣରୁ ବନ୍ଦ କରିଦିଆଯିବ। ତେବେ ବନ୍ଦ ହେବାକୁ ଥିବା ଅନ୍ୟ ଗାଡ଼ିଗୁଡିକ ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତି। ସୂଚନାଥାଉ କି, ପଶ୍ଚିମବଙ୍ଗରେ ନାନୋ ପ୍ରକଳ୍ପକୁ ବିରୋଧ କରାଯିବାର ଗୁଜରାଟର ସାନନ୍ଦରେ ଏହାର କାରଖାନା ନିର୍ମାଣ କରାଯାଇଥିଲା। ଯେଉଁଠି ବାର୍ଷିକ ୨.୪ ଲକ୍ଷ ନାନୋ କାର୍ ନିର୍ମାଣ କରାଯାଇପାରିବ।

# ଏଲ୍‌ଏଚ୍‌ବି କୋଚ୍ ସହ ଚଳାଚଳ କରିବ ମୁମ୍ବାଇ-ପୁରୀ ଏଲ୍‌ଟିଟି ଏକ୍ସପ୍ରେସ୍



ଭୁବନେଶ୍ୱର,୨୪-୧

ପୁରୀ ଲୋକମାନ୍ୟ ତିଲକ (ଏଲ୍‌ଟିଟି) ମୁମ୍ବାଇ-ପୁରୀ ଏକ୍ସପ୍ରେସ ଏଲ୍‌ଏଚ୍‌ବି (ଲିଙ୍କେ ହଫ୍‌ମ୍ୟାନ୍ ବକ୍ସ) କୋଚ୍ ସହ ଚଳାଚଳ କରିବ। ପୂର୍ବ ପ୍ରଚଳିତ କୋଚ୍ ପରିବର୍ତ୍ତେ ଏହି ଏକ୍ସପ୍ରେସରେ ଆଧୁନିକୀକରଣ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଆରାମ ପ୍ରଦାନ ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଏଲ୍‌ଏଚ୍‌ବି କୋଚରେ ଅନେକ ଗୁଡ଼ିଏ ବୈଶିଷ୍ଟ୍ୟ ରହିଛି। ଏହା ଆଣ୍ଟି ଟେଲିସ୍କୋପିକ ହୋଇଥିବା ବେଳେ ଦ୍ୱୈତ ବଫର ପ୍ରଣାଳୀ ପରିବର୍ତ୍ତେ କେନ୍ଦ୍ରୀୟ ବଫର କପଲିଙ୍ଗ ପ୍ରଣାଳୀ ରହିଛି। ଦୁର୍ଘଟଣା ସମୟରେ କୋଚ୍ ଉପରେ କୋଚ୍ ଚଢ଼ିଯିବାରୁ ଏହା ରକ୍ଷା କରିଥାଏ। ଏଭଳି ସ୍ଥିତିରେ କୋଚ୍‌ଗୁଡ଼ିକ ପାଖାପାଖି ହୋଇ ରହିଯାଇଥାଏ। ସେହିଭଳି ପୂର୍ବର କୋଚଭଳି ଏହା ଓଲଟି ପଡି ନ ଥାଏ। ଏଥିରେ ବର୍ଥ କ୍ଷମତା ଅଧିକ ରହିଥାଏ। କୋଚଗୁଡ଼ିକ ଲାଗି ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ପଡ଼ିଥାଏ ବୋଲି ରେଲୱେ ପକ୍ଷରୁ ପ୍ରକାଶ।

# ଓଡ଼ିଶା ବଜାରରେ ମାରୁତି ସୁଜୁକିର ନ୍ୟୁ ୱାଗନର

ଭୁବନେଶ୍ୱର,୨୪-୧

ପ୍ରମୁଖ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଓଡ଼ିଶା ବଜାରକୁ ନୂଆ ୱାଗନର ମଡେଲ ପ୍ରବେଶ କରିଛି। ଭୁବନେଶ୍ୱରର ଜ୍ୟୋତି ମୋଟର୍ସ ଶୋ'ରୁମରେ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଆଶୋପା, ଜ୍ୟୋତି ମୋଟର୍ସ ଏମ୍‌ଡି ଦେବଜ୍ୟୋତି ପଟ୍ଟନାୟକ ଏହାକୁ ବଜାର ପ୍ରବେଶ କରାଇଥିଲେ। ସେହିଭଳି କଟକର ସ୍କାଏ ଅଟୋମୋବାଇଲ ଶୋ'ରୁମରେ ମଡେଲଟିର ଉନ୍ମୋଚନ ଅବସରରେ ସେଲ୍ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, ସିସିଏମ୍ ରଶ୍ମିରେଖା ମିଶ୍ର, ଟିମ୍ ଲିଡର ଜଗନ୍ନାଥ ଜେନା, ପ୍ରଫେସର ହାତି, ଚିତ୍ତରଞ୍ଜନ ସାହୁ, ରାଜେଶ ମହାନ୍ତି, ସୂର୍ଯ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ମଡେଲ ଗ୍ରାହକଙ୍କ ମନ ଜିଣିବାରେ ସକ୍ଷମ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ହିମାଂଶୁ ଆଶୋପା କହିଛନ୍ତି।



ଜ୍ୟୋତି ମୋଟର୍ସ ଶୋ'ରୁମରେ ନୂଆ ମଡେଲର ଉନ୍ମୋଚନ।



ସ୍କାଏ ଅଟୋମୋବାଇଲ ଠାରେ ମଡେଲର ବଜାର ପ୍ରବେଶ।

**ପ୍ରମୁଖ ବୈଶିଷ୍ଟ୍ୟ**

- ତୃତୀୟ ପିଢି ମଡେଲ
- ଟୁ ଟଲ୍ ବଏ ଡିଜାଇନ, ଦୃଢ ରୋଡ ପ୍ରେଜେନ୍ସ, ସ୍ମାର୍ଟ ପ୍ଲେ ଷ୍ଟୁଡିଓ ଟଚ୍ ସ୍କ୍ରିନ ଇନଫୋଟେନମେଣ୍ଟ ସିଷ୍ଟମ, ଷ୍ଟ୍ରଙ୍ଗ ହାର୍ଟଟେକ୍ ପ୍ଲାଟଫର୍ମ
- ପୋଲ ସାଇଡ ବ୍ଲୁ, ପର୍ଲ ନଟମେଗ୍ ବ୍ରାଉନ, ପର୍ଲ ଅଟମ ଅରେଞ୍ଜ,ମାଗମା ଗ୍ରେ, ସିଲକନ ସିଲଭର ଏବଂ ସୁପରିୟର ହ୍ୱାଇଟ ରଙ୍ଗରେ ଉପଲବ୍ଧ
- ଏଲ୍‌ଏକ୍ସଆଇ, ଭିଏକ୍ସଆଇ ଏବଂ ଜେଡଏକ୍ସଆଇ ଭଳି ୩ ଭାରିଆଣ୍ଟ ବିକଳ୍ପ
- ୧.୦ ଲିଟର ଏବଂ ୧.୨ ଲିଟରର ପେଟ୍ରୋଲ ଇଞ୍ଜିନ
- ଦୃଢ ନିରାପତ୍ତା ଫିଚର, ସ୍ପେସିୟସ କ୍ୟାବିନ ଏବଂ ଅଟୋ ଗିୟରସିଫ୍ଟ ଫିଚର

# ଆସିଲା ନୂଆ ନିଶାନ କିକ୍ସ

ଚେନ୍ନାଇ,୨୪-୧

ନିଶାନ ଇଣ୍ଡିଆ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଏସ୍‌ୟୁଭି ନୂଆ 'କିକ୍ସ' ବଜାରକୁ ଆସିଛି। କମ୍ପାନୀର ଓରାଗାଡ୍ୟାମସ୍ଥିତ ପ୍ଲାଣ୍ଟଠାରେ ଏହି ମଡେଲକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଅତ୍ୟାଧୁନିକ ଫିଚର ଏବଂ ଆରାମକୁ ଗୁରୁତ୍ୱ ଦିଆଯାଇଛି। ମଡେଲଟିର ପ୍ରାରମ୍ଭିକ ମୂଲ୍ୟ ୯.୫୫ ଲକ୍ଷ ଟଙ୍କା ରହିଛି। ଏହାର ଡେଲିଭରି ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ଉତ୍ପାଦ ଏବଂ ଜ୍ଞାନକୌଶଳ ଯୋଗାଣ ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀର ବରିଷ୍ଠ ଉପସଭାପତି ପେମ୍ୟାନ କାର୍ଗର ସୂଚନା ଦେଇଛନ୍ତି।



“ଆଗାମୀ ସ୍ପେନ ଟୁର୍ ଆମ ଲାଗି ଚ୍ୟାଲେଞ୍ଜ ରହିବ ଏଥିରେ କୌଣସି ସନ୍ଦେହ ନାହିଁ। ଆମ ଟିମ୍ ଗଲା ଦୁଇବର୍ଷ ହେବ ବହୁତ ଉନ୍ନତି କରିଛି।
– ରାଣୀ ରାମପଲ, ଭାରତୀୟ ମହିଳା ହକି ଅଧିନାୟିକା



“ମୁଁ ଭାବୁଛି ବିଜୟରୁ ସିରିଜର ଅଭିଯାନ ଏକ ଭଲ ଆରମ୍ଭ। ମନ୍ଧାନା ସଫଳ ପ୍ରଦର୍ଶନ କରି ଡ୍ରେସିଂରୁମ୍‌ରେ ଆତ୍ମବିଶ୍ୱାସ ବଢ଼ାଇଛନ୍ତି।
– ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ଉମେଶ ଯାଦବଙ୍କୁ ୭ ଉଇକେଟ

କୋଟା,୨୪।୧- ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ସେମିଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କ୍ରିଷ୍ଣାନଗର ଷ୍ଟାଡିୟମ୍‌ଠାରେ କେରଳ ବିପକ୍ଷରେ ଚାଲିଥିବା ପ୍ରଥମ ସେମିଫାଇନାଲରେ ବିଦର୍ଭର ଷ୍ଟାର ଦ୍ରୁତ ବୋଲର ଉମେଶ ଯାଦବଙ୍କ ଜବରଦସ୍ତ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯାଦବ ମ୍ୟାଚ୍‌ର ପ୍ରଥମ ଦିନ ୭ ଉଇକେଟ ଅକ୍ତିଆର କରିବା ଯୋଗୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କେରଳ ଦଳ ମାତ୍ର ୧୦୬ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଘରୋଇ କେରଳ ପକ୍ଷରୁ ଅଧିନାୟକ ସଚିନ ବେବି ୨୨ ଓ ବିଷ୍ଣୁ ବିନୋଦ ୩୭ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଁ ପାରି ନ ଥିଲେ। ଉମେଶଙ୍କ ବ୍ୟତୀତ ରାଜେଶ ଗୁର୍ବାନି ୩ ଉଇକେଟ ପାଇଥିଲେ। ଜବାବରେ ପ୍ରଥମ ଦିବସ ଶେଷ ସୁଦ୍ଧା ବିଦର୍ଭ ୫ ଉଇକେଟ ହରାଇ ୧୭୧ ରନ୍ କରିଛି। ଅଧିନାୟକ ଫୈଜ ଫଜଲ ୭୫, ଭେଟେରାନ ୱାସିମ ଜାଫର ୩୪, ସଞ୍ଜୟ ରାମାସ୍ୱାମୀ ୧୯ ଓ ଅଥର୍ୱା ତାଇଡେ ୨୩ ରନ କରି ଆଉଟ୍ ହୋଇଥିଲେ। ହାତରେ ଆଉ ୫ ଉଇକେଟ ବାକିଥିବାବେଳେ ବିଦର୍ଭ ୬୫ ରନ୍‌ରେ ଆଗୁଆ ରହିଛି।

### ପାଣ୍ଡେ, ଶ୍ରେୟାସଙ୍କ ଅର୍ଦ୍ଧଶତକ

ବେଙ୍ଗାଲୁରୁଠାରେ ଖେଳାଯାଇଥିବା ସୌରାଷ୍ଟ୍ର ବିପକ୍ଷ ଅନ୍ୟ ଏକ ସେମିଫାଇନାଲରେ ଘରୋଇ କର୍ଣ୍ଣାଟକ ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୨୬୪ ରନ୍ କରିଛି। ଦଳ ପାଇଁ ଅଧିନାୟକ ମନୀଷ ପାଣ୍ଡେ ୬୨ ଓ ଶ୍ରେୟାସ ଗୋପାଲ ୮୭ ରନ୍ କରି ଆଉଟ୍ ହୋଇଥିବାବେଳେ ଶ୍ରୀନିବାସ ଶରଥ ୭୪ ରନ୍ କରି ଅପରାଜିତ ଅଛନ୍ତି। ସୌରାଷ୍ଟ ପାଇଁ ଜୟଦେବ ଉନାଡ୍‌କଟ ୪ଟି ଓ କମଲେଶ ମାକଭାନା ୩ ଉଇକେଟ ନେଇଛନ୍ତି।

# ଓସାକା– କ୍ୱିଟୋଭା ଫାଇନାଲ

## ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍



ନାଓମି ଓସାକା

ମେଲବୋର୍ନ, ୨୪।୧(ଏଏଫପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ଏକାଦଶ ଦିନରେ ପହଞ୍ଚିଛି। ଗୁରୁବାର ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଚତୁର୍ଥ ସିଡ ଜାପାନର ନାଓମି ଓସାକା ଓ ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟେଭା ପରସ୍ପରକୁ ଭେଟିବେ।

୨୧ ବର୍ଷୀୟ ଓସାକା ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସପ୍ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ୬–୨, ୪–୬, ୬–୪ ସେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥି ସହିତ ସେ କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ସେ ୟୁଏସ୍ ଓପନ ଟୁର୍ନାମେଣ୍ଟରେ ଅଭିଜ୍ଞ ଘରୋଇ ଖେଳାଳି ସେରେନା ୱିଲିୟମ୍ସଙ୍କୁ ହରାଇ ଟାଇଟଲ ଜିତିଥିଲେ। ରଡ ଲିଭର ଏରିନାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓସାକା ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲରେ ଓସାକା ଷଷ୍ଠ ସିଡ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ୬–୪, ୬–୧ ସେଟରେ ହରାଇ ସେମିକୁ ଉଠିଥିଲେ। ସେହିପରି ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କ୍ୱିଟୋଭା ଆମେରିକାର ଅଣସିଡ ଖେଳାଳି ଡାନିଏଲେ କଲିନ୍ସଙ୍କୁ ୭–୬, ୬–୦ ସେଟର ଅତି ସହଜରେ ହରାଇ ଫାଇନାଲକୁ ଉଠିଛନ୍ତି। ପୂର୍ବରୁ ଦୁଇଥର ୱିମ୍ବେଲଡ଼ନ ଟାଇଟଲ ଜିତିଥିବା କ୍ୱିଟୋଭାଙ୍କ ଉପରେ ୨୦୧୪ ପରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ମେଲବୋର୍ନର ଉଷ୍ମ ପରିବେଶରେ ଖେଳିବା ସେତେଟୋ ସହଜ ହୋଇ ନ ଥିଲେ ମଧ୍ୟ କ୍ୱିଟୋଭା ଆଶାନୁରୂପ ପ୍ରଦର୍ଶନ କରିଥିଲେ ଓ କଲିନ୍ସଙ୍କ ଉପରେ ପ୍ରଭାବ ବିସ୍ତାର କରି ଖେଳିବା ସହ ତାଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ୨୦୧୬ରେ ଜଣେ ଦୁର୍ବୃତ୍ତ କ୍ୱିଟୋଭାଙ୍କୁ ଛୁରୀରେ ତାଙ୍କ ବାସଭବନରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ତେବେ ଏହି ବିପର୍ଯ୍ୟକୁ ଶେଷରେ କ୍ୱିଟୋଭା ପଛରେ ପକାଇବାକୁ ସକ୍ଷମ ହୋଇଛନ୍ତି। ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବା କାର୍ଯ୍ୟକ୍ରମ ରହିଛି।

### ଫାଇନାଲରେ ନାଡାଲ



ରାଫାଲ ନାଡାଲ

କ୍ଲେ କୋର୍ଟର ରାଜା କୁହାଯାଉଥିବା ସ୍ପେନର ରାଫାଲ ନାଡ଼ାଲ ଗ୍ରାସ୍ କୋର୍ଟରେ ମଧ୍ୟ କମାଲ କରିଛନ୍ତି। ସେ ଚଳିତ ଅଷ୍ଟ୍ରେଲିଆ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ ନାଡ଼ାଲ ୧୪ତମ ସିଡ୍ ୨୦ ବର୍ଷୀୟ ଗ୍ରୀସ୍‌ର ଷ୍ଟିପାନୋସ୍ ସିଟ୍‌ସିପାସଙ୍କୁ ୬–୨, ୬–୪, ୬–୦ ସେଟରେ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଏଥି ସହିତ ସେ ପଞ୍ଚମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ନାଡ଼ାଲ ଏବେ ଦ୍ୱିତୀୟ ସେମିଫାଇନାଲର ବିଜେତା ଟପ୍ ସର୍ବିୟାର ନୋଭାକ ଜୋକୋଭିଚ୍ କିମ୍ବା ୨୮ତମ ସିଡ ଫ୍ରାନ୍ସର ଲୁକାସ ପାଓଲିଙ୍କୁ ଭେଟିବେ। ଏଥର ଫାଇନାଲରେ ବିଜୟୀ ହେଲେ ନାଡ଼ାଲ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ୫ଥର ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ନାଡ଼ାଲ ୨୦୦୯ରେ ଥରେ ମାତ୍ର ଟାଇଟଲ ଜିତିଥିଲେ। ତେବେ ନାଡ଼ାଲ ରେକର୍ଡ ୧୧ଥର ପାଇଁ ଫ୍ରେଞ୍ଚ୍ ଓପନ୍ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ସେ ୩ଥର ୟୁଏସ୍ ଓପନ ଓ ଦୁଇଥର ୱିମ୍ବେଲଡ଼ନ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ।



ପେଟ୍ରା କ୍ୱିଟେଭା

# ବିଜୟ ସତ୍ତ୍ୱେ ଓଡ଼ିଶା ବାଦ୍

କଟକ ଅଫିସ,୨୪।୧

୨୩ ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟରୁ ଓଡ଼ିଶା ବାଦ୍ ପଡ଼ିଛି। ଗ୍ରୁପ୍–ଇରେ ସ୍ଥାନ ପାଇଥିବା ଓଡ଼ିଶା ଲିଗ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୨ ପରାଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ୩ୟ ସ୍ଥାନରେ ରହିଛି। ଗୁରୁବାର ଖେଳିଥିବା ଅନ୍ତିମ ମ୍ୟାଚରେ ଓଡ଼ିଶା ୫୨ରନରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। ରାଜକୋଟର ଏସ୍‌ସିଏ ଷ୍ଟାଡିୟମରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଫର୍ମରେ ଥିବା ଓଡ଼ିଶା ଓପନର ଅଞ୍ଜଳି ସିଂଙ୍କ ୭୬ରନ ବଳରେ ଓଡ଼ିଶା ୨ ଉଇକେଟ ହରାଇ ୧୩୦ରନ କରିଥିଲା। ଉଇକେଟ କିପର ସୁମିତ୍ରା ସାହୁ ଅପରାଜିତ ୩୯ରନ କରିଥିଲେ। ଜବାବରେ ପଣ୍ଡିଚେରୀ ୬ ଉଇକେଟ ହରାଇ ୭୮ରନ କରିଥିଲା। ଦଳ ପକ୍ଷରୁ ପାୟଲ ବାଲ୍ମୀକି ସର୍ବାଧିକ ୩୩ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜଶ୍ରୀ ସ୍ୱାଇଁଙ୍କୁ ୩ଟି ଉଇକେଟ ମିଳିଥିଲା।

# ଟିକ୍ରାପଡ଼ା କପ ଫୁଟବଲ : ବଲାଙ୍ଗୀର ଫାଇନାଲରେ

ଟିକ୍ରାପଡା, ୨୪।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ହାଇସ୍କୁଲ ପଡିଆରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପ୍ରଥମ ତ୍ରିଦିବସୀୟ ଟିକ୍ରାପଡା କପ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପରିଷଦ ସଭାପତି ଅକ୍ଷୟ ରଣାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ କରୁଣାସିନ୍ଧୁ ପସାୟତଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଚନ୍ଦ୍ରମଣି ସିଂଦେଓ, ଅରବିନ୍ଦ ସୁପକାର, ଝିଙ୍କିଡୁଙ୍ଗୁରି ସରପଞ୍ଚ ବଜରଙ୍ଗଲାଲ ଜୈନ, ଜୁରାବନ୍ଧ ସରପଞ୍ଚ କେତକୀ ଅମାତ, ବିଜେଡି ବ୍ଲକ ସଭାପତି ଦିଲୀପ ରାଜପଲିଆ, ସଂକୀର୍ତ୍ତନ୍ୟ ଗୁରୁ ଧନଞ୍ଜୟ ରାଜପଲିଆ ଅତିଥିଭାବେ ଯୋଗ ଦେଇଥିଲେ। ଉପସଭାପତି ସତ୍ୟ ନାରାୟଣ ରାଜପଲିଆ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ଗୁଣନିଧି ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ବଲାଙ୍ଗୀର ଓ ଚଲକି ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଲକିକୁ ୧–୦ଗୋଲରେ ହରାଇ ବଲାଙ୍ଗୀର ଫାଇନାଲରେ ପ୍ରବେଶ କରିଥିଲା। ଚିତ୍ତରଞ୍ଜନ ପାଣ୍ଡେ, ସୁଜିତ ରାଜହଂସ, ଦେବେନ୍ଦ୍ର ଥନାପତି. ଦୀପକ ରାଜହଂସ ଖେଳ ପରିଚାଳନା କରିଥିଲେ। ଭକ୍ତବନ୍ଧୁ ପସାୟତ, ମନ୍ଦର ଦୀପ, ତୀର୍ଥରାଜ ସରାଫ, ଶ୍ରୀକାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫି

# ଫାଇନାଲରେ ହିଣ୍ଟସ ସ୍ପୋର୍ଟିଂକୁ ଭେଟିବ ଆର୍‌ଏନ୍ ସୋର

ଭଣ୍ଡାରିପୋଖରୀ, ୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁରସ୍ଥିତ ମହାଦେବ ଖେଳପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫିର ୩ୟ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ଛତିଆକୁ ହରାଇ ସୋର ଆର୍‌ଏନ୍ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଆର୍‌ଏନ୍ ଟିମ୍ ଟସ୍ ଜିତି ପିସିସିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପିସିସି ୧୫ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଆର୍‌ଏନ୍ ୧୬.୩ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ କରି ବିଜୟୀ ହୋଇଥିଲା। ସୋର ଟିମ୍‌ର ପ୍ରଦୀପ୍ତ ମହାନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସଞ୍ଜୀବ ହିରୋ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା ଓ ଶରତ ଜେନା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ରବିବାର ଜଗତସିଂହପୁର ହିଣ୍ଟସ ସ୍ପୋର୍ଟିଂ ଓ ସୋର ଆର୍‌ଏନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ତଥା ମ୍ୟାନେଜର ସତ୍ୟଜିତ ଚନ୍ଦ ସୂଚନା ଦେଇଛନ୍ତି।

## ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ କ୍ରିକେଟ

# କାଶୀ ବିଦ୍ୟାପୀଠ ଚାମ୍ପିୟନ

କଟକ ଅଫିସ,୨୪।୧

କଟକରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଏମ.ଜି କାଶୀ ବିଦ୍ୟାପୀଠ ଚାମ୍ପିୟନ ହୋଇଛି। ୪ଟି ଦଳକୁ ନେଇ ଚାଲିଥିବା ଚୂଡ଼ାନ୍ତ ଲିଗ ପର୍ଯ୍ୟାୟ ମୁକାବିଲାରେ କାଶୀ ବିଦ୍ୟାପୀଠ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଭିଏସ୍‌ବି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୨ଟି ବିଜୟ ସହ ୮ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ରନରେଟ ଆଧାରରେ କାଶୀ ବିଦ୍ୟାପୀଠ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ରହିଛି ଭିଏସ୍‌ବି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ। ଏହି ୨ଟି ଦଳ ଆସନ୍ତା ଜାତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଦୁର୍ଭାଗ୍ୟବଶତଃ ଜାତୀୟ ଟୁର୍ନାମେଣ୍ଟରୁ ବଞ୍ଚିତ ହୋଇଛି।




ଚାମ୍ପିୟନ କାଶୀ ବିଦ୍ୟାପୀଠ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଗୁରୁବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ–୧ରେ ଖେଳାଯାଇଥିବା ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୬ ରନରେ କାଶୀ ବିଦ୍ୟାପୀଠକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌କୁ ଅଧିକ ରନରେ ବିଜୟୀ ହୋଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ନିମନ୍ତେ ଜାତୀୟ ଟୁର୍ନାମେଣ୍ଟରେ ସୁଯୋଗ ରହିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଉତ୍କଳ ୧୪୧ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ସର୍ବାଧିକ ୪୨ରନ କରିଥିବା ବେଳେ ରାଜେଶ ଧୂପର ୨୫ ରନ, ଆଶୁତୋଷ ଦାସ ୨୬ ରନ କରିଛନ୍ତି। ଜବାବରେ କାଶୀ ବିଦ୍ୟାପୀଠ ଦଳ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିବା ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୬ରନ ପଛରେ ପଡ଼ିଯାଇଥିଲା। ସମସ୍ତ ଉଇକେଟ ହରାଇ କାଶୀ ବିଦ୍ୟାପୀଠ ୧୩୫ରନ କରିଥିଲା। ଓପନର ନିରଜ ବିଶ୍ୱକର୍ମା ୫୫ରନର ଇନିଂସ ଖେଳିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ–୨ରେ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୧୧୧ ରନରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ବିନୋବାଭାବେ ଲିଗ ପର୍ଯ୍ୟାୟରେ ଗୋଟିଏ ବି ମ୍ୟାଚ ଜିତି ପାରି ନାହିଁ। ଉଦ୍‌ଯାପନୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଏବଂ ରାଜୀବ ଶେଖର ସାହୁ, ପ୍ରବୋଧ କୁମାର ମହାନ୍ତି, ସୁଧାଂଶୁ ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୁଳସଚିବ ଅଶୋକ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତା ପରିଚାଳନା କମିଟି ଅଧ୍ୟକ୍ଷ ଡ. ସିଦ୍ଧାର୍ଥ ଭରଦ୍ୱାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କଳିଙ୍ଗ ଦାସ, ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟାଟା ଷ୍ଟିଲ୍ ଚେସ୍

# କାର୍ଲସେନଙ୍କଠାରୁ ହାରିଲେ ଆନନ୍ଦ

ଲେଇଡେନ (ନେଦରଲାଣ୍ଡ୍ସ), ୨୪।୧(ପି.ଟି.)

ଷଷ୍ଠ ଟାଟା ଷ୍ଟିଲ୍ ଚେସ୍ ଟାଇଟଲ ଲକ୍ଷ୍ୟରେ ଥିବା ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କୁ ଗୁରୁବାର ପରାଜୟର ସାମ୍ନା କରିଛନ୍ତି। ଏହି ପ୍ରତିଯୋଗିତାର ୧୦ ରାଉଣ୍ଡର ଏକ ବାଜିରେ ଆନନ୍ଦ ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ନରୱେର ମାଗ୍ନସ କାର୍ଲସେନଙ୍କ ନିକଟରୁ ହାରିଯାଇଛନ୍ତି। ଏହି ବାଜିକୁ ଆନନ୍ଦ ବ୍ଲାକରେ ଖେଳିଥିଲେ। ଏହି ଗେମ୍ ୭୬ ମୋଭ୍ ହୋଇଥିବାବେଳେ ସାଢ଼େ ଛ' ଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିବା ଆନନ୍ଦଙ୍କ ପାଇଁ ଏହି ପରାଜୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଦଶମ ରାଉଣ୍ଡ ଶେଷ ସୁଦ୍ଧା କାର୍ଲସେନ ୭ ପଏଣ୍ଟ ସହ ଏକକ ଅଗ୍ରଣୀ ହାସଲ କରିଥିବାବେଳେ ଆନିଶ ଗିରି (୬.୫) ୨ୟ ସ୍ଥାନରେ ରହିଛନ୍ତି। ଆନନ୍ଦ (୬) ୩ୟ ସ୍ଥାନକୁ ଖସି ଯୁଗ୍ମଭାବେ ଚାଇନାର ଡିଙ୍ଗ୍ ଲିରେନ ଓ ଇଆନ ନେପୋମନିଆଚାଟଚିଙ୍କ ସହ ରହିଛନ୍ତି।

# ପାଣ୍ଡ୍ୟା, ରାହୁଲଙ୍କ ଉପରୁ ବାସନ୍ଦ ଉଠିଲା

## ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ

ନୂଆଦିଲ୍ଲୀ, ୨୪।୧(ପି.ଟି.)

ଦୁଇ ଭାରତୀୟ ତାରକା କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କ ଉପରୁ ଗୁରୁବାର ବାସନ୍ଦାଦେଶ ଉଠାଇ ଦିଆଯାଇଛି। ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ଏହି ଦୁଇ କ୍ରିକେଟର ବାସନ୍ଦ ହୋଇଥିଲେ ଓ ସୋସିଆଲ ମିଡିଆରେ ବେଶ୍ ସମାଲୋଚିତ ହୋଇଥିଲେ। ଏପରି କି ଗସ୍ତ ଅଧାରୁ ଅଷ୍ଟ୍ରେଲିଆରୁ ଏହି ଦୁଇ ଖେଳାଳିଙ୍କୁ ସ୍ୱଦେଶ ପଠାଇ ଦିଆଯାଇଥିଲା। ତେବେ ଏହି ଘଟଣାର ଦୁଇ ସପ୍ତାହ ପରେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ବାସନ୍ଦ ଉଠାଇନେବାକୁ ଘୋଷଣା କରିଛି। ଫଳରେ ପାଣ୍ଡ୍ୟା ଯେତେଶୀଘ୍ର ସମ୍ଭବ ନ୍ୟୁଜିଲାଣ୍ଡରେ ପହଞ୍ଚି ଦଳରେ ଯୋଗ ଦେବା ଆଶା କରାଯାଉଛି। ସେହିପରି ରାହୁଲ ଘରୋଇ କ୍ରିକେଟ କିମ୍ବା ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ' ପକ୍ଷରୁ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଯଦି କର୍ଣ୍ଣାଟକ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରେ ତେବେ ୨୬ ବର୍ଷୀୟ ରାହୁଲ ମୟଙ୍କ ଅଗ୍ରୱାଲଙ୍କ ସହ ଇନିଂସ ଓପନ କରିବା ଆଶା କରାଯାଉଛି।

ବାସନ୍ଦ ଅସ୍ଥାୟୀ ଭାବେ ଉଠାଯାଇଥିଲେ ମଧ୍ୟ ଏ ନେଇ ତଦନ୍ତ ହେବ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଲୋକପାଳ ଏହି ତଦନ୍ତ ଦାୟିତ୍ୱ ହାତକୁ ନେବେ। ତଦନ୍ତ ଶେଷ ନ ହେବା ଯାଏ ଏହି ଦୁଇ କ୍ରିକେଟରଙ୍କୁ ଅବଶ୍ୟ ଖେଳିବାର ସୁଯୋଗ ମିଳିବ। ବିସିସିଆଇ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସି.କେ. ଖାନ୍ନା ତଦନ୍ତ ପୂରା ନ ହେବା ଯାଏ ଏହି ଦୁଇ ଖେଳାଳିଙ୍କ ଉପରୁ ବାସନ୍ଦ ଉଠାଇବାକୁ ସିଓଏକୁ ଚିଠି ଲେଖି ଜଣାଇଥିଲେ। ସିଓଏ ମଧ୍ୟ ନ୍ୟାୟମିତ୍ର ପି.ଏସ୍. ନରସିମ୍ହାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରି ବାସନ୍ଦ ତତ୍‌କ୍ଷଣାତ ଉଠାଇବାକୁ ନିଷ୍ପତ୍ତି ନେଇଥିଲା। ବିସିସିଆଇ ସମ୍ବିଧାନ 'ନିୟମ ୪୬' ଅନୁଯାୟୀ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରାଯାଇଥିଲା। ଉଲ୍ଲେଖଥାଉ କି, କରନ ଜୋହରଙ୍କ ଲୋକପ୍ରିୟ ଟିଭି ଶୋ'ରେ ଏହି ଦୁଇ କ୍ରିକେଟର ଅଂଶଗ୍ରହଣ କରି ଅତ୍ୟଧିକ ଉତ୍ସାହିତ ହୋଇ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ ଓ ସେତେବେଳେ ଏ ନେଇ ଚର୍ଚ୍ଚା ଏବଂ ବିବାଦ ସୃଷ୍ଟି ହୋଇଥିଲା। ଗତ ୧୧ ତାରିଖରେ ବୋର୍ଡ ଏମାନଙ୍କୁ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପରେ ପାଣ୍ଡ୍ୟା ଓ ରାହୁଲ ନିଜ ମନ୍ତବ୍ୟ ନେଇ ଅବଶ୍ୟ କ୍ଷମା ମାଗିଥିଲେ। ବୁଧବାର ଶୋ'ର ଉପସ୍ଥାପକ କରନ ଜୋହର ମଧ୍ୟ ଏହି ଘଟଣା ପାଇଁ କ୍ଷମା ମାଗିଥିଲେ। ଏହା ମୋର ଶୋ' ତଥା ପ୍ଲାଟଫର୍ମ ହୋଇଥବାରୁ ମୁଁ ଏଥିପାଇଁ ଦାୟୀ ବୋଲି କରଣ କହିଛନ୍ତି। ଶୋ' ଅବସରରେ ମୁଁ ଏହି ଭଳି ପ୍ରଶ୍ନ ପଚାରିଥାଏ। ଏପରିକି ମହିଳାଙ୍କୁ ମଧ୍ୟ ଏହି ଭଳି ପ୍ରଶ୍ନ ପଚାରିଥାଏ। ଦୀପିକା ପାଦୁକୋନ୍ ଓ ଆଲିଆ ଭଟ୍ଟଙ୍କୁ ମଧ୍ୟ ସମାନ ପ୍ରଶ୍ନ ପଚାରିଥିଲି। କିନ୍ତୁ ଘଟଣା ଏବେ ମୋ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ମୁଁ ଏଥିପାଇଁ ଦୁଃଖିତ ବୋଲି କରନ କହିଛନ୍ତି। ଏହି ଘଟଣା ପରେ ସିଓଏ ଜାତୀୟ ଦଳ ତରଫରୁ ଖେଳୁଥିବା କ୍ରିକେଟରମାନଙ୍କ ପାଇଁ ଏକ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲା।



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ



“ଆମେ ଉଭୟ ପରସ୍ପର ବୋଲିଂକୁ ବୁଝିପାରିଥାଉ। କିନ୍ତୁ ଯେତେବେଳେ ଚହଲ ଖେଳି ନ ଥାନ୍ତି, ମୁଁ ବହୁତ କିଛି ଆଶା ହରାଇଥାଏ ।

– କୁଲଦୀପ ଯାଦବ, ଭାରତୀୟ ସ୍ପିନର



“ଦିନକୁ ଦିନ ଉନ୍ନତି କରିବା ପାଇଁ କ୍ଷୁଧା ହେଉଛି ବିରାଟ କୋହଲିଙ୍କ କ୍ୟାରିୟରର ହଲ୍‌ମାର୍କ ।

– ଜାହିର ଖାଁ, ପ୍ରାକ୍ତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଜୋହାନ ବୋଥାଙ୍କ ଅବସର

ସିଡ୍‌ନୀ,୨୪।୧: ପୂର୍ବତନ ଦକ୍ଷିଣ ଆଫ୍ରିକୀୟ କ୍ରିକେଟର ଜୋହାନ ବୋଥା ହଠାତ ଅବସର ଘୋଷଣା କରିଛନ୍ତି। ଚଳିତ ବିଗ୍ ବାଶ ଲିଗ୍‌ରେ ହାବର୍ଟ ହରିକେନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବୋଥା ଗୁରୁବାର ଏହି ନିଷ୍ପତ୍ତି ନେଇଛନ୍ତି। ମିଡିୟମ ପେସରରୁ ଅଫ୍ ସ୍ପିନର ପାଲଟିଥିବା ବୋଥାଙ୍କ ବୋଲିଂ ଶୈଳୀ ବହୁବାର ସନ୍ଦେହ ଘେରକୁ ଆସିଛି। ସେ ଦକ୍ଷିଣ ଆଫ୍ରିକା ପାଇଁ ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ୫ ଟେଷ୍ଟ, ୭୮ ଦିନିକିଆ ଓ ୪୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୦ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ସେ ଅନ୍ତିମ ଥର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୨୧ଟି ମ୍ୟାଚ୍ ଦ. ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଦଳ ୮ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ୍ ଜିତିଥିଲା। ୨୦୧୬ରେ ଅଷ୍ଟ୍ରେଲିଆ ନାଗରିକତା ଗ୍ରହଣ କରିଥିଲେ। ସେବେଠାରୁ ସେ ନିୟମିତ ବିବିଏଲରେ ଖେଳୁଥିଲେ।

### ପାକିସ୍ତାନ ଗସ୍ତ କରିବ ଇଣ୍ଡିଜ ମହିଳା ଦଳ

କରାଚୀ,୨୪।୧: ପାକିସ୍ତାନ କ୍ରିକେଟ ବୋର୍ଡକୁ ଗୁରୁବାର ଏକ ବଡ଼ ଆଶ୍ୱସ୍ତ ମିଳିଛି। ଇଣ୍ଡିଜ ମହିଳା ଦଳ ଚଳିତ ମାସର ଶେଷ ଆଡକୁ ପାକିସ୍ତାନ ଗସ୍ତ କରିବ। ଏଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ଏହା ଆଇସିସି ମହିଳା ଚାମ୍ପିୟନଶିପର ଅଂଶବିଶେଷ। ଉଭୟ ଦଳ ମଧ୍ୟରେ ଦିନିକିଆ ସିରିଜ ଦୁବାଇଠାରେ ଖେଳାଯିବ। ଇଣ୍ଡିଜ ମହିଳା ଦଳ ୧୫ ବର୍ଷ ପରେ ପ୍ରଥମ ଅଣ ଏସିୟ ଦଳ ଭାବେ ପାକିସ୍ତାନ ଗସ୍ତ କରିବାକୁ ଯାଉଛି। ଗତ ୨୦୦୪ ମାର୍ଚ୍ଚ/ଏପ୍ରିଲରେ ୱେଷ୍ଟ ଇଣ୍ଡିଜ ଦଳ ପାକିସ୍ତାନରେ ଟେଷ୍ଟ ମ୍ୟାଚ୍ ଡ୍ର’ ରଖିବା ସହ ୭ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୫-୨ ବ୍ୟବଧାନରେ ଜିତିଥିଲା। କରାଚୀସ୍ଥିତ ସାଉଥଏଣ୍ଡ କ୍ଲବଠାରେ ଜାନୁୟାରୀ ୩୧, ଫେବୃୟାରୀ ୧ ଓ ୩ ତାରିଖରେ ୩ ଟି୨୦ ମ୍ୟାଚ୍ ଖେଳାଯିବ।

# ଶ୍ରୀଲଙ୍କା ୧୪୪ରେ ଅଲଆଉଟ୍

ବ୍ରିସବେନ, ୨୪।୧(ଏଏଫ୍‌ପି)

ସ୍ଥାନୀୟ ଦି ଗାବା ଗ୍ରାଉଣ୍ଡରେ ଗୁରୁବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୧୪୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା ସର୍ବାଧିକ ୬୪ ରନ କରିଥିଲେ। ଡିକ୍‌ୱେଲାଙ୍କ ସମେତ ଓପନର୍ ଦିମୁଥ କରୁଣାରତ୍ନେ (୨୪), ଲାହିରୁ ଥିରିମାନେ (୧୨) ଓ କୁଶଳ ମେଣ୍ଡିସ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରି ନ ଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ପ୍ୟାଟ୍ କମିନ୍ସ (୪), ଜୟେ ରିଚାର୍ଡସନ (୩), ମିଚେଲ ଷ୍ଟାର୍କ (୨) ଓ ନାଥନ ଲିୟନ (୧) ଉଇକେଟ୍ ବାଣ୍ଟି ନେଇଥିଲେ। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ଏହି ଅବସରରେ ୨୦୦ ଟେଷ୍ଟ ଉଇକେଟ୍ କ୍ଲବରେ ସାମିଲ ହୋଇଛନ୍ତି। ଏହି ମାଇଲଷ୍ଟୋନ ଛୁଇଁବାରେ ସେ ଦେଶର ସପ୍ତଦଶ ବୋଲର ହେବାକୁ ସୌଭାଗ୍ୟ ଲାଭ କରିଛନ୍ତି।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଅଷ୍ଟ୍ରେଲିଆ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ଜୋ ବର୍ନସ ୧୫ ଓ ଉସମାନ ଖ୍ୱାଜା ୧୧ ରନ କରି ଆଉଟ୍ ହୋଇଥିବାବେଳେ ମାର୍କସ ହାରିସ (୪୦) ଓ ନାଥନ ଲିୟନ ବିନା କୌଣସି ରନରେ ଅପରାଜିତ ରହିଛନ୍ତି।

# ବାସନ୍ଦ ହୋଇପାରନ୍ତି ସର୍ଫରାଜ

ଡର୍ବାନ,୨୪।୧

ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସର୍ଫରାଜ ଖାଁ ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ ହୋଇପାରନ୍ତି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ସର୍ଫରାଜ ଘରୋଇ ଦଳର ଅଲରାଉଣ୍ଡର ଆଣ୍ଡିଲେ ଫେଲୁକ୍‌ୱାୟୋଙ୍କୁ ଆକ୍ଷେପକରି ବର୍ଣ୍ଣବୈଷମ୍ୟ କମେଣ୍ଟ କରିଥିଲେ। ଏ ସମ୍ପର୍କରେ ଉକ୍ତ ମ୍ୟାଚ୍‌ର ଅଫିସିଆଲମାନେ ଅଭିଯୋଗ କଲେ ପାକିସ୍ତାନ ଅଧିନାୟକ ବାସନ୍ଦ ହେବା ନିଶ୍ଚିତ। କାରଣ ସର୍ଫରାଜ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବର୍ଣ୍ଣବୈଷମ୍ୟତା ନିୟମ ଭଙ୍ଗ କରିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍‌ର ଖେଳାଳି, ଅମ୍ପାୟର, ମ୍ୟାଚ୍ ରେଫରି କିମ୍ବା ପ୍ଲେୟର ସପୋର୍ଟ ଷ୍ଟାଫଙ୍କୁ କୌଣସି ପ୍ରକାର ଇଙ୍ଗିତ କିମ୍ବା ଭାଷା ମାଧ୍ୟମରେ ସେମାନଙ୍କ ରଙ୍ଗ, ଧର୍ମ, ଜାତୀୟତା ଓ ପରମ୍ପରାକୁ ନେଇ ଅପମାନିତ, ଧମକାଇବା ଓ ଗାଳିଦେବା ନିୟମ ଅନୁଯାୟୀ ଦଣ୍ଡନୀୟ। ଏହି ନିୟମ ୨୦୧୨ ଅକ୍ଟୋବରଠାରୁ କାର୍ଯ୍ୟକାରୀ ହେଉଛି। ଏ ନେଇ ଉକ୍ତ ମ୍ୟାଚ୍‌ର ଅମ୍ପାୟର, ମ୍ୟାଚ୍‌ରେଫରି, ଟିମ୍ ମ୍ୟାନେଜର ଓ କ୍ରିକେଟ ଦକ୍ଷିଣ ଆଫ୍ରିକା ମୁଖ୍ୟ ମଧ୍ୟ ଆଇସିସି ନିକଟରେ ଅଭିଯୋଗ କରିପାରିବେ। ଯଦି ଅଭିଯୋଗ କରାଯାଏ, ତେବେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିଥିବାରୁ ସର୍ଫରାଜଙ୍କୁ ୪ରୁ ୮ ସସପେନସନ ପଏଣ୍ଟ ମିଳିବ। ୨ ସସପେନସନ ପଏଣ୍ଟର ମୂଲ୍ୟ ଗୋଟିଏ ଟେଷ୍ଟ ମ୍ୟାଚ୍। ସୀମିତ ଓଭର କ୍ରିକେଟ ମ୍ୟାଚ୍‌ରୁ ବାସନ୍ଦ ହେବା ଲାଗି ଏକ ସସପେନ୍ସନ ପଏଣ୍ଟ ଦରକାର। ଦକ୍ଷିଣ ଆଫ୍ରିକା ଟିମ୍ ମ୍ୟାନେଜର ଡ. ମହମ୍ମଦ ମୁସାଜି କହିଛନ୍ତି, ଆଇସିସି ଓ ମ୍ୟାଚ୍ ଅଫିସିଆଲ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି। ଏହାର ରିପୋର୍ଟ ମିଳିବା ପରେ ଏ ସମ୍ପର୍କରେ ଆମେ କମେଣ୍ଟ କରିପାରିବୁ।

# ଭାରତକୁ ଜିତାଇଲେ ମନ୍ଧାନା

ନାପିଏର,୨୪।୧

ପୁରୁଷ ଦଳ ଭଳି ଭାରତୀୟ ମହିଳା ମ୍ୟାକଲିନ ପାର୍କଠାରେ ସହଜ ବିଜୟ ସହ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିଛି। ଭାରତୀୟ ସ୍ପିନରଙ୍କ ଭଲପ୍ରଦର୍ଶନ ଯୋଗୁ ନ୍ୟୁଜିଲାଣ୍ଡ ୧୯୨ ରନ୍ ସୀମିତ ରହିଥିଲା। ଜବାବରେ ସ୍ମୃତି ମନ୍ଧାନାଙ୍କ ଶତକ ଓ ଜେମିମା ରୋଡ୍ରିଗୁଏଜଙ୍କ ୮୧ ରନ୍‌ର ଅପରାଜିତ ଇନିଂସ ଯୋଗୁ ଭାରତ ୧୭ ଓଭର ପୂର୍ବରୁ ଗୋଟିଏ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଛି। ଏହି ବିଜୟ ସହ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧–୦ର ଅଗ୍ରଣୀ ହାସଲ କରିଛି। ଡବ୍ଲ୍ୟୁ. ଭି. ରମଣ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଭାରତୀୟ ଦଳର ପ୍ରଥମ ବିଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳର ଉପରକ୍ରମର ବ୍ୟାଟ୍ସୱିମେନମାନେ ଭଲ ଆରମ୍ଭ ପାଇଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସୁଜି ବାଟେ ୩୬, ଅଧିନାୟିକା ଆମି ସାଟରଥୱେଟ ୩୧, ସୋଫି ଡେଭିନ ୨୮ ଓ ଆମେଲିଆ କେର ୨୮ ରନ୍ କରିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଦଳ ୪୮.୪ ଓଭରରେ ୧୯୨ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଏକତା ବିଷ୍ଟ ଓ ପୁନମ ଯାଦବ ୩ ଲେଖାଏ ଉଇକେଟ ନେଇଥିବାବେଳେ ଦୀପ୍ତି ଶର୍ମା ୨ ଉଇକେଟ ହାସଲ କରିଥିଲେ। ଜବାବରେ ମନ୍ଧାନା ଓ ରୋଡ୍ରିଗୁଏଜ ପ୍ରଥମ ଉଇକେଟ ପାଇଁ ୧୯୦ ରନ୍‌ର ଭାଗୀଦାରି କରି ଭାରତୀୟ ଦଳର ବିଜୟ ନିଶ୍ଚିତ କରିଥିଲେ। କ୍ୟାରିୟରର ୪ର୍ଥ ଶତକ ପୂରଣ କରିସାରିଥିବା ମନ୍ଧାନା (୧୦୫) ଏକମାତ୍ର ଭାରତୀୟ ବ୍ୟାଟ୍ସୱିମେନ ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୩ ଛକା ଓ ୯ ଚୌକା ସାମିଲ ଥିଲା। ଏହାପରେ ଅନ୍ୟତମ ଓପନର ରୋଡ୍ରିଗୁଏଜ ଦଳକୁ ବିଜୟୀ କରାଇଥିଲେ। ସେ ୯ ଚୌକା ସହାୟତାରେ ୮୧ ରନ୍ କରି ଅପରାଜିତ ଥିଲେ। ମ୍ୟାଚ୍‌ରେ ଶତକ ହାସଲ କରିଥିବା ମନ୍ଧାନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

### ପ୍ରଥମ ଭାରତୀୟ

ଘରୋଇ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ ବିପକ୍ଷରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ର ବୃହତ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଷ୍ଟାର୍ ଖେଳାଳି ସ୍ମୃତି ମନ୍ଧାନା (୧୦୫) ଶତକୀୟ ଇନିଂସ ଖେଳି ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୨ ବର୍ଷୀୟା ମନ୍ଧାନା ଏଥିସହ ଭାରତର ପ୍ରଥମ ତଥା ବିଶ୍ୱର ୨ୟ ମହିଳା କ୍ରିକେଟର ଭାବେ ଏସ୍‌ଇଏନ୍‌ଏ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ଦେଶ ବିପକ୍ଷରେ ଶତକ ହାସଲ କରିବାର ବିରଳ ସୌଭାଗ୍ୟ ହାସଲ କରିଛନ୍ତି। କିମ୍ବଦନ୍ତୀ ପ୍ରାକ୍ତନ ଇଂଲଣ୍ଡ ଖେଳାଳି କ୍ଲାରି ଟେଲରଙ୍କ ପରେ ଏହି ସଫଳତା ହାସଲ କରିଛନ୍ତି। ମନ୍ଧାନା ୨୦୧୬, ୨୦୧୭, ୨୦୧୮ ଓ ୨୦୧୯ରେ ଯଥାକ୍ରମେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ଅର୍ଜନ କରିଥିଲେ।



ଶତକ ହାସଲ ପରେ ସ୍ମୃତି ମନ୍ଧାନା।

# ଇଣ୍ଡୋନେସିଆ ମାଷ୍ଟର୍ସ: ସାଇନା, ସିନ୍ଧୁ, ଶ୍ରୀକାନ୍ତ କ୍ୱାର୍ଟରରେ

ଜାକର୍ତ୍ତା(ଇଣ୍ଡୋନେସିଆ),୨୪।୧(ପି.ଟି.)

ଦୁଇ ଷ୍ଟାର ଭାରତୀୟ ମହିଳା ଶଟଲର ସାଇନା ନେହ୍ୱାଲ ଓ ପି. ଭି. ସିନ୍ଧୁଙ୍କ ସମେତ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨୧–୧୪, ୨୧–୯ ସିଧାସଳଖ ଗେମ୍‌ରେ ଜାପାନର କେଣ୍ଟୋ ନିଶିମୋଟୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଦ୍ୱିତୀୟ ସିଡ୍ ସିନ୍ଧୁ ଘରୋଇ ଫେଭରାଇଟ୍ ଜର୍ଜିଆ ମାସିସ୍କା ତୁଞ୍ଜୁଙ୍ଗଙ୍କୁ ୨୩–୨୧, ୨୧–୭ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ସିନ୍ଧୁଙ୍କୁ ୩୭ ମିନିଟ୍ ସମୟ ଲାଗିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିୟନଶିପ, ଏସିଆନ୍ ଗେମ୍ସ ରୌପ୍ୟ ପଦକଧାରୀ ସିନ୍ଧୁ ସେମିଫାଇନାଲ ସ୍ଥାନ ପାଇଁ ସ୍ପେନର କାରୋଲିନା ମାରିନଙ୍କ ସହ ଲଢ଼େଇ କରିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଖେଳାଳି ୮ମ ସିଡ୍ ଶ୍ରୀକାନ୍ତ ୨୧–୧୪, ୨୧–୯ ଗେମ୍‌ରେ ଜାପାନର କେଣ୍ଟୋ ନିଶିମୋଟୋଙ୍କୁ ପରାସ୍ତ କରିଛନ୍ତି। ସେ ଏହି ବିଜୟ ସହ ନିଶିମୋଟୋଙ୍କଠାରୁ ଗତ ମାଲେସିଆ ମାଷ୍ଟର୍ସରେ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି।

TVS Racing
TVS




₹14,999/- Low Down Payment# | upto ₹ 7,200/- Savings## | ₹2,019/- Low EMI*

Limited period offer for unlimited racing thrills.

www.tvsapache.com | For further details please give a missed call to 18003157227 | TVS showrooms are open on Sundays also.

Apache RTR 160 4V
RACING DNA UNLEASHED
**As per the PS figure shared by competition bikes in Oil Cooled 160cc class as on 1st Oct'18

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR:** Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; **JHARSUGUDA:** Gunnu TVS, Ph: 8586977624; **SONEPUR:** Minerva TVS, Ph : 6370700730, 6370700734. **Authorised Dealers:** Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles,Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005.

McCann/Blr/Tvs/22/01/19



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ପୁଅ ପାଇଁ କନ୍ୟା ଯୋଗାଡ଼ରେ ଆସି ବାପାଙ୍କ ଜୀବନ ଗଲା

**ଝାରସୁଗୁଡ଼ା ଅଫିସ,୨୪।୧**

ବିବାହଯୋଗ୍ୟ ପୁଅ ପାଇଁ କନ୍ୟା ଦେଖିବାକୁ ବିହାରରୁ ଝାରସୁଗୁଡ଼ା ଆସିଥିଲେ ତ୍ରିଲୋଚନ ସା (୬୦)। ହେଲେ ଘରକୁ ଫେରିବା ପରିବର୍ତ୍ତେ ସେ ଆରପାରିକୁ ଚାଲିଯାଇଛନ୍ତି। ଅସାବଧାନତା ବଶତଃ ସାଉଥବିହାର ଏକ୍ସପ୍ରେସ୍‌ରୁ ଖସିପଡ଼ି ତ୍ରିଲୋଚନଙ୍କ ମୃତ୍ୟୁ ହୋଇଛି। ଝାରସୁଗୁଡ଼ା ଜିଆରପି ମୃତଦେହ ଜବତ କରି ଶବାଗାରରେ ରଖିଛି। ଏ ନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଶୁକ୍ରବାର ପରିବାର ଲୋକ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ବିହାର ଲକ୍ଷିସରାଇର ତ୍ରିଲୋଚନ ଗୁରୁବାର ସକାଳେ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ସାଙ୍ଗରେ ଆଉ ୩ ଜଣ ସମ୍ପର୍କୀୟ ମଧ୍ୟ ଆସିଥିଲେ। ଝାରସୁଗୁଡ଼ା ପୁରୁଣାବସ୍ତି ଅଞ୍ଚଳକୁ ପୁଅ ପାଇଁ କନ୍ୟା ଦେଖିବାକୁ ଯାଇଥିଲେ। ଅପରାହ୍ନରେ ବିହାର ଫେରିବା କାର୍ଯ୍ୟକ୍ରମ ଥିଲା। ତେବେ ସାଉଥବିହାର ଏକ୍ସପ୍ରେସ୍‌ରେ ଚଢ଼ିବା ବେଳେ ଟ୍ରେନ୍‌ରୁ ଖସିପଡ଼ି ଚକ ତଳେ ପଡ଼ିଯାଇଥିଲେ। ତ୍ରିଲୋଚନଙ୍କ ଦୁଇଗୋଡ଼ ଆଣ୍ଠୁ ପାଖରୁ କଟିଯାଇଥିଲା। ରେଲୱେ ଡାକ୍ତର ପହଞ୍ଚିବା ବେଳକୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।




# ଡିଭାଇଡରରେ ପିଟିହୋଇ ଓଲଟିଲା ଅଟୋରିକ୍ସା

## ୬ ଆହତ, ଜଣେ ଗୁରୁତର



ଡାକ୍ତରଖାନାରେ ଜଣେ ଆହତଙ୍କ ଚିକିତ୍ସା ଚାଲିଛି।

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଭାଲୁପାଲି ଛକ ନିକଟରେ ରାସ୍ତାରେ ଥିବା ଡିଭାଇଡରରେ ପିଟି ହୋଇ ଗୁରୁବାର ମଧ୍ୟାହ୍ନରେ ଏକ ଅଟୋରିକ୍ସା (ନଂ ଓଡି ୧୫-ଜି-୨୫୬୩) ଓଲଟି ପଡିଛି। ଫଳରେ ସେଥିରେ ଥିବା ୪ ଜଣ ମହିଳା, ଜଣେ ଶିଶୁଙ୍କ ସମେତ ୨ ଜଣ ପୁରୁଷ ଆହତ ହୋଇଛନ୍ତି । ସେମାନେ ହେଲେ ପରିଧିଆପାଲି ଗ୍ରାମର ବାସନ୍ତୀ ସୁନା(୫୦), ପୁଷ୍ପାଞ୍ଜଳି ଗର୍ଡିଆ (୪୫), ଅଷ୍ଟମୀ କୁମ୍ଭାର (୪୦), ଗୀତା ଜାଲ (୪୦), ସୁରେଶ ନିଆଳ ( ୪୦), ଶିଶୁ କିଞ୍ଜନ ପାଇକ (୧୨) ଓ ଅଟୋରିକ୍ସା ଚାଳକ ରଞ୍ଜିତ ବାରିକ। ଏମାନଙ୍କ ମଧ୍ୟରୁ ବାସନ୍ତୀଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆ ଯାଇଛି। ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଏମାନେ ଅଟୋରେ ଧନକଉଡା ବ୍ଲକକୁ କୌଣସି କାମରେ ଯାଉଥିଲେ।








ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି। - ତୁଳସୀ ଦାସ



# ବୌଦ୍ଧରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ବୌଦ୍ଧ,୨୪।୧(ସ୍ୱ.ପ୍ର.)**

ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ଗୌରୀମାଳି ମହାରଣା ଯୋଗଦେଇ ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷା ସୁଜାତା ରଥ ଯୋଗଦେଇ ସରକାରଙ୍କ ଶିକ୍ଷା ଅଧିକାର ଆଇନ, ଏଥିରେ ଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଶିଶୁକନ୍ୟାମାନେ ଭଲ ପାଠ ପଢି ସୁନାଗରିକ ହେବାକୁ ସେ କହିଥିଲେ। ନାରୀ ଶିକ୍ଷିତ ହେଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରାଜୀବ କୁମାର ନାଏକ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ବାଳିକା ସମୃଦ୍ଧି ଯୋଜନାରେ ଥିବା ସୁବିଧା, ସଂରକ୍ଷଣ ଉପରେ ବୁଝାଇଥିଲେ। ଏପରି କି ପୁଷ୍ଟିହୀନତା, ଶିଶୁମୃତ୍ୟୁ, ମାତୃମୃତ୍ୟୁ ଓ ବାଲ୍ୟବିବାହ ନିଷେଧ ଆଇନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ବୌଦ୍ଧ ଶିଶୁ ମଙ୍ଗଳ ସମିତି ସଦସ୍ୟ ସୀତାକାନ୍ତ ସାହୁ ଯୋଗଦେଇ ବାଳିକାମାନେ ଉତ୍ତମ ଶିକ୍ଷା ଲାଭ କରି ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେବା ସହିତ ଶିଶୁ ସୁରକ୍ଷା ଆଇନ୍‌ରେ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୧୮ ଅକ୍ଟୋବର ୭ତାରିଖରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୧୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମକୃଷ୍ଣ ବାଳାଶ୍ରମ, ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର, କାର୍ଯ୍ୟକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର, ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମରସେନ ସିଂ, ବସନ୍ତ ଦିଶିରି, ସହଦେବ ନାୟକ, ଚିତ୍ରସେନ ସାହୁ, ବିସ୍ମୟ ମୋହନ ସାହୁ, ଶିଶୁଯତ୍ନ ଅନୁଷ୍ଠାନର ଜଗଦୀଶ ହୋତା, କ୍ଷୀରୋଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଗାଇସିଲେଟରେ ରାମଚରିତ ମାନସ

ଗାଇସିଲେଟ,୨୪।୧(ଡି.ଏନ୍.ଏ.): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗାଇସିଲେଟ ରାଧାକୃଷ୍ଣ ମନ୍ଦିର ପରିସରରେ ସତ୍ୟଭାମା ଦାଶଙ୍କ ଉଦ୍ୟମରେ ସନ୍ଥ ତୁଳସୀ ଦାସଙ୍କ ରଚିତ ହିନ୍ଦୀ ରାମଚରିତ ମାନସର ଓଡ଼ିଆ ଅନୁବାଦ ପାରାୟଣ ଆରମ୍ଭ ହୋଇଯାଇଛି। ପ୍ରଶାନ୍ତ କୁମାର ପୁରୋହିତ ଏବଂ ତାଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ପୁରୋହିତ, ଭାରତ ଦାଶ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଦାଶ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପଣ୍ଡିତ ସନ୍ତୋଷ କୁମାର ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଧରଣୀଧର ମିଶ୍ର ବ୍ୟାସ କାଯ୍ୟ ନିର୍ବାହ କରୁଛନ୍ତି। ବାଦ୍ୟ ଯନ୍ତ୍ରରେ ଅବନୀ ବଗର୍ତ୍ତା, ଅନିଲ ମିଶ୍ର, ମନୋହର ଭୋଇ, ସରୋଜ ପାଣିଗ୍ରାହୀ ସହଯୋଗ କରୁଛନ୍ତି। ଗଣେଶ ପ୍ରସାଦ ଦାଶ, ମାନସ ଦାଶ, ନବୀନ ତ୍ରିପାଠୀ ସହଯୋଗ କରୁଛନ୍ତି।

### ୧୫ ଦିନ ପରେ ସୁଧୁରିଲା ବୌଦ୍ଧ ଡାକ ସେବା

ବୌଦ୍ଧ,୨୪।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ମୁଖ୍ୟ ଡାକଘରେ ୧୫ଦିନ ହେଲା ଇଣ୍ଟରନେଟ ସେବା ବନ୍ଦ ହୋଇଯାଇଥିଲା। ଫଳରେ ଜନସାଧାରଣ ଡାକ ସେବା ନ ପାଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶିତ ହୋଇଥିଲା। ହେଲେ ଗୁରୁବାର ବିଭାଗ ପକ୍ଷରୁ ଇଣ୍ଟରନେଟ ବ୍ୟବସ୍ଥାକୁ ସଚଳ କରିଦିଆଯାଇଥିଲା। ଫଳରେ ଗ୍ରାହକମାନେ ସେବା ପାଇଛନ୍ତି।

### ବାଉଁଶୁଣୀରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ

ବୌଦ୍ଧ,୨୪।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ବାଉଁଶୁଣୀ ସଦର ମହକୁମାରେ କେନ୍ଦ୍ର ସରକାରଙ୍କ ଇଣ୍ଡିଆନ ଅଏଲ୍ କର୍ପୋରେଶନ ପକ୍ଷରୁ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଇ. ରାଜେଶ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ କମ୍ପାନୀ ପକ୍ଷରୁ ଅଶେଷ କୁମାର ବେହେରା, କେଶବ ସେଠୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରୋଜ ପ୍ରଧାନ, ସୌଦାମିନୀ ବେହେରା, ଶୈଳେନ୍ଦ୍ରୀ ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଉପରେ ଆଲୋକପାତ କରିଥିଲେ । ଏଥିରେ ବାଉଁଶୁଣୀ ଏବଂ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିଲେ।

## ପୌର ନିର୍ବାଚନ
## ରିଭ୍ୟୁ ପିଟିଶନ ଖାରଜ କଲେ ସୁପ୍ରିମକୋର୍ଟ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କୁ ପୁଣି ଏକ ଝଟକା ଲାଗିଛି। ପୌର ସଂସ୍ଥାଗୁଡ଼ିକରେ ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ଅଧିକ ସ୍ଥାନ ସଂରକ୍ଷଣ ବେଆଇନ ବୋଲି ଦର୍ଶାଇଥିଲେ। ତେବେ ରାୟର ପୁନଃବିଚାର କରିବାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ଗୁରୁବାର ରାଜ୍ୟ ସରକାର ଦାୟର କରିଥିବା ରିଭ୍ୟୁ ପିଟିଶନକୁ ସୁପ୍ରିମ କୋର୍ଟ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଉଦୟ ଉମେଶ ଲଳିତ ଏବଂ ସଞ୍ଜୟ କିଷନ କାଉଲଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରି ଦେଇଛନ୍ତି। ଏହାକୁ ଖାରଜ କରିବା ପରେ ରାଜ୍ୟ ସରକାର ପୁଣି ଏକ କ୍ୟୁରେଟିଭ ପିଟିଶନ ସୁପ୍ରିମକୋର୍ଟରେ ଦାଖଲ କରିବେ ବୋଲି ସୂଚନା ମିଳିଛି। ଏହା ହେଉଛି ରାଜ୍ୟ ସରକାରଙ୍କ ପାଇଁ ଶେଷ ଅସ୍ତ୍ର। ଏହା ଯଦି ବିଫଳ ହେବ ତେବେ ରାଜ୍ୟ ସରକାର ପୁଣି ଥରେ ପୌର ଆଇନ ସଂଶୋଧନ କରି ପୌରସଂସ୍ଥାଗୁଡ଼ିକରେ ସ୍ଥାନ ସଂରକ୍ଷଣ କରିବାକୁ ବାଧ ହେବେ। ଏଭଳି ପରିସ୍ଥିତିରେ କାର୍ଯ୍ୟକାଳ ଶେଷ ହୋଇଥିବା ୬୫ରୁ ଊର୍ଦ୍ଧ୍ୱ ପୌର ସଂସ୍ଥା ଓ ୨ଟି ମହାନଗର ନିଗମର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି।

■ଉଲୁଣ୍ଡା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

## ଭଲ ମଣିଷ ଗଢ଼ିବା ଶିକ୍ଷାର ଲକ୍ଷ୍ୟ ହେଉ

**ଉଲୁଣ୍ଡା, ୨୪।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଡ. ଦେବାଶିଷ ପାଣ୍ଡିଆଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଭଲ ମଣିଷ ଗଢ଼ିବା ପ୍ରାଥମିକ ଶିକ୍ଷାର ଲକ୍ଷ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବିଶେଷ ଅତିଥିଭାବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ଶିକ୍ଷା ମାଧ୍ୟମରେ ଶିଶୁମାନଙ୍କୁ ଅମୃତ ବଣ୍ଟନ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟକ ଡ. ରମେଶ ପତ୍ରୀ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିବାରେ ଆତ୍ମବିଶ୍ୱାସ ହିଁ ପ୍ରକୃତ ଶିକ୍ଷା ବୋଲି ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରେମାନନ୍ଦ ବାରିକ, ଶ୍ରଦ୍ଧାଞ୍ଜଳି ମେସୁଆ, ନିଲିପ୍ତା କୁରକୁରିଆ, ଶାସ୍ୱତୀ ଦାସ, ଦିବ୍ୟରଞ୍ଜନ ବାରିକ, କୁସୁମ ଦଲେଇ, ସ୍ୱୀକୃତି ନନ୍ଦ, ସ୍ମାଇଲ ସାମଲ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପରିଚାଳନା ପରିଷଦ ଉପସଭାପତି ଅତିଥି ପରିଚୟ ପ୍ରଦାନ କରାଯାଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ସାଂସ୍କୃତିକ ପ୍ରମୁଖ ଜନାର୍ଦ୍ଦନ ସାହୁଙ୍କ ସଂଯୋଜନାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସରୋଜ ପଣ୍ଡାଙ୍କ ରଚିତ ତଥା ଦିଲୀପ ପୂଜାହାରୀଙ୍କ ନିର୍ଦ୍ଦେଶିତ ନାଟକ ଦାନବୀର ହରିଶ୍ଚନ୍ଦ୍ର ମଞ୍ଚସ୍ଥ କରାଯାଇଥିଲା। ଏହା ସହିତ ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର ଓ ନୃତ୍ୟ ନିର୍ଦ୍ଦେଶକ ଜଗନ୍ନାଥ ମେହେରଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ପରିଷଦର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଦାସ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ବିଧାୟକ ପଦ୍ମନାଭ ବେହେରା ପୁରସ୍କୃତ କରୁଛନ୍ତି।

## ଜହ୍ନାପଙ୍କ ହାଇସ୍କୁଲରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଉଦ୍‌ଘାଟିତ

**ଜହ୍ନାପଙ୍କ,୨୪।୧(ଡି.ଏନ୍.ଏ.)**

ଛାତ୍ରୀଛାତ୍ରମାନେ ଆଗାମୀ ଦିନର ଭବିଷ୍ୟତ। ଏନେଇ ଛାତ୍ରୀଛାତ୍ରମାନେ ପଢ଼ିବା ସାଙ୍ଗକୁ ଜନସାଧାରଣଙ୍କୁ ସାହାର୍ଯ୍ୟ କରିବା ସହ ପୋଲିସ ସହ ସୁସମ୍ପର୍କ ସ୍ଥାପନା କରିବା ପ୍ରମୁଖ କର୍ତ୍ତବ୍ୟ ବୋଲି ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ମଣ୍ଡପରେ ଆୟୋଜିତ ଷ୍ଟୁଡେଣ୍ଟ ପୋଲିସ କେଡେଟର ଉଦ୍‌ଘାଟନୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ଏସ୍‌ଡିପିଓ ସାଲେଷ୍ଟିନ ଟିଗା, ଜିଲା ବିଜ୍ଞାନ ପରିଦର୍ଶକ ଦେବେନ୍ଦ୍ର ଦେହୁରି, ବୌଦ୍ଧ ଥାନା ଅଧିକାରୀ ସୁଶ୍ରୀ ତପସ୍ୱିନୀ କଅଁର, ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ମେହେର, ଖୁଣ୍ଟବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଣେଶଙ୍କଠାରେ ଦୀପ ପ୍ରଜ୍ୱଳନ କରି ମୁଖ୍ୟଅତିଥି ମିଶ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ମାଧମରେ ୨୨ଜଣ ଛାତ୍ରୀ ଓ ୨୨ଜଣ ଛାତ୍ରଙ୍କୁ ପୋଲିସ ପୋଷାକ ସହିତ ଆବଶ୍ୟକ ସାମଗ୍ରୀ ଦିଆଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଦ୍ୱାରିକାନାଥ ସେଠୀଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକେଇ ଦେଉଛି ଧୂଳି
ମାଡ଼ ମାରି ପୁଣି କରୁଛି କଳି ।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଦୋଷ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟ ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମାଇଁ,
ଯାହା ପେଟକୁ ଯିଏ ଧାଇଁ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ। କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ। ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ଘଣ୍ଟାପଡା କ୍ରିକେଟ ଟୁର୍ନାମେଣ୍ଟ

## ସୋନପୁରକୁ ହରାଇ ବଲାଙ୍ଗୀର ସେମିଫାଇନାଲରେ

**ଘଣ୍ଟାପଡା, ୨୪।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗଣ୍ଟାପଡା ରଘୁନାଥ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ରେଘମୁଣ୍ଡା ଓ ବଲାଙ୍ଗୀର ମଧ୍ୟରେ ଖେଳ ହୋଇଥିଲା । ଏଥିରେ ବଲାଙ୍ଗୀର ଦଳ ବିଜୟୀ ହୋଇ ପରବର୍ତ୍ତି କ୍ୱାର୍ଟର ଫାଇନାଲ ଖେଳିଥିଲା। ଦ୍ୱିତୀୟ ମ୍ୟାଚରେ ସୋନପୁର ଦଳ ଆମ୍ବଗାଁ ଦଳକୁ ପରାଜିତ ହୋଇ ବଲାଙ୍ଗୀର ସହିତ ଖେଳିଥିଲା । ଟସ ଜିଣି ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟରେ ୫୦ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ଓଭରେ ୪୪ ରନ ସଂଗ୍ରହ କରି ୬ ରନରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା । ବଲାଙ୍ଗୀର ଦଳର ବିକାଶକୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ସରପଞ୍ଚ ପ୍ରମୋଦ ରଣା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ଦିଗାମ୍ବର ସାହୁ, ଘଣ୍ଟାପଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଅଶୋକ କୁମାର ନାଏକ, ଶିକ୍ଷାବିତ ଦିବାକର ମିଶ୍ର, ସାମାଜିକ କର୍ମୀ ଭୀମସେନ ସାହୁ, ପ୍ରତାପ ରଣା ଓ ଗୋପୀନାଥ କଅଁର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଭଲ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ମ୍ୟାଚଗୁଡିକୁ ପୂର୍ଣ୍ଣ ରଣା, ପାଣ୍ଡବ ମହଲା, ବିକାଶ ସାହୁ, ଅଭୟ ମହାପାତ୍ର, ଜିତେନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ । ସ୍କୋରର ଭାବେ ଗିରିଧର ଦେହୁରୀ ଓ କୃଷ୍ଣମୋହନ ସାହୁ ଥିବା ବେଳେ ଧାରାବିବରଣୀ ଦେବେନ୍ଦ୍ର ରଣା ଓ ଅଶୋକ ସାହୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ରାଜେନ୍ଦ୍ର ପାଣିଗ୍ରାହୀ, ରତନ ରଣା, ବିବେକା ମହାଲିକ, କରୁଣା ବିଶି, ରଶ୍ମିରଞ୍ଜନ ବିଶି ସହଯୋଗ କରିଥିଲେ ।

## ଶିଶୁକନ୍ୟା ଦିବସରେ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୨୪।୧**

ବରଗଡ଼ରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଟାଉନ ଥାନାରୁ ଜିଲାପାଳଙ୍କ କାଯର୍ୟାଳୟ ପଯର୍ୟନ୍ତ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଉକ୍ତ ଶୋଭାଯାତ୍ରାରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ସାମିଲ ଥିଲେ । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଜିଲାପାଳ ଅଫିସ ସମ୍ମିଳନୀୟ କକ୍ଷରେ ଏକ ସଭା ହୋଇଥିଲା । ସଭାରେ ଜିଲାପାଳ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି ପ୍ରମୁଖ ଯୋଗଦେଇ ଶିଶୁକନ୍ୟାର ଯତ୍ନ, ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ହେମସାଗର ନାଏକ କାଯର୍ୟକ୍ରମ ସଂଯୋଜନା କରିଥିଲେ। ସଭାରେ ଜିଲାର ସମସ୍ତ ସିଡ଼ିପିଓ, ସୁପରଭାଇଜର, ସିଡବ୍ଲୁସି ସଭ୍ୟ, ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ସିଡବ୍ଲୁସି ସଭ୍ୟ ବିଦ୍ୟୁତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

■ଭଲିବଲ ଟୁର୍ନାମେଣ୍ଟ

## ଦ୍ୱାରୀ ଚାମ୍ପିୟନ, ବାଞ୍ଜିପାଲି ରନର୍ସଅପ୍

**ଅତାବିରା,୨୪।୧(ଡି.ଏନ୍.ଏ.)**

ବରଗଡ ଜିଲା ଅତାବିରା ବ୍ଲକ ଅଧୀନ ଲଚିଦାଠାରେ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦ୍ୱାରୀ ଓ ବାଞ୍ଜିପାଲି ଦଳ ମଧ୍ୟରେ ହୋଇଥିଲା । ଏଥିରେ ଦ୍ୱାରୀ ଦଳ ଚାମ୍ପିୟନ ବିବେଚିତ ହୋଇଥିଲା। ଟୁର୍ନାମେଣ୍ଟରେ ମୋଟ ୧୩ଟି ଦଳ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟନାରାୟଣ ମିଶ୍ର, ସୁବାସ ଚୱାନ, ଯଶୋବନ୍ତ ସେଠ, ବ୍ଲକ ଉପାଧକ୍ଷ ବିବେକାନନ୍ଦ ଭୋଇ, ଯଶୋବନ୍ତ ରଣବିଡା, ଉର୍କୁଲ ତାଣ୍ଡି, ଗୋବିନ୍ଦ ନାଗ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପ୍ରଭାତ କୁମାର ପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟୁର୍ନାମେଣ୍ଟ ପ୍ରତିବର୍ଷ ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ଏହା ୨୫ ବର୍ଷରେ ପଦାର୍ପଣ କରିଥିବା ବୋଲି ଆୟୋଜକ ଅଜିତ କୁମାର ପତି ସୂଚନା ଦେଇଛନ୍ତି।

## କ୍ରିକେଟରେ ବରାହଗୋଡ଼ା ଚାମ୍ପିୟନ

**ବରଗଡ଼ ଅଫିସ୍,୨୪।୧**

ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ବରପଦର ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ବରାହଗୋଡ଼ା, ନିଲେଶ୍ୱର, ବରପଦର, ଶ୍ରୀହରିନଗର, ପଧାନପାଲି, ଗୁଡ଼େଶିରା, ବରଗଡ଼ ଆଦିର କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ବରାହଗୋଡ଼ା ଏବଂ ନିଲେଶ୍ୱର ଫାଇନାଲକୁ ଉନ୍ନୀତ ହୋଇଥିଲେ । ଏଥିରେ ବରାହଗୋଡ଼ା ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଫାଇଟ୍ ଅନ୍ ରାଇଟ୍‌ର ଜିଲା ସଂଯୋଜକ ଇଂ ଦେବବ୍ରତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜିତ କୁମାର ପତି, ରାଜିନ ପ୍ରଧାନ, ଭାଗିରଥି ଭେସ୍ରା, ସୁରେନ ସୁନା, ହାଡୁ ବାରିକ, ଗଣେଶରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF
MORE SPACE • SAME PRICE
* GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB



ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଭଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।



ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ତାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ
- ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଭେଡ଼େନରେ ଆଶା, ଗାଁ କଲ୍ୟାଣ ସମିତି ସମାବେଶ

ଭେଡ଼େନ,୨୪।୧(ଡ଼ି.ଏନ୍.ଏ.)– ବରଗଡ଼ ଜିଲା ଭେଡ଼େନସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ଗୋଷ୍ଠୀସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭେଡ଼େନ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ରୋଜୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଳାମଣି କ୍ଷେତି ମୁଖ୍ୟଅତିଥି, ରେମଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଶାନ୍ତ ପଣ୍ଡା, ବିପିଏମ୍ କଲ୍ପନା ପରମାର, ଜନସ୍ୱାସ୍ଥ୍ୟ ଅଧିକାରୀ ବିହାରୀ ବାରିକ, ବ୍ଲକ ଆକାଉଣ୍ଟ ମ୍ୟାନେଜର ଆଲୋକ ବିଶ୍ୱାଳ, ବିଡ଼ିଏମ୍ ମେଘନାଦ ପଧାନ, ଆଇସିଡ଼ିଏସ୍ ସୁପରଭାଇଜର ପଙ୍କଜିନୀ ଧର, ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ଅରେଇଗୁଡ଼ି ସରପଞ୍ଚ ସୁନୀଲ ମେହେର, ଅଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ନିଧେନପାଲି ଏବଂ ପୁଡ଼ାପାଲି ଗ୍ରାମ କଲ୍ୟାଣ ସମିତିକୁ ଶ୍ରେଷ୍ଠ କଲ୍ୟାଣ ସମିତି ଏବଂ ୩ଜଣ ଆଶାକର୍ମୀ ଭଗବତୀ ନାଏକ(ମେହେନା), ମାଳତି କୁମ୍ଭାର(ଭେଡ଼େନ) ଏବଂ ଶ୍ରୀମତୀ ମାଝି(ଗଣ୍ଡିଆପାଲି)ଙ୍କୁ ଶ୍ରେଷ୍ଠ ଆଶାକର୍ମୀ ଭାବେ ପୁରସ୍କୃତ କରାଯାଇଥିଲା।

# ଋଣଛାଡ଼ ନୁହେଁ, ଋଣରୁ ମୁକ୍ତି ଦରକାର–ଯୋଗେନ୍ଦ୍ର ଯାଦବ

ବରଗଡ଼ ଅଫିସ୍,୨୪।୧



ଖବରଦାତା ସମ୍ମିଳନୀକୁ ଯୋଗେନ୍ଦ୍ର ଯାଦବ ସମ୍ବୋଧିତ କରୁଛନ୍ତି ।

ଦୀର୍ଘ ୩୦ବର୍ଷ ପରେ ଦେଶରେ ଏଭଳି ପରିସ୍ଥିତି ଉପୁଜିଛି ଯେ, ଗତ ୪୦ଦିନ ମଧ୍ୟରେ ସବୁଦଳର ନେତାଙ୍କ ମୁହଁରେ କେବଳ ଚାଷୀଙ୍କ କଥା ଉପୁଜିଛି । ଚାଷ ଓ ଚାଷୀ ପ୍ରସଙ୍ଗକୁ ନେଇ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦିତା ଚାଲିଛି । କିଏ ଋଣଛାଡ଼ କଥା ଉଠାଉଛି ତ ଆଉ କେହି ଅନ୍ୟ ଯୋଜନା ଉପସ୍ଥାପନ କରୁଛି । ତେବେ କେବଳ ଋଣଛାଡ଼ କିମ୍ବା ଯୋଜନା ପ୍ରଣୟନ କରିଦେଲେ ହେବ ନାହିଁ, ଚାଷୀ ଯେଭଳି ଋଣରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବ, ସେଥିପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବରଗଡ଼ ସମତା ଭବନରେ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସ୍ୱରାଜ ଇଣ୍ଡିଆର ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ ଏହା କହିଛନ୍ତି ।

ସେ ଆହୁରି କହିଥିଲେ, ଦେଶରେ ବର୍ତ୍ତମାନ ମୋଦି ସରକାର ଚାଷୀ ବିରୋଧୀ । ଏନେଇ ସରକାରଙ୍କ ବିରୋଧରେ ଗତ ୨ବର୍ଷ ମଧ୍ୟରେ ଦେଶର ୨୦୦ କୃଷକ ସଂଗଠନ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ । ଦେଶରେ ପ୍ରଥମଥର ପାଇଁ ସବୁଶ୍ରେଣୀର ଚାଷୀ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହାର ପ୍ରତିଫଳନରେ କେନ୍ଦ୍ରର ମୋଦି ସରକାରକୁ ବିଭିନ୍ନ ରାଜ୍ୟରେ ସିଂହାସନ ହରାଇବାକୁ ପଡ଼ିଥିଲା । ତେବେ ଗତ ଡିସେମ୍ବର ୧୧ରେ ବିଭିନ୍ନ ରାଜ୍ୟରେ ସିଂହାସନ ହରାଇବା ପରେ କେତେକ ରାଜନୈତିକ ଦଳର ନେତାମାନେ ପୁଣି ଚାଷୀଙ୍କୁ ଭୁଆଁ ବୁଲାଇବା ପାଇଁ ଅପଚେଷ୍ଟା ଚଳାଇଛନ୍ତି । ଋଣଛାଡ଼ ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ କେବଳ ଋଣଛାଡ଼ ନୁହେଁ, ଚାଷୀର ଆୟବୃଦ୍ଧିକୁ ସୁନିଶ୍ଚିତ କରାଯିବା ଦରକାର। ଗ୍ୟାରେଣ୍ଟି ସହିତ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରାଯାଉ ଏବଂ କେବଳ ସରକାରୀ ଋଣ ନୁହେଁ, ଚାଷୀଙ୍କ ହାତ ଉଧାରି କରଜ ଏବଂ ଘରୋଇ ଋଣକୁ ମଧ୍ୟ ଛାଡ଼ ହେଉ । ଏହାହେଲେ ଚାଷୀ ଋଣମୁକ୍ତ ହୋଇ ପାରିବ ବୋଲି ଯାଦବ କହିଥିଲେ ।

ସେହିପରି ଆସନ୍ତା ସାଧାରଣ ନିର୍ବାଚନ ଏଭଳି ଏକ ନିର୍ବାଚନ ହେଉ, ଯେଉଁଠି ଚାଷୀ ସମସ୍ୟା ଓ ବେରୋଜଗାରି ସମସ୍ୟା ହିଁ ମୁଖ୍ୟ ପ୍ରସଙ୍ଗ ହେଉ ବୋଲି ଯାଦବ ଆହ୍ୱାନ କରିଥିଲେ । ସେହିପରି ଧର୍ମ ଆଳରେ ନାଗରିକତ୍ୱରେ ତାରତମ୍ୟ ରଖାଯିବା ଦେଶ ପାଇଁ ଆଦୌ ଶୋଭନୀୟ ନୁହେଁ, ଏଭଳି ପ୍ରଭେଦ ରଖାଗଲେ ତାକୁ ଦେଶର ପରାଜୟ ବୋଲି ଅଭିହିତ କଲେ ମଧ୍ୟ କମ୍ ହେବ ନାହିଁ ବୋଲି ସେ କହିଥିଲେ । ଚାଷୀର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟବୃଦ୍ଧି କଥା ଉଠିଲେ, ଦେଶର ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ଯିବ ବୋଲି କହୁଛନ୍ତି, ମାତ୍ର ଯେତେବେଳେ ସପ୍ତମ ବେତନ କମିଶନ କଥା ଆସୁଛି, ସେଥିପ୍ରତି ସମସ୍ତେ କିଭଳି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଯାଦବ ପ୍ରଶ୍ନ କରିଥିଲେ ।

ଏଭଳି ପରିସ୍ଥିତିରେ ସମସ୍ତଙ୍କ ମନରେ ସକାରାତ୍ମକ ବିଚାରଧାରା ଆସିବା ଉଚିତ। ଆଗାମୀ ନିର୍ବାଚନରେ ଧର୍ମ ଆଧାରରେ ହିନ୍ଦୁ, ମୁସଲମାନ ପ୍ରସଙ୍ଗ ରଖିବା ପରିବର୍ତ୍ତେ ଚାଷୀ ଓ ବେରୋଜଗାରକୁ ପ୍ରସଙ୍ଗ ରଖିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହାହେଲେ ଦେଶର ବିକାଶ ହେବ ବୋଲି ଯାଦବ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱରାଜ ଇଣ୍ଡିଆର ସଂଯୋଜକ ଅଭିକ୍ ଶାହା, ବରିଷ୍ଠ ସଭ୍ୟ ସୋମନାଥ ତ୍ରିପାଠୀ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ତଥା ଚାଷୀନେତା ଲିଙ୍ଗରାଜ ଏବଂ ଜୟ କିଷାନ ଆନ୍ଦୋଳନର ଉପ୍ରନ୍ନ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



### ସୁରେନ୍ଦ୍ର ସାଏ ଜୟନ୍ତୀରେ କ୍ରିକେଟ ଟୁର୍ନାମେଣ୍ଟ

ଝାରବନ୍ଧ, ୨୪।୧ (ଡ଼ି.ଏନ.ଏ)– ବରଗଡ଼ ଜିଲା ଝାରବନ୍ଧ ବ୍ଲକ ସରଗୁଲ ଗାଁର ବୀରସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସରଗୁଲ ଦଳ ବିଜେତା ଓ ଅନୁଗୋଳ ଦଳ ଉପବିଜେତା ହୋଇଥିଲା । ଜୟନ୍ତୀ ଅବସରରେ ପୁରସ୍କାର ବିତରଣରେ ଏମ୍‌ପି ପ୍ରତିନିଧି ହୃଷୀକେଶ ବରିହା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଇଁଠା ପ୍ରଧାନ, ମୁଖ୍ୟବକ୍ତା ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲାଲେଶ୍ୱରୀ ପଟେଲ ଓ ରଞ୍ଜିତ ପ୍ରଧାନ ହାସ୍ୟ କବିତା ପାଠ କରିଥିଲେ । ପ୍ରକାଶ ବାଗ ମଞ୍ଚ ପରିଚାଳନା ଓ କ୍ଲବ ସମ୍ପାଦକ ସାଇଁଧର ପାଣ୍ଡେ ବିବରଣୀ ପାଠ କରିଥିବା ବେଳେ ବ୍ଲକ ସଭାପତି ଟିକେଶ୍ୱର ଦଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବ୍ଲକର ବରିଷ୍ଠ ସଭ୍ୟ ମୁକ୍ତେଶ୍ୱର ବରିହା ସହଯୋଗ କରିଥିଲେ ।

## କାଦୋବାହାଲ କଲେଜ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କାଦୋବାହାଲ କଲେଜର ବାର୍ଷିକ କ୍ରୀଡ଼ା ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

ଅତାବିରା,୨୪।୧(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କାଦୋବାହାଲ ପଞ୍ଚାୟତ ହାଇସ୍କୁଲର ୨୭ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ ଏହାର ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟବକ୍ତା ଲରମ୍ଭା କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ ପବିତ୍ର ମାହାଣା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ରୀତା ସାହୁ, ଜିଲା ପରିଷଦ ସଭ୍ୟା ମୀରା ବଘାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ପୂଜାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମହିଳା ବିଭାଗରେ ଯୁଗ୍ମ ଭାବେ ଦମୟନ୍ତୀ ଜଗତ, ବୀଣାପାଣି ବିଶି ଓ ପୁରୁଷ ବିଭାଗରେ ବାଳଗୋପାଳ ମେହେର ଓ ଏମ୍. ପ୍ରବୀଣ କୁମାର ଚାମ୍ପିୟନ ହୋଇଥିଲେ। ଶିବ ଶଙ୍କର ପାଢ଼ୀ, ଭୁବନେଶ୍ୱର ମହାକୁର, ରାକେଶ ଭୋଇ ଖେଳ ପରିଚାଳନା କରିଥିଲେ । କାଦୋବାହାଲ କଲେଜ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଚମ୍ପେଶ୍ୱରୀ ସ୍ପୋର୍ଟ ଆସୋସିଏଶନ୍ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅରବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ବରଗଡ଼ ଅଫିସ୍,୨୪।୧

ବରଗଡ଼ ସହରର ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ଚରଣ ଦାଶଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ସମୀର ପ୍ରଧାନ ସଭାପତି, ସୁଦେଶ କୁମାର ମଙ୍ଗୁଆଳ ଉପସଭାପତି, ପ୍ରଶାନ୍ତ ମହାପାତ୍ର ସମ୍ପାଦକ, ଆଲୋକ ପ୍ରଧାନ ସହସମ୍ପାଦକ, ସୁନୀଲ ମହାପାତ୍ର କୋଷାଧ୍ୟକ୍ଷ, ରାମୁ ଦେଓସରିଆ ପୂଜା ସମ୍ପାଦକ, ସମୀର ବାରିକ ସାଂସ୍କୃତିକ ସମ୍ପାଦକ, ଶନୀପଲ ନାୟକ କ୍ରୀଡ଼ା ସମ୍ପାଦକଭାବେ ମନୋନୀତ ହୋଇଥିଲେ । ବୈଠକର ସଭାପତି ଦାଶ ଅଭିଭାଷଣ ରଖିବା ପରେ ସମ୍ପାଦକ ମହାପାତ୍ର ଗତ ୨ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ସଂଘର ସମସ୍ତ ବ୍ୟୟ ଖର୍ଚ୍ଚ ଚେକ୍ ଆକାରରେ ପ୍ରଦାନ କରାଯାଇ ଥିବାଯୋଗୁ ସଂଘର ସମସ୍ତ ସଭ୍ୟ ସେଥିରେ ସନ୍ତୋଷ ବ୍ୟକ୍ତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାଶ, ଶିଶିର ପ୍ରଧାନ, ପ୍ରଦୀପ ମହାପାତ୍ର, ଗଣେଶରାମ ଦ୍ୱାରୀ, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନେତାଜୀ କ୍ଲବର ୪୦ତମ ବାର୍ଷିକ ଉତ୍ସବ

ଅତାବିରା,୨୪।୧(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ପୋଡବାଡି ନେତାଜୀ କ୍ଲବ ପରିସରରେ ୪୦ତମ ବାର୍ଷିକ ଉତ୍ସବ ଅବସରରେ ବୀରସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ରବୋଷଙ୍କ ଜୟନ୍ତୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଭାପତି ଜୀବର୍ଦ୍ଧନ କ୍ଷେତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟବକ୍ତା ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟ ଅଧ୍ୟାପକ ଶେଷନ କୁମାର ବିଶି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଲରମ୍ଭା ହାଇସ୍କୁଲ ଶିକ୍ଷୟିତ୍ରୀ ରାଧା ମହାକୁର, ଅବସରପ୍ରାପ୍ତ କଲେଜ ଅଧ୍ୟାପକ ପ୍ରଫେସର ନେପାଳ ପ୍ରଧାନ, ଜିଲାପରିଷଦ ସଭ୍ୟା ମୀରା ବଘାର ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ଅଧ୍ୟାପକ କେଶବ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ସମ୍ପାଦକ ରାମଚନ୍ଦ୍ର ମିଶ୍ର ପାଠ କରିଥିଲେ। ମୁଖ୍ୟଅତିଥି ଛୁରିଆ ନାରୀ ସଶକ୍ତୀକରଣ ମିଶନ ଶକ୍ତି ଉପରେ ଉଦ୍‌ବୋଧନ ଦେବା ସହିତ ଯୁବ ଗୋଷ୍ଠୀମାନଙ୍କ ପାଇଁ ଏକ ଖେଳ ପଡ଼ିଆ ସହ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କ୍ଲବର ଲୋକନାଥ କ୍ଷେତି, ରବୀନ୍ଦ୍ର କ୍ଷେତୀ, ମାନସ ନାୟକ, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ କ୍ଷେତୀ, ଖଗେଶ୍ୱର ଖମାରୀ, ନବୀନ ବେହେରା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଗ୍ରାମର ଶତାଧିକ ମହିଳା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ମାନସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତାବିରା ବ୍ଲକ ପୋଡବାଡି ନେତାଜୀ କ୍ଲବର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସ୍ଥାନୀୟ ନିଯୁକ୍ତି ଦାବି କଲେ ଜିଲା ପରିଷଦ ଅଧ୍ୟକ୍ଷା

ବରଗଡ଼ ଅଫିସ୍,୨୪।୧

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରିବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏନେଇ ଆବେଦନ ପ୍ରକ୍ରିୟା ମଧ ଶେଷ ହୋଇଯାଇଛି। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବା ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଦାବି କରିଛନ୍ତି। ଗୁରୁବାର ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ନନ୍ଦିକିଶୋର ପାଢ଼ୀଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲା ପରିଷଦ ଅଧ୍ୟକ୍ଷା ସାହୁ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଏହି ପଦବୀ ପାଇଁ ଜିଲାର ବହୁ ଶିକ୍ଷିତ ଯୁବତୀ ଯୁବକ ଆବେଦନ କରିଛନ୍ତି । ଅନ୍ୟ ଜିଲା ଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି । ଫଳରେ ବରଗଡ଼ ଜିଲାରେ ମଧ ସେଥିପ୍ରତି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ସେହି ପଦବୀଗୁଡ଼ିକରେ ବରଗଡ଼ ଜିଲାରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ପାଇଁ ୫୦ପ୍ରତିଶତ ଆରକ୍ଷଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲାର ଯୁବତୀ ଯୁବକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ ଚେତାଇ ଦେଇଛନ୍ତି ।



ସିଡ଼ିଏମଓଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

## ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ଅତାବିରା,୨୪।୧(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କାଦୋବାହାଲ କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ ଅରବିନ୍ଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଲିମ ଶିବିର ଛାତ୍ରୀମାନଙ୍କ ସୁରକ୍ଷା କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିବ ବୋଲି କହିଥିଲେ । ତାଲିମଦାତା ଭାବେ ପାୟଲ ଶର୍ମା, ମୁକ୍ତେଶ୍ୱରୀ ସୁନ୍ଦରିଆ, ରକି ବରିହା ଯୋଗଦେଇ ୧୬୦ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ । ସଂଯୋଜିକା ଦୀପ୍ତିମୟୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କହିଥିଲେ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପ୍ରସ୍ତୁତି ବୈଠକ

ପଦ୍ମପୁର,୨୪।୧(ଡି.ଏନ.ଏ)

ବରଗଡ଼ ଜିଲା ସର୍ଗିବାହାଲ ପଞ୍ଚାୟତ ତୋଲବନ୍ଧ ଗ୍ରାମରେ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାର୍ଚ୍ଚ ଶେଷ ସପ୍ତାହରେ ୨ଦିନ ଧରି ଏହି ମହୋତ୍ସବ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନାଟକ ଦଳ ଆସି ନାଟ୍ୟ ମଞ୍ଚସ୍ଥ କରିବେ । ସମାଜକୁ ବାର୍ତ୍ତା ପ୍ରେରଣ କରୁଥିବା ନାଟକଗୁଡିକ ମହୋତ୍ସବରେ ମଞ୍ଚସ୍ଥ କରାଯିବ। ଏପରି କି ଜନସାଧାରଣଙ୍କ ପ୍ରତି କଳା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପୁସ୍ତକ ଓ ପୋଷ୍ଟର ପ୍ରଦର୍ଶନୀ କରାଯିବ। ସେହିପରି ମହୋତ୍ସବରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ପରିପ୍ରେକ୍ଷୀରେ ଏକ ସ୍ମରଣିକା ଉନ୍ମୋଚନ କରାଯିବ । ଏଣୁ ଇଚ୍ଛୁକ କବି, ଲେଖିକା, ଲେଖକମାନେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସଚେତନ ହେମା, ବରଗଡ଼କୁ ଡାକଯୋଗେ ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଲେଖା ପଠାଇବାକୁ ବୈଠକରେ ଆହ୍ୱାନ କରାଯାଇଛି । ଏଥିରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରାଜେଶ ବହିଦାର, ଉପଦେଷ୍ଟା ଟିକେଲାଲ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଲାଲସାହେବ ସାହୁ, କୋଷାଧ୍ୟକ୍ଷ ରାଜକୁମାର ସାହୁ, ସଂଯୋଜକ କୁଳମଣି ପଶାୟତ, ସଞ୍ଜୀବ ମେହେର, ଶ୍ରୀଶାନ୍ତ ପାଣିଗ୍ରାହୀ, ବୃନ୍ଦାବନ କୁମ୍ଭାର, ଗୌତମ ସାହୁ, ଡୋଳାମଣି ରଣା, ଅର୍ନ୍ତଯ୍ୟାମୀ, ଅନୁବ୍ରତ ସାହୁ, ରୂପେଶ କୁମାର ପରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

## ଛାତ୍ରୀଛାତ୍ରମାନେ ସମୟର ସଦୁପଯୋଗ କରନ୍ତୁ

ପାଇକମାଲ,୨୪।୧(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଲସ୍ଥିତ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ପ୍ରଦୀପ ପୁରୋହିତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷା ଡା. କମଳପ୍ରଭା କାପାନୀ, ସମ୍ମାନିତ ଅତିଥି ଯୁକ୍ତ ୩ ଅଧ୍ୟକ୍ଷ ଲୋହିତ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସଭା ଆରମ୍ଭରେ ଯୁକ୍ତ ୨ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନେ ସମୟର ସଦୁପଯୋଗ କରିବା ସହ ଆତ୍ମବିଶ୍ୱାସ ସହ ପାଠପଢି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ମତବ୍ୟକ୍ତ କରିଥିଲେ । ସାଗରିକା ସାହୁ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ମାନପତ୍ର ବିଧାୟକ ପୁରୋହିତଙ୍କୁ ପ୍ରଦାନ କରିଥିଲେ । ସେହିପରି ନିରୁପମା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଚାମ୍ପିୟନ ବିବେଚିତ ହୋଇଥିବା ଦେବରାଜ ବରିହା, ଦିପେଶ ଭୋଇ, ଭାରତୀ ପଟେଲ, ମନୀଷା ତ୍ରିପାଠୀ, ଆଶିଷ କୁମାର ପାତ୍ର, ନମ୍ରତା ବାଗଙ୍କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରିଥିଲେ। ସୋନୁ ଅଗ୍ରୱାଲ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ରଞ୍ଜିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସଭାପତି ଶ୍ୟାମଲାଲ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କାରିବା ସହ କଲେଜର ଉନ୍ନତିମୂଳକ କାମ ଉପରେ ଆଲୋକପାତ କରିଥିଲେ। ଶେଷରେ ସୁନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକେ ଏହାକୁ ମନଭରି ଉପଭୋଗ କରିଥିଲେ।




ଗୁରୁବାର ବିନ୍ଧ୍ୟବାସିନୀ କଲେଜ ବାର୍ଷିକ ଉତ୍ସବରେ ଅତିଥିଙ୍କ ଦ୍ୱାରା ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।



ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି।
- ଚାର୍ଲସ ବକ୍



## ସଂକ୍ଷେପରେ

### ଲାଲମନି ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ: ୨୫ରେ ଉଦ୍‌ଘାଟନ

**ସୋନପୁର,୨୪।୧(ନି.ପ୍ର.):** ଓଡିଶାର ଏକ ଲୋକପ୍ରିୟ ତଥା ସମ୍ମାନଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଭାବରେ ଖ୍ୟାତି ଅର୍ଜନ କରିଥିବା ଲାଲମନି ସ୍ମାରକୀର ଚଳିତ ୩୩ତମ ସଂସ୍କରଣରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ରାଜ୍ୟର ୪ଟି ଓ ରାଜ୍ୟ ବାହାରର ୬ଟି ଦଳ। ଆସନ୍ତା ୨୫ରୁ ଫେବୃୟାରୀ ୩ତାରିଖ ପର୍ଯ୍ୟନ୍ତ ସୋନପୁର ଗାନ୍ଧୀ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ୨୬ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ ଏକାଦଶ ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ। ୨୭ରେ ଏଫସିଏ ବିଳାସପୁର ଓ ୨୬ ତାରିଖର ବିଜେତା, ୨୮ରେ ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ଓ ସ୍କୁଲ ଅଫ କ୍ରିକେଟ୍ ଜାମସେଦପୁର ଓ ୨୯ରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୩୦ରେ କରିମ୍ ସ୍ପୋର୍ଟ୍ସ ନାଗପୁର ଓ ହଲଦ୍ୱାନୀ କ୍ରିକେଟ୍ସ ଉତ୍ତରାଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୩୧ରେ ସେରସା ରେଲୱେ ଆଦ୍ରା(ପଶ୍ଚିମବଙ୍ଗ) ଓ ୩୦ତାରିଖର ବିଜେତା ମଧ୍ୟରେ ମ୍ୟାଚ୍ ହେବ । ଫେବୃୟାରୀ ୧ରେ ସେରସା ରାଞ୍ଚି ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର । ୨ରେ ଦ୍ୱିତୀୟ ସେମି ଫାଇନାଲ ଓ ୩ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ମ୍ୟାଚ୍‌ଗୁଡିକ ଟି-୨୦, ଟି-୧୦ ଓ ସୁପର ୨ଓଭର ପଦ୍ଧତିରେ ଖେଳାଯିବ। ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଲିପ୍‌ସା, ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ପ୍ରଜ୍ଞାନ ଓଝା, ସୌରଭ ତିୱାରୀ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ କିଶୋର କୁମାର ମହାନ୍ତି, ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଲିପି ଓ ବିଦୁସ୍ମିତା ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗଦାନ କରିବେ। ଟୁର୍ନାମେଣ୍ଟର ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଆୟୋଜକ ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସଭାପତି ପଠାଣ କୁମାର ପଣ୍ଡା ଓ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀ ଜଣାଇଛନ୍ତି।

### ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ତରଭା, ୨୪।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଗର୍ଜା ଗ୍ରାରେ ଜାତୀୟ କନ୍ୟା ସନ୍ତାନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଏ.ଇ.ଏସ କଲେଜ ଅଧାପିକା ସୁଶ୍ରୀ ମିନତୀ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଆଇସିଡିଏସ ସୁପରଭାଇଜର ରୀନା ପଣ୍ଡା ଯୋଗ ଦେଇଥିଲେ । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ଚାନ୍ଦିନୀ ମେହେର ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ମୋ ଝିଅ ମୋ ଶକ୍ତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କନ୍ୟାଟି କିପରି ଅନେକ ସମସ୍ୟା ମଧରେ ଆଗକୁ ବଢିବାକୁ ସଂଗ୍ରାମ ଜାରି ରଖିଛି ତାହାଉପରେ ଅତିଥିମାନେବକ୍ତବ୍ୟ ରଖିଥିଲେ। ସୁଶ୍ରୀ ମିଶ୍ର କନ୍ୟା ସନ୍ତାନ ପ୍ରତି ଲୋକଙ୍କ ଚିନ୍ତାଧାରା ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ। ବ୍ଲକ ଡାଟା ମ୍ୟାନେଜର ସଙ୍ଗୀତା ମେହେର, ଅରବିନ୍ଦ ସାହୁ, ଅମିତ ସା, ପବିତ୍ର ବିଶ୍ୱାଳଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

ସୁବର୍ଣ୍ଣପୁର ଜିଲା ପରିଷଦର ପଞ୍ଚମ ବୈଠକ

# ତ୍ୱରିତ ପିଏମ୍‌ଏୱାଇ ଗୃହ ନିର୍ମାଣ ଉପରେ ଗୁରୁତ୍ୱ

**ସୋନପୁର,୨୪।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପରିଷଦର ପଞ୍ଚମ ସାଧାରଣ ବୈଠକ ଡିଆରଡିଏ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଉଷା କୁମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କୃଷି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଲାକୁ ଅଧିକ ସମୃଦ୍ଧ କରିବା ନିମନ୍ତେ ପରିଷଦର ଅଧକ୍ଷା ଉଷା କୁମାରୀ ବିଭାଗୀୟ ଅଧିକାରୀ ତଥା ଲୋକ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)ରେ ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସରପଞ୍ଚ ଓ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଦାବି କରିଥିଲେ। ସେହିପରି ପିଏମଏୱାଇ ଯୋଜନାରେ କାର୍ଯ୍ୟ ସରିଥିଲେ ମଧ୍ୟ ହିତାଧିକାରୀଙ୍କୁ ଅର୍ଥ ମିଳୁନି। ପ୍ରୋତ୍ସାହନ ରାଶି ମିଳିବାରେ ମଧ୍ୟ ବିଳମ୍ବ ହେଉଛି । ବ୍ଲକ ପ୍ରଶାସନର





ବୈଠକରେ ଉପସ୍ଥିତ ଜିଲା ପରିଷଦ ଅଧକ୍ଷା, ଉପାଧ୍ୟକ୍ଷ, ପିଡି ଡିଆରଡିଏ ଓ ପ୍ରଶାସନିକ ଅଧିକାରୀ ।

ଅବହେଳା କାରଣରୁ ହିତାଧିକାରୀଙ୍କୁ ବହୁ ହୀନସ୍ତା ହେବାକୁ ପଡୁଛି ବୋଲି ସଭ୍ୟ ସୁଶାନ୍ତ ପଣ୍ଡା ଅଭିଯୋଗ କରିଥିଲେ। ଏମଜିଏନଆରଇଜିଏସରେ ଡୁଙ୍ଗୁରିପାଲି ବ୍ଲକ ସୋହେଲାରେ ଦୁର୍ନୀତି ଅଭିଯୋଗ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପରିଷଦ ଉପାଧ୍ୟକ୍ଷା ରୁଦ୍ର ମହଲା ଦାବି କରିଥିଲେ। ବିଜୁ ପକ୍କା ଘର ଯୋଜନାରେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରହୁନି। ନିର୍ବାଚନମଣ୍ଡଳୀ ସକାଶେ ବାର୍ଷିକ ୨୦୦ଘର ଆସିଥିବା ବେଳେ କେବଳ ରାମପୁର ପଞ୍ଚାୟତରେ ୫୨ଜଣଙ୍କୁ ଘର ମିଳିଛି। ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତର ଜଣେ ବି ଗରିବଙ୍କୁ ଏହି ଯୋଜନାରେ ଘର ମିଳିନି। ଅନ୍ୟ ପଞ୍ଚାୟତରେ ଜଣେ ଦି ଜଣଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ମିଳିଥିବା ଉପାଧ୍ୟକ୍ଷ ମହଲା ଅଭିଯୋଗ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ହୀରାକୁଦ କମାଣ୍ଡ ଏରିଆରେ ଥିବା ଇଚ୍ଛାପୁର, କର୍ଲାଜୁରୀ, ଶୁଖା, ସୁନାପାଲି, ଦିଗଶିରା ଓ ଚେରୁପାଲି ପଞ୍ଚାୟତର ଚାଷୀ ଜଳକର ଦେଉଛନ୍ତି । କିନ୍ତୁ ଜମିକୁ କେନାଲ ପାଣି ମାଡୁନି। ଏଥିପ୍ରତି ରାମପୁର କେନାଲ ବିଭାଗର ଦୃଷ୍ଟି ନଥିବା ଅଭିଯୋଗ ହୋଇଥିଲା। ଅଙ୍ଗନଦୀ କୂଳରେ ଥିବା ଏହି ଅଞ୍ଚଳର ଶତାଧିକ ଚାଷୀ ଗଭୀର ନଳକୂପ ଖନନ ପାଇଁ ଅଢେଇ ବର୍ଷ ପୂର୍ବରୁ ୨୦ହଜାର ଟଙ୍କା ଲେଖାଏ ଜମା କରିଛନ୍ତି। ମାତ୍ର ଉଠା ଜଳସେଚନ ବିଭାଗ ପକ୍ଷରୁ ଏଯାଏଁ କାମ ଆରମ୍ଭ ହେଉନି । ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଜିଲା ପରିଷଦ ଓ ଡିଆରଡିଏ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲି ମହାକୁର, ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବିଶି, ରୋହିଣୀ ଡାଙ୍ଗ ଓ ପୂର୍ଣମା ବାରିକ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ଜଳସେଚନ, କ୍ଷୁଦ୍ର ଜଳସେଚନ, ଜାତୀୟ ଉଦ୍ୟାନ ମିଶନ, ପ୍ରଧାନ ମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଷ୍ଟ୍ରିୟ କୃଷି ବିକାଶ ଯୋଜନା ଓ ଶ୍ରମ ବିଭାଗର ବିଭିନ୍ନ ଯୋଜନା କାଯର୍ୟ୍ୟକାରିତା ବିଷୟରେ ଆଲୋଚନା ହୋଇଥିଲା। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବଲାଙ୍ଗୀର ଏମ୍‌ପି, ଜିଲାର ଦୁଇ ବିଧାୟକ ଓ ୫ ବ୍ଲକ ଅଧକ୍ଷ ଅନୁପସ୍ଥିତ ଥିଲେ। ଏମ୍‌ପି ଓ ବିଧାୟକ ନିଜର ପ୍ରତିନିଧିଙ୍କୁ ମଧ ପଠାଇ ନଥିଲେ। ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ସିଡିଏମଓ ଡାକ୍ତର ଶୋଭାଚନ୍ଦ୍ର ମେହେର, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲ୍ଲିପ କୁମାର ପାତ୍ର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଭାଗିରଥି ମହାନ୍ତ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ, ୱେସ୍କୋର ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ସ୍ୱାଇଁ, ଡିଇଓ ପୁଷ୍ପା ମିଞ୍ଜ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ଦାଶ, ଡିପିସି ବେଣୁଧର ବେହେରା, ଏଲଡିଏମ ସରୋଜ ଦାଶ, ଡିପିଏମ ମୌସୁମୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ବୈଠକରେ ଉପସ୍ଥିତ ଥିଲେ ।

**ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା**

- ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଏମ୍‌ପି, ବିଧାୟକ, ୫ ପଞ୍ଚାୟତ ସମିତି ଅଧକ୍ଷ ଅନୁପସ୍ଥିତ

### ଶୁକଦେବ ସ୍ମାରକୀ କ୍ରିକେଟ: ଖାଲସା କ୍ଲବ ସେମିରେ

**ରେଢ଼ାଖୋଲ/ଅମରପାଲି, ୨୪।୧(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ରେଙ୍ଗାଲିଠାରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପୁଲ (ବି)ର ପ୍ରଥମ ମ୍ୟାଚରେ ଆତଙ୍କ କ୍ରିକେଟ କ୍ଲବ ରେଢ଼ାଖୋଲକୁ ହରାଇ ଖାଲସା କ୍ଲବ ସମ୍ବଲପୁର ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚ ୧୫-୧୫ ଓଭର ଓ ୬-୬ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା। ରେଢ଼ାଖୋଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୧୫ରନ କରିଥିଲା। ଯବାବରେ ସମ୍ବଲପୁର ଆବଶ୍ୟକ ୧୧୬ ରନକୁ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା । ଦଳର ସଞ୍ଜିବ ନାଏକ ୩୩ ଓ ଜିତୁ ୩୨ ରନ କରିଥିଲେ। ଦ୍ୱିତୀୟ ଫର୍ମାଟ ମ୍ୟାଚରେ ରେଢ଼ାଖୋଲ ଦଳ ୬ ଓଭରରେ ୬୭ ରନ କରିଥିଲା। ଯବାବରେ ସମ୍ବଲପୁର ଆବଶ୍ୟକ ୬୮ ରନକୁ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା । ଦଳର ଜିତୁ ୫୪ ରନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଗୋପବନ୍ଧୁ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ସମ୍ବଲପୁରର ଜିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରିଥିଲେ। ଖେଳଟିକୁ ରତନ ସେଠୀ ଓ ପ୍ରଭୁଦତ୍ତ ସେଠୀ ପରିଚାଳନା କରିଥିବା ବେଳେ ବୁବୁନ ଜେନା ସ୍କୋରିଂ ଏବଂ ସୁଜିତ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର ମ୍ୟାଚ ରେଙ୍ଗାଲି ଓ ବଲାଙ୍ଗୀର ମଧରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

ଘରୋଇ ହିଂସା ପ୍ରତିରୋଧ କର୍ମଶାଳାରେ ବକ୍ତାଙ୍କ ମତ

## ପ୍ରତିରୋଧ ପାଇଁ ନୀରବତା ଭାଙ୍ଗିବାକୁ ପଡ଼ିବ

**ସୋନପୁର,୨୪।୧(ନି.ପ୍ର.)**

ରାଜ୍ୟ ମହିଳା କମିଶନ ସହାୟତାରେ ଉପାସନା ଏଜୁକେଶନ ଟ୍ରଷ୍ଟ ତରଫରୁ ଘରୋଇ ହିଂସା ପ୍ରତିରୋଧ ପାଇଁ ଏକ ଜିଲାସ୍ତରୀୟ ସଚେତନତା କର୍ମଶାଳା ଗୁରୁବାର ସୋନପୁର ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ଲୋକ ପ୍ରତିନିଧି, ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ମହିଳାମାନଙ୍କ ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ନେତ୍ରୀ ତମସି ତାମସ୍ୱୀତା ନାଏକ ଯୋଗଦେଇ ମହିଳାମାନଙ୍କ ପାଇଁ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ତିଲୋତ୍ତମା ନାଏକ ଓ କୁସୁମ ରଥ ତଥା ମହିଳା କମିଶନର କମିଶନର କନସଲଟାଣ୍ଟ ମମତା ଦାଶ ଘରୋଇ ହିଂସା, ସାମାଜିକ ପ୍ରଭାବ, ଲିଙ୍ଗଗତ ବୈଷମ୍ୟତା ତଥା ନିର୍ଯାତନା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ସାମାଜିକକର୍ମୀ ଗୌରିଶ୍ୟାମ ପଣ୍ଡା ଯୋଗଦେଇ ଘରୋଇ ହିଂସାର ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଉପାସନା ତରଫରୁ ସ୍ୱାତୀ ତନ୍ମୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିବେଦିତା ମଲ୍ଲିକ, ଯସ୍ମିନ ଦଳେଇ, ଶୁଭାଶିଷ ପଧାନ ଓ ଦଧି ବାମନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ରାଜ୍ୟ ମହିଳା କମିଶନ ସହାୟତାରେ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ତରଭାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ତରଭା, ୨୪।୧(ଡି.ଏନ.ଏ.)**

ତରଭା ହାଇସ୍କୁଲ ଖେଳପଡିଆରେ ଇଣ୍ଡେନ ଗ୍ୟାସ ଗ୍ରାମୀଣ ବିତରକର ସ୍ୱତାଧିକାରୀ ରଘୁନାଥ ସରାଫଙ୍କ ଅଧକ୍ଷତାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ମହାପାତ୍ର ଯୋଗ ଦେଇଥିଲେ। ଜିଲା ଉପସଭାପତି ରାମନାରାୟଣ ବେଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ବେଦବାକ, ରାଜକିଶୋର ମେଣ୍ଡଲୀ ଓ ସୁରେଶ ମହଲା, ଜିଲା କାର୍ଯ୍ୟକାରୀ ସଭ୍ୟ ଅଶୋକ ପୂଝାରୀ, ଏସଏଜଜି ସଂଘ ସଭାପତି ପୁଷ୍ପାଞ୍ଜଳି ମେହେର, ବିପିସିଏଲ ସମ୍ବଲପୁର ଟେରିଟୋରୀ ମ୍ୟାନେଜର ମନୋଜ କୁମାର, ବିଶ୍ୱରଞ୍ଜନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିପିସିଏଲ ସୋନପୁର ସହକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ମାନେକା ସଞ୍ଜୟ ଗାନ୍ଧୀ ଓ ପ୍ରାକୃତିକ ଗ୍ୟାସ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଧା ପ୍ରସାରଣ ମାଧମରେ ଏହି ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ କରିଥିଲେ ।

ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

## ନାରୀ ସଚେତନ ହେଲେ ଦିବ୍ୟ ବାତାବରଣ ସୃଷ୍ଟିହେବ

**ସୋନପୁର,୨୪।୧(ନି.ପ୍ର.)**

ନାରୀମାନେ ପରିବାରର କେନ୍ଦ୍ରବିନ୍ଦୁ। ନୂତନ ସମାଜ ଓ ନୂତନ ଜାତି ପ୍ରତିଷ୍ଠା ପାଇଁ ନାରୀ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରେ। ତେଣୁ ମହିଳାମାନେ ଅଧିକ ସଚେତନ ହେଲେ, ନିଜକୁ ଗଢିତୋଳିଲେ ପରିବାରରେ ଏକ ଦିବ୍ୟ ବାତାବରଣ ସୃଷ୍ଟି ହେବ । ସୋନପୁର ଶ୍ରୀ ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ୪୦ତମ ରାଜ୍ୟସ୍ତରୀୟ ମହିଳା ପାଠଚକ୍ର ସମ୍ମିଳନୀ ୨୦୧୯ର ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷମାନଙ୍କ ମଧ୍ୟରୁ ନାରୀହିଁ ପ୍ରଥମେ ବୃହତ, ସମୁହତ ପରିବର୍ତ୍ତନକୁ ଉପଲବ୍ଧ କରିଥାଏ। ନାରୀ ହିଁ ନୂତନ ସୃଷ୍ଟିକୁ ଭୂମିଷ୍ଟ କରିବାରେ ସାହାଯ୍ୟ କରେ। ତେଣୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ଏକ ଆଧାତ୍ମିକ ସମାଜ ଗଠନ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପଣ୍ଡିଚେରୀସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡାକ୍ତର ଆଲୋକ ପାଣ୍ଡେ ମୁଖ୍ୟବକ୍ତାଭାବେ ଯୋଗଦେଇ ଭଗବାନଙ୍କୁ ନେଇ ଅନ୍ତର ଭିତରେ ବାସ କରିବା ଉପରେ ଆଲୋଚନା କରିଥିଲେ। ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ ଓ ଦିବ୍ୟ ପ୍ରେମର ଅମୃତ ଧାରା ସହ ଦିବ୍ୟ ଜୀବନ ପ୍ରତିଷ୍ଠା ଉପରେ ଡାକ୍ତର ପାଣ୍ଡେ ଗୁରୁତ୍ୱ ଦେଇଥିଲେ। ପ୍ରସାଦ ତ୍ରିପାଠୀ, ମନସ୍ୱିନୀ ରାୟ, ସସ୍ମିତା ଶତପଥୀ ଓ ଡ. ଶ୍ୟାମା କାନୁନଗୋ ପ୍ରମୁଖ ଶ୍ରୀଅରବିନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ । ଡ. ବିଜୟନୀ ମହାପାତ୍ର ଅଧକ୍ଷତା କରିଥିଲା ବେଳେ ଅଧାପିକା କିରଣବାଳା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆସନ୍ତା ଶନିବାର ଏହି ପାଠଚକ୍ର ଉଦ୍‌ଯାପିତ ହେବ।





ମହିଳା ପାଠଚକ୍ର ସମ୍ମିଳନୀରେ ଅତିଥି ଓ ସାଧକ ବୃନ୍ଦ ।

## ୱେସ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା

**ସୋନପୁର,୨୪।୧(ନି.ପ୍ର.)**

ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଗୁରୁବାର ଆନ୍ଦୋଳନ କରାଯାଇଛି। ସଂଘ ପକ୍ଷରୁ ସ୍ଥାନୀୟ ୱେସ୍‌କୋ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ, ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ଠିକା କର୍ମଚାରୀଙ୍କୁ ରେଗୁଲାର କରିବା, ଖାଲି ପଡିଥିବା ପଦବୀ ପୂରଣ, ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କୁ ଅନ୍ତର କରିବା, କାର୍ଯ୍ୟରତ କର୍ମଚାରୀଙ୍କୁ ସୁରକ୍ଷା ସାମଗ୍ରୀ ପ୍ରଦାନ ସହିତ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସଂଗଠନ ସମ୍ପାଦକ ଅରବିନ୍ଦ ଛତ୍ରିଆ, ଦୀପକ କର୍ଣ୍ଣ, କୃଷ୍ଣଚନ୍ଦ୍ର ପାତ୍ର, କ୍ଷମାନିଧି ବନଛୋର ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ପୁସ୍ତକ ଓ ସାହିତ୍ୟ ଉତ୍ସବ ଇଙ୍କ୍‌ଫେଷ୍ଟ ଉଦ୍‌ଯାପିତ

## ପଠନ ଅଭ୍ୟାସ ମଣିଷକୁ ସକାରାତ୍ମକ କରେ

**ସୋନପୁର,୨୪।୧(ନି.ପ୍ର.)**

**ସୋନପୁର** ଗାନ୍ଧୀ ପଡିଆଠାରେ ଗତ ୧୭ତାରିଖରୁ ଆରମ୍ଭ ହୋଇଥିବା ତୃତୀୟ ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ଉତ୍ସବ ଇଙ୍କ୍‌ଫେଷ୍ଟ ସୁବର୍ଣ୍ଣପୁର-୧୯ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଏସ୍‌ପି ଦେବୀ ପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍‌ପି ଦାଶ ତାଙ୍କ ବକ୍ତବ୍ୟରେ ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ଗୁରୁତ୍ୱ ରହିଛି। ତେଣୁ ପୁସ୍ତକକୁ ଭଲ ପାଇବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ପୁସ୍ତକ ପଠନ ମଣିଷକୁ ସକାରାତ୍ମକ କରେ, ବୌଦ୍ଧିକ ଜ୍ଞାନର ବିକାଶ ଘଟେ। ସମ୍ମାନିତ ଅତିଥିଭାବେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଯୋଗଦାନ କରି ଅଭିଭାବକମାନେ ପିଲାଙ୍କର ପୁସ୍ତକ ପଢିବାର ଆଗ୍ରହ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। କାରଣ ପୁସ୍ତକ ସହିତ ଘନିଷ୍ଠତା ବଢାଇଲେ ଚରିତ୍ର ଗଠନ ସହିତ ପିଲା ସଂସ୍କାରିତ ହୋଇଥାଏ। ଏହି ଅବସରରେ ପିଡି ଦାଶ କବି ଓ ଦାର୍ଶନିକମାନଙ୍କର ଉଦାହରଣ ଦେଇଥିଲେ। ଗାଳ୍ପିକ ଡ. ଜ୍ୟୋତି ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସାହିତ୍ୟ ଆମ ଦେଶ ଓ ଜାତିର ପରିଚୟ ସଦୃଶ। ପୁସ୍ତକ ପଢାରେ ଯେଉଁ ଆନନ୍ଦ ମିଳେ ଫେସବୁକ୍ ପଢାରେ ସେ ଆନନ୍ଦ ନାହିଁ ବୋଲି ମତ ଦେଇଥିଲେ। ଡ. ନନ୍ଦ ସାହିତ୍ୟ, ସ୍ରଷ୍ଟା ଓ ପାଠକର ସ୍ୱରୂପ ନିର୍ଦ୍ଧାରଣ କରି ସ୍ରଷ୍ଟା ଓ ପାଠକର ସମ୍ପର୍କକୁ ଗୁରୁତ୍ୱ ଦେବାକୁ କହିଥିଲେ। ଇଙ୍କ୍‌ଫେଷ୍ଟର ଉପସଭାପତି ଗତିକୃଷ୍ଣ ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ଶ୍ରୀଧର ବାଗ ଧନ୍ୟବାଦ ପ୍ରଦାନ କରିଥିଲେ। ସଭାପତି ସ୍ୱାଧୀନ ମେହେର, ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ, ଗୌରିଶ୍ୟାମ ପଣ୍ଡା, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ଦେବାଶିଷ ପାଣ୍ଡିଆ, ପ୍ରଦ୍ୟୁମ୍ନ ସାହୁ, ପୁରୁଷୋତ୍ତମ ମିଶ୍ର, ସୌରଭ ଖମାରୀ, ଆର୍ତ୍ତତ୍ରାଣ ବାବୁ, ଆର୍ତ୍ତତ୍ରାଣ ବାବୁ, ଶ୍ୟାମାଓଁ ପ୍ରସାଦ ମିଶ୍ର, ଗୋବିନ୍ଦ ମହାରଣା, କ୍ଷିରୋଦ ବିହାରି ବିଶ୍ୱାଳ ଓ ପ୍ରଭୁଦତ୍ତ ରଥ ପ୍ରମୁଖ ଶିକ୍ଷାବିତ୍ ଓ ସାହିତ୍ୟିକ ମାନେ କାଯର୍ୟ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ।

ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

## ଜନସେବା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ

**ବୀରମହାରାଜପୁର, ୨୪।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ହାଇସ୍କୁଲ ପରିସରରେ ଆୟୋଜିତ ତିନିଦିନିଆ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟ ଅତିଥି ଓ ଜିଲାପାଳ ମଧୁସୁଦନ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଜୁନିୟର ରେଡ୍‌କ୍ରସ୍ ସମ୍ପାଦକ ହିମାଂଶୁ ଶେଖର କର, ଉକ୍ତ ସଂସ୍ଥାର ସଂଗଠକ ରବିଚନ୍ଦ୍ର ପ୍ରସାୟତ, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଓ ଆୟୋଜକ ସୁବଳୟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ଦୟାନିଧି ପଧାନ ସମ୍ମାନୀତ ଅତିଥିଭାବେ ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥି ଉଦ୍‌ବୋଧନ ପ୍ରସଙ୍ଗରେ ପ୍ରଶିକ୍ଷାର୍ଥୀମାନଙ୍କୁ ଛାତ୍ର ଜୀବନରୁ ଜନସେବା ପ୍ରତି ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ। ପ୍ରାରମ୍ଭରେ ଅରୁଣ କୁମାର ସିଂହ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଦାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଗତ ମଙ୍ଗଳବାରଠାରୁ ଅରମ୍ଭ ହୋଇଥିବା ଏହି ଷ୍ଟଡି କମ୍ ଟ୍ରେନିଙ୍ଗ୍ ଶିବିରରେ ଜିଲାର ବିଭିନ୍ନ ସ୍କୁଲର ପ୍ରାୟ ୪୦୦ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଏବଂ ୧୧୦ଜଣ ପ୍ରଶିକ୍ଷକ ତଥା ପରାମର୍ଶଦାତା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବ ଅବସରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଶ୍ରେଷ୍ଠ ପ୍ରଶିକ୍ଷକ ତଥା ଶ୍ରେଷ୍ଠ ଅନୁଷ୍ଠାନମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।





ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।



ଅନ୍ୟକୁ ଦୁଃଖ ନ ଦେଇ ଯେଉଁ ସୁଖ ହାସଲ କରାଯାଇପାରେ ନାହିଁ ସେଭଳି ସୁଖ ମୋର ଆଦର୍ଶ ଲୋଡ଼ାନାହିଁ।
- ବୁଦ୍ଧଦେବ



## ସଂକ୍ଷେପରେ

### ଗଣିତ ଏକ ଖେଳ ଶୀର୍ଷକ କର୍ମଶାଳା

**ଭବାନୀପାଟଣା,୨୪।୧(ଡି.ଏନ.ଏ.)**

ସ୍ଥାନୀୟ ଶାସ୍ତ୍ରୀଜି ଶିକ୍ଷା ନିକେତନ ଆନୁକୂଲ୍ୟରେ ଓଡିଶା ମେଥ୍‌ମେଟିକ୍ସ ଆସୋସିଏଶନ ପକ୍ଷରୁ ମେଥ୍‌ମେଟିକ୍ସ ଇଜ୍ ଫନ୍ (ଗଣିତ ଏକ ଖେଳ) ଶୀର୍ଷକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାକୁ ଓଏମ୍‌ଏସ୍‌ର ସାଧନ କର୍ମୀ ତଥା ରାଉରକେଲା ଚିନ୍ମୟ ବିଦ୍ୟାଳୟର ଗଣିତ ଶିକ୍ଷକ ସୁରେଶ ଶତପଥୀ ପରିଚାଳନା କରିଥିଲେ। ଆଇଏମ୍‌ଓ ଏବଂ ଜେଏମ୍‌ଓ ମେଥ୍ ଅଲମ୍ପିଆଡ୍‌ରେ ଛାତ୍ରୀଛାତ୍ର କିପରି ସଫଳତା ପାଇପାରିବେ ସେ ସମ୍ପର୍କରେ ଶତପଥୀ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦ, ଅଧ୍ୟକ୍ଷ ବସନ୍ତ କୁମାର ମହାପାତ୍ର, ଏମ୍‌ଜିଇଟିର ସଦସ୍ୟ ଜୟନ୍ତ ପତି, ଅରୁଣ ପାଣିଗ୍ରାହୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଏହି କର୍ମଶାଳାରେ ଶାସ୍ତ୍ରୀଜୀ ଶିକ୍ଷା ନିକେତନ, ଶାସ୍ତ୍ରୀଜୀ ମଡେଲ ସ୍କୁଲ, ମାଣିକେଶ୍ୱରୀ ହାଇସ୍କୁଲ, ହାଇଟେକ୍ ପବ୍ଲିକ ସ୍କୁଲ, ବିବେକାନନ୍ଦ ପବ୍ଲିକ ସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ବିମଳା କନ୍‌ଭେଣ୍ଟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶାସ୍ତ୍ରୀଜୀ ଶିକ୍ଷା ନିକେତନର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

କେରମେଲି ସ୍କୁଲର ବାର୍ଷିକ ଉତ୍ସବ

# ବଣରୁ ମଲ୍ଲୀ ଖୋଜିବାହାର କରିବା ଦରକାର

**ନୂଆପଡା ଅଫିସ,୨୪।୧**

ନୂଆପଡା ଜିଲା ମାରାଗୁଡା ଉପତ୍ୟକାରୁ ଆରମ୍ଭ ହୋଇଥିଲା । ଏଠାରେ ଏକ ବହୁ ବୈଭବଶାଳୀ ସଭ୍ୟତା ରହିଥିଲା । ବର୍ତ୍ତମାନ ବଣ ଜଙ୍ଗଲରେ ପରିବେଷ୍ଟିତ ମାରାଗୁଡା ଅଞ୍ଚଳରେ ବହୁ ପ୍ରତିଭା ରହିଛନ୍ତି । ଏଠିକାର ପିଲା ଦିନେ ଡାକ୍ତର, ଇଞ୍ଜିନିୟର କିମ୍ବା ନେତାଅଧିକାରୀ ହୋଇ ଆମକୁ ଦିଗଦର୍ଶନ ଦେବେ। ଏଠାରେ ସେଭଳି ବହୁ ପ୍ରତିଭା ରହିଛନ୍ତି । ଏମାନେ ବଣର ମଲ୍ଲୀ ଭଳି ରହିଛନ୍ତି ।ଏମାନଙ୍କୁ ଆମକୁ ଖୋଜି ବାହାର କରିବାକୁ ପଡିବ ବୋଲି ବକ୍ତାମାନେ କହିଛନ୍ତି । ସ୍ଥାନୀୟ କେରମେଲି ହାଇସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଏହା କହିଛନ୍ତି । ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

ମାଝିଙ୍କ ସଭାପତିତ୍ୱରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ନ୍ୟାଶନାଲ କଲେଜର ଅଧ୍ୟାପକ କପିଳ ପ୍ରସାଦ ପାଣିଗ୍ରାହୀ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରମ ମାଝି, ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ନୂଆପଡା ସଭାପତି ଜିତେନ୍ଦ୍ର ନାଥ ଖମାରୀ, ଭଗବତୀ ମାଝି, ସମିତି ସଭ୍ୟା ସୁକାନ୍ତି ମାଝି, ଟାନୱାଟ ସମିତି ସଭ୍ୟ ଅନନ୍ତରାମ

#### ନାଚଗୀତରେ ଝୁମିଲେ ଆଦିବାସୀ ଛାତ୍ରୀ

ଶବର, ସିଆରସିସି ହୀରାଲାଲ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିବରଣୀ ପାଠ କରିବା ପରେ ଅତିଥିମାନେ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକମାନେ କଠିଣ ପରିଶ୍ରମ କରି ଆଦିବାସୀ ଇଲାକାରେ ଶିକ୍ଷାର ବିକାଶ ପାଇଁ ଅହରହ କାମ କରୁଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଦେଖିବାକୁ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଗାଁର ସମସ୍ତ ପରିବାର ସ୍କୁଲରେ ଏକତ୍ର ହୋଇଥିଲେ । ନୂଆପଡା ଜିଲା ସଦର ମହକୁମାଠାରୁ ୧୫ କିମି ଦୂର ସମୁଦ୍ର ପତନରୁ ୨ ହଜାର ଫୁଟ ଉଚ୍ଚରେ ସୁନାବେଡା ଅଭୟାରଣ୍ୟ ଭିତରେ ଏଭଳି ଏକ ଉଚ୍ଚ କୋଟିର କାର୍ଯ୍ୟକ୍ରମ ହୋଇଥିବା ନେଇ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ସମଗ୍ର ଶିକ୍ଷା ଅଭିଯାନର ସଂଯୋକ ହେମନ୍ତ କୁମାର ଭୋଇ, ପରଶଖୋଳ ସ୍କୁଲ ପ୍ରଧାନଶିକ୍ଷକ ଗଣେଶରାମ ସାହୁ, ଶୋଭନ ମହାପାତ୍ର, ସିଆରସିସି ଶଙ୍କର୍ଷଣ ପୁରୋହିତ, ମକର ଧ୍ୱଜ ବାରିକ, ଉପେନ୍ଦ୍ର ଷଡଙ୍ଗୀ, ମଳୟ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଦୀନେଶ ପଟେଲ, ହରେନ୍ଦ୍ର ବାଗ ପରିଚାଳନା କରିଥିବା ବେଳେ ଶିଶୁପାଳ ପ୍ରଧାନ, ମନୋଜ ନାଏକ, ରାଜେଶ ମହାରଣା, କୁମର ସାଏ ମାଝି, ଶଙ୍କରଲାଲ ବିଶି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ସୁତୀକ୍ଷ୍ଣ ଯୋଷୀ ଧନ୍ୟବାଦ ଜ୍ଞାପନ କରିଥିଲେ।

ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ମହିଳା

# ରୋଷେଇ ଘରେ ଗ୍ୟାସ୍‌ର ବ୍ୟବହାର ଶିଖାଗଲା

#### ଧର୍ମେନ୍ଦ୍ର, ମାନେକା ଗାନ୍ଧୀଙ୍କ ଉଦ୍‌ବୋଧନ

**ନୂଆପଡା ଅଫିସ,୨୪।୧**

ନୂଆପଡ଼ା ଜିଲା ସଦର ବ୍ଲକର ପରକୋଡ ଧନୁଯାତ୍ରା ପଡିଆରେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଉପରେ ଗୁରୁବାର ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ଯୋଗଦେଇଥିବାବେଳେ ଏମାନଙ୍କୁ ରୋଷେଇ ଘରେ କିପରି ଗ୍ୟାସର ବ୍ୟବହାର କରାଯିବା କଥା ସେ ଉପରେ ମାଷ୍ଟର ଟ୍ରେନରମାନେ ତାଲିମ ପ୍ରଦାନ କରିଥିଲେ । ଉଜ୍ଜ୍ୱଳା ଯୋଜନାର ରାଜ୍ୟ ନୋଡାଲ ଅଧିକାରୀ ମହେଶ୍ୱର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଷ୍ଟେଟ ମ୍ୟାନେଜର ଏମ. ମାଝି ମୁଖ୍ୟବକ୍ତା, ଖେମଚାନ୍ଦ ରାଉତ, ଆନନ୍ଦ ରାଉତ, ବୋଲୋ କେଉଁଟ, ଜଗଦିଶ ଦାସ, ଚତୁର୍ଭୁଜ ଶର୍ମା, ଦିନେଶ ଚନ୍ଦ୍ରକାର, ରାଜେଶ୍ୱରୀ ଠାକୁର, ଜେମାମଞ୍ଜରୀ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ମା'ମାନଙ୍କ ସୁଖ ଶାନ୍ତି ସକାଶେ ଏବଂ ଧୁଆଁମୁକ୍ତ ରାଷ୍ଟ୍ର ଗଠନ କରି ପ୍ରାକୃତିକ ଭାରସାମ୍ୟ ଆଣିବା ପାଇଁ ଏକ ବିପ୍ଳବାତ୍ମକ ପଦକ୍ଷେପ ନିଆଯାଇଛି । ଉଜ୍ଜ୍ୱଳା ଯୋଜନାରେ ସମସ୍ତ ପରିବାରକୁ ଗ୍ୟାସ ସିଲିଣ୍ଡର ଦେବାର ବ୍ୟବସ୍ଥା କରାଯାଉଛି। ଜିଲାରେ ଅଦ୍ୟାବଧି ୮୮ହଜାର ପରିବାରକୁ ମୁକ୍ତରେ ଗ୍ୟାସ ସଂଯୋଗ ଦିଆଯାଇଛି । ଏଗୁଡିକୁ ଠିକ ଭାବରେ ପରିଚାଳନା କରି ନିଜ ଏବଂ ସମାଜ ପାଇଁ ହିତକାରୀ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟସ୍ତରରୁ ଆସିଥିବା ନୋଡାଲ ଅଧିକାରୀ ସେଠୀ ଗ୍ୟାସର ଉପଯୋଗିତା ଉପରେ ମହିଳାମାନଙ୍କୁ ବୁଝାଇଥିଲେ। ସୂଚନାଯୋଗ୍ୟ ଯେ, ଏହିଭଳି ରାଜ୍ୟର ୩୦ଟି ଜିଲାରେ ଏକକାଳୀନ କାର୍ଯ୍ୟକ୍ରମ ଚାଲିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନେକା ଗାନ୍ଧୀ ଡିଜିଟାଲ ପରଦାରେ ଆସି ମା'ମାନଙ୍କୁ ସମ୍ବୋଧନ କରି ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ । ସମସ୍ତ ମା'ମାନଙ୍କ ସୁଖଦୁଃଖ କଥା ଚିନ୍ତା କରୁଥିବା କହିଥିଲେ । କାର୍ଯ୍ୟକ୍ରମରେ ତୁଳସ ପଟେଲ ମଞ୍ଚ ପରିଚାଳନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ ଦେଇଥିବା ମାଷ୍ଟର ଟ୍ରେନରମାନେ ଗ୍ୟାସର ବ୍ୟବହାର ଉପରେ ବିଷଦ ଭାବରେ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ମହିଳା ବ୍ଲକର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିଲେ। ଏଥିରେ ଗ୍ୟାସ ବିତରକ ଏଜେନ୍ସିରୁ ମନିଷ କୁମାର ଜୈନ, ଧର୍ମେନ୍ଦ୍ର କୁମାର ସାହୁ, ଆଭାସ କୁମାର ବିଶ୍ୱାଳ, ପୁରୁଷୋତମ ଯାଦବ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।



ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ଯୋଗଦେଇଥିବା ମହିଳାମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକେଇ ଦେଉଛି ଧୂଳି**
**ମାଡ଼ ମାରି ପୁଣି କରୁଛି କଳି ।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଦୋଷ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟ ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମାଇଁ,**
**ଯାହା ପେଟକୁ ଯିଏ ଧାଇଁ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ । ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ । କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ । ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଶୁଭାରମ୍ଭ

# ଏଣିକି ଟ୍ରାଫିକ, ଆଇନଶୃଙ୍ଖଳା ବୁଝିବେ ଛାତ୍ରୀଛାତ୍ର

#### ନ୍ୟାଶନାଲ ହାଇସ୍କୁଲରେ ହେଲା ଉଦ୍‌ଘାଟନ

**ନୂଆପଡା ଅଫିସ,୨୪।୧**

ଦିନକୁ ଦିନ ଯୁବ ସମାଜ ବିପଥଗାମୀ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ର କିପରି ପୋଲିସ ସହ ହାତ ମିଳାଇ ସମାଜରୁ ବିଭିନ୍ନ କୁସଂସ୍କାର, ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନିଜ ହାତ ମୁଠାରେ ନିୟନ୍ତ୍ରଣ କରିପାରିବେ ସେଥିପାଇଁ ସରକାର ଅଭିନବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଗଠନ କରିଛନ୍ତି । ଏମାନେ ଏଣିକି ବିଭିନ୍ନ ଜାଗାରେ ଟ୍ରାଫିକ, ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦରକାର ବେଳେ ନିୟନ୍ତ୍ରଣ କରିବେ ବୋଲି କୁହାଯାଇଛି । ଏହାକୁ ଗୁରୁବାର ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ଜିଲାପାଳ ଡା. ପୋମା ଟୁଡୁ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ଜିଲା ପୋଲିସ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଏସପି ସ୍ମିତ ପରମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷୀରୋଦ ନିବାସ ପଣ୍ଡା, ଜିଲା ପରିବହନ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମହାପାତ୍ର, ଏଏସପି ସୁନୀଲ କୁମାର ଆଚାର୍ଯ୍ୟ, ଏସଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜରୁ କୁସଂସ୍କାର, ବ୍ୟଭିଚାର ଦୂର କରିବାରେ ଏମାନେ ହିଁ ସହାୟକ ହେବେ । ଏମାନଙ୍କୁ ଏଣିକି ପୋଲିସ ସହ ହାତ ମିଳାଇ କାମ କରିବାକୁ ପଡିବ । ଏମାନେ ସମାଜରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିପାରିବେ ବୋଲି ବକ୍ତାମାନେ କହିଥିଲେ । ଏହିକ୍ରମରେ ଜିଲାର ରାଜାଏଟି ହାଇସ୍କୁଲ ଏବଂ ନ୍ୟାଶନାଲ ହାଇସ୍କୁଲରୁ ୪୪ଜଣ ଲେଖାଏଁ କରି ମୋଟ ୮୮ଜଣ ଛାତୀଛାତ୍ର ଏଥିରେ ସାମିଲ ହୋଇଛନ୍ତି । ରାଜାଏଟି ହାଇସ୍କୁଲ ଛାତ୍ରୀଛାତ୍ର ସେଠାରେ ଟ୍ରାଫିକ ବ୍ୟବସ୍ଥା ବୁଝିବାକୁ ସ୍ଥିରିକୃତ ହୋଇଥିବା ବେଳେ ନୂଆପଡାରେ ନ୍ୟାଶନାଲ ହାଇସ୍କୁଲର ଛାତ୍ରୀଛାତ୍ର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବେ ବୋଲି ନିଷ୍ପତ୍ତି ହୋଇଥିବା ପ୍ରକାଶ । ସରକାର ଏମାନଙ୍କୁ ସମସ୍ତ ପୋଷାକ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇଦେଇଛନ୍ତି। ଏହି ବ୍ୟବସ୍ଥାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମକୁ ସୂଚନା ବିଭାଗ ତରଫରୁ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁକୁ ଚରଣ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ଶିକ୍ଷା ବିଭାଗ ତରଫରୁ ଅଧିକାରୀ, ଶିକ୍ଷକମାନେ ଯୋଗଦେଇଥିଲେ ।




ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ଶୁଭାରମ୍ଭ ହେବା ଅବସରରେ ଅତିଥିଙ୍କ ସହ କ୍ୟାଡେଟମାନେ ।

ଭାଜପାର ଏସ୍‌ସି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବୈଠକ

# ଭାଜପା ଜାତିବାଦରେ ବିଶ୍ୱାସ ରଖେ ନାହିଁ

**ନୂଆପଡା ଅଫିସ,୨୪।୧**

ଆମ୍ବେଡ଼କର ସବୁବେଳେ ମାନବବାଦର କଥା କହୁଥିଲେ । ସେ କୌଣସି ଜାତିବାଦ ଉପରେ ବିଶ୍ୱାସ ରଖୁ ନ ଥିଲେ । ସେହିଭଳି ଭାରତୀୟ ଜନତା ପାର୍ଟି ମଧ୍ୟ ସମଗ୍ର ସମାଜର ଉତଥାନ ଉପରେ ଗୁରୁତ୍ୱ ଦେଇଆସିଛି । କୌଣସି ଜାତିବାଦ ଉପରେ ବିଶ୍ୱାସ ରଖେ ନାହିଁ ବୋଲି ସ୍ଥାନୀୟ ସାଇପଲା ଜଳ ସେଚନ ଡାକ ବଙ୍ଗଳାଠାରେ ଆୟୋଜିତ ଭାଜପା ଅନୁସୂଚୀତ ଜାତି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବୈଠକରେ ମତ ପ୍ରକାଶ ପାଇଛି । ଗୁରୁବାର ମଧ୍ୟାହ୍ନରେ ଆୟୋଜିତ ବୈଠକରେ ଜିଲା ସଭାପତି ମୂରଲୀଧର ସୁନା ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ରାଜ୍ୟ ଅନୁସୂଚୀତ ଜାତି ଉପସଭାପତି ମନିଜର ଆର୍ଯ୍ୟ, ନିମାଇଁ ତାଣ୍ଡି, ଜିଲା ଭାଜପା ସଭାପତି ଶିବ ପ୍ରସାଦ ମୁଣ୍ଡ, ଜିଲା ପ୍ରଭାରୀ ବିନୋଦ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣୀ ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ଜିଲା ସଭାପତି ସଞ୍ଜୟ କୁମାର ତିୱାରୀ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ର ଜିତ ସିଂ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲାର ସମସ୍ତ ବ୍ଲକ ଏବଂ ଗ୍ରାମପଞ୍ଚାୟତସ୍ତରୀୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସମସ୍ତଙ୍କୁ ଆଗାମୀ ନିର୍ବାଚନରେ କିପରି ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଭାଜପା ସରକାର ଗଢିବ ସେଥିପାଇଁ ଏବେଠୁ ଅଣ୍ଟା ଭିଡିବାକୁ ମୁଖ୍ୟ ଅତିଥି ପଣ୍ଡା କହିଥିଲେ । ନିର୍ବାଚନୀ ବିଗୁଲ ବଜାଇ ସମସ୍ତଙ୍କୁ ତତ୍ପର କରିଥିଲେ । ଅବକି ବାର ଫିର ମୋଦି ସରକାର ଧ୍ୱନୀରେ ସଭାସ୍ଥଳ ଗର୍ଜି ଉଠିଥିଲା । ଜିଲାର ସମସ୍ତ ଭାଜପା କର୍ମକର୍ତ୍ତା ନିଜଦାଣ୍ଡ ଦ୍ୱାରରେ ମୋ ପରିବାର ଭାଜପା ପରିବାରର ସ୍ଲୋଗାନ ଲେଖାଇବାକୁ କହିଥିଲେ । ଏଣି କି କର୍ମକର୍ତ୍ତାମାନେ ନିଜର ସମସ୍ତ ସମ୍ପର୍କୀୟ, କର୍ମୀଙ୍କ ଘରେ ଭାଜପା ପତାକା ଉଡାଇବାକୁ ନିର୍ଦ୍ଦେଶ କରିଥିଲେ । ପ୍ରତି ଘର ଘର ବୁଲି ମୋଦିଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ଉପରେ ସଚେତନତା ସୃଷ୍ଟି ଆଜିଠାରୁ ଆରମ୍ଭ କରିବେ ବୋଲି କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛବିଲାଲ କୁମ୍ଭାର, ବିକ୍ରମ ଆଡବଙ୍ଗ, ତୁଳସ ପଟେଲ, ମହେଶ କୁମାର ଦଣ୍ଡସେନା, ଅଭିଜିତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉମ୍ବରୁଧର ମହାନନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ମୂରଲୀଧର ସୁନା ଧନ୍ୟବାଦ ଦେଇଥିଲେ।



ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ
2% ଛାଡ଼, 40% ସହଜ
କିସ୍ତିରେ କମ୍ପାନୀଠୁ ସମସ୍ତ
ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ
ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers: 9915535422, 7626900260
Address: C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇଭିଏମ୍‌ରେ କିଛି ଦୋଷତ୍ରୁଟି ନାହିଁ। ମତଦାନ ପାଇଁ ଲୋକଙ୍କ ଅଧିକାରକୁ ଏହା ବଳ ଦେଇଛି।
-ନୀତୀଶ କୁମାର,
ବିହାର ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ପାଣି ଟାଙ୍କିରୁ ଖସି ଶ୍ରମିକ ମୃତ

**ଭବାନୀପାଟଣା/କେସିଙ୍ଗା, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ମଶାଣିବନ୍ଧ ନିକଟସ୍ଥ ବେଲାମାଇ ଗ୍ରାମରେ ନିର୍ମାଣାଧୀନ ଓଭରହେଡ ପାଣି ଟାଙ୍କିରୁ ଖସିପଡି ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଉଛନ୍ତି କୋକସରା ବ୍ଲକ ବଙ୍ଗୋମୁଣ୍ଡା ଗ୍ରାମର ଭୂବନ ପତି (୨୫) ବୋଲି ଜଣାପଡିଛି। ଖବର ପାଇ କେସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି କେସିଙ୍ଗା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପରିବାରବର୍ଗ କେସିଙ୍ଗା ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡିଛି।



### ଭୀମକେଲା ଗ୍ରାମରୁ ପୁଣି ମିଳିଲା ଏକ ପୁରାତନ କାଳର ମୂର୍ତ୍ତି

**ପଲମ, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ଅସୁରଗଡକୁ ଲାଗି ରହିଥିବା ଭୀମକେଲା ଗ୍ରାମରୁ ପୁଣି ଏକ ପଥର ମୂର୍ତ୍ତି ଉଦ୍ଧାର ହୋଇଛି । କିଛିଦିନ ପୂର୍ବରୁ ସେହି ଗ୍ରାମର ହେମନ୍ତ ଗଉଡ ନଦୀ ପଠାରେ ଚାଷ କରୁଥିବା ବେଳେ ତାଙ୍କୁ ନାରୀ ମୂର୍ତ୍ତି ମିଳିଥିଲା। ସେହି ଆଖପାଖରେ ସେହି ଗ୍ରାମର ଥବିର ନାମକ ଜଣେ ବ୍ୟକ୍ତି ପୁରୁଣା ପୁରୁଷ ମୂର୍ତ୍ତି ଉଦ୍ଧାର କରିଛନ୍ତି । ଏହି ପଥର ମୂର୍ତ୍ତିର ଗୋଡ ଅଂଶ ଭାଙ୍ଗି ଯାଇଥିବା ବେଳେ ଏକ ସମତଳ ପଥରରେ ପ୍ରତି ମାଟି ଖୋଦେଇ ହୋଇଥିବା ଜଣାପଡିଛି । ଏହା ପୁରୁଷ ମୂର୍ତ୍ତି ପରି ଦେଖାଯାଉଛି । ମୂର୍ତ୍ତି ମସ୍ତକରେ ପଗଡି ମୁଖ ଗୋଲାକାର ଦୁଇ ହାତ ତଳକୁ ଲମ୍ବି ଏକ ଗୋଲ ଆକାର ଜିନିଷ ଧରିଥିବା ମନେ ହେଉଛି । ଖଣ୍ଡିତ ମୂର୍ତ୍ତିର ଉଚ୍ଚତା ୧୩ ସେମି, ପ୍ରସ୍ଥ ୮ ସେମି. ରହିଛି । କଟି ଦେଶ କୃଶ ଓ ବକ୍ଷ ଦେଶ ସ୍ଫିତ ଆକାର ରହିଛି । ପଥର ଉପର ଅଂଶରେ ଏକ ଛୋଟ ଗାତ (କଣା) ଥିବାରୁ ଗୃହ ମଧରେ ମୂର୍ତ୍ତିଟିକୁ ଟଙ୍ଗାଇ ହୁଏତ ଲୋକେ ପୂଜା ପାଠ କରୁଥିବା ଲୋକଙ୍କ ବିଶ୍ୱାସ ହେଉଛି । ଏହି ପ୍ରତିମାର ଗବେଷଣା ସହ ଏହାର ସମୟ ନିର୍ଦ୍ଧାରଣ ହେବା ଉଚିତ । ମୁଖ୍ୟ ଅସୁରଗଡ ଦୁର୍ଗରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଖନନ କାର୍ଯ୍ୟ ଏକ ମାସ ଧରି ଚାଲିଥିବା ବେଳେ ଏଠାରେ ମୌର୍ଯ୍ୟ ସମୟର ରୁପା ଖୋଦେଇ ମୁଦ୍ରା ରୁପା, ତମ୍ବାର କାନରେ, ଗୋଡରେ ତକ୍ତମଣି ପଥର, ମୁଦି, ମାଟି ଖପୁରୀ, ପୋଡା ଇଟା, ବାଟୁଲି ଖଡା, ପ୍ରବାଳ ପଥର ମାଳି ଆଦି ସାମଗ୍ରୀ ଖନନ ବେଳେ ପ୍ରାପ୍ତ ହୋଇଛି ।

## ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ, କନ୍ୟାଶ୍ରମର ବାର୍ଷିକୋତ୍ସବ

# ଭଲ ପାଠ ପଢ଼ି ଆଗକୁ ବଢ଼ିବାକୁ ପରାମର୍ଶ

**ଜୁନାଗଡ, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୫ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ, ମୁଖ୍ୟବକ୍ତା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ, ସମ୍ମାନିତ ଅତିଥି ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ଶିକ୍ଷାବିତ୍ ତ୍ରିଲୋଚନ ସିଂହ, ପୂର୍ବତନ ସ୍କୁଲ ପରିଚାଳନା କମିଟିର ସଦସ୍ୟ ସଞ୍ଜୟ କୁମାର ଅଗ୍ରୱାଲ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ପାଠ ପଢି ଆଗକୁ ବଢିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ସହକାରୀ ଶିକ୍ଷକ ରାଜେଶ ମାଝି ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରିଯୋଗିତାରେ କୃତୀ ହୋଇଥିବା ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାହାକି ବେଶ୍ ଚିତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଚମରୁଲାଲ ପାଢ଼ି, ଫକୀର ଚରଣ ମେହେର, ସହଶିକ୍ଷୟିତ୍ରୀ ଡଃ ପ୍ରତିଭା ମନ୍ନା, ସୁଦେଷ୍ଣା ନାୟକ, ଜୋସ୍ନାମୟୀ ସାହୁ, ତିଳୋତ୍ତମା ମିଶ୍ର, ପ୍ରତିମା ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

**ଜୁନାଗଡ, ୨୪।୧(ସ୍ୱ.ପ୍ର.)**

ସେହିପରି ଜୁନାଗଡ କନ୍ୟାଶ୍ରମଠାରେ ସୁବାସ ଚନ୍ଦ୍ର ବୋଷ ଜୟନ୍ତୀ ଅବସରରେ ବୁଧବାର ସନ୍ଧ୍ୟାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ, ଅଭିଭାବକ, ଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ନେପାଳ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଆଲୋଚନା ହେବା ସହିତ ପୂର୍ବ ଦିନରେ ହୋଇଥିବା ସିଦ୍ଧାନ୍ତର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ମୁଖ୍ୟବକ୍ତା ଭାବରେ ଜୁନାଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପିମଣି ଜାନୀ, ସମ୍ମାନିତ ଅତିଥି ଭାବେ କୁରୁଗୁଡା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ମେହେର, ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂ, ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ସାମ୍ପ୍ରତିକ ସମାଜରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ରହୁଥିବା ବେଳେ ଉଦ୍‌ବେଗ ପ୍ରକାଶ ପାଇବା ସହ ତାଙ୍କ ସୁରକ୍ଷା ପ୍ରତି ଯତ୍ନଶିଳ ହେବା ପାଇଁ ବକ୍ତବ୍ୟ ରଖିଥିଲେ। ଶିକ୍ଷା କ୍ଷେତ୍ରରେ ପୁରୁଷ ଅପେକ୍ଷା ମହିଳା ଅଧିକ ସଫଳ ହେଉଥିବା ବେଳେ ଏଭଳି କୁତ୍ସିତ ବ୍ୟବସ୍ଥା ନାରୀ ଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସୀତାରମ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୀଣାପାଣି ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ବିଭାଗରେ ଉତ୍କର୍ଷ ଲାଭ କରିଥିବା ପ୍ରତିଯୋଗୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏମ ସୂର୍ଯ୍ୟ କୁମାରୀ, ବୀଣାପାଣି ସାମନ୍ତ ଏବଂ ପ୍ରଶାନ୍ତ ପଣ୍ଡାଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।





ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି (ବାମ)। କନ୍ୟାଶ୍ରମଠାରେ ବାର୍ଷିକୋତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## କଳାହାଣ୍ଡି, ନୂଆପଡ଼ା ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ

**ଭବାନୀପାଟଣା, ୨୪।୧(ଡି.ଏନ.ଏ.)**

ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟଠାରେ ଭାରତ ସରକାରଙ୍କ କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗ ଦ୍ୱାରା ପ୍ରାୟୋଜିତ କଳାହାଣ୍ଡି ଓ ନୂଆପଡା ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ ପାଳିତ ହୋଇଛି। ଉତ୍ସବକୁ ସ୍ଥାନୀୟ ବିଧାୟକ ଅନାମ ନାୟକ ଉଦ୍‌ଘାଟନ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଛବିଲାଲ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଜିଲାସ୍ତରୀୟ ଉତ୍ସବକୁ ରାଜ୍ୟ ଏନଏସଏସ ଅଫିସର ତଥା ଉପଶାସନ ସଚିବ ଉଚ୍ଚ ଶିକ୍ଷା ବିଭାଗ ଓଡିଶା ସରକାର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ତତ୍ତ୍ୱାବଧାନ କରିଥିବା ବେଳେ ଡେପୁଟି କଲେକ୍ଟର ସୁରେନ୍ଦ୍ର କୁମାର ତ୍ରିପାଠି, ଏନୱାଇକେ ଜିଲା ସଂଯୋଜକ ଜୟଶଙ୍କର ଯୋଷୀ, ଉମାଶଙ୍କର କର, ଯୁବ ସଂସଦ ଉତ୍ସବ ଜିଲା ସଂଯୋଜକ ପ୍ରତାପ ଚନ୍ଦ୍ର ଦାସ ଯୋଗଦେଇଥିଲେ । ବିଚାରକ ମଣ୍ଡଳୀ ଭାବରେ ଅଶୋକ କୁମାର ପଟ୍ଟନାୟକ, ଚନ୍ଦ୍ର ଶେଖର ଆଚାରୀ, ସୀମାଞ୍ଚଳ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳେଇ ବିଚାର କରିଥିଲେ। ଏହି ଉତ୍ସବ ପରିଚାଳନାରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଓ ଅଧ୍ୟାପକ ଶୁସାନ୍ତ କୁମାର ଦାଶ ଓ ନେହେରୁ ଯୁବ କେନ୍ଦ୍ରର ଦ୍ୱିତୀୟା ବନ୍ଦିଛୋର ସହଯୋଗ କରିଥିଲେ। ଏଥିରୁ ଅମିଶା ମହାନ୍ତି, ପାୟଲ ସିଂ ଓ ପ୍ରଣତ କୁମାର ପଣ୍ଡା ମନୋନୀତ ହୋଇ ଆଗାମୀ ୬ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ କଳାହାଣ୍ଡି ଓ ନୂଆପଡାକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି।

## ଅତିରିକ୍ତ ସଚିବଙ୍କ ଜୁନାଗଡ଼ କନ୍ୟାଶ୍ରମ ଗସ୍ତ

**ଜୁନାଗଡ, ୨୪।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଅନୁସୂଚିତ ଜାତି ଜନଜାତି ଆବାସିକ ସ୍କୁଲକୁ ବୁଧବାର ଉକ୍ତ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ହରିହର ମଲ୍ଲିକ ଗସ୍ତ କରି ଫେରିଯାଇଛନ୍ତି । ଏହି ସମୟରେ ସେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରୀ ନିବାସ, ଶୌଚାଳୟ, ଖାଇବା ସ୍ଥାନ ଇତ୍ୟାଦି ବୁଲି ଦେଖିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ସୀତାରାମ ମିଶ୍ର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଛାତ ଦବି ଯାଇଥିବା ଦେଖାଇଥିଲେ। ଅନ୍ୟପକ୍ଷରେ ଛାତ୍ରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ହାତକୁ ନେବାକୁ କହିଥିଲେ। ଛାତ୍ରୀଙ୍କ ମନୋରଞ୍ଜନ ପାଇଁ ଟେଲିଭିଜନ, ବିଜ୍ଞାନଗାର, ପାଠାଗାରର ବ୍ୟବସ୍ଥା ପାଇଁ କହିଥିଲେ। ଏହି ଅବସରରେ ପିଏଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ସଚିବ ହରିହର ମଲ୍ଲିକ ଛାତ୍ରୀ ନିବାସ ପରିଦର୍ଶନ କରୁଛନ୍ତି ।

## ଚାରବାହାଲରେ ମଦ, ସଟ୍ଟା କାରବାର ବୃଦ୍ଧି

**ଜୁନାଗଡ, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲରେ ମଦ, ସଟ୍ଟା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଗ୍ରାମର କେତେକ ଅସାମାଜିକ, ଖଳ ପ୍ରକୃତିର ଲୋକ ଏହି ୨ଟି କାରବାର କରି ଅଞ୍ଚଳକୁ କଳୁଷିତ କରିବାରେ ଲାଗିଛନ୍ତି। ଚାରବାହାଲ ବସଷ୍ଟାଣ୍ଡରେ ପ୍ରତ୍ୟହ ଖୋଲା ଖୋଲି ସଟ୍ଟା କରାବାର ଚାଲୁଥିବା ବେଳେ ନିକଟରେ ଉଭୟ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିବା ଜଣାପଡିଛି। ପାଖରେ ଶିକ୍ଷାନୁଷ୍ଠାନଗୁଡିକ ରହିଥିବାରୁ ଏହା ଦ୍ୱାରା ଛାତ୍ରୀଛାତ୍ର ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି। ମଦ୍ୟପଙ୍କ ଉତ୍ପାତ ଯୋଗୁ ଚାରବାହାଲ ବସଷ୍ଟାଣ୍ଡରେ ଯାତ୍ରୀ ମଧ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଗରିବ, ଖଟିଖିଆ ଶ୍ରେଣୀର ଲୋକମାନେ କମ ସମୟରେ ଅଧିକ ଟଙ୍କା ଉପାର୍ଜନା କରିବା ସ୍ୱପ୍ନ ଦେଖି ସଟ୍ଟା ଖେଳି ସର୍ବସାନ୍ତ ହେଉଛନ୍ତି। ମଦ ଓ ସଟ୍ଟା କାରବାର କରୁଥିବା ଅସାମାଜିକ ଲୋକ ଏହା ଦ୍ୱାରା ମାଲାମାଲ ହେଉଥିବା ବେଳେ ଗରିବ, ଖଟିଖିଆ ଲୋକମାନେ ସର୍ବସାନ୍ତ ହେଉଛନ୍ତି। ଏହି କାରବାର କରୁଥିବା ଲୋକମାନଙ୍କୁ ଶୀଘ୍ର ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ନେଇ ସ୍ଥାନୀୟ ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନାଙ୍କୁ ପଚାରିବାରୁ ତଦନ୍ତ କରାଯାଇ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ବ୍ରଜମୋହନ ହାଇସ୍କୁଲର ବାର୍ଷିକ ଉତ୍ସବ



ବ୍ରଜମୋହନ ହାଇସ୍କୁଲର ବାର୍ଷିକ ଉତ୍ସବରେ ଜଣ କୃତୀ ପ୍ରତିଯୋଗୀଙ୍କୁ କୁରସ୍କୃତ କରାଯାଉଛି ।

**ଭବାନୀପାଟଣା, ୨୪।୧(ଡି.ଏନ.ଏ.)**

ସ୍ଥାନୀୟ ବ୍ରଜମୋହନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ବୁଧବାର ଅପରାହ୍ନରେ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଳାହାଣ୍ଡି ଲୋକ ସଭା ସଦସ୍ୟ ଅର୍କକେଶରୀ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମଞ୍ଜୁ ମେଧାଗୁରୁ, ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ବିଧାୟକ ଅନାମ ନାଏକ, ବ୍ରଜମୋହନ ହାଇସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶ୍ରୀ ସବିତା ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ସିଂଦେଓଙ୍କ ପରିବାର ପକ୍ଷରୁ ୧୦୩ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଏହି ପୁରାତନ ସ୍କୁଲର ଅତିଥି ଭାବରେ ଯୋଗଦେଇଥିବାରୁ ଲୋକ ସଭା ସଦସ୍ୟ ସିଂଦେଓ ନିଜକୁ ଧନ୍ୟମନେ କରୁଛି ବୋଲି ପ୍ରକାଶ କରିବା ସହ ଏହି ସ୍କୁଲ ଆଗକୁ ତାହାର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରକାଶ ନିଶଙ୍କ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଦଧିଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଙ୍ଗଳୁ ପ୍ରଧାନ ଓ ରାମଶଙ୍କର ମହାପାତ୍ର ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଶତବାର୍ଷିକୀ ପାଠାଗାରର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶରତ କୁମାର ପୁରୋହିତ, ଗୋରେଖ ଚନ୍ଦ୍ର ସାହୁ, ହେମ ଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ କୁମାର ନେଗୀ, ନରେଶ କୁମାର ଦାସ, ମୁରଲି କୁମାର ଦୀପ, ରମେଶ ପ୍ରଧାନ, ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ, ଗୀତା ପଟ୍ଟନାୟକ, ସୁପ୍ରିୟା ମିଶ୍ର, ଗୀତାଞ୍ଜଳି ମଣ୍ଡଳ, ଖିରେଶ୍ୱର ସାହୁହ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ସମରକଳାରେ ବିଶ୍ୱଜିତଙ୍କୁ ସ୍ୱର୍ଣ୍ଣ

**ଧର୍ମଗଡ, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଗୁରୁଗୀତା ସ୍କୁଲର ପୁର୍ବତନ ଛାତ୍ର ମାଷ୍ଟର ବିଶ୍ୱଜିତ ନାଏକ ଅନ୍ତର୍ଜାତୀୟ ସମରକଳା ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥିପାଇଁ ଧର୍ମଗଡ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମାଷ୍ଟର ନାଏକ ଫେରିବା ପରେ ତାଙ୍କୁ ଗୁରୁଗୀତା ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାବେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ମାଷ୍ଟର ନାଏକଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଇଚ୍ଛାଶକ୍ତି ଓ ଚେଷ୍ଟା ସମସ୍ତଙ୍କୁ ସଫଳତା ଦେଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ କୁମାର ନାୟକ, ରାଜେନ୍ଦ୍ର ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ସେହିପରି ଧର୍ମଗଡ କୁଙ୍ଗ ଫୁ ଏକାଡେମୀ ଠାରେ ମଧ ତାଙ୍କ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଗ୍ରାଣ୍ଡମାଷ୍ଟର ଡଃ କିଶୋର, ମାଷ୍ଟର ସୁଶାନ୍ତ ସାହୁ, ସରକାରୀ ଆଇନଜୀବୀ ଅଜିତ କୁମାର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥତ ଥିଲେ।



ଗୁରୁଗୀତା ସ୍କୁଲଠାରେ ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

## କ୍ରିକେଟ: ନୂଆପଡ଼ା ଚାମ୍ପିୟନ

**ଗୋଲାମୁଣ୍ଡା, ୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗଠାରେ ମା' ପାହାରଘରେନ ଯୁବ କେନ୍ଦ୍ର ପକ୍ଷରୁ ଚାଲିଥିବା ନଟବର ସାହୁ ମେମୋରିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫଇନାଲ ମ୍ୟାଚରେ ସଇଁତଲା ଦଳକୁ ହରାଇ ନୂଆପଡା ଦଳ ଚାମ୍ପିୟନ ହୋଇଛି । ଫଇନାଲ ମ୍ୟାଚରେ ସଇଁତଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୬୫ ରନ ସଂଗ୍ରହ କରିଥିଲା । ଜବାବରେ ନୂଆପଡା ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲ ଟ୍ରଫି ହାସଲ କରିଥିଲା । ନୂଆପଡା ଦଳର ଗୁମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିବା ବେଳେ ସଇଁତଲା ଦଳର ଶିବଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଛି । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ରମେଶ ସାହୁ, ଅକ୍ରୁର ନାଏକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ସୁଶାନ୍ତ ସାହୁ ଓ ଦୟା ପଟେଲ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯





ପରିବର୍ତ୍ତନ ସହିତ ଯିଏ ନିଜକୁ ଖାପ ଖୁଆଇ ନ ପାରେ ସେ ନିଜ ପ୍ରଗତିର ଦ୍ୱାର ରୁଦ୍ଧ କରିଦିଏ।
- ଚାର୍ଲସ ଲିଣ୍ଡ୍‌ବର୍ଗ

## ସଂକ୍ଷେପରେ

### ୮୬ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଲାଠୋର, ୨୪।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଗୋଷ୍ଠୀ କେନ୍ଦ୍ରଠାରେ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ବିଶ୍ୱଭୂଷଣ ମଲ୍ଲିକ, ଆୟୁଷ ଡାକ୍ତର ମିନତି ହେମ୍ବ୍ରମ ଯୋଗଦେଇ ୮୬ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ବିଶେଷ କରି ମ୍ୟାଲେରିଆ, ଟିଭି ଏବଂ ଏଚଆଇଭି ପାଇଁ ବିଭିନ୍ନ ପରୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଲଡବ୍ଲୁଏସ ଡିଆରପି ମହେନ୍ଦ୍ର ନନ୍ଦ, ଫାର୍ମାଶିଷ୍ଟ ଶ୍ରୀଧର ନାଗ, ଏଲଟି ଅଭିମନ୍ୟୁ ବଗର୍ତ୍ତି, ଏନସିଡି କାଉନସେଲର ମିତାରାଣୀ ଦାଶ, ସିଏଲଡବ୍ଲୁ ପଲ୍ଲବୀ ସିନ୍ଧୁର, ସଞ୍ଜନା କୌରହୋର, ଆନନ୍ଦ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଉତ୍କଳ ସେବକ ସମାଜ ବେଲପଡା ଜୋନାଲ ସୁପରଭାଇଜର ନିଥାନିଏଲ ନାଗଙ୍କ ଆବାହକତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା।

# ଅଭାବି ବିକ୍ରିର ଶିକାର ପାତଲ୍‌ଘଁଟା ଚାଷୀ

**ଲୋଇସିଂହା,୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ପାତଲ୍‌ଘଁଟା ଚାଷୀ ଏହେଦେ ଅଭାବି ବିକ୍ରିର ଶିକାର ହେଉଛନ୍। ଅମଲ ହେଇଥିବାର ଫସଲକେ ରଖାସଂଗା କରବାର ଲାଗି ଶୀତଲଭଁଡାର ଆର ବଜାର ବେବସ୍ତାର ଅଭାବ୍ ଚାଷୀକୁ ଘାଁଟିସାନି ମାରୁଛେ। ଇଥିର ଫାଏଦା ଉଠଉଛନ୍ ବେପାରୀ। ଚାଷୀକରନୁ ଅଲପ ଦରରେ କୁଇଣ୍ଟାଲ କୁଇଣ୍ଟାଲ ପାତଲ୍‌ଘଁଟା ନେଇ ବଜାରମାନକେ ଚଢ଼ା ଦରରେ ବିକୁଥିବାର ଅଭିଯୋଗ ହେଉଛେ। ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଁଚେତ୍ କୁଟରାପାଲି ଗାଁର ଦୀନେଶ ସାହୁ, ମନଧର ସାହୁ, ଆଶିଷ ଥନାପତିକଁର ସମେତ ବହୁତ ଚାଷୀ ଫିବଛର ଲେଖେଁ ଚଲତି ବଛର ବି ପାତଲ୍‌ଘଁଟା ଚାଷ୍ କରିଛନ୍। ଗଲା ଦୁଇ ହପ୍ତା ହେଲା ଅମଲ କରବାର ଆରମ ହେଇଛେ। ବଜାରରେ ପାତଲ୍‌ଘଁଟା କିଲୋ



ଜିଲା ବାହାରର ବେପାରୀକୁ ଟାକିଛନ୍ ଚାଷୀ ଦୀନେଶ ସାହୁ।

ପିଛା ୧୦ରୁ ୧୨ ଟଁକା ରହିଛେ। ହେଲେ ବ୍ଲକ୍ ଅଂଚଲରେ ସରକାରୀ ବଜାର ସୁବିଧା ନାଁଇନ। ଯେନ୍‌ଥିରଲାଗି ଚାଷୀମାନେ ଅଧା ଦାମ୍‌ରେ ଜିଲା ଆର ଜିଲା ବାହାରର ବେପାରୀକରନେ ବିକି କ୍ଷତି ସହୁଛନ୍। ଗୁରୁବାର ଇ ଅଂଚଲକେ ବ୍ରହ୍ମପୁର ଅଂଚଲରୁ ଆସିଥିବାର ବେପାରୀମାନେ ୨୫ କେ.ଜି. ପାତଲ୍‌ଘଁଟା କ୍ୟାରେଟ ପିଛା ୧୦୦ରୁ ୧୧୦ ଦେଇ ନେଉଥିବାର ଦେଖିବାକେ ମିଲିଛେ। ହେଲେ ପାତଲ୍‌ଘଁଟା କ୍ୟାରେଟ

**ଲୋଇସିଂହା ବ୍ଲକ**
- ବଜାରେ ପାତଲଘଁଟା କିଲୋ ୧୦ରୁ ୧୨ ଟଁକା
- ୨୫ କିଲୋକେ ଚାଷୀ ବିକୁଛନ୍ ୧୦୦ରୁ ୧୧୦ ଟଁକା
- ଶୀତଲ ଭଁଡାର, ବଜାର ସୁବିଧାର ଅଭାବ

ପିଛା ଅତିକମ୍‌ରେ ୨ଶହ ଟଁକାରେ ବିକ୍ରି ହେବାର କଥା। ସେଟା ନାଇଁ ହେବାର ଲାଗି ଚାଷୀମାନେ କ୍ଷତି ସହୁଥିବାର କହିଛନ୍ ଚାଷୀ ଦିନେଶ ସାହୁ। ଖାଲି କୁଟରାପାଲି ନୁହେ ବ୍ଲକ୍‌ର ସରଗାଡ଼, ଉପରବାହାଲ, ରେଙ୍ଗାଲି, କୁଶମେଲ, ଡୁଙ୍ଗରିପାଲି ଅଂଚଲର ଚାଷୀମାନେ ଅଭାବି ବିକ୍ରିର ଶିକାର ହେଉଥିବାର ଅଭିଯୋଗ ହେଉଛେ। ଇ ଦିଗେ ଜିଲା ପରଶାସନ ଦ୍ରୁଷ୍ଟି ଦେଇ ପଦକ୍ଷେପ ନେବାକେ ଚାଷୀମାନେ ଦାବି କରିଛନ୍।

## ଭାଜପାର ଗାଁକୁ ଚାଲ ଅଭିଯାନ

**ଗୁଡ଼ଭେଲା, ୨୪।୧ (ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ତୁଷୁରା ଅଗ୍ରସେନ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦଳକୁ ତୃଣମୂଳସ୍ତରରୁ ମଜଭୁତ କରି ଆଗାମୀ ନିର୍ବାଚନରେ ବିଜୟୀ କରାଇବାକୁ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ପରେ ଦଳୀୟ ନେତୃବୃନ୍ଦ ନଅଗାଁ, ଧାନଘରା ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏଥିରେ ପୂର୍ବତନ ବଲାଙ୍ଗୀର ଏମପି ସଂଗୀତା କୁମାରୀ ସିଂଦେଓ, ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର ଓ ହୃଶିକେଷ ବେହେରା, ବଷ୍ଟି ଶର୍ମା, କନ୍ଧମାଳ ଭାଜପା ଯୁବମୋର୍ଚ୍ଚା ସଭାପତି ରଞ୍ଜିତ ସାହୁ, କାଉନସିଲର ପ୍ରଦାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ତେଜିଲା ୱେସ୍କୋ କର୍ମଚାରୀଙ୍କ ଆନ୍ଦୋଳନ

**ପାଟଣାଗଡ, ୨୪।୧ (ଡି.ଏନ.ଏ.)**

୭ଦଫା ଦାବି ନେଇ ୱେସ୍କୋ କର୍ମଚାରୀମାନେ ଚଳାଇଥିବା ଆନ୍ଦୋଳନ ଏବେ ସମସ୍ତ ସେକ୍ସନ ଓ ସବଡିଭିଜନସ୍ତରରେ ପହଞ୍ଚିଛି। ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ ଆହୂତ ଏହି ଆନ୍ଦୋଳନକୁ ପାଟଣାଗଡ ଉପଖଣ୍ଡର ଶ୍ରମିକ କର୍ମଚାରୀ ସମର୍ଥନ କରି ୱେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନକଲେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବିଗୁଡିକ ମଧ୍ୟରେ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ୱେସ୍କୋରେ ଖାଲି ପଡିଥିବା ପଦବୀ ପୂରଣ, ଅବସର ଗ୍ରହଣର ମାସକ ପରେ ନିୟମିତ ପେନସନ ପ୍ରଦାନ, ୱେଜବୋର୍ଡ ଏରିଅର ଟଙ୍କା ପ୍ରଦାନ, ସମାନ କାମକୁ ସମାନ ଦରମା, ସ୍ଥାନୀୟ ଯୁବକମାନଙ୍କୁ ୱେସ୍କୋରେ ନିଯୁକ୍ତି ଆଦି ପ୍ରଦାନ କରିଛନ୍ତି। ଆନ୍ଦୋଳନରେ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବିଶି, ନକୁଳ କୁମ୍ଭାର, ବିପିନ ଭୋଇ, କିର୍ତ୍ତିରାଜ ବିଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁଭାଷୀ ମଠଖାଇ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୪।୧**

ବଲାଙ୍ଗୀର କୋଶଳକଳା ମଣ୍ଡଳ ନୂଆ ରଙ୍ଗମଞ୍ଚରେ ଭୂମିକା ଏବଂ ମଠଖାଇ ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ୧୨ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମଣିପୁରର କାକ୍‌ଚିଂରୁ ଆସିଥିବା ଲିବର୍ଟି ଥିଏଟର ଅନୁଷ୍ଠାନ ତରଫରୁ ପ୍ରସ୍ତୁତ ମଣିପୁରୀ ନାଟକ ଲାମ୍ପି ମଞ୍ଚସ୍ଥ ହୋଇଥିଲା । ବୁଢ଼ା ଚିଂଥାମଙ୍କ ରଚିତ ଏବଂ ଉତ୍ତମ କୁମାର ନାଓରେମ୍‌ଙ୍କ ନିର୍ଦ୍ଦେଶିତ ଏହି ନାଟକରେ ମଣିପୁରୀ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ଯୋଗଦାନ କରିଥିଲେ । ଅତିଥିମାନେ ମଞ୍ଚ ନାଟକର ପୁନରୁଦ୍ଧାର ଦିଗରେ ଭୂମିକା ଓ ମଠଖାଇ ମହୋତ୍ସବର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଭୂମିକାର ବାର୍ଷିକ ସ୍ମରଣିକା ନାଟମଣ୍ଡପକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ଡ ଶିବପ୍ରସାଦ ନନ୍ଦଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାର ମଠଖାଇ ମଞ୍ଚକୁ ଜୟନ୍ତୀ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା । ସଭା ପ୍ରାରମ୍ଭରେ ବଲାଙ୍ଗୀର ଢ଼ୋଲମୁହୁରୀ କଳା ପରିଷଦର କଳାକାରମାନେ ବଜନିଆ ନୃତ୍ୟ ପରିବେଷଣ କରିଥିଲେ । ଶିରିଷ ହୋତା ସ୍ୱାଗତ ବକ୍ତବ୍ୟ ଦେଇଥିବାବେଳେ ଡ. ଶ୍ରୀକର ମିଶ୍ର ଧନ୍ୟବାଦ ଦେଇଥିଲେ । ବହୁ ଦର୍ଶକ, ନାଟକପ୍ରେମୀ ନାଟକକୁ ମନଭରି ଉପଭୋଗ କରିଥିଲେ ।



ମଠଖାଇ ମହୋତ୍ସବରେ ମଣିପୁରୀ ନାଟକ ଲାମ୍ପିର ଏକ ଦୃଶ୍ୟ ।

ଖାଦ୍ୟ ମିଳିବାରେ ବିଳମ୍ବର ପ୍ରତିବାଦ

# ରାସ୍ତା ଅବରୋଧ କଲେ ବିଜୁ ଯୁବ ବାହିନୀ ସଦସ୍ୟ

**ଦେଓଗାଁ, ୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ କଲେଜ ଛକରେ ଖାଦ୍ୟ ମିଳିବାରେ ବଳମ୍ବ ହେବା ପ୍ରତିବାଦରେ ଏକ ଘଣ୍ଟାଧରି ଧାରଣାରେ ବସିଥିଲେ ବିଜୁ ଯୁବ ବାହିନୀ ସଦସ୍ୟ । ଗୁରୁବାର ବଲାଙ୍ଗୀରରେ ଅନୁଷ୍ଠିତ ସମାବେଶରେ ଯୋଗଦେବା ପାଇଁ ଖାଦ୍ୟ ବ୍ୟବସ୍ଥା ଦେଓଗାଁ ବାଳିକା ହାଇସ୍କୁଲ ନିକଟରେ ବ୍ଲକ ପ୍ରଶାସନ ତରଫରୁ କରାଯାଇଥିଲା । ସମାବେଶରୁ ଫେରିବା ସମୟରେ କେତେକ ଯୁବ ଗୋଷ୍ଠୀଙ୍କୁ ଖାଦ୍ୟଦେବାରେ ବିଳମ୍ବ ହେବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରେ ୨/୩ଟି ବସରେ ଥିବା ବିଜୁ ଯୁବ



ଖାଦ୍ୟ ନ ମିଳିବା ପ୍ରତିବାଦରେ କଳାହାଣ୍ଡି ଜିଲାର ବିଜୁଯୁବ ବାହିନୀ ସଦସ୍ୟମାନେ ୨୬ନଂ ଜାତୀୟ ରାଜପଥର ଦେଓଗାଁ କଲେଜ ଛକଠାରେ ଧାରଣାରେ ବସି ପ୍ରତିବାଦ କରୁଛନ୍ତି ।

ବାହିନୀର ସଦସ୍ୟମାନେ ଉତ୍କ୍ଷିପ୍ତ ହୋଇ ୨୬ ନଂ ଜାତୀୟ ରାଜପଥ ଉପରେ ଧାରଣାରେ ବସିଥିଲେ। ସେମାନେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ବିରୋଧରେ ବିଭିନ୍ନ ନାରା ଦେଇଥିଲେ । ଖବର ପାଇ ତୁଷୁରା ଥାନା ଅଧିକାରୀ ପଞ୍ଚାନନ ନାଏକ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ପରେ ବ୍ଲକ ପ୍ରଶାସନ ତରଫରୁ ଖାଇବା ବ୍ୟବସ୍ଥା କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପ୍ରାୟ ୧ଘଣ୍ଟା ଧରି ରାଜପଥ ଅବରୋଧ ହେବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଏ ନେଇ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାରୁ ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା । ଖାଦ୍ୟ ପାଇଁ କିଛି ସମୟ ଅପେକ୍ଷା କରିବା କାହାରି ଧୈର୍ଯ୍ୟ ନଥିବାରୁ କିଛି ଯୁବକ ଧାରଣା ଦେଇଥିଲେ ବୋଲି କହିଥିଲେ ।

ଦ୍ୱିତୀୟ ଦିନରେ ଶ୍ରମିକ ସଂଗଠନର କାର୍ଯ୍ୟବନ୍ଦ ଆନ୍ଦୋଳନ

# କାର୍ଯ୍ୟାଳୟକୁ ଯାଇପାରିଲେନି ଅଧିକାରୀ

**ସଇଁତଲା, ୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବଡମାଲସ୍ଥିତ ଗୋଳାବାରୁଦ କାରଖାନାର ବିଭିନ୍ନ ଶ୍ରମିକ ସଂଗଠନ ଦ୍ୱାରା ପ୍ରତିରକ୍ଷା ବିଭାଗକୁ ଘରୋଇକରଣ ଓ ନୂତନ ପେନସନ ନୀତିକୁ ବିରୋଧ କରି ଦେଇଥିବା ତିନିଦିନିଆ ଧର୍ମଘଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଶ୍ରମିକଙ୍କ ବିରୋଧ ଯୋଗୁ ଦିବସରେ କୌଣସି କର୍ମଚାରୀ କାରଖାନା ମଧ୍ୟକୁ ପ୍ରବେଶ କରି ନଥିଲେ। ଗୋଳାବାରୁଦ କାରଖାନାରେ ନିର୍ମିତ ୨୭୫ଗୋଟି ସାମଗ୍ରୀକୁ ନନକୋର ଘୋଷଣା କରି ଘରୋଇ କମ୍ପାନୀଗୁଡ଼ିକୁ ସରକାର ନିର୍ମାଣ କରିବା ପାଇଁ ଆଦେଶ ପ୍ରଦାନ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ବଡ଼ମାଲ କାରଖାନାର କର୍ମଚାରୀମାନେ ଉନ୍ନତମାନର ଗୋଳାବାରୁଦ ତିଆରି କରି ସେନାବାହିନୀକୁ ଯୋଗାଇ ସର୍ବଭାରତୀୟ ସ୍ତରରେ ଏକ ନମ୍ବର ହୋଇଛି । ହେଲେ ୨୦୧୮-୧୯ ବର୍ଷରେ ଏହି କାରଖାନାକୁ ପ୍ରାୟ ସାତଶହ କୋଟି ଟଙ୍କାର ପ୍ରତିରକ୍ଷା



ଆନ୍ଦୋଳନ କରୁଥିବା କର୍ମଚାରୀ ସଂଗଠନର ସଦସ୍ୟଗଣ ।

ସାମଗ୍ରୀ ଯୋଗାଇବାକୁ ଆଦେଶ ମିଳିଥିବାବେଳେ ବର୍ତ୍ତମାନ ୨୦୧୯-୨୦ ବର୍ଷରେ ଏହା ୪୭୦କୋଟି ଟଙ୍କାକୁ ହ୍ରାସ ପାଇଛି । ଫଳରେ କାରଖାନାରେ କାମର ଅଭାବ ହେତୁ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଥିବା ଶ୍ରମିକ ସଂଗଠନ ତରଫରୁ ଅଭିଯୋଗ ହେଉଛି । ପୁନଶ୍ଚ ଏହି କାରଖାନାରେ ଏବେ ପାଞ୍ଚଶହରୁ ଉର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ନୂତନ ନିଯୁକ୍ତି ହେଉନାହିଁ । ଫଳରେ କାରଖାନା କର୍ତ୍ତୃପକ୍ଷ ଠିକା ଶ୍ରମିକଙ୍କ ଦ୍ୱାରା କାରଖାନାର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ସରକାର କୌଣସି ଦାବିକୁ କର୍ଣ୍ଣପାତ କରୁ ନ ଥିବାରୁ ସର୍ବଭାରତୀୟସ୍ତରରେ ଶ୍ରମିକ ସଂଗଠନମାନେ ତିନିଦିନିଆ ଧର୍ମଘଟ ଚଳାଇ ଆସୁଛନ୍ତି।

## ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୪।୧**

ଆଞ୍ଚଳିକ ଯୁବ ସମାବେଶରେ ଯୋଗଦେବା ପାଇଁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରଖିଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। କମିଟି ସଭାପତି ଲଳିତ କୁମାର ନାୟକ, ଓକିଲ ସଂଘ ସମ୍ପାଦକ ଅମନ ନାଗ, ନାଗରିକ କମିଟି ସଭାପତି ଭାବାନୀ ଶଙ୍କର ଶତପଥୀ ଓ ରବି ବହିଦାର ଦାବିପତ୍ର ପ୍ରଦାନ କରିଥିଲେ।

## ଖପ୍ରାଖୋଲ ଅଞ୍ଚଳରେ ମାଓବାଦୀ ବ୍ୟାନର, ପୋଷ୍ଟର

# ୩୧ ଭାରତ ବନ୍ଦ ସଫଳ କରିବାକୁ ଆହ୍ୱାନ

**ଖପ୍ରାଖୋଲ, ୨୪।୧(ଡି.ଏନ.ଏ.)**

ଦୀର୍ଘଦିନର ନୀରବତା ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ମାଓବାଦୀମାନେ ପୁଣି ଥରେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ତେଲେନପାଲି -କର୍ଲାମାଳ ରାସ୍ତାର ୨ଟି ପୋଲରେ ଗୁରୁବାର ସେମାନେ ଲାଲ ବ୍ୟାନର ଓ ପୋଷ୍ଟର ଲଗାଇ ପୋଲିସ୍ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ଲାଲ ବ୍ୟାନରରେ ହିନ୍ଦୀ ଭାଷାରେ ଜନତା ସେ ମାଓବାଦୀ କା ଅପିଲ ଲେଖା ଯାଇଛି। କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଦ୍ୱାରା ସମାଧାନ ରାଜନୀତି ନାଁରେ ଚାଲିଥିବା ଜନବିରୋଧି ଦମନଲୀଳା ବିରୋଧରେ ଆଗାମୀ ୨୫ରୁ ୩୦ ତାରିଖ ମଧ୍ୟରେ ସାରା ରାଜ୍ୟରେ ପ୍ରତିରୋଧ ସପ୍ତାହ ପାଳନ ଓ ୩୧ତାରିଖ ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଛି। ସେହିପରି ସହରି ମାଓବାଦୀ ନାଁରେ ସାରା ଦେଶରେ ହେଉଥିବା ପ୍ରଗତିଶୀଳ ବୁଦ୍ଧିଜୀବୀଙ୍କ ଗିରଫଦାରୀକୁ ବିରୋଧ କରି ଲେଖାଯାଇଛି । ସାରା ଦେଶରେ ଦଳିତ, ଆଦିବାସୀ, ମୁସଲମାନ ଓ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ଆକ୍ରମଣ ବିରୋଧରେ ରାଲି ଓ ସାଧାରଣ ସଭା କରିବାକୁ ପୋଷ୍ଟର, ବ୍ୟାନରରେ ଆହ୍ୱାନ ଦିଆଯାଇଛି । ପୋଲିସ୍ ଦମନ ମୁର୍ଦାବାଦ୍, କୋମ୍ବିଂ କରୁଥିବା ଅନ୍ଧ୍ର ପୋଲିସକୁ ଲ୍ୟାଣ୍ଡମାଇନ୍ସ ବିଛାଇ ସ୍ୱାଗତ କର ବୋଲି ଏଥିରେ ଲେଖା ରହିଛି । ବ୍ୟାନର ତଳେ ବସନ୍ତ କୁମାର, ସଚିବ,



ଲାଗିଥିବା ବ୍ୟାନର ।

ବିବିଏମ୍ ଡିଭିଜନ କମିଟି, ଚକ୍ରା ବିଶୋଇ ପ୍ରବକ୍ତା ଓଡିଶା ରାଜ୍ୟ କମିଟି ଭାରତ କମ୍ୟୁନିଷ୍ଟ ପାର୍ଟୀ(ମାଓବାଦୀ) ଲେଖା ରହିଛି। ୨ଟି ଯାକ ବ୍ୟାନରରେ ସମାନ ଲେଖା ରହିଥିବାବେଳେ ନିକଟରେ ଏକ ପାଳରେ ତିଆରି ଏକ ମର୍ତ୍ତୀ ଛିଡା କରାଇ ବ୍ରାହ୍ମଣ ଓ ହିନ୍ଦୁ ଫାସିବାଦୀ ଶାସନ ଦ୍ୱାରା ପ୍ରାୟୋଜିତ ସମାଧାନ ରଣନୀତି ଦମନ ଅଭିଯାନ ମୁର୍ଦାବାଦ, ସିପିଆଇ ମାଓଇଷ୍ଟ ଲେଖା ପୋଷ୍ଟର ଲଗାଯାଇଛି। ଖବର ପାଇ ପୋଲିସ ଲାଗିଥିବା ବ୍ୟାନର ଓ ପୋଷ୍ଟର ଜବତ କରିଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଦୁଇଦିନ ପରେ ସାଧାରଣତନ୍ତ୍ର ଦିବସ ଥିବାବେଳେ ମାଓବାଦୀଙ୍କ ବ୍ୟାନର ମରା ଘଟଣା ପୋଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଏଆଇଡ଼ିଏସଓ ପକ୍ଷରୁ ନେତାଜୀ ଜୟନ୍ତୀ

**ଗୁଡ଼ଭେଲା,୨୪।୧(ଡି.ଏନ.ଏ.)**

ଏଆଇଡିଏସଓ ଗୁଡ଼ଭେଲା ଓ ଦେଓଗାଁ ଶାଖା ପକ୍ଷରୁ ନେତାଜୀ ଜୟନ୍ତୀ ତୁଷୁରା ବସ୍‌ଷ୍ଟାଣ୍ଡଠାରେ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସଭାପତି ସୁନୀଲ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁଧାକର ପ୍ରଧାନ ମୁଖ୍ୟ ଅତିଥି, ଏଆଇଡ଼ିଏସଓର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ଼ ଅଶୋକ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଥିଲେ। ଏହି ଅବସରରେ ସ୍କୁଲ ଓ କଲେଜସ୍ତରରେ ଅନୁଷ୍ଠିତ ସଙ୍ଗୀତ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଭାମଞ୍ଚ ତଳେ ବସିଲେ ମନ୍ତ୍ରୀ, ଏମପି, ନେତା

**ବଲାଙ୍ଗୀର ଅଫିସ, ୨୪।୧**

ଆଞ୍ଚଳିକ ଯୁବ ସମାବେଶରେ ଯୋଗଦେବା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିଥିଲେ । ଏହି ସମାବେଶ ସମ୍ପୂର୍ଣ୍ଣଭାବେ ସରକାରୀ କାର୍ଯ୍ୟକ୍ରମ ଥିଲା । ସଭାମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଜୁ ଯୁବବାହିନୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଓ ୬ ଜଣ ଯୁବବାହିନୀ ସ୍ୱେଚ୍ଛାସେବୀ ମଞ୍ଚାସୀନ ଥିଲେ । ଏହାଛଡା କୌଣସି ମନ୍ତ୍ରୀ, ଏମପି ବା ପ୍ରଶାସନିକ ଅଧିକାରୀ ମଞ୍ଚ ଉପରେ ବସି ନ ଥିଲେ। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ସୁଶାନ୍ତ ସିଂ, ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଏମପି କଳିକେଶ ନାରାୟଣ ସିଂଦେଓ ମଞ୍ଚତଳେ ବସିଥିଲେ। ବିଜୁ ଯୁବବାହିନୀକୁ ନେଇ ବିରୋଧୀଦଳମାନେ ବିଭିନ୍ନ ସମୟରେ ବିଜେଡି ସରକାରକୁ ଟାର୍ଗେଟ କରୁଛନ୍ତି । ଶାସକ ବିଜେଡି ଏହାକୁ ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହାର କରୁଥିବା ଅଭିଯୋଗ ଆଣିଛନ୍ତି । ଏଭଳି ଅଭିଯୋଗକୁ ଭୁଲ ପ୍ରମାଣିତ କରିବା ସକାଶେ ବଲାଙ୍ଗୀର ଯୁବ ସମାବେଶ ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ, ବିଜୁ ଯୁବବାହିନୀ ରାଜ୍ୟ ଅଧ୍ୟକ୍ଷଙ୍କ ସହ ଅନ୍ୟ କୌଣସି ମନ୍ତ୍ରୀ, ନେତାଙ୍କୁ ସୁଯୋଗ ଦିଆଯାଇ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି।

ଆଞ୍ଚଳିକ ଯୁବ ସମାବେଶର ସାଂସ୍କୃତିକ ସନ୍ଧ୍ୟା

# ରଙ୍ଗବତୀ ଗୀତରେ ମତୁଆଲା କଲେ ସାନ୍

**ବଲାଙ୍ଗୀର ଅଫିସ, ୨୪।୧**

ହିନ୍ଦୀ ସିନେମା ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ବଲିଉଡ୍ ଗାୟକ ସାନ୍ ବଲାଙ୍ଗୀର ମାଟିରେ ପାଦଦେଇ ତାଙ୍କ ସୁମଧୁର ଗୀତରେ ସହସ୍ରାଧିକ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ । ବିଶ୍ୱପ୍ରସିଦ୍ଧ ରଙ୍ଗବତୀ ରଙ୍ଗବତୀ କନକଲତା ଗୀତକୁ ସାନ୍ ନିଜ କଣ୍ଠରେ ଗାଇବା ପରେ ସାଂସ୍କୃତିକ ସନ୍ଧ୍ୟା ମତୁଆଲ ହୋଇଯାଇଥିଲା । ନିଜ ଅଞ୍ଚଳର ସବୁଠୁ ଲୋକପ୍ରିୟ ରଙ୍ଗବତୀ ଗୀତକୁ ବଲିଉଡ ଗାୟକ ସାନ୍‌ଙ୍କ କଣ୍ଠରେ ଶୁଣି ଦର୍ଶକମାନେ ବିଭୋର ହୋଇଉଠିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜ ପଡିଆଠାରେ ଗୁରୁବାର ଆୟୋଜିତ ଆଞ୍ଚଳିକ ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସହସ୍ରାଧିକ ଯୁବବର୍ଗଙ୍କୁ ସମ୍ବୋଧିତ କରି ଫେରିବା ପରେ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ।



ବଲାଙ୍ଗୀରଠାରେ ଆୟୋଜିତ ଆଞ୍ଚଳିକ ଯୁବ ସମାବେଶ ମଞ୍ଚରେ ସାନ୍ ଗୀତ ପରିବେଷଣ କରୁଛନ୍ତି ।

ମୁମ୍ବାଇରୁ ଆସିଥିବା ଗାୟକ ସାନ୍ ଓ ତାଙ୍କ ସାଥୀମାନେ ଦୀର୍ଘ ୨ ଘଣ୍ଟା ଧରି ଯୁବ ସମାବେଶର ଯୁବବର୍ଗ, ବଲାଙ୍ଗୀର ସହରର ସଙ୍ଗୀତପ୍ରେମୀଙ୍କୁ ବିମୋହିତ କରିଥିଲେ । ଥ୍ରୀ ଇଡିଏଟ୍ ଭଳି ଚର୍ଚ୍ଚିତ ସିନେମାର ବେହେତି ହୱା ସା ଥା ଓ, ଡିସ୍କୋ ଡ୍ୟାନ୍ସ ଭଳି ଅନେକ ହିନ୍ଦୀଗୀତ ଓ କେତୋଟି ଲୋକପ୍ରିୟ ଓଡିଆ ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । ବିଶେଷକରି ଯୁବତୀ ଓ ଯୁବକମାନେ ସାନ୍‌ଙ୍କ ଗୀତର ତାଳେ ତାଳେ ନାଚି ଉଠିଥିଲେ । ପରିସ୍ଥିତି ଏଭଳି ହୋଇଥିଲା ଯେ ଦର୍ଶକମାନେ ଚୌକି ଉପରକୁ ଉଠିଆସି ନାଚିବ ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ପୁରୀ-ବଡ଼ବିଲ ଏକ୍ସପ୍ରେସ୍ ରାଉରକେଲାକୁ ସମ୍ପ୍ରସାରିତ

ରାଉରକେଲା ଅଫିସ,୨୪।୧- ସହରବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ପୁରୀ-ବଡ଼ବିଲ ଏକ୍ସପ୍ରେସ ରାଉରକେଲାକୁ ସମ୍ପ୍ରସାରିତ ହୋଇଛି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଯାତ୍ରୀ ପରିବହନ କ୍ଷେତ୍ରରେ ଉପକୂଳ ଓଡ଼ିଶା ଓ ରାଉରକେଲା ମଧ୍ୟରେ ରେଳ ଯୋଗାଯୋଗକୁ ଏହା ଅଧିକ ସମୃଦ୍ଧ କରିବ ବୋଲି କୁହାଯାଇଛି। ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବୁଧବାର ଏନେଇ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଷ୍ଟିଲ ସିଟିରେ ବାସ କରୁଥିବା କେନ୍ଦୁଝର ସମେତ ଉପକୂଳ ଜିଲାବାସୀ ଉପକୃତ ହେବେ ବୋଲି ଆଶାବ୍ୟକ୍ତ କରାଯାଇଛି। ଏ ନେଇ ଉତ୍ତର ଓଡ଼ିଶା ରେଳ ବିକାଶ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସଂଗ୍ରାମ ମହାନ୍ତି, ସଭାପତି ଉପେନ୍ଦ୍ର ନାୟକ, ମନୋଜ ରାଉଳ, ଶମ୍ଭୁନାଥ ପରିଡ଼ାଙ୍କ ସମେତ ଅମୂଲ୍ୟ ବରାଳ ଓ ଅଭୟ ଦାସ ପ୍ରମୁଖ ରେଳମନ୍ତ୍ରୀ ଓ କଟକ ଏମ୍‌ପି ଭର୍ତ୍ତୃହରି ମହାତାବଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

### 'ମୋ ସ୍ୱର ମୋ ପରିଚୟ୍' କାର୍ଯ୍ୟକ୍ରମ ୨୬ରେ

ରାଉରକେଲା ଅଫିସ,୨୪।୧- ସାମାଜିକ ସଂଗଠନ ଏବିସି ଡାଏରି ଓ ହାପି ମୁମେଣ୍ଟସ ମିଳିତ ଆନୁକୂଲ୍ୟରେ ମେରି ସୁର ମେରି ପହେଚାନ (ମୋ ସ୍ୱର ମୋ ପରିଚୟ) ନାମରେ ଏକ ସଙ୍ଗୀତ ଭିତ୍ତିକ ପ୍ରତିଯୋଗିତା ଆସନ୍ତା ୨୬ତାରିଖ ସନ୍ଧ୍ୟା ୬ଟାରେ ଭଞ୍ଜଭବନରେ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ଏଥିରେ ଷ୍ଟିଲ ସିଟିରେ ଥିବା ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗନେବେ। ପ୍ରତିଯୋଗିତାକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି କୁହାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ପ୍ରତି ଅନୁରାଗ ଓ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏଥିରେ ୫ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ଓ ୯ମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରୀଙ୍କୁ ନେଇ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଉକ୍ତଦିନ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

# ଆର୍‌ଏସ୍‌ପିରେ ସେଲ୍ ପ୍ରତିଷ୍ଠା ଦିବସ

ରାଉରକେଲା ଅଫିସ,୨୪।୧



ସେଲ୍ ପ୍ରତିଷ୍ଠା ଦିବସ ଅବସରରେ ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ଷ୍ଟାଡିୟମ ନିକଟରୁ ଗଣଦୌଡ଼ ଆରମ୍ଭ କରାଯାଉଛି।

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଆନୁକୂଲ୍ୟରେ ଗୁରୁବାର ଇସ୍ପାତ ଷ୍ଟାଡିୟମରେ ସେଲ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସମ୍ପ୍ରତି କମ୍ପାନୀ ଉତ୍ପାଦନର ୬୦ବର୍ଷ ପୂର୍ତ୍ତି ପାଳନ କରୁଥିବା ପରିପ୍ରେକ୍ଷିରେ ଏହି ପ୍ରତିଷ୍ଠା ଦିବସ ପାଳନର ବିଶେଷ ମହତ୍ତ୍ୱ ରହିଥିବା କୁହାଯାଇଛି। ଏହି ଅବସରରେ ଷ୍ଟାଡିୟମରେ ୫ କିଲୋମିଟର ଦୌଡ଼ ଓ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ସେଲ୍ ପରିବାର ପକ୍ଷରୁ ୨ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରାଜୀବ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଦିଲୀପ ମହାପାତ୍ର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଏସ୍.ଏସ୍. ପତିଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପସ୍ଥିତ ସାମୁଦାୟିକ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ୍ ପାଇଁ ଶପଥପାଠ କରିଥିଲେ। ଏହି ଅବସରରେ ଏକ କେକ୍ କଟାଯାଇଥିଲା। ଉପସ୍ଥିତ ଅଧିକାରୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରୁଷ ବର୍ଗରେ ଦ୍ରୁତତମ ପ୍ରତିଯୋଗୀ ରୂପେ ୧୭ ମିନିଟରେ ଦୌଡ଼ ସମ୍ପୂର୍ଣ୍ଣ କରି ଜଗନ୍ନାଥ ଦାସ ପୁରସ୍କୃତ ହୋଇଥିବା ବେଳେ ମହିଳା ବର୍ଗରେ ୨୪ ମିନିଟ ୪୫ ସେକେଣ୍ଡରେ ଦୌଡ଼ ସମ୍ପୂର୍ଣ୍ଣ କରି ପିଙ୍କି ତିର୍କୀ ପୁରସ୍କୃତ ହୋଇଥିଲେ। ବ୍ଲାଷ୍ଟ ଫର୍ନେସ ଏବଂ ଓବିବିପି ବିଭାଗ କର୍ମଚାରୀ ଏହି ଗଣଦୌଡ଼ ଓ ପଦଯାତ୍ରାରେ ସର୍ବାଧିକ ସଂଖ୍ୟାରେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ଯୁଗ୍ମ ବିଜେତା ରୂପେ ପୁରସ୍କୃତ କରାଯାଇଥିଲା। ସର୍ବାଧିକ ୫୨୬ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିବାରୁ ଦୀପିକା ଇସ୍ପାତ ଶିକ୍ଷାସଦନ ପୁରସ୍କୃତ ହୋଇଥିଲା। ଏହି ବିଦ୍ୟାଳୟ ଛାତ୍ରୀଛାତ୍ର ମୋଟ ୧୧ଟି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ବକ୍ତବ୍ୟ ରଖି ନିର୍ଦ୍ଦେଶକ ଅଗ୍ରୱାଲ କହିଥିଲେ, କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, କର୍ମଚାରୀଙ୍କ ଉତ୍ସାହ ସୂଚନା ଦେଉଛି ଯେ ଆର୍‌ଏସ୍‌ପି ଆଗାମୀ ଦିନରେ ଆହୁରି ଅଧିକ ଉତ୍କୃଷ୍ଟତା ପ୍ରଦର୍ଶନ କରିବ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରୋଟକଲ, ହସ୍ପିଟାଲିଟି ଓ ସମାଜ କଲ୍ୟାଣ ବିଭାଗ ଡିଜିଏମ୍ ହୀରାଲାଲ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। କ୍ରୀଡ଼ା ବିଭାଗ ଅଧିକାରୀ ଇ.ଏ. ସିଦ୍ଦିକି ଓ ସହରସେବା ବିଭାଗ ଅଧିକାରୀ ନିରଞ୍ଜନ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖିରେ ପକେଇ ଦେଉଛି ଧୂଳି**
**ମାଡ଼ ମାରି ପୁଣି କରୁଛି କଳି।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଦୋଷ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟ ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମାଈଁ,**
**ଯାହା ପେଟକୁ ଯିଏ ଧାଇଁ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ଅହରହ ବ୍ୟସ୍ତବିବ୍ରତ। କାହାରି ସୁଖ ଦୁଃଖରେ ସାମିଲ ହେବା, ଭଲମନ୍ଦ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ଆଗ୍ରହ ରହି ନ ଥାଏ। ନିଜ ପାଇଁ ନିଜେ ବଞ୍ଚିବା ତଥା ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ସେକ୍ଟର-୨ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ଆୟୋଜିତ ୨୪ କୁଣ୍ଡୀୟ ଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

# ଗାୟତ୍ରୀ ଯଜ୍ଞ ପାଇଁ କଳସ ଯାତ୍ରା

ରାଉରକେଲା ଅଫିସ,୨୪।୧

ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଗୁରୁବାର ୪ଦିନିଆ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅଧିବାସ ପାଇଁ ଭବ୍ୟ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ କଳସରେ ଜଳ ଧରି ଉଦିତନଗର ରାଧାକୃଷ୍ଣ ମନ୍ଦିର ନିକଟରୁ ବାହାରି ମୁଖ୍ୟ ରାସ୍ତା ଦେଇ ଶକ୍ତିପୀଠରେ ପହଞ୍ଚିଥିଲେ। କଳସ ସ୍ଥାପନା ପରେ ଯଜ୍ଞାରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ଯୁଗ୍ମ ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମରେ ଭିଡ଼ ପରିଲକ୍ଷିତ ହୋଇଥିଲା।

# ନାରୀ ସଶକ୍ତୀକରଣ କର୍ମଶାଳା

ରାଉରକେଲା ଅଫିସ,୨୪।୧

ବିଶ୍ୱ ବାଳିକା ଦିବସ ଅବସରରେ ଗୁରୁବାର ସେକ୍ଟର-୫ ଗୋଲଘରଠାରେ ଲାୟନ୍ସ କ୍ଲବ ଅଫ୍ ଛେଣ୍ଡ ରାଉରକେଲା ପକ୍ଷରୁ ନାରୀ ସଶକ୍ତୀକରଣ କର୍ମଶାଳା ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ରଶ୍ମିତା ମହାନ୍ତିଙ୍କ ସଂଯୋଜନା ତଥା କ୍ଲବ ସଭାନେତ୍ରୀ ଇଲା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ମୁଖ୍ୟଅତିଥି, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ସମ୍ମାନିତ ଅତିଥି ଓ ଡା. ଗୀତାଞ୍ଜଳି ପତ୍ରୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସୁବ୍ରତା ପତି, ମମତା ଗୌତମ ଓ ତୁହିନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଏକ୍କା ନିଜ ବକ୍ତବ୍ୟରେ କହିଥିଲେ, ନାରୀ କେବେ ଦୁର୍ବଳା ନୁହେଁ। ପରିବର୍ତ୍ତିତ ପରିସ୍ଥିତିରେ ନାରୀ ଅନେକ କ୍ଷେତ୍ରରେ ତା'ର ଦକ୍ଷତା ପ୍ରମାଣିତ କରିବାକୁ ସକ୍ଷମ ହୋଇଛି। ଆତ୍ମବିଶ୍ୱାସ ରହିଲେ ପ୍ରତ୍ୟେକ କ୍ଷେତ୍ରରେ ନାରୀ ବିଜୟ ମୁକୁଟ ପିନ୍ଧିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତେବେ ନାରୀ ଯେତିକି ଶିକ୍ଷିତ ହେଉଛି, ସେତିକି ନିର୍ଯାତିତା ହେଉଛି ଏଭଳି ଧାରଣାକୁ ବଦଳାଇବାକୁ ପଡ଼ିବ। ସରକାର ମିଶନଶକ୍ତି ମାଧ୍ୟମରେ ମହିଳା ସଶକ୍ତୀକରଣ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ଏହାର ସୁଯୋଗ ନେବାକୁ ଏକ୍କା ଆହ୍ୱାନ ଦେଇଥିଲେ। ନାରୀମାନେ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ନ ରହି ନିଜ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରିବାକୁ ସମ୍ମାନିତ ଅତିଥି ମହାନ୍ତି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପତ୍ରୀ କହିଥିଲେ, ପୁରୁଷ ଅପେକ୍ଷା ଜଣେ ନାରୀର ସହନଶୀଳ ଗୁଣ ଖୁବ ଅଧିକ। ଏଣୁ ମାନସିକ ସ୍ତରରେ ନାରୀ କେବେ ନିଜକୁ ଦୁର୍ବଳ ମଣିବା ଉଚିତ ନୁହେଁ। ପ୍ରତ୍ୟେକ ନାରୀ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପାରିବାରିକ ଦାୟିତ୍ୱବୋଧ ପ୍ରତି ସଚେତନ ରହିବାକୁ ପତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଗୌତମ କହିଥିଲେ, ପ୍ରତ୍ୟେକ ନାରୀ ମାନସିକ ଭାବେ ଦୃଢ଼ ଓ ସୁସ୍ଥ ରହିବା ଆବଶ୍ୟକ। ତୁହିନା ବିଶ୍ୱାଳ ନାରୀ ସଶକ୍ତୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ କନକଲତା ଦାସ ଓ ଦୀପ୍ତିରାଣୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାରାୟଣ ପତି, ବସନ୍ତ ମଲ୍ଲିକ, ବଳରାମ ଦାସ,ଏସ୍.କେ. ରାୟ, ରାଜେଶ ଅଗ୍ରୱାଲ, ସରୋଜ ପାତ୍ର ଓ ମଞ୍ଜୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କନକଲତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



ସେକ୍ଟର-୫ ଗୋଲଘରଠାରେ ଆୟୋଜିତ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସଡ଼କ ଦୁର୍ଘଟଣାରେ ସାହିତ୍ୟିକଙ୍କ ମୃତ୍ୟୁ

ସୁନ୍ଦରଗଡ଼, ୨୪।୧ (ଡି.ଏନ୍.ଏ)

ସୁନ୍ଦରଗଡର ଜଣାଶୁଣା ସାହିତ୍ୟିକ ତଥା ବରିଷ୍ଠ ଖବରଦାତା ତପୋଧନ ଦାଶଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁବେଳଙ୍କୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ବୁଧବାର ସେ ବାଇକ୍ ଯୋଗେ ଦର୍ଲିପାଲିରୁ ଫେରୁଥିବା ବେଳେ ରାସ୍ତାରେ ଥିବା ହମ୍ପସରେ ଛିଟିକି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଭଷ୍ମା ଥାନା ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଗୁରୁବାର ସକାଳେ ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବା ପରେ ସୁନ୍ଦରଗଡ ଓ ବରଗଡ ଅଞ୍ଚଳର ଖବରଦାତା ଓ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳି ଯାଇଛି । ବରଗଡ ଜିଲାର ମୂଳବାସୀ ତପୋଧନ ସୁନ୍ଦରଗଡର ସ୍ଥାୟୀ ବାସିନ୍ଦାହୋଇ କେତେକ ଖବରକାଗଜରେ ଖବରଦାତା ଭାବେ କାର୍ଯ୍ୟକରିଥିଲେ। ଏଥିସହିତ ବିଭିନ୍ନ ପତ୍ରପତ୍ରିକାରେ ଗଳ୍ପ ,କବିତା ଓ ଉପନ୍ୟାସ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଥିଲା।

# ଶନି ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ରାଉରକେଲା ଅଫିସ,୨୪।୧

ଏସ୍‌ଟିଆଇ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଅଞ୍ଚଳରେ ଥିବା ଶନି ମନ୍ଦିର ହୁଣ୍ଡି ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଚୋରି କରିଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ପୂଜକ ସୁରେନ୍ଦ୍ର ପାଢ଼ୀ ଗୁରୁବାର ସକାଳେ ମନ୍ଦିର ଖୋଲିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ କହିବାନୁସାରେ ଆନୁମାନିକ ୫ରୁ ୬ହଜାର ଟଙ୍କା ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଆତ୍ମରକ୍ଷା ପ୍ରଶିକ୍ଷଣ କର୍ମଶାଳା

ରାଉରକେଲା ଅଫିସ,୨୪।୧

ଜଗଦାସ୍ଥିତ ନୀଳଶୈଳ କଲେଜରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ଏହି ଶିବିରରେ ଉତ୍କଳ କରାଟେ ସ୍କୁଲର ସାମରିକ କଳା ବିଶେଷଜ୍ଞ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ କୋର୍ସ ରିଆକ୍ଟ ଅନୁସାରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିରେ ପ୍ରଶିକ୍ଷକ ରାଜୀବ ସିଂ ବିପଦ ସମୟରେ କିପରି ଛାତ୍ରୀମାନେ ନିଜ ମାନସିକ କ୍ଷମତାର ସନ୍ତୁଳନ ରଖିବେ, ଶାରୀରିକ ସକ୍ଷମତାର ଉପଯୋଗ କରିବେ ସେ ନେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ବିମଳପ୍ରସାଦ ଦାସ, ଗଜେନ୍ଦ୍ର ଦାସ ଓ ସଞ୍ଜୀବ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ ଶତପଥୀ କର୍ମଶାଳା ପରିଚାଳନା କରିଥିଲେ। ଏଥିରେ ଶହେ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଶୁଭଜିତ ମନୋହରୀ, ନମ୍ରତା ସ୍ୱାଇଁ ଓ ସୁଜାତା ସାହୁ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଏହା ଆସନ୍ତା ୧୨ଦିନ ଧରି ଚାଲିବ ବୋଲି କୁହାଯାଇଛି। ଅଭିଷେକ ପଟ୍ଟନାୟକ ଓ ସୁଦାମ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ନୀଳଶୈଳ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଉଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ।
2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଭଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ତାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ
- ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।
- ଭଲ୍ଟାୟାର



## ସଂକ୍ଷେପରେ

### ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବେଦବ୍ୟାସ, ୨୪।୧ (ଡି.ଏନ.ଏ)-** ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସ ସ୍ଥିତ ଗୁରୁକୂଳ ସଂସ୍କୃତି ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ଗୁରୁକୂଳ ସଂସ୍କୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀନିବାସ ପାଠି ଶର୍ମା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ୭୭ ଛାତ୍ରୀ ଯୋଗଦାନ କରିଥିଲେ। ଜୟା କୁମାରୀ ସିଂ ଓ ତେଜସ୍ୱିନୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିର ପରିଚାଳିତ ହେଉଛି।

# ଛତିଶଗଡ଼କୁ ଧାନ ଚାଲାଣ, ବେପାରୀ ସକ୍ରିୟ

**ଲେଫ୍ରିପଡା, ୨୪।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରୁ ପ୍ରତିଦିନ ଛତିଶଗଡ଼କୁ ଧାନ ବେଆଇନ ଭାବେ ଚାଲାଣ ହେଉଛି। ଏହି ଅଞ୍ଚଳରେ ଧାନ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି। ଏହି ବ୍ଲକର ସୁର୍ଗୁଡା, ଗିରିଙ୍ଗକେଲା, ଡୁମାବାହଲ ସମେତ ବିଭିନ୍ନ ଗ୍ରାମରୁ ନିୟମିତ ଶହଶହ ଧାନବସ୍ତା ପଡୋଶୀ ଛତିଶଗଡ ରାଜ୍ୟର ସୀମାରେ ରହିଥିବା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସରପଗଡ କସେଇଝରଣ, ବଇଲମା, ମନହରପାଲି ଗ୍ରାମ ଦେଇ ପିକ୍‌ଅପ୍, ଟ୍ରାକ୍ଟର ମାଧ୍ୟମରେ ଚାଲାଣ ହେଉଥିବା ଦେଖାଦେଇଛି। ଛତିଶଗଡରେ ଧାନର ମୂଲ୍ୟ ବୃଦ୍ଧିକୁ ନେଇ ଅଞ୍ଚଳରେ ଧାନ ବେପାରୀ ସକ୍ରିୟ ହୋଇପଡିଛନ୍ତି। କ୍ଷୁଦ୍ରଚାଷୀ, ଭାଗଚାଷୀଙ୍କଠାରୁ କମ୍ ଦରରେ ଧାନ ସଂଗ୍ରହ କରି ମୋଟାଅଙ୍କର ଅର୍ଥ ପାଇବା ସକାଶେ ଖୁଲମଖୁଲା ଭାବେ ଚାଲାଣ କରୁଥିବାବେଳେ ପ୍ରଶାସନ ଚୁପ୍ ହୋଇ ରହିଛି। ଯଦି ଧାନ ଚାଲାଣକୁ ପ୍ରଶାସନ ପକ୍ଷରୁ ରୋକିବା ଲାଗି ପଦକ୍ଷେପ ନିଆ ନ ଯାଏ, ତାହେଲେ ଆଗାମୀ ଦିନରେ ରାଜ୍ୟରେ ସରକାରଙ୍କ ପକ୍ଷରୁ ଧାନ ସଂଗ୍ରହ ପରିମାଣ ନିଶ୍ଚିତ ଭାବେ କମିବ ବୋଲି ବୁଦ୍ଧିଜୀବୀ ମହଲରୁ ମତପ୍ରକାଶ ପାଇଛି। ଏ ନେଇ ଲେଫ୍ରିପଡା ବ୍ଲକସ୍ତରୀୟ ଧାନକ୍ରୟ କମିଟିର ନୋଡାଲ ଅଧିକାରୀ ବ୍ଲକ୍ ବିଡିଓ ପଲ୍ଲବୀରାଣୀ ରାଜ୍‌ଙ୍କୁ ପଚାରିବାରୁ ଏ ବିଷୟରେ ତାଙ୍କ ପାଖରେ କୌଣସି ଅଭିଯୋଗ ଆସି ନାହିଁ ବୋଲି କହିଥିଲେ। ଏହି ଦିଗରେ ତଦନ୍ତ କରାଯାଇ ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଗାଡ଼ିରେ ଧାନ ଚାଲାଣ କରାଯାଉଛି।

# ଜାତୀୟ ଶିଶୁ କନ୍ୟା ଦିବସ

**ସୁନ୍ଦରଗଡ଼, ୨୪।୧ (ଡି.ଏନ୍.ଏ)**

ଜିଲା ଶିଶୁ ସୁରକ୍ଷା ୟୁନିଟ, ସୁନ୍ଦରଗଡ଼ ଆନୁକୂଲ୍ୟରେ ଜାତୀୟ ଶିଶୁ କନ୍ୟା ଦିବସ ସ୍ଥାନୀୟ ଆଦୃତ ଶିଶୁ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୪ଟି ଶିଶୁ ଯତ୍ନକାରୀ ଅନୁଷ୍ଠାନରୁ ୧୧୫ ଜଣ ଶିଶୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ରାଣୀ ଜାନକୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ପ୍ରାୟ ୨୦୦ ଛାତ୍ରୀ ଓ ଶିଶୁମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ହସ୍ପିଟାଲ ରୋଡ଼ ଦେଇ ଡିଆରଡିଏ ଛକ ଏବଂ ପଞ୍ଚମୁଖୀ ହନୁମାନ ମନ୍ଦିର ଦେଇ ପୁଣି ରାଣୀ ଜାନକୀ ହାଇସ୍କୁଲରେ ପହଞ୍ଚିଥିଲା। ଆଦୃତ ଶିଶୁ ଆଶ୍ରମରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁଭେନାଇଲ ଜଷ୍ଟିସ ବୋର୍ଡ, ସୁନ୍ଦରଗଡ଼ର ସଦସ୍ୟା ଶୁଭଶ୍ରୀ ରାୟ ମୁଖ୍ୟ ଅତିଥି ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟ ମହେନ୍ଦ୍ର କୁମାର ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ରାୟ ତାଙ୍କ ବକ୍ତବ୍ୟରେ କିଭଳି ଝିଅମାନେ ତାଙ୍କ ସମସ୍ତ ସମସ୍ୟାକୁ ନିଜେ ସମାଧାନ କରିପାରିବେ ଏବଂ ସବୁଦିଗରେ ଅଗ୍ରଗତି କରିବେ ସେ ସମ୍ପର୍କରେ ମତ ରଖିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଶିଶୁଙ୍କ ସୁରକ୍ଷା ଏବଂ ଶିଶୁକୁ ନେଇ ସମାଜରେ ଥିବା କୁପ୍ରଥା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସୁରକ୍ଷା ଅଧିକାରୀ ଶିଶୁ ଯତ୍ନକାରୀ ଅନୁଷ୍ଠାନର ଅନନ୍ତ ପରୁଆ ଧନ୍ୟବାଦ ଦେଇଥିଲେ।

### ସରକାରୀ ମହାବିଦ୍ୟାଳୟ ଛାତ୍ରୀନିବାସର ବାର୍ଷିକ ଉତ୍ସବ

# ସଫଳ ବ୍ୟକ୍ତିଙ୍କ ପ୍ରେରଣା ନାରୀ

**ସୁନ୍ଦରଗଡ଼, ୨୪।୧ (ଡି.ଏନ୍.ଏ)**

ସରକାରୀ ମହାବିଦ୍ୟାଳୟ ଛାତ୍ରୀନିବାସର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏକଦା ସେ ନିଜେ ଏହି ଛାତ୍ରୀ ନିବାସର ଅନ୍ତେବାସୀଥିବା ସ୍ମୃତିକୁ ମନେପକାଇ ଛାତ୍ରୀ ନିବାସର ଜୀବନଶୈଳୀ, ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ବାହ୍ୟ ଚାକଚକ୍ୟରେ ବଶୀଭୂତ ନ ହୋଇ ଏହି ମୂଲ୍ୟବାନ ମୂହୂର୍ତ୍ତକୁ ଯଥାର୍ଥ ବିନିଯୋଗ କରି ଓ ନିଜକୁ ନିରାପତ୍ତାର ବଳୟ ମଧ୍ୟରେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂଘର ସଭାପତି ବିଶ୍ୱରଞ୍ଜନ ହୋତା ଯୋଗଦେଇ ନାରୀ ଶକ୍ତି ହିଁ ଶ୍ରେଷ୍ଠ ଶକ୍ତି ଏବଂ ନାରୀ ୯ଟି ରୂପରେ ପ୍ରକାଶିତ ବୋଲି କହିବା ସହ ଇତିହାସରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ପ୍ରେରଣା ନାରୀ ଶକ୍ତି ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଏହି ସମାରୋହରେ ଛାତ୍ରୀ ନିବାସର ଅଧୀକ୍ଷିକା ଡ. କୁମୁଦିନୀ ରାଉତରାୟ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂଘର ସଦସ୍ୟ ତଥା ପୂର୍ବତନ ଉପନଗରପାଳ ସୁମନ୍ତ କୁମାର ପଣ୍ଡା, ଜୟନାରାୟଣ ତ୍ରିପାଠୀ, ପ୍ରଫୁଲ୍ଲ ସୁନ୍ୟାନୀ, ଅଜିତ ପ୍ରସାଦ, ପ୍ରଦୀପ ବହିଦାର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀ ଦୀପଶିଖା ମହାନ୍ତ ବିବରଣୀ ପାଠ କରିଥିଲେ। ସହ ଅଧୀକ୍ଷକ ସରୋଜ କୁମାର ପୂଝାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, ଗୀତ ପରିବେଷିତ ହୋଇଥିଲା।





ସରକାରୀ ମହାବିଦ୍ୟାଳୟ ଛାତ୍ରୀନିବାସର ବାର୍ଷିକୋତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ଉଦ୍‌ବୋଧନ ଦେଉଛନ୍ତି। (ବାମ) ଅତିଥିଙ୍କ ସହ ଛାତ୍ରୀ।



ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଧିକାରୀ।

# ସରପଗଡ଼ ଡ୍ୟାମ୍ ସାଇଟ୍‌ରେ ପାଣିପଞ୍ଚାୟତ ପକ୍ଷ ପାଳନ

**ଲେଫ୍ରିପଡା,୨୪।୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସରପଗଡ ମଧ୍ୟମଜଳ ସେଚନ ପ୍ରକଳ୍ପ ଡ୍ୟାମ୍ ସାଇଟ୍‌ରେ ଜଳସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜଳସମ୍ପଦ ବିଭାଗର ଉପନିର୍ବାହୀ ଯନ୍ତ୍ରୀ ରମେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତ ପ୍ରକଳ୍ପ କମିଟିର ଚେୟାରମେନ୍ ତେଜରାଜ ପୃଷେଠ୍, ବରିଷ୍ଠ ଚାଷୀ ଜୟମଙ୍ଗଳ ପଟେଲ, ରାଜକୁମାର ପଟେଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବୈଠକରେ ଉପନିର୍ବାହୀ ଯନ୍ତ୍ରୀ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରି ଉପସ୍ଥିତ ଚାଷୀଙ୍କୁ ଶୁଣାଇଥିଲେ। ଆଗାମୀ ଦିଗରେ ଜଳର ସୁପରିଚାଳନା ଦିଗରେ ଚାଷୀଙ୍କୁ ସଚେତନ କରିଥିଲେ। ପାଣି ପଞ୍ଚାୟତ ଚେୟାରମେନ ଏବଂ ବରିଷ୍ଠଚାଷୀ ଜୟମଙ୍ଗଳ ପଟେଲ ଜଳର ଅପଚୟ ନ କରି ସମସ୍ତେ ସୁସମ୍ପର୍କ ସ୍ଥାପନ କରି ଜଳ ପରିଚାଳନା କରିବାକୁ ଯତ୍ନବାନ୍ ହେବାପାଇଁ ଭିନ୍ନଭିନ୍ନ ଭାବେ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନିଷ୍ଠଯନ୍ତ୍ରୀ ଭବାନୀଶଙ୍କର ସା, ସକ୍ରିୟ ଚାଷୀ ନବୀନ ଚନ୍ଦ୍ର ନାଏକ, ନିରଞ୍ଜନ ନାଏକ, ସନ୍ତୋଷ କୁମାର ପଟେଲ, ରଜତ କୁମାର ଟପୋ ସମେତ ସରପଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ପାଞ୍ଚଟି ପାଣି ପଞ୍ଚାୟତର ପ୍ରଶାନ୍ତ ପୃଷେଠ୍, ଶିଶିର ପଟେଲ, ଯୋଗେନ୍ଦ୍ର ସେଠ୍, ବିଜୟାନନ୍ଦ ସା, ମନ୍ଦ କିଷାନ ପ୍ରମୁଖ ପାଣି ପଞ୍ଚାୟତ କର୍ମକର୍ତ୍ତା ଏବଂ ଅଞ୍ଚଳର ଚାଷୀଗଣ ଉପସ୍ଥିତ ଥିଲେ।

# ନେତାଜୀ ହେଉଛନ୍ତି ଦେଶପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ

**ହେମଗିର, ୨୪।୧ (ଡି.ଏନ.ଏ)**

ଲୁଆବାହାଲ ନେତାଜୀ ଯୁବକ ସଂଘ ପକ୍ଷରୁ ମହାଆଡମ୍ବର ପୂର୍ଣ୍ଣ ସହକାରେ ନେତାଜୀଙ୍କର ୧୨୩ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡର ବରିଷ୍ଠ ଆଇନଜୀବି ଶ୍ୟାମ ସୁନ୍ଦର ମିଶ୍ର ଯୋଗଦେଇ ନେତାଜୀ ହେଉଛନ୍ତି ଦେଶପ୍ରେମର ଏକ ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିବା ଛଳରେ ଉତ୍କଳ ମାଟିର ସେହି ଯୋଗ୍ୟତମ ସନ୍ତାନ ଦିନେ ପରାଧିନ ଭାରତର ନେତୃତ୍ୱ ନେଇ ସମଗ୍ର ବିଶ୍ୱ ଦରବାରରେ ନିଜର ବୀରତ୍ୱ ତଥା ଅଗାତ ଦେଶ ପ୍ରେମର ପରାକାଷ୍ଠାକୁ ପ୍ରତିପାଦିତ କରିଥିଲେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ସୁଧାରାଣୀ ରାଉତିଆ, ପୂର୍ବତନ ବ୍ଲକ ଅଧକ୍ଷା ଲବଙ୍ଗଲତା ମାଝୀ, ବଟକିଶୋର ମିଶ୍ର, ତିଲେଶ୍ୱର ପଟେଲ, ସୁକାନ୍ତ ପତି, ସରପଞ୍ଚ ତୀର୍ଥରାଜ ବିଶ୍ୱାଳ, ନେତ୍ରମଣି ପଟେଲ ପ୍ରମୁଖ ଯୋଗଦେଇଥିଲେ । ସମାରୋହ ଜିଲା କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ ଚନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ । ନେତାଜୀଙ୍କର ଏହି ୧୨୩ତମ ଜୟନ୍ତୀ ଅବସରରେ ଯୁବକ ସଂଘର ସଭାପତି ରକି ସା ସଂଘର ବିବରଣୀ ପାଠ କରିଥିଲେ । ଦୀର୍ଘ ୩୫ ବର୍ଷ ଧରି ଘାତ ପ୍ରତିଘାତ ଅତିକ୍ରମ କରି ସଂଘ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟଶିବିର, ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ, ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ସହାୟତା ଗ୍ରାମର ଆଧାତ୍ମିକ କାର୍ଯ୍ୟରେ ସହଯୋଗ ଭଳି ଜନହିତକର କାର୍ଯ୍ୟରେ ସାମିଲ କରିଥିବା କଥା ଉଲ୍ଲେଖ କରିଥିଲେ। ସମାରୋହର ଶେଷ ପର୍ଯ୍ୟାୟରେ ମାତୃଜାତିର ସମ୍ମାନ ଛଳରେ ଉତ୍ତମ ମା' ସମ୍ମାନ ପ୍ରଦାନ କରିଥିଲେ। ଜୟନ୍ତୀ ଅବସରରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଂଘ ଅନୁଷ୍ଠିତ କରିଥିବା ବିଭିନ୍ନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ମଧ ପ୍ରଦାନ କରାଯାଇଥିଲା।



ଲୁଆବାହାଲରେ ନେତାଜୀ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି, ବକ୍ତା।

# ଯୁବ ସଙ୍ଗଠନ 'ପରିବାର' ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବଡଗାଁ, ୨୪।୧ (ଡି.ଏନ.ଏ)**

ବଡ଼ଗାଁ ଲଟାଗାଁର ଯୁବକମାନଙ୍କୁ ନେଇ ଗଠିତ ଯୁବ ସଙ୍ଗଠନ 'ପରିବାର' ପକ୍ଷରୁ ନେଜାଟୀ ସୁବାଷ ବୋଷଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସହିତ ପ୍ଲାଷ୍ଟିକ ଯୋଗୁ ଦେଖାଦେଉଥିବା ସମସ୍ୟା ଓ ବୃକ୍ଷ ରୋପଣ ପାଇଁ ସଚେତନତା ଉଦ୍ଦେଶ୍ୟରେ ଲିଫ୍‌ଲେଟ ବଣ୍ଟନ କରାଯାଇଛି। ସ୍ୱଚ୍ଛତା ହିଁ ସେବା ଓ ସଚେତନତା ହିଁ ସଂସ୍କାର ବାର୍ତ୍ତା ଦିଆଯାଇଥିଲା। ପୂର୍ବାହ୍ନରେ ସଙ୍ଗଠନର ସଦସ୍ୟମାନେ ସୂଚନା ମୁତାବକ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ସମବେତ ହୋଇଥିଲେ। ପରେ ବସଷ୍ଟାଣ୍ଡ ଆଖପାଖ ଅଞ୍ଚଳକୁ ସଫା କରିବା ସହ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁଗୁଡିକ ଏକାଠି କରି ପୋଡିଥିଲେ । ସଙ୍ଗଠନର ସଭାପତି ରାଜେଶ ଦେହୁରୀ, ସମ୍ପାଦକ କୈଳାଶ କର୍ସେଲଙ୍କ ନେତୃତ୍ୱରେ ରାହୁଲ କର୍ସେଲ, ଶୁଭମ ଗହିର, କାହ୍ନୁ କାଲୋ, ମହେନ୍ଦ୍ର ଭିତ୍ରିଆ, ରମାକାନ୍ତ ଭୈସାଲ, କେଶବ କର୍ସେଲ, କୈଳାଶ ଭିତ୍ରିଆ, ବାବୁଲି କର୍ସେଲ, ଅଶୋକ ଷଡଙ୍ଗୀ, ବିକାଶ ପୋଢ଼, ହରେକୃଷ୍ଣ ହସ୍ତି, ରବି ଗହିର, ଟିକେଶ୍ୱର ଗୌଡ, ରାମ ମୁଖି, ସୁରେଶ ମୁଖି, ସୁରେନ୍ଦ୍ର ବାଗେ, ରାଜବୀର କର୍ସେଲ, ଇନ୍ଦ୍ରମଣୀ ଚନ୍ଦନ, ଅରୁଣ ମାଝୀ ପ୍ରମୁଖ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ କରିଥିଲେ ।

# ଜିଲାସ୍ତରୀୟ ବୀର ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ

**ସୁନ୍ଦରଗଡ, ୨୪।୧ (ଡି.ଏନ.ଏ)**

ସମ୍ବଲପୁର ମାଟିର ଅବିସ୍ମରଣୀୟ ଦେଶପ୍ରେମୀ, ଜନପ୍ରିୟ ମହାନ ଯୋଦ୍ଧା ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୁନ୍ଦରଗଡ ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ କିରେଇଠାରେ ଜିଲାସ୍ତରୀୟ ବୀରସୁରେନ୍ଦ୍ର ସାଏଙ୍କ ବୀରଗାଥା ଫେଡେରେସନ୍‌ର ସୁନ୍ଦରଗଡ ଶାଖା ପକ୍ଷରୁ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଶିକ୍ଷକ ପ୍ରତିନିଧିମାନେ ଯୋଗଦେଇ ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ବୋଷଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସେମାନଙ୍କ ଦେଶପ୍ରେମ ଓ ଦୁର୍ବାର ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ସଂଘର ସଭାନେତ୍ରୀ ମମତା କରଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ଜିଲା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଓଡିଶାଜାତିର ଗର୍ବ ଓ ଗୌରବ ବୀରସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ବୋଷଙ୍କ ବୀରଗାଥାକୁ ଲିଭାଇ ଦେବାକୁ ବହୁବାର ଉଦ୍ୟମ କରାଯାଇଥିଲେ ହେଁ ଆଜି ମଧ ପଶ୍ଚିମ ଓଡିଶାର ଜନମାନସରେ ସୁରେନ୍ଦ୍ର ସାଏ କିପରି ଉଜ୍ଜିବିତ ହୋଇ ରହିଛନ୍ତି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଦିବ୍ୟଲୋଚନ ପଶାୟତ, ସବିତା ନାଏକ, ସବିତା ପଟେଲ, ସବିତାରାଣୀ ସାହୁ, ସୁକାନ୍ତି ପଟେଲ, ସୁନୀଲ କର, ଚନ୍ଦନ ନାଏକ, ସଞ୍ଜିବ ପଟେଲ, ବିଶ୍ୱଜିତ ପଟେଲ, କମଳଲୋଚନ ନାଏକ, କମଳଲୋଚନ ମାଝୀ, ବିନୋଦ ଚନ୍ଦ୍ର ସାଏ ଦିଲ୍ଲୀପ ପଟେଲ, ସୁରେଶ ଚନ୍ଦ୍ର ପଟେଲ, ବିପିନ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନେତାଜୀ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିବା ସହ ଉତ୍କଳ ମାଟିର ସେହି ଯୋଗ୍ୟତମ ସନ୍ତାନ ଦିନେ ପରାଧିନ ଭାରତର ନେତୃତ୍ୱ ନେଇଥିଲେ ବୋଲି ବକ୍ତାମାନେ କହିଥିଲେ।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ସ୍କିମ୍ ଉଦ୍‌ଘାଟିତ

**ସୁନ୍ଦରଗଡ, ୨୪।୧ (ଡି.ଏନ୍.ଏ)**

ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ଛାତ୍ରମାନଙ୍କ ସଗଭାଗୀତା ଉଦ୍ଦେଶ୍ୟରେ ଗୁରୁବାର ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ବନ୍ଧପାଲିସ୍ଥିତ ଟାଙ୍ଗରପାଲି ପଞ୍ଚାୟତସମିତି ଉଚ୍ଚବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ସ୍କିମ୍ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜ ପାଇଁ ପୋଲିସର କର୍ତ୍ତବ୍ୟ ଓ ସମାଜ ପ୍ରତି ରହିଥିବା ଦାୟିତ୍ୱ ବୋଧ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାଗ୍ରତ କରାଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏବଂ ପୋଲିସକୁ ସହାୟତା ପ୍ରଦାନ ପାଇଁ ଏକ ଶୃଙ୍ଖଳିତ ଜୀବନ ଗଠନ ସକାଶେ ଏହି କ୍ୟାଡେଟ ସ୍କିମ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସଡକ ସୁରକ୍ଷା, ଟ୍ରାଫିକ ପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା, ସମାଜରେ ଘଟୁଥିବା ଯୌତୁକ ନିର୍ଯାତନା ଓ ପାରିବାରିକ ହିଂସା ନିରାକରଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲା ପୋଲିସ ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ଏହି କ୍ୟାଡେଟମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଏସ୍‌ପି ମିଶ୍ରା ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦଲାଲ ନାଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଦର ଏସ୍‌ଡିପିଓ ବଳଭଦ୍ର ଦୀପ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ସ୍କିମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ସିସି ଭଳି ଏହି ଏସ୍‌ପିସି ଗଠନ ପ୍ରଥମେ କେରଳରେ ପରୀକ୍ଷାମୂଳକ ଭାବରେ ଆରମ୍ଭ ହୋଇ ସଫଳତା ହାସଲ ପରେ ଗତ ଜୁଲାଇ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସାରା ଦେଶରେ ଥିବା ବିଦ୍ୟାଳୟଗୁଡିକରେ ଏହି ଏସ୍‌ପିସି ଗଠନର ଶୁଭାରମ୍ଭ ଗୁରଗାଓଁ ଠାରେ କରିଥିଲେ। ଏହା ପରେ ଓଡିଶା ଏହି କ୍ୟାଡେଟ ଗଠନ କରିବାରେ ଦ୍ୱିତୀୟ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଏସ୍.ପି ରବିନାରାୟଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏହି ସ୍କିମର ଶୁଭାରମ୍ଭ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ପୋଲିସ ବିଭାଗ ପକ୍ଷରୁ ପୋଷାକ, ଜୋତା ଓ ଟୋପି ପ୍ରଦାନ ସହ ପ୍ରତି ସପ୍ତାହରେ ଥରେ ଲେଖାଏଁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ସବିତାରାଣୀ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହି କ୍ୟାଡେଟସ୍କିମରେ ସାମିଲ ଛାତ୍ରୀ ଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ୨୨ ଛାତ୍ରୀ ଓ ୨୨ ଛାତ୍ରଙ୍କୁ ଏହି କ୍ୟାଡେଟରେ ସାମିଲ କରାଯାଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ବାଗ ଓ ସନ୍ତୋଷ କୁମାର ନାଏକଙ୍କୁ ଏହି କ୍ୟାଡେଟର ଇନଚାର୍ଜ ଦାୟିତ୍ୱ ଦିଆଯାଇଛି।





ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟସ୍କିମର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏସ୍‌ପି ପ୍ରଦୀପ ପ୍ରଜ୍ଜ୍ୱଳନ କରୁଛନ୍ତି। ଉପସ୍ଥିତ କ୍ୟାଡେଟ୍।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୨୪ା୧(ସ୍ୱ.ପ୍ର.)- ତିଲେଇବଣି ବ୍ଲକ ଖୁଣ୍ଟିଆପାଲି ମା' ମହାମାୟୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚାରି ଦିନଧରି ଚାଲିଥିବା ଟୁର୍ନାମେଣ୍ଟରେ ଆଠଟି ଦଳ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚ ଖୁଣ୍ଟିଆପାଲି ଓ ନୂଆଗାଁ ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଖୁଣ୍ଟିଆପାଲି ଦଳକୁ ନୂଆଗାଁ ୫ ଉଇକେଟରେ ହରାଇଥିଲା। ନୂଆଗାଁ ଚାମ୍ପିୟନ ଓ ଖୁଣ୍ଟିଆପାଲି ରନର୍ସ ଅପ ହୋଇଥିଲେ। ଫାଇନାଲ ମ୍ୟାଚକୁ ବିଜୟ ଲୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ପ୍ରତିନିଧି ଯୋଗେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁଗୁଡା କଲେଜର ଅଧକ୍ଷ ଟିକେଶ୍ୱର ଦେବତା, ପରାମାନନ୍ଦ ପ୍ରଧାନ ଯୋଗଦେଇଥିଲେ।

# ୬୧୮ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

- କ୍ୟାନ୍‌ସର ହସ୍ପିଟାଲ ଭିତ୍ତିପ୍ରସ୍ତର ସ୍ଥାପନ
- ବେଲପାହାଡ଼ ପାଇଁ ହସ୍ପିଟାଲ ଘୋଷଣା

ଝାରସୁଗୁଡ଼ା ଅଫିସ,୨୪ା୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଝାରସୁଗୁଡ଼ା ଗସ୍ତରେ ଆସି ୬୧୮ କୋଟି ୬୬ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କରିଛନ୍ତି। ମଧାହ୍ନ ୧୧.୫୫ରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ କଡା ସୁରକ୍ଷା ମଧ୍ୟରେ ଜେଲ ପାଖ ପ୍ରକଳ୍ପ ଲୋକାର୍ପଣ ପଡ଼ିଆକୁ ଆସିଥିଲେ। ସେଠାରେ ବିଭିନ୍ନ ପ୍ରକଳ୍ପ ସହିତ ଝାରସୁଗୁଡ଼ାରେ ହେବାକୁ ଥିବା ୧୪୫ କୋଟି ଟଙ୍କାର କ୍ୟାନସର କେୟାର ହସ୍‌ପିଟାଲର ଶିଳାନ୍ୟାସ କରିଥିଲେ। ବହୁଦିନରୁ ଏହି ହସ୍‌ପିଟାଲ ପାଇଁ ଦାବି ହୋଇ ଆସୁଥିଲା । ଉକ୍ତ ହସ୍‌ପିଟାଲ ଶିଳାନ୍ୟାସ ପରେ ବେଲପାହାଡ଼ର ବରିଷ୍ଠ ନାଗରିକଙ୍କ ଧାରଣା ସଫଳ ହୋଇଛି। କାରଣ ମୁଖ୍ୟମନ୍ତ୍ରୀ ନିଜ ଉଦ୍‌ବୋଧନରେ ବେଲପାହାଡକୁ ହସ୍‌ପିଟାଲ ମିଳିବା କଥା ଘୋଷଣା କରିଥିଲେ। ଏହାପରେ ୩୮୮.୫୩ କୋଟି ଟଙ୍କାରେ ଲଇକେରା, କିର୍ମିରା, କୋଲାବିରା ଏବଂ ଝାରସୁଗୁଡ଼ା ପାଇଁ ମେଗା ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ୩୫ କୋଟି ୬୨ ଲକ୍ଷ ଟଙ୍କାରେ ଚୌକିପଡ଼ା ରେଲୱେ ଓଭରବ୍ରିଜ୍, ୧୫ କୋଟି ଟଙ୍କାରେ ଝାରସୁଗୁଡ଼ାରେ ନିଦାନ କେନ୍ଦ୍ର ଏବଂ ୧୮ କୋଟି ୨୨ ଲକ୍ଷ ଟଙ୍କାରେ ଅମାତି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଝାରସୁଗୁଡ଼ା ଓ ଲଖନପୁର ବ୍ଲକରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୬ଟି ଉଠା ଜଳସେଚନ ପ୍ରକଳ୍ପ ଏବଂ ୧୩ କୋଟି ଟଙ୍କାର ଝାରସୁଗୁଡ଼ା ଓ କର୍ମିରା ବ୍ଲକରେ ୨ଟି ୩୩/୧୧ କେ.ଭି ଗ୍ରୀଡ୍ ସବ୍‌ଷ୍ଟେଶନ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ମହିଳା ସଶକ୍ତୀକରଣ ଦିଗରେ ୩୪୮୯ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ୩୦୦୦ ଟଙ୍କା ଲେଖାଏଁ ଡିଜିଟାଲ ସଶକ୍ତୀକରଣ ବାବଦରେ ୧ କୋଟି ଟଙ୍କା, ୩୩୨୭ଟି ଏସ୍‌ଏଚ୍‌ଜିକୁ ୧୫୦୦୦ ଲେଖାଏଁ ସହାୟତା, ବ୍ଲକ୍‌ସ୍ତରୀୟ ୭ଟି ସଂଘକୁ ୨୫ ଲକ୍ଷ ଲେଖାଏଁ ରିଭଲଭିଂ ପାଣ୍ଠି, ହୀରାକୁଦ ବିସ୍ଥାପିତଙ୍କ ମଧ୍ୟରୁ ୭୮ ଜଣଙ୍କୁ ଘରଡିହ ଜମିପଟ୍ଟା, ବସୁନ୍ଧରା ଯୋଜନାରେ ୧୧୧୮ ଜଣଙ୍କୁ ଘରଡିହ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହାସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୧୩ ଜଣଙ୍କ ପରିବାର ସଦସ୍ୟ ଲୋକଙ୍କୁ ମୃତ୍ୟୁକାଳୀନ ସହାୟତା, ୪୩୮ ଜଣଙ୍କୁ ଶିକ୍ଷା ସହାୟତା, ୫୨ ଜଣଙ୍କୁ ବିବାହ ପାଇଁ ସହାୟତା, ୯ ଜଣଙ୍କୁ ପ୍ରସବକାଳୀନ ସହାୟତା, ୮୯୦ ଜଣଙ୍କୁ ସାଇକେଲ, ୨୨ ଜଣଙ୍କୁ ପକ୍କାଘର ବାବଦରେ ସହାୟତା ସହ ଏକାଧିକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ମଞ୍ଚାସୀନ ଅତିଥି।

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ଲଇକେରା,୨୪ା୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା କଲ୍ୟାଣ ମଣ୍ଡପ ସମ୍ମୁଖରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମନେକା ଗାନ୍ଧୀ ଭିଡିଓ କନଫରେନ୍‌ସିଂ ମାଧମରେ ଜନସାଧାରଣ ତଥା ମହିଳାମାନଙ୍କୁ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମହିଳାମାନେ ଏହା ଦ୍ୱାରା କିପରି ଉପକୃତ ହେଉଛନ୍ତି ସେ ନେଇ ମତ ରଖିଥିଲେ। ଏଥିରେ ଗ୍ୟାସ କମ୍ପାନୀର ଏରିଆ ମ୍ୟାନେଜର ଦେବୀପ୍ରସାଦ ପୁହାଣ, ପ୍ଲାଣ୍ଟ ବଟଲିଂ ମ୍ୟାନେଜର ରାମଚନ୍ଦ୍ର ପୃଷ୍ଟି, ଜିଲା ସହକାରୀ ନୋଡାଲ ଅଧିକାରୀ ପ୍ରଭାତ କୁମାର ନାଏକ, ଭାଜପା ନେତା ପ୍ରଦୀପ କୁମାର ପଟେଲ, ପ୍ରେମସେନ ରାୟ, ପ୍ରଭାତ କୁମାର ପଟେଲ, ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ କୋଲାବିରା ଗ୍ୟାସ୍ ବିତରକ ଜୟନ୍ତୀ ନାଏକ, ଲଇକେରା ଗ୍ୟାସ୍ ବିତରକ ନବୀନ କୁମାର ସାହୁ ଯୋଗଦେଇଥିଲେ।







ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ(ବାମ)। 'ମୋ ଝିଅ ମୋ ଶକ୍ତି' ବାର୍ତ୍ତାକୁ ନେଇ ସଚେତନତା ରାଲି।

# ମୋ ଝିଅ ମୋ ଶକ୍ତି ବାର୍ତ୍ତା

- ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳନ

ଦେବଗଡ, ୨୪ା୧ (ସ୍ୱ.ପ୍ର.)

ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ସହଯୋଗିତାରେ 'ମୋ ଝିଅ ମୋ ଶକ୍ତି' ବାର୍ତ୍ତାକୁ ନେଇ ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ସ୍ଥାନୀୟ ଟାଉନ ହଲରେ ଗୁରୁବାର ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଏନସିସି କ୍ୟାଡେଟ ମହିଳା କ୍ରୀଡାବିତ ଓ ବରିଷ୍ଠ ବ୍ୟକ୍ତିବିଶେଷ ଆୟୋଜିତ ଏକ ସଚେତନତା ର୍‌ୟାଲି ଉପ-ଜିଲାପାଳ ବିମଳେନ୍ଦୁ ମିଶ୍ର ପତାକା ଦେଖାଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସମ୍ମୁଖରୁ ଉଦ୍‌ଘାଟନ କରିଥିଲେ। ହାତରେ ପ୍ଲାକାର୍ଡ ଧରି ଉକ୍ତ ରାଲି ନଗର ପରିକ୍ରମା କରି ଟାଉନ ହଲକୁ ପହଞ୍ଚିଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଶିଶୁକନ୍ୟାଙ୍କ ସମ୍ପର୍କୀତ ସଭା ଅୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏଏସ୍‌ପି ରବି ନାରାୟଣ ସି, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅତୁଲ୍ୟ ପୂଜାରୀ, ଜିଲା ମଙ୍ଗଳ ଅଧିକାରୀ ହଲଧର ମହାନନ୍ଦ, ଯୁବେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଅନୁପମା ରାଉତ, ପୂର୍ବତନ ଶିଶୁ ମଙ୍ଗଳ ଅଧିକାରୀ ଅଧକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଡ.ବିଳାସିନୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଜାତୀୟ ସ୍ତରରେ ବିଭିନ୍ନ ବର୍ଗରେ ପାରଦର୍ଶିତ ଲାଭ କରିଥିବା ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶିଶୁ କନ୍ୟାଙ୍କ ନେଇ ଏକ କୌତୁକ ପୋଷାକ ପ୍ରତିଯୋଗିତା କରାଯାଇଥିଲା। ସେଥିରେ ବିଚାରକ ଭାବେ ଲୋପାମୁଦ୍ରା ପ୍ରଧାନ, ଗାୟତ୍ରୀ ପ୍ରଧାନ, ବୀଣାପାଣି ନାୟକ ଯୋଗଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଚାଇଲ୍ଡଲାଇନର ସଦସ୍ୟ ଉପେନ୍ଦ୍ର ଭଞ୍ଜ, ଚିନ୍ମୟ ସ୍ୱାଇଁ, ରଜନୀକାନ୍ତ ମହାନ୍ତ, ପ୍ରମୋଦ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

## ବେଦାନ୍ତ ପାଥୋଲ୍ୟାବ୍ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୨୪ା୧

ଝାରସୁଗୁଡ଼ା ଅମଲିପାଲିଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବେଦାନ୍ତ ପାଥୋଲୋଜି ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫ କୋଟି ଟଙ୍କା ବିନିଯୋଗରେ ଝାରସୁଗୁଡ଼ାଠାରେ ନୋଡାଲ ଲ୍ୟାବ୍ ହେବାକୁ ଥିବାବେଳେ ଅତିରିକ୍ତ ୫ କୋଟି ଟଙ୍କା ବିନିଯୋଗରେ ଲଇକେରା ବ୍ଲକରେ ଫୋକଲ ଲ୍ୟାବ୍ ବିଶିଷ୍ଟ ପାଥୋଲୋଜି ନିର୍ମାଣ ହେବ। ଏହି ପାଥୋଲ୍ୟାବରେ ରେଡିଓଲୋଜି, ମମୋଗ୍ରାଫି, ଦୃଷ୍ଟି ପରୀକ୍ଷା, ଏକ୍ସ-ରେ, ଦାନ୍ତ ପରୀକ୍ଷା, ଅଡିଓମେଟ୍ରି, ଇସିଜି ସହେତ ଆହୁରି ଅଧିକ ସୁବିଧା ଉପଲବ୍ଧ ହେବ। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେଇ ବେଦାନ୍ତ ସିଇଓ ଅଭିଜିତ ପତି କହିଲେ, ଏକ ଦଶନ୍ଧି ଧରି ଓଡ଼ିଶା ବିକାଶ ପଥରେ ଜୋରସୋରରେ ଆଗଉଛି। ଅନ୍ୟପକ୍ଷରେ ବେଦାନ୍ତ ମଧ ନିଜ ସାମାଜିକ ଦାୟିତ୍ୱବୋଧ ସହ ଏହି ଦିଗରେ ଆହୁରି ମଜଭୁତ ହେବ। ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ବେଦାନ୍ତ ଅଧିକାରୀ ଅଶୋକ ସୋନ୍ଥାଲିଆ, ଦିଲୀପ ରଞ୍ଜନ ସାହୁ, ଅନୀଲ ଦୁବେ ପ୍ରମୁଖ ଯୋଗଦେଇଥିଲେ।




ଶିଳାନ୍ୟାସ ଉତ୍ସବରେ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂଙ୍କ ସହ ବେଦାନ୍ତ ଅଧିକାରୀ।

## ଦେବଗଡ଼ ଜିଲା ପରିଷଦର ୫ମ ପାରିଷଦ ବୈଠକ

ଦେବଗଡ, ୨୪ା୧ (ସ୍ୱ.ପ୍ର.)

ଦେବଗଡ ଜିଲା ପରିଷଦର ୫ମ ପାରିଷଦ ବୈଠକ ଅଧକ୍ଷା ସୁଧାମୟୀ ପଟେଲଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲାପାଳ ସୁଧାଂଶୁ ମୋହନ ସାମଲ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଜିଲାର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କ ମଧରେ ଉପଯୁକ୍ତ ସମ୍ପନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦର ଅଧକ୍ଷା ପଟେଲ ଖରିଫ୍ ଋତୁରେ ଉତ୍ପାଦିତ ଧାନ ଯେଭଳି ଚାଷୀମାନେ ସେବା ସମବାୟ ସମିତି ମାଧମରେ ସୁବିଧାରେ ବିକ୍ରୟ କରି ପାରିବେ ତା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଯୋଗାଣ ଅଧିକାରୀ ଏବଂ ସହକାରୀ ସମବାୟ ନିବନ୍ଧକଙ୍କୁ ପରାମର୍ଶ ଦେଇଥିଲେ। ଏଥି ସଙ୍ଗେ ସଙ୍ଗେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକ ନିତେଶ ଗଙ୍ଗଦେବ ଅଚଳ ହୋଇଥିବା ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ପାଇପ୍ ପାନୀୟଜଳ ପ୍ରକଳ୍ପଗୁଡିକୁ ଯୁଦ୍ଧକାଳୀନ ଭିତିରେ ଶେଷ କରିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦର ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ କେନ୍ଦୁପତ୍ର ଫଡିଗୁଡିକରେ ଖୋଳାଯାଇଥିବା ନଳକୂପଗୁଡିକର ଅଚଳାବସ୍ଥା ଥିବାରୁ ସେଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦୁପତ୍ର ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏତଦ୍ ବ୍ୟତୀତ ବୈଠକରେ ଗ୍ରାମୀଣ ଆବାସଯୋଜନା, ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଓଡିଶା ଜୀବିକା ମିଶନ, ଗ୍ରାମୀଣ ବିଦ୍ୟୁତ୍‌କରଣ, ଜଳସେଚନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ, ଜାତୀୟ ରାଜପଥ, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ, ଶିଳ୍ପ, କର୍ମନିଯୁକ୍ତି ଓ ଶ୍ରମିକ କଲ୍ୟାଣ ଏବଂ ଜିଲା ମଙ୍ଗଳ ବିଭାଗର କାର୍ଯ୍ୟକ୍ରମଗୁଡିକ ଉପରେ ବିସ୍ତୃତ ଭାବରେ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମସ୍ତ ବ୍ଲକର ଅଧକ୍ଷ, ଜିଲା ପରିଷଦର ସଭ୍ୟାସଭ୍ୟ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପରିଚାଳନାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏପିଡିଏମ.ଆଇ.ଏସ. ଗଜେନ୍ଦ୍ର କୁମାର ବେହେରା, ସମସ୍ତ ଏପିଡି ଓ କର୍ମଚାରୀ ସହଯୋଗ କରିଥିଲେ।

## ୨୬ରେ ପଞ୍ଚଗାଁରେ ଚାଷୀ ସମାବେଶ

ଝାରସୁଗୁଡ଼ା ଅଫିସ,୨୪ା୧

ଐତିହାସିକ ଚମ୍ପାରଣ ଚାଷୀ ଅନ୍ଦୋଳନର ଶତବାର୍ଷିକୀ ଉପଲକ୍ଷେ ଜାନୁୟାରୀ ୨୬ ତାରିଖରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁଠାରେ ବିଶାଳ ଚାଷୀ ମସାବେଶ ଅନୁଷ୍ଠିତ ହେବ। ଏହି ଚାଷୀ ଅଧିକାର ସମାବେଶରେ ମ୍ୟାଗାସେସ୍ ପୁରସ୍କାର ବିଜେତା ଭାରତର ଜଳପୁରୁଷ ରାଜେନ୍ଦ୍ର ସିଂ ରାଣେ ଯୋଗଦେବେ। ଚାଷୀଙ୍କ ୧୩ ଦଫା ଦାବି ନେଇ ଏହି ଆନ୍ଦୋଳନରେ ଆଲୋଚନା ପୂର୍ବକ ନିର୍ଯ୍ୟାସ ବହାର କରାଯିବ। ଏହି ନିର୍ଯ୍ୟାସକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ଲଖନପୁର କୃଷକ ସଂଗଠନ ଏବଂ ଝାରସୁଗୁଡ଼ା କୃଷକ ସଂଗଠନ ସମନ୍ୱୟ ସମିତି ସୂଚନା ଦେଇଛି।

## ମଣ୍ଡିରେ ଧାନ କିଣା ବନ୍ଦ: ଜନ ଅସନ୍ତୋଷ

ରିଆମାଳ, ୨୪ା୧ (ଡି.ଏନ.ଏ.)

ରିଆମାଳ ବ୍ଲକ ନାଉଲିପଡ଼ା ସେବା ସମବାୟ ସମିତିରେ ଏହି ସପ୍ତାହରେ ମଣ୍ଡିରେ ଧାନ କିଣା ବନ୍ଦ ହେବାରୁ ଜନ ଅସନ୍ତୋଷ ଦେଖାଦେଇଛି। ନାଉଲିପଡ଼ା ସେବା ସମବାୟ ସମିତିର ସଭାପତି ଯତିନ୍ଦ୍ର ସାହୁଙ୍କ ନେତୃତ୍ୱରେ ସାତଜଣିଆ ପ୍ରତିନିଧି ଦଳ ଦେବଗଡ଼ ଜିଲାପାଳ ସୁଧାଂଶୁମୋହନ ସାମଲ, ବିଧାୟକ ନିତେନ ଗଙ୍ଗଦେବ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଅବଗତ କରିବେ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି। ନାଉଲିପଡ଼ା, ବୁଢ଼ିଦୋ, ଲୁଲଙ୍ଗ ମଲେହୀପଡ଼ା, କଣ୍ଟାବାହାଳ ଗ୍ରାମପଞ୍ଚାୟତର ପାଖାପାଖି ୪୫ଟି ଗ୍ରାମବାସୀ ନାଉଲିପଡ଼ା ସେବା ସମବାୟ ସମିତିରେ ୩୯,୧୯୦ କୁଇଣ୍ଟାଲ ଧାନ ୭୩୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୩୫୯୦ କୁଇଣ୍ଟାଲ ଧାନ ମାତ୍ର ମିଲରମାନେ କ୍ରୟ କରିଛନ୍ତି, ଯାହାକି ଶତକଡ଼ା ୩୦ ପ୍ରତିଶତ ଧାନ ବିକ୍ରୟ ହୋଇଛି। ନାଉଲିପଡ଼ା ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଧାନ ବିକ୍ରୟ ହୋଇ ନ ଥିବାରୁ ଜିଲା ଯୋଗାଣ ବିଭାଗକୁ ସ୍ଥାନୀୟ ଅଞ୍ଚଳବାସୀ ଦାୟୀ କରୁଛନ୍ତି। ଆଗାମୀଦିନରେ ଯଦି ଜିଲା ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆନ୍ଦୋଳନ କରିବା ସହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ନାଉଲିପଡ଼ା ସରପଞ୍ଚ ଅମରବଲ୍ଲଭ ପ୍ରଧାନ ଓ ଲୁଲଙ୍ଗ ସରପଞ୍ଚ ମଞ୍ଜୁଲତା ପ୍ରଧାନ ପରିପ୍ରକାଶ କରିଛନ୍ତି। ଚାଷୀନେତା ହୃଷିକେଶ ପ୍ରଧାନ, ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ପ୍ରଧାନ, ନାଉଲିପଡ଼ା ସରପଞ୍ଚ ଅମରବଲ୍ଲଭ ପ୍ରଧାନ, ଶିକ୍ଷାବିତ୍ ରବିଚରଣ ସାହୁ ଓ ସଭାପତି ଯତିନ୍ଦ୍ର ସାହୁ, ବିଧାୟକ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ପ୍ରତିନିଧି ଦଳ ଦେବଗଡ଼ ଯାଇଛନ୍ତି।

## ଫଟୋରେ ଖବର




ଝାରସୁଗୁଡ଼ା ମନମୋହନ ସ୍କୁଲଠାରେ ଷ୍ଟୁଡେଣ୍ଟ-ପୋଲିସ କ୍ୟାଡେଟ୍‌ର ଶୁଭାରମ୍ଭ ଅବସରରେ ଏସ୍‌ପି, ଜିଲା ଶିକ୍ଷାଧିକାରୀ ଓ ଛାତ୍ରମାନେ।

## ପିବିଆଇ ପକ୍ଷରୁ ପଞ୍ଚାୟତ ଅଫିସ୍ ଆଗରେ ବିକ୍ଷୋଭ

ଦେବଗଡ,୨୪ା୧ (ସ୍ୱ.ପ୍ର.)

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ପକ୍ଷରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବି କରାଯାଇଛି। ଏନେଇ ରିଆମାଳ ବ୍ଲକର ରିଆମାଳ ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୫ଶହରୁ ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବୃଦ୍ଧି ଓ ୨୫ରୁ ଊର୍ଦ୍ଧ୍ୱ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ନଚେତ ୫୦୦୦ ଟଙ୍କା ଭତ୍ତା ତଥା ଭିନ୍ନକ୍ଷମ, ବୃଦ୍ଧା, ବୃଦ୍ଧ, ବିଧବା ଭତ୍ତା ୧୫୦୦ ଟଙ୍କା ପ୍ରଦାନ କରିବା ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ଅଶ୍ୱିନୀ ସାଗରଙ୍କ ସମେତ ଗ୍ରାମର ବୁଦ୍ଧିଜୀବି ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଭତ୍ତା ବୃଦ୍ଧି, ନିଯୁକ୍ତି ପାଇଁ ଦାବି